

'ୱାର୍-୨'ରେ **ଅନିଲ**
▶ପୃଷ୍ଠା ୧୪ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-21 ◆BHUBANESWAR ◆TUESDAY ◆16 JULY 2024 ◆PAGE-16 ◆₹ 6.00
◆ବର୍ଷ-୪୨ ◆ସଂଖ୍ୟା-୨୧ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୬ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ବାହୁଡ଼ିଲେ ଦାରୁବ୍ରହ୍ମ
# ସିଂହଦ୍ୱାରରେ ତିନି ରଥ



■ ପୁରୀ, ୧୫।୭(ସମିସ): ଶେଷ ହୋଇଛି ଦାରୁବିଗ୍ରହଙ୍କ ନବଦିନାତ୍ମକ ଯାତ୍ରା। ଚଳିତବର୍ଷ ପାଇଁ ଆଡ଼ପମଣ୍ଡପରେ ସରିଛି ଲୀଳାଖେଳା। ଭାଇ, ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ି ଯାଇଛନ୍ତି ବାହୁଡ଼ାବ୍ରହ୍ମ। ରାତିସୁଦ୍ଧା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ଯାଇଛି ତିନିରଥ। ବୁଧବାର ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ବିଶ୍ୱନିୟନ୍ତା।

**ସଅଳ ହେଲା ପହଣ୍ଡି ଓ ରଥଟଣା**

ବାହୁଡ଼ା ଯାତ୍ରା ପାଇଁ ସକାଳୁ ସକାଳୁ ବଡ଼ଦାଣ୍ଡରେ ଭିଡ଼ ଜମିଥିଲା। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପ୍ରସ୍ତୁତ ରହିଥିଲେ ତିନିରଥ। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ଲକ୍ଷଲକ୍ଷ ଭକ୍ତଙ୍କ ଗହଣରେ ବଡ଼ଦାଣ୍ଡରେ ଘରଘର୍ ନାଦରେ ଗଡ଼ିଥିଲା ତିନିରଥ। ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ଫେରିବା ବେଳେ ବାଟରେ ମାଉସୀ ମା'ର ସ୍ନେହଭରା ▶ପୃଷ୍ଠା-୯

## ଦେବଦଳନରେ ଅଣସେବାୟତ

**ରଥ ଉପରୁ ଭିଡ଼ି ଆଣିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**
**ଦୁଇ ଜଣଙ୍କ ନାମରେ ଏତଲା**

■ ପୁରୀ, ୧୫।୭(ସମିସ): ବାହୁଡ଼ା ଯାତ୍ରାରେ ପୁଣି ବ୍ୟତିକ୍ରମ ଘଟିଛି। କଡ଼ା ନିର୍ଦ୍ଦେଶନାମା, ତାଗିଦ୍ ସତ୍ତ୍ୱେ ଜଣେ ଅଣସେବାୟତ ଆଜି ରଥ ଉପରେ ଚଢ଼ିଛନ୍ତି। ତା'ଠାରୁ ବଳି ଉଦ୍‌ବେଗର କଥା ହେଲା, ସଂପୃକ୍ତ ଅଣସେବାୟତଜଣଙ୍କ ଧରା ନପଡ଼ିବା ପାଇଁ ସେବାୟତ ବେଶରେ ରଥରେ ▶ପୃଷ୍ଠା-୯

## ବୁଧବାର ସୁନାବେଶ

**ରତ୍ନଅଳଙ୍କାରରେ ଝଲସିବେ ବିଶ୍ୱନିୟନ୍ତା**
**୧୦ରୁ ୧୫ଲକ୍ଷ ଭକ୍ତଙ୍କ ସମାଗମ ସମ୍ଭାବନା**

■ ପୁରୀ, ୧୫।୭(ସମିସ): ଆସନ୍ତା ବୁଧବାର ଆଷାଢ଼ ଶୁକ୍ଳ ଏକାଦଶୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ମହଣମହଣ ସୁନାରେ ସଜେଇ ହେବେ ରଥାରୂଢ଼ ଦାରୁବିଗ୍ରହ। ଚଳିତବର୍ଷ ବାହୁଡ଼ାର ଗୋଟିଏ ଦିନ ପରେ ସୁନାବେଶ ପଡ଼ିଥିବାରୁ ପ୍ରସ୍ତୁତି ପାଇଁ ପ୍ରଶାସନକୁ ମଧ ଅଧିକ ସମୟ ମିଳିଛି। ତେବେ ରଥ ଉପରେ ହେଉଥିବା ଏହି ବେଶକୁ ବଡ଼ତଡ଼ାଉ ବେଶ ମଧ କୁହାଯାଏ। ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ସମୟରୁ ଏହି ବେଶ ହୋଇଆସୁଥିବା ଶୁଣିବାକୁ ମିଳେ। ଏହି ଅପୂର୍ବ ବେଶ ଲାଗି ଏଥର ଶ୍ରୀମନ୍ଦିର ପରିସର ଅସ୍ଥାୟୀ ବାହାର ଭଣ୍ଡାର ଘରୁ ବାହାରିବ ମହଣ ମହଣ ସୁନା ଓ ରୁପା ଅଳଙ୍କାର। ବହୁବିଧ ରତ୍ନଅଳଙ୍କାର ଲାଗି ହୋଇ ରଥ ଉପରେ ଝଲସିବେ ଦାରୁଦିଅଁ।

ବୁଧବାର ପୂର୍ବାହ୍ନରେ ମହାପ୍ରଭୁଙ୍କର ଅସ୍ଥାୟୀ ବାହାର ରତ୍ନଭଣ୍ଡାର (ଯାହାକି ବର୍ତ୍ତମାନ ଚାଙ୍ଗଡା ଘରେ କାର୍ଯ୍ୟକ୍ଷମ) ଖୋଲାଯିବ। ସେଥିରୁ ସୁନାବେଶ ଲାଗି ଆବଶ୍ୟକ ଅଳଙ୍କାର ବାହାର କରାଯିବ। ଭଣ୍ଡାର ମେକାପ ଓ ବଣିଆଙ୍କ ଉପସ୍ଥିତିରେ ଅଳଙ୍କାରଗୁଡ଼ିକ ସଫା କରାଯିବ। ରଥ ଉପରେ ମହାପ୍ରଭୁଙ୍କ ମଇଲମ ଓ ମେକାପ ସର୍ବାଙ୍ଗ ନୀତି ବଢ଼ିବା ପରେ ସୁନାବେଶ ଆରମ୍ଭ ହେବ। ନିର୍ଘଣ୍ଟ ସମୟ ପୂର୍ବରୁ ଅର୍ଥାତ୍ ସଅଳ ନୀତିକାନ୍ତି କରାଯିବା ଲାଗି ପୂର୍ବରୁ ଦଇତାପତିଙ୍କ ସହ ▶ପୃଷ୍ଠା-୯

## ରାଜ୍ୟସଭାରେ ସଂଖ୍ୟା ଗରିଷ୍ଠତା ହରାଇଲା ଏନ୍‌ଡିଏ

**ବିଜେପି ସାଂସଦଙ୍କ ସଂଖ୍ୟା ୮୬କୁ ଖସିଲା**

■ ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ରାଜ୍ୟସଭାରେ ବିଜେପି ସାଂସଦଙ୍କ ସଂଖ୍ୟା ୮୬କୁ ଖସିଛି। ରାଜ୍ୟସଭାକୁ ମନୋନୀତ ତଥା ବିଜେପି ସମର୍ଥିତ ୪ ସାଂସଦଙ୍କ କାର୍ଯ୍ୟକାଳ ଶନିବାର ଶେଷ ହେବା ପରେ ସେମାନେ ଅବସର ନେଇଛନ୍ତି। ଏହାଦ୍ୱାରା ବିଜେପି ସାଂସଦଙ୍କ ସଂଖ୍ୟା ୮୬କୁ ହ୍ରାସ ପାଇଛି। ବିଜେପି ସାଂସଦଙ୍କ ସଂଖ୍ୟା ହ୍ରାସ ସହିତ ରାଜ୍ୟସଭାରେ ଏନଡିଏର ଆସନ ସଂଖ୍ୟା ମଧ ୧୦୧କୁ ଖସିଛି। ଏହାଦ୍ୱାରା ରାଜ୍ୟସଭାରେ ଏନଡିଏ ମଧ ସଂଖ୍ୟା ଗରିଷ୍ଠତା ହରାଇଛି। ବର୍ତ୍ତମାନ ରାଜ୍ୟସଭାର ସଦସ୍ୟଙ୍କ ସଂଖ୍ୟା ୨୨୬ ଥିବା ବେଳେ ୧୯ଟି ଆସନ ଖାଲି ପଡ଼ିଛି। ସଂଖ୍ୟା ଗରିଷ୍ଠତା ପାଇଁ ଯେକୌଣସି ଦଳ ପାଇଁ ୧୧୩ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ଏନଡିଏ ସାଂସଦଙ୍କ ସଂଖ୍ୟା ୧୦୧ ରହିଛି। ତେବେ ଖାଲି ପଡ଼ିଥିବା ଆସନ ପାଇଁ ଆସନ୍ତା କିଛି ସପ୍ତାହ ମଧ୍ୟରେ ହେବାକୁ ଥିବା ଉପ ନିର୍ବାଚନରେ ବିଜେପି ଆଉ କିଛି ଆସନ ହାତେଇବ ବୋଲି କୁହାଯାଉଛି। ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ବିଜେପି ସହ ଯେଉଁସବୁ ଅନ୍ୟ ଦଳର ମେଣ୍ଟ ରହିଛି ତଦ୍ୱାରା ବିହାର , ମହାରାଷ୍ଟ୍ର ଏବଂ ଆସାମରେ ପ୍ରତ୍ୟେକ ଦୁଇଟି ଆସନ ସମେତ ହରିୟାଣା,ମଧ୍ୟପ୍ରଦେଶ,ରାଜସ୍ଥାନ ଏବଂ ତ୍ରିପୁରାରେ ଗୋଟିଏ ଲେଖାଏ ଆସନରେ



ଏନଡିଏ ବିଜୟୀ ହୋଇପାରେ ବୋଲି କୁହାଯାଉଛି। ଏହାବ୍ୟତୀତ କେନ୍ଦ୍ର ସରକାର ମଧ ୪ ସାଂସଦଙ୍କୁ ମନୋନୀତ କରି ରାଜ୍ୟସଭାକୁ ପଠାଇବେ। ସେମାନେ ଦଳମତ ନିର୍ବିଶେରେ ବିଜେପିକୁ ସମର୍ଥନ ଦେବାକୁ ପଛାଇବେ ନାହିଁ। ଏବେ ଏନଡିଏର ସଦସ୍ୟଙ୍କ ସଂଖ୍ୟା ହ୍ରାସ ପାଇଥିଲେ ହେଁ ରାଜ୍ୟସଭାରେ କୌଣସି ବିଲ ପାସ୍ କରାଇବା ନେଇ କେନ୍ଦ୍ର ସରକାରଙ୍କ ପାଇଁ ଅସୁବିଧା ହେବ ନାହିଁ। ତେବେ ବିଜେପିକୁ ଏଥିପାଇଁ ବିରୋଧୀ ଇଣ୍ଡିଆ ମେଣ୍ଟରେ ସାମିଲ ନଥିବା ଦଳଗୁଡ଼ିକର ସହାୟତା ନେବାକୁ ପଡ଼ିବ। ଆଗକୁ ବଜେଟ୍ ଅଧିବେଶନ ହେବାକୁ ଯାଉଥିବା ବେଳେ ଏହି ▶ପୃଷ୍ଠା-୯

## ଆଗାମୀ ସପ୍ତାହରେ ଦୁଇଟି ଲଘୁଚାପ

**୧୯ରେ ଗୋଟିଏ, ପୁଣି ୨୫ରେ ଆଉ ଗୋଟେ**

■ ଭୁବନେଶ୍ୱର, ୧୫।୭(ସମିସ): ସୋମବାର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା



ଏହି ଲଘୁଚାପ ବାୟୁମଣ୍ଡଳର ୭.୬ କିଲୋମିଟର ଯାଏ ବ୍ୟାପିଛି ଓ ଦକ୍ଷିଣ ପଶ୍ଚିମ ଦିଗକୁ ଢଳି ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅନ୍ୟପଟେ ୧୮ ତାରିଖରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସହ ଏହା ପ୍ରଭାବରେ ୧୯ ତାରିଖରେ ଦ୍ୱିତୀୟ ଲଘୁଚାପ ସୃଷ୍ଟି ହେବ। ଏହା ଦ୍ୱାରା ରାଜ୍ୟରେ ୨୧ ତାରିଖ ପର୍ଯ୍ୟନ୍ତ ବର୍ଷା ଅନୁଭୂତ ହେବ ବୋଲି ସୂଚନା ମିଳିଛି।

ବର୍ତ୍ତମାନ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ସହିତ ତୁହାକୁ ତୁହା ବର୍ଷା ହେଉଛି, କିନ୍ତୁ ଆନ୍ଧ୍ର ଓ ଏହାର ସୀମାନ୍ତବର୍ତ୍ତୀ ଓଡ଼ିଶା ଜିଲ୍ଲାଗୁଡ଼ିକରେ ବର୍ଷାର ପ୍ରକୋପ ଅଧିକ ରହିବା ନେଇ ଅନୁମାନ କରାଯାଉଛି। କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରଟି ଦକ୍ଷିଣ ଓଡ଼ିଶା ଉପକୂଳ ଆଡ଼କୁ ପରିବ୍ୟାପ୍ତ ରହିଛି। ଏହା କ୍ରମଶଃ ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରିବ। ଏହା ପ୍ରଭାବ ଓଡ଼ିଶା ଉପରେ ପଡ଼ିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଲଘୁଚାପ କ୍ଷେତ୍ର ପ୍ରଭାବରେ ଓଡ଼ିଶାରେ କେଉଁ ଜିଲ୍ଲାରେ ବର୍ଷା ଓ ପବନ ହେବ ସେନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ।

ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସୋମବାର ଓଡ଼ିଶା ସଂଲଗ୍ନ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ମଙ୍ଗଳବାର ଏହା ପୂର୍ବ-ପଶ୍ଚିମ ହୋଇ ଓଡ଼ିଶାରୁ ମହାରାଷ୍ଟ୍ର ପର୍ଯ୍ୟନ୍ତ ଲମ୍ବି ରହିବ। ଅନ୍ୟପଟେ ୧୮ ତାରିଖରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସହ ଏହା ପ୍ରଭାବରେ ୧୯ ତାରିଖରେ ▶ପୃଷ୍ଠା-୯

**କୁତ୍ରାରେ ଡବଲ୍ ମର୍ଡର୍**

## ପ୍ରେମିକା ଓ ସହପାଠୀଙ୍କୁ ଛୁରି ଭୁସି ହତ୍ୟା

■ କୁତ୍ରା, ୧୫।୭(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ କାଂସିପଡ଼ା ଗ୍ରାମରେ ଘଟିଥିବା ଏକ ଡବଲ୍-ମର୍ଡର୍ ଘଟଣା ଆଜି ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ପ୍ରେମ ଉପରେ ସନ୍ଦେହ କରି ପ୍ରେମିକା ଓ ସହପାଠୀକୁ ଛୁରି ଭୁସି ହତ୍ୟା କରିଛି ପ୍ରେମିକ। ମୃତକ ହେଲେ, ଲିପ୍ସା କେରକେଟା (୨୫) ଓ ସହପାଠୀ ପ୍ରତାପ ଲାକ୍ରା। କୁତ୍ରା





**ଅଭିଯୁକ୍ତ ପ୍ରେମିକ ଫେରାର**

ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ରାଜଗାଙ୍ଗପୁର ଜରୁମାଲର ରାଜୁ ନାଗକୁ ଗିରଫ କରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ଜଣାଯାଇଛି।

ସୂଚନାନୁଯାୟୀ, କାଂସିପଡ଼ା ଗ୍ରାମରେ ଜନ କେରକେଟା ଓ ମେରୀ ସୁମନ ତାଙ୍କ ଏକମାତ୍ର ଝିଅ ଲିପ୍ସାଙ୍କ ସହ ରହୁଥିଲେ। ରାଜଗାଙ୍ଗପୁର ଜରୁମାଲର ରାଜୁ ନାଗ ତାଙ୍କ ଘରେ ଗତ ପ୍ରାୟ ୧ବର୍ଷ ହେବ ଡ୍ରାଇଭର ଭାବେ କାମ କରୁଥିଲେ। ଏହା ଭିତରେ ଲିପ୍ସା ଓ ରାଜୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ▶ପୃଷ୍ଠା-୯




## ଲୋକକଥା



ଅଣାୟତ୍ତ ସତେ କେତେ ସେବାୟତ
ନିୟମକୁ ନାହିଁ ଖାତିର,
କଟକଣା ଏଠି ବାଟବଣା ହୁଏ
ଶୃଙ୍ଖଳା ହୁଅଇ ସଂହାର।
ଦଣ୍ଡକୁ କରିଲେ କଠୋର,
ବିଶୃଙ୍ଖଳା ସ୍ଥିତି ଦୂର ହେବ ବୋଲି
ଭକତେ କରନ୍ତି ବିଚାର!!

**ଅନ୍ତଃରାଜ୍ୟ ଜଳ ବିବାଦ ନେଇ ଆଭିମୁଖ୍ୟ ସ୍ପଷ୍ଟ କଲେ ମୁଖ୍ୟମନ୍ତ୍ରୀ**

## ଓଡ଼ିଶା ବିରୋଧୀ ପ୍ରତ୍ୟେକ ପ୍ରକଳ୍ପର ଜୋର୍‌ଦାର୍ ବିରୋଧ କରାଯିବ



■ ଭୁବନେଶ୍ୱର, ୧୫।୭(ସମିସ): ନଦୀ ଜଳ ବଣ୍ଟନକୁ ନେଇ ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସହିତ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦ ପରିପ୍ରେକ୍ଷୀରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଓଡ଼ିଶାର ସ୍ୱାର୍ଥ ବିରୋଧୀ ପ୍ରତ୍ୟେକ ପ୍ରକଳ୍ପର ଜୋର୍‌ଦାର୍ ବିରୋଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ▶ପୃଷ୍ଠା-୯









● ବୁଧବାର ହରିଶୟନ ଏକାଦଶୀ

# ୪ ମାସ ଶୋଇବେ ଠାକୁର

ଆସନ୍ତା ବୁଧବାର ହରିଶୟନ ଏକାଦଶୀ। ଏହି ଦିନଠାରୁ ୪ ମାସ ପର୍ଯ୍ୟନ୍ତ ଶୟନ ଯିବେ ମହାପ୍ରଭୁ। ତେବେ ହରିଶୟନ ଯାତ୍ରା ସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବୁଧବାର ଆଷାଢ଼ ଶୁକ୍ଳ ଏକାଦଶୀ। ଶ୍ରୀଜଗନ୍ନାଥଙ୍କର ଶୟନ ଯାତ୍ରା। ମହାପ୍ରଭୁଙ୍କର ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ। ହରିଶୟନ ଏକାଦଶୀଠାରୁ ଚାରିମାସ ପର୍ଯ୍ୟନ୍ତ ଠାକୁରମାନେ ଶୟନ କରନ୍ତି। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ଦିନ ମହାପ୍ରଭୁ ଶୟନରୁ ଉଠନ୍ତି। ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କର ସମସ୍ତ ଏକାଦଶୀ ଭଳି ନୀତି ଅନୁଷ୍ଠିତ ହୋଇଥାଏ। ବିଳମ୍ବିତ ରାତିରେ ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ହୋଇ ମହାସ୍ନାନ ପରେ ଭଣ୍ଡାରମେକାପ ଭଣ୍ଡାରଘରୁ ସୁବର୍ଣ୍ଣର ଶୟନ ଠାକୁରଙ୍କୁ ତିନିରଥକୁ ବିଜେ କରାଇବେ। ଶ୍ରୀବଳଭଦ୍ର ଦେବଙ୍କ ରଥରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ରଥରେ ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ରଥରେ ଶ୍ରୀନାରାୟଣ (ଶୟନ ଠାକୁର) ବିଜେ କରିବେ। ପୂଜାପଣ୍ଡା ଶୟନ ଠାକୁରମାନଙ୍କୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ଲାଗି କରାଇବା ପରେ ରଥ ଉପରେ ମହାସ୍ନାନ ନୀତି ଅନୁଷ୍ଠିତ ହେବ। ଅନ୍ୟାନ୍ୟ ନୀତି ବଢ଼ିଲା ପରେ ତିନିଜଣ ପୂଜାପଣ୍ଡା ତିନିରଥରେ ବିଜେ ହୋଇଥିବା ଶୟନ ଠାକୁରମାନଙ୍କୁ ହାତରେ ଧରି ମନ୍ଦିରର ଭଣ୍ଡାର ଦୁଆର ନିକଟକୁ ନେଇଥାନ୍ତି। ସେଠାରେ ପାରମ୍ପରିକ ରୀତି ଅନୁଯାୟୀ, ଶୟନ ନୀତି ଅନୁଷ୍ଠିତ ହୋଇଥାଏ। ଶୟନ ଘରେ ପୂର୍ବରୁ ପେଡ଼ି, ତାଟ, ଶେଯ, ମାଣ୍ଡି ପ୍ରସ୍ତୁତ ରହିଥାଏ। ଠାକୁରମାନେ ଏଥିରେ ଶୟନ କରନ୍ତି। ଏହି ସମୟରେ ପ୍ରସାଦଲାଗି, ପୁଷ୍ପାଞ୍ଜଳି, କର୍ପୂର ଆଳତି, ସାତକାହାଳୀ, ସଞ୍ଜବତୀ ଓ ଦୁର୍ବାକ୍ଷତ ବନ୍ଦାପନା ପରେ ପେଡ଼ି ବନ୍ଦ କରାଯାଏ। ପେଡ଼ି ଉପରେ ଖୋଳ ପକାଯାଏ। ଏସବୁ ସରି ସମସ୍ତେ ବାହାରକୁ ଆସିଲେ ଶୟନ ଘର ଦ୍ୱାର ମଦନମୋହନଙ୍କ ମୁଦରେ ମୁଦ ଦିଆଯାଇ ବନ୍ଦ କରାଯାଏ। ଏହି ସମୟରେ ଠାକୁରମାନେ ଦକ୍ଷିଣକୁ ମୁହଁ କରି ଶୟନ କରିଥାନ୍ତି। ହରିଶୟନ ଏକାଦଶୀଠାରୁ ଚର୍ତୁମାସ ବ୍ରତ ଆରମ୍ଭ ହୋଇଥାଏ।

## ପୁରାଣେ ପୁରୁଷୋତ୍ତମ-୧୩



### ନାରଦୀୟ ମହାପୁରାଣ

ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ନାରଦ ମହାପୁରାଣ ସୁବିଦିତ। ସମୁଦାୟ ୨ଟି ଭାଗ (ଚାରିପାଦବିଶିଷ୍ଟ ପୂର୍ବଭାଗ ଓ ଉତ୍ତରଭାଗ) ଓ ୨୨ହଜାର ଶ୍ଳୋକରେ ସଂରଚିତ ଏହି ମହାପୁରାଣରେ ଚତୁଃସନଙ୍କ ସହ ନାରଦଙ୍କ ସଂବାଦରେ ସୃଷ୍ଟିତତ୍ତ୍ୱ, ଧର୍ମସାଧନାର ବିବିଧମାର୍ଗ, ବେଦାଙ୍ଗତତ୍ତ୍ୱ, ବିଭିନ୍ନତୀର୍ଥମାହାତ୍ମ୍ୟ, ମାସକୃତ୍ୟ, ଗଣେଶାଦିଙ୍କ କବଚ ପ୍ରଭୃତି ସବିସ୍ତର ବର୍ଣ୍ଣିତ। ବିଶେଷତଃ ଏହାର ଉତ୍ତରଭାଗ (୫୨-୬୧ ଅଧ୍ୟାୟ ପର୍ଯ୍ୟନ୍ତ ପୁରୁଷୋତ୍ତମକ୍ଷେତ୍ରମାହାତ୍ମ୍ୟ ଓ ଉତ୍କଳଦେଶବୈଶିଷ୍ଟ୍ୟ ବର୍ଣ୍ଣିତ। ଏହି ପୁରାଣ(୧/୧/୨/୫୪-୫୫)ରେ ଦେବର୍ଷି ନାରଦକୃତ ବିଷ୍ଣୁସ୍ତୋତ୍ରରେ ଅଣୁରୁ ଅଣୀୟାନ୍ ତଥା ମହତ୍ତୁ ମହୀୟାନ୍ ବ୍ରହ୍ମାତ୍ମକ-ପୁରୁଷୋତ୍ତମଙ୍କତତ୍ତ୍ୱ ପ୍ରତିଫଳିତ ହୋଇଛି-

"ଅଣୋରଣୀୟାଂସମଜଂ ମହତଶ୍ଚ ମହତ୍ତରମ୍।
ଗୁହ୍ୟାଦ୍ ଗୁହ୍ୟତମଂ ଦେବଂ ପ୍ରଣମାମି ପୁନଃ ପୁନଃ।।
ଧ୍ୟାତଃ ସ୍ମୃତଃ ପୂଜିତୋ ବା ଶ୍ରୁତଃ ପ୍ରଣମିତୋଽପି ବା।
ସ୍ୱପଦଂ ଯୋ ଦଦାତୀଶସ୍ତଂ ବନ୍ଦେ ପୁରୁଷୋତ୍ତମମ୍।।"

ପୁରାଣରେ (୧/୧/୪/୪୧)ରେ ମାର୍କଣ୍ଡେୟଙ୍କୁ ଯୋଗନିଦ୍ରା ତ୍ୟାଗ ପୂର୍ବକ ସ୍ୱୟଂ ଜଗନ୍ନାଥ ଗୁହ୍ୟାତି ଗୁହ୍ୟ ସ୍ୱରୂପଜ୍ଞାନ ପ୍ରଦାନ କରିଛନ୍ତି-

"ଶୃଣୁ ବ୍ରହ୍ମନ୍ ପରଂ ଗୁହ୍ୟଂ ମାର୍କଣ୍ଡେୟସ୍ୟ ଧୀମତଃ।
ଯମୁବାଚ ଜଗନ୍ନାଥୋ ଯୋଗନିଦ୍ରାବିମୋଚିତଃ।।"

ସେହପରି (୧/୧/୪/୯୧)ରେ ମୃକଣ୍ଡୁଋଷି ମହାବିଷ୍ଣୁଙ୍କୁ ଜଗନ୍ନାଥ ବୋଲି ସମ୍ବୋଧିତ କରିଛନ୍ତି-

"ଦେବଦେବ ଜଗନ୍ନାଥକୃତାର୍ଥୋଽସ୍ମି ନ ସଂଶୟଃ।
ତ୍ୱଦ୍ଦର୍ଶନମପୁଣ୍ୟାନାଂ ଦୁର୍ଲଭଂ ଚ ଯତଃ ସ୍ମୃତମ୍।।"

ସ୍ୱାଧ୍ୟାୟ ଓ ସଂଯମ ଦ୍ୱାରାହିଁ ପୁରୁଷୋତ୍ତମ-ସାକ୍ଷାତ୍କାର ହୋଇପାରିବ ବୋଲି ଏହି ପୁରାଣ (୧/୨/୪୬/୩୧)ରେ ଉଲ୍ଲେଖ ରହିଛି-

"ସ୍ୱାଧ୍ୟାୟସଂଯମାଭ୍ୟାଂସ ଦୃଶ୍ୟତେ ପୁରୁଷୋତ୍ତମଃ।
ତତ୍ପ୍ରାପ୍ତିକାରଣଂ ବ୍ରହ୍ମ ତଦେତଦ୍ ପ୍ରତିପଦ୍ୟତେ।।"

ଏହାର ଉତ୍ତରଭାଗ(୫୨/୧୨)ରେ କୁହାଯାଇଛି-

"ନକ୍ଷତ୍ରାଣାଂ ଯଥା ସୋମଃ ସରସାଂ ସାଗରୋ ଯଥା।
ତଥା ସମସ୍ତତୀର୍ଥାନାଂ ବରିଷ୍ଠଂ ପୁରୁଷୋତ୍ତମମ୍।।"

ପୁନଶ୍ଚ (୫୨/୨୭)ରେ କୁହାଯାଇଛି-

"ଜଗଦ୍ୱ୍ୟାପୀ ସ ବିଶ୍ୱାତ୍ମା ଦେବେଶଃ ପୁରୁଷୋତ୍ତମଃ।
ଜଗଦ୍ଧୋନିର୍ଜଗନ୍ନାଥସ୍ତତ୍ର ସର୍ବଂ ପ୍ରତିଷ୍ଠିତମ୍।।"

ଅର୍ଥାତ୍ ଏହି ପୁରୁଷୋତ୍ତମକ୍ଷେତ୍ରରେ ସ୍ୱୟଂ ଜଗଦ୍ୱ୍ୟାପୀ-ଜଗସ୍ରଷ୍ଟା ପୁରୁଷୋତ୍ତମ-ଜଗନ୍ନାଥ ବିଦ୍ୟମାନ ଥିବାରୁ ସେଠାରେ ସମସ୍ତ କୁଶଳତା ପ୍ରତିଷ୍ଠିତ ହୋଇଛି। ସେହିପରି ଉକ୍ତ ଉତ୍ତରଭାଗ(୫୪/୩୧)ରେ ପରମପଦପ୍ରାପ୍ତି ପାଇଁ ଶ୍ରୀମନ୍ଦିରରେ ପାଞ୍ଚଜଣ ପ୍ରଣମ୍ୟ ବୋଲି କୁହାଯାଇଛି-

"ଦୃଷ୍ଟ୍ୱା ବଟଂ ବୈନତେୟଂ ଯଃ ପଶ୍ୟେତ୍ ପୁରୁଷୋତ୍ତମମ୍।
ସଙ୍କର୍ଷଣଂ ସୁଭଦ୍ରାଂ ଚ ସ ଯାତି ପରମାଂ ଗତିମ୍।।"

ଅର୍ଥାତ୍ କଳ୍ପବଟ, ଗରୁଡ, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କୁ ଦର୍ଶନ କଲେ ପରମଗତି ମିଳିଥାଏ। ଆହୁରି ମଧ୍ୟ ଉତ୍ତରଭାଗ(୬୦/୪୦)ରେ ମହାପ୍ରଭୁଙ୍କ ସ୍ନାନର ବର୍ଣ୍ଣନା ରହିଛି-

"ତସ୍ମାଜ୍ଜ୍ୟେଷ୍ଠ୍ୟାଂ ସମୁଦ୍ଧୃତ୍ୟ ହେମାଦିକଳସୈର୍ଜଳମ୍।
କୃଷ୍ଣରାମାଭିଷେକାର୍ଥଂ ସୁଭଦ୍ରାୟାଶ୍ଚ ମୋହିନି।।"

ପୁନଶ୍ଚ ସେହି ଉତ୍ତରଭାଗ(୬୧/୬୦)ରେ ଶ୍ରୀପୁରୁଷୋତ୍ତମଙ୍କ ଜପମନ୍ତ୍ରର ଅବତାରଣାରେ କୁହାଯାଇଛି-

"ଓଁ ନମଃ ପୁରୁଷୋତ୍ତମାୟେତି ଜପେଦଷ୍ଟୋତ୍ତରଂ ଶତମ୍।
ତତଃ ପ୍ରସାଦୟେଦ୍ଦେବଂ ଦଣ୍ଡବତ୍ ପ୍ରଣିପତ୍ୟ ଚ।।"

ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ 'ଓଁ ନମଃ ପୁରୁଷୋତ୍ତମାୟ' ମନ୍ତ୍ରକୁ ୧୦୮ ଥର ଜପ କରିବା ପରେ ନୈବେଦ୍ୟାର୍ପଣପୂର୍ବକ ପ୍ରଣାମ କରଣୀୟ। ଅଧିକନ୍ତୁ ଏଥିରେ(୬୧/୪୨) ଗୁଣ୍ଡିଚାଯାତ୍ରାର ବର୍ଣ୍ଣନା ଓ ଦର୍ଶନର ଫଳ କୁହାଯାଇଛି- "ଗୁଣ୍ଡିଚାମଣ୍ଡପଂ ଯାନ୍ତଂ ଯେ ପଶ୍ୟନ୍ତି ରଥେ ସ୍ଥିତମ୍। ସଭଦ୍ରଂ ସବଳଂ କୃଷ୍ଣଂ ତେ ଯାନ୍ତି ଭବନଂ ହରେଃ।।" ଅର୍ଥାତ୍ ଗୁଣ୍ଡିଚାମଣ୍ଡପକୁ ଯାତ୍ରା କରିବା ସମୟରେ ବଳଭଦ୍ର ଓ ସୁଭଦ୍ରାଙ୍କ ସହିତ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ବୈକୁଣ୍ଠପ୍ରାପ୍ତି ହୋଇଥାଏ।

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।


ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୬୩୨୪


ବ୍ୟବସ୍ଥାବଳୀକୁ ମାନିଲେ ଅନେକ

# ଅକ୍ଷତ ରହିଲା ଠାକୁରଙ୍କ ଟାହିଆ

ଆଡପ ପହଣ୍ଡିରେ ବଡ଼ଠାକୁର ପଡ଼ିଯିବା ପରେ କଠୋର ହୋଇଥିଲା ଶ୍ରୀମନ୍ଦିର ପ୍ରଶାସନ। ବାହୁଡ଼ା ଯାତ୍ରାରେ ଯେଭଳି କୌଣସି ପ୍ରକାର ବିଶୃଙ୍ଖଳା ନ ହେବ ସେଥିଲାଗି କଡ଼ା ଆଭିମୁଖ୍ୟ ରଖିଥିଲେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ପହଣ୍ଡି ଏବଂ ରଥ ଉପରେ ଅଧିକ ସେବକ ରହିବେ ନାହିଁ। ରଥ ଉପରକୁ କେହି ମୋବାଇଲ ଫୋନ ନେଇଯାଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ ପହଣ୍ଡି ସମୟରେ ଟାହିଆ ମଣ୍ଡିତ ଠାକୁରମାନଙ୍କ ଅପୂର୍ବ ଦର୍ଶନ ଯେପରି ଭକ୍ତମାନଙ୍କୁ ମିଳିବ ସେଥିପ୍ରତି ଦଇତାପତି ସେବକମାନେ ଟାହିଆଗୁଡିକର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ। ଆରକ୍ଷୀ ବାହିନୀ ମଧ୍ୟ ଟାହିଆର ସୁରକ୍ଷା ପ୍ରତି ଯତ୍ନବାନ ହେବେ। ଚତୁର୍ଦ୍ଧାବିଗ୍ରହ ରଥ ଉପରକୁ ସମ୍ପୂର୍ଣ୍ଣ ଉଠିବା ପରେ ଟାହିଆଗୁଡିକୁ ସମ୍ମାନର ସହିତ ଖୋଲାଯିବ ବୋଲି ବ୍ୟବସ୍ଥାବଳୀରେ ଉଲ୍ଲେଖ କରାଯାଇଥିଲା। କିନ୍ତୁ ଟାହିଆ କଟକଣାକୁ ସେବାୟତ ପାଳନ କରିଥିବା ବେଳେ କିଛି ଯୁବ ସେବାୟତ ମୋବାଇଲ କଟକଣାକୁ ମାନି ନ ଥିଲେ। ସେମାନେ ସାଥୀରେ ମୋବାଇଲ ଫୋନ ନେଇଥିବା ଦେଖିବାକୁ ମିଳିଥିଲା। ସେହିପରି ଠାକୁରଙ୍କୁ କେହି ଆଡକରି ଠିଆ ହେବେ ନାହିଁ ବୋଲି ବ୍ୟବସ୍ଥାବଳୀରେ ଦର୍ଶାଯାଇଥିଲା। ଯଦିଓ ଅଧିକାଂଶ ସେବକ ଏହାକୁ ମାନିଥିଲେ ତଥାପି କିଛି ସେବକ ଠାକୁରଙ୍କ ଆଗରେ ବସିଥିଲେ ତ ଆଉ କେହି ଆଡ କରି ଠିଆ ହେଉଥିଲେ। ସେମାନଙ୍କୁ ବରିଷ୍ଠ ସେବକମାନେ ଏଥିରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଉଥିଲେ। ହେଲେ କେତେଜଣ ସେମାନଙ୍କ କଥାକୁ ସମ୍ମାନ ଜଣାଇ ଅପସରି ଯାଉଥିବା ବେଳେ ହାତଗଣତି କିଛି ସେବକ ଠିଆ ହୋଇରହୁଥିବା ଦେଖିବାକୁ ମିଳିଥିଲା।







ମହାପ୍ରଭୁଙ୍କ ମାନବୀୟ ଲୀଳା

# ଲକ୍ଷ୍ମୀ ନାରାୟଣ ଭେଟ କରାଇଲେ ଗଜପତି

ଗୁଣ୍ଡିଚା ଯାତ୍ରା ଶେଷ କରି ଭାଇଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡୁଥିଲେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ସେପଟେ ଶ୍ରୀମନ୍ଦିର ଚାହାଣି ମଣ୍ଡପରେ ରହି ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ ମା' ଲକ୍ଷ୍ମୀ ସାଆନ୍ତାଣୀ। ଏହି ସମୟରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତାଳଧ୍ୱଜ ରଥରେ ରହିଥିଲେ ଦେଢଶୂର ବଡ଼ଠାକୁର ଶ୍ରୀବଳଭଦ୍ର। ତେଣୁ ତାଳଧ୍ୱଜ ରଥରେ ଘେର କପଡ଼ା ଦିଆଯିବା ପରେ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ପାଲିଙ୍କିରେ ମହାଲକ୍ଷ୍ମୀ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଆସିଥିଲେ। ରାତି ପ୍ରାୟ ୮ଟାରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ଅଟକିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ହାତରେ ବିଜେ କରାଇ ଆଣି ରଥାରୂଢ଼ କଳାଠାକୁରଙ୍କ ସହିତ ଭେଟ କରାଇଥିଲେ। ପତି ମହାପାତ୍ର ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ଏହାପରେ ପାଲିଙ୍କି ସହ ଗଜପତି ମହାରାଜା ରଥ ପରିକ୍ରମା କରି ରଥ ବାମ ପାର୍ଶ୍ୱରେ ପାରମ୍ପରିକ ରୀତିରେ ବନ୍ଦାପନା କରିଥିଲେ। ପରେ ଶ୍ରୀନଅର ସମ୍ମୁଖରେ ପନ୍ତି ଭୋଗ ସମ୍ପନ୍ନ ହୋଇଥିଲା। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ନନ୍ଦିଘୋଷ ରଥ। ସୂଚନାଥାଉ କି, ବଡ଼ଦାଣ୍ଡରେ ଶ୍ରୀନଅର ସମ୍ମୁଖରେ ହେଉଥିବା ଏହି ନୀତିକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ। ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ।

# ମାଉସୀ ମା'ର ପୋଡ଼ପିଠା ଖାଇଲେ ମହାପ୍ରଭୁ

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭୋଜନ ପ୍ରିୟ। ସେଥିପାଇଁ ତାଙ୍କ ନିକଟରେ ଷାଠିଏ ପଉଟି ଭୋଗ ଏବଂ ଛପନ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପୋଡ଼ପିଠା ପ୍ରତି ଦାରୁବିଗ୍ରହଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଖରେ ପିଠା ଭୋଗ ଲାଗି କରାଯାଏ। ସୋମବାର ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିବା ବେଳେ ବାଟରେ ଅଟକି ମାଉସୀ ମା'ର ପୋଡ଼ପିଠା ଖାଇଛନ୍ତି ଦାରୁଦିଅଁ। ପ୍ରଥମେ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ବଡ଼ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା। ପରେ ଦେବୀ ସୁଭଦ୍ରା ଏବଂ ଶେଷରେ କାଳିଆ ଠାକୁରଙ୍କ ରଥରୁ ଏକ ଲାଗିମାଳ ଅଣାଯାଇ ଅର୍ଦ୍ଧଶୋଷଣୀଙ୍କୁ ଲାଗି କରାଯାଇଥିଲା। ଏହାପରେ ମାଉସୀ ମା' ଘର ପୋଡ଼ପିଠା ଖାଇ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥିଲେ ଭାବ ବିନୋଦିଆ। ବଡ଼ଠାକୁର ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପୋଡ଼ପିଠା ସମର୍ପଣ ପରେ ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା ନନ୍ଦିଘୋଷ ରଥ। ପୂଜାପଣ୍ଡା ସାମନ୍ତ ଭୋଗ କରିବା ପରେ ପୂଜକ ବିଶ୍ୱନାଥ ମିଶ୍ର ପୋଡ଼ପିଠା ସମର୍ପି ଦେଇଥିଲେ।



# ଜଳିଲା ୧୨ ଫୁଟର ଅଗରବତି

ବାହୁଡା କର୍ତ୍ତନ ଭିତରେ ଦେଖିବାକୁ ମିଳିଥିଲା ନିଆରା ଅଗରବତୀ। ପ୍ରାୟ ୧୨ ଫୁଟ ଉଚ୍ଚର ଗୋଟିଏ ଏବଂ ଦୁଇଟି ୬ ଫୁଟର ଅଗରବତି ଜଳାଉଥିଲେ ସାଧୁସନ୍ଥ। ଏହି ବିରାଟ ଧୂପକାଠିକୁ ଧରି ତିନିରଥ ପରିକ୍ରମା କରିବା ପରେ ପହଣ୍ଡି ଶେଷ ପର୍ଯ୍ୟନ୍ତ କର୍ତ୍ତନ ମଧ୍ୟରେ ଏହାକୁ ଜାଳି ଥିଲେ। ଅଗରବତିର ମହ ମହ ବାସ୍ନାରେ କର୍ତ୍ତନ ପରିସର ମହକିଥିଲା। ମୟୂରଭଞ୍ଜର ଭୈରବ କୁଣ୍ଡ ଧର୍ମପୀଠରୁ ଏହି ଅଗରବତି ଆଣି ଆସିଥିଲେ ଭୈରବାନନ୍ଦ ସରସ୍ୱତୀ। ତାଙ୍କ ସହିତ ଆଉ ଦୁଇଜଣ ମଧ୍ୟ ସାମିଲ ଥିଲେ। ଭୈରବାନନ୍ଦ କହିଛନ୍ତି, ୧୯୯୬ ମସିହା ପରଠାରୁ ସେ ପ୍ରତିବର୍ଷ ବାହୁଡ଼ା ଯାତ୍ରାକୁ ଏମିତି ବଡ଼ ଧୂପକାଠି ଆଣି ଆସୁଛନ୍ତି। ଏହାକୁ ସେ ମହୀଶୂରରୁ ଅର୍ଡର ଦେଇ ଆଣିଥା'ନ୍ତି ବୋଲି କହିଛନ୍ତି ଭୈରବାନନ୍ଦ।





# ମନ୍ତ୍ରୀ ବଳସାମନ୍ତଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଅଭିଯୋଗ

**କଟକ, ୧୫।୭(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ବିଧାନସଭା ଆସନରୁ ନିର୍ବାଚିତ ବିଜେପି ବିଧାୟକ ତଥା ରାଜ୍ୟ ସରକାରଙ୍କ ସମବାୟ, ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗର ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ ହୋଇଛି। ସୁକିନ୍ଦା ଆସନରୁ ପରାଜିତ ବିଜେଡି ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼େଇ ଏ ସଂକ୍ରାନ୍ତରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରୀତିରଞ୍ଜନ ଘଡ଼େଇ ହାଇକୋର୍ଟରେ ଦାଖଲ କରିଥିବା ଆବେଦନ ଅନୁସାରେ ପ୍ରଦୀପ ବଳସାମନ୍ତ ନିର୍ବାଚନ ସମୟରେ ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି; ତାହା ତ୍ରୁଟିପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ। ପ୍ରଦୀପ ଦାଖଲ କରିଥିବା ସତ୍ୟପାଠରେ ନିଜ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଭୁଲ ତଥ୍ୟ ଦେଇଛନ୍ତି। ସେହିପରି ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂକ୍ରାନ୍ତରେ ମଧ୍ୟ ମିଥ୍ୟା ତଥା ଭୁଲ ତଥ୍ୟ ପ୍ରଦାନ କରିଛନ୍ତି ବୋଲି ଶ୍ରୀ ଘଡ଼େଇ ଅଭିଯୋଗ କରିଛନ୍ତି। ଏହା ସହ ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ଜନ ପ୍ରତିନିଧି ଆଇନ ଅନୁସାରେ ପ୍ରଦୀପ ବଳସାମନ୍ତଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ଶ୍ରୀ ଘଡ଼େଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ବିଧାନସଭା ନିର୍ବାଚନରେ ସୁକିନ୍ଦା ଆସନରୁ ବିଜେପି ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ ୮୬୭୩୩ ଖଣ୍ଡ ଭୋଟ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡେଇ ୭୭୧୫୬ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ।

**ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ପ୍ରୀତିରଞ୍ଜନ**

■ ମଞ୍ଚରେ ବିଦ୍ୟୁତ୍ ଆଘାତରେ ୧୯ ଆହତ ଘଟଣା

# ୫ ଜଣଙ୍କୁ ବାନ୍ଧିଲା ପୁଲିସ

**ଦିଗପହଣ୍ଡି, ୧୫।୭ (ସମିସ):** ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ ଦଳିତ ସାହିରେ ରାମାୟଣ ନାଟ୍ୟମଞ୍ଚରେ ବିଦ୍ୟୁତ୍ ଆଘାତରେ ୧୯ଜଣ ଆହତ ହେବା ଘଟଣାରେ ଦିଗପହଣ୍ଡି ପୁଲିସ୍ ଆଜି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଫାସିଗୁଡ଼ା ଗ୍ରାମର ଯାତ୍ରା କମିଟି ସଭାପତି ଶିବରାମ ବିଷୋୟୀ, ଯାତ୍ରା ପାଇଁ ଗ୍ରାମକୁ ନାଟକ ଆଣିବାରେ ମଧ୍ୟସ୍ଥି ଥିବା ପାଟପୁର ଥାନା ସିଙ୍ଗପୁର ଗ୍ରାମର ରାଜେନ୍ଦ୍ର ଦୋରା, ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଥାନା କୌତୁକୀ ନଗରରେ ରହୁଥିବା ପାଟପୁର ଗ୍ରାମର ଶିବରାମ ବେହେରା, ଲାଇଟ୍ ଆଣ୍ଡ ସାଉଣ୍ଡ ସିଷ୍ଟମ ଅପରେଟର୍ ବେନ୍ଧାଳିଆ ଗ୍ରାମର ରବୀନ୍ଦ୍ର କୁମାର ସାହୁ, ଲାଇଟ୍ ଆଣ୍ଡ ସାଉଣ୍ଡର ଅନ୍ୟତମ ସିଷ୍ଟମ ଅପରେଟର୍ ଡୁରା ଗ୍ରାମର ବିଜୟ କୁମାର ରାଉଳ ଓରଫ ପପୁ। ଅପରପକ୍ଷେ, ଏହି ଘଟଣାରେ ଆହତ ହୋଇଥିବା ୮ଜଣ ଶିଶୁ ବର୍ତ୍ତମାନ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ସମସ୍ତେ ବିପଦମୁକ୍ତ ଥିବା ଜଣାପଡ଼ିଛି।

**୩୧ରେ 'ପ୍ରଗତି' ବୈଠକ; ରାଜ୍ୟ ଉଠାଇପାରେ ବିଭିନ୍ନ ବିକାଶ ପ୍ରସଙ୍ଗ**

# ପୂରଣ ହେବକି ଜାତୀୟ ଜଳପଥ ଓ ରେଳପଥ ବିକାଶ ଆଶା

**ଭୁବନେଶ୍ୱର,୧୫।୭(ସମିସ):** କେନ୍ଦ୍ରର ସହଭାଗିତାରେ ରାଜ୍ୟରେ ବିକାଶପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ସହ ପ୍ରଗତିର ନୂଆ ଫର୍ଦ୍ଦ ଯୋଡ଼ିବା ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା 'ପ୍ରଗତି' ବୈଠକରେ ରାଜ୍ୟ ସରକାର ଉପସ୍ଥାପନ କରିବେ। ନୂଆ ସରକାର ଗଠନ ହେବା ପରେ ରାଜ୍ୟର ବିକାଶ ନକ୍ସାକୁ ରୂପଦେବା ନେଇ ଏହା ପ୍ରକୃଷ୍ଟ ସୁଯୋଗ ଆଣିବ। ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିବେ। ପୂର୍ବରୁ ପ୍ରତିମାସ ୨୫ ତାରିଖରେ ଏହି ବୈଠକ ଅନୁଷ୍ଠିତ ହେଉଥିଲା। ମୁଖ୍ୟ ସଚିବଙ୍କ ସହ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରିଥାଆନ୍ତି। ତେବେ ଆଗାମୀ ବୈଠକରେ ଓଡ଼ିଶା ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରାଯିବ ବୋଲି ଜଣାପଡ଼ିଛି। ରେଳବାଇ, ଥର୍ମାଲ ପାୱାର ପ୍ଲାଣ୍ଟ, ସ୍ୱାସ୍ଥ୍ୟ, ଜଳସେଚନ, ଖଣି କ୍ଷେତ୍ର ସହ ସମ୍ପୃକ୍ତ ଏକାଧିକ ପ୍ରକଳ୍ପ ଅଗ୍ରଗତି ବାବଦରେ ଓଡ଼ିଶା ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରାଯିବ। ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଗଠନ ହୋଇଛି। ପୁନଶ୍ଚ ପ୍ରଧାନମନ୍ତ୍ରୀଙ୍କଠାରୁ ବହୁ କେନ୍ଦ୍ରମନ୍ତ୍ରୀ ଓଡ଼ିଶାରେ ବିଜେପିକୁ କ୍ଷମତାକୁ ଆସିଲେ ବିକାଶ ଦୁଇଗୁଣା ଦୌଡ଼ିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏପରିସ୍ଥଳେ ଓଡ଼ିଶା ପକ୍ଷରୁ ବୈଠକରେ ଆଲୋଚିତ ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗର ତ୍ୱରିତ୍ ସମାଧାନ ହେବା ନେଇ ଏବେ ଆଶା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଜଳପଥ ଓ ରେଳପଥ ବିକାଶ ନେଇ ରାଜ୍ୟର ଆଶା ପୂରଣ ହେବ କି ବୋଲି ଚର୍ଚ୍ଚା ଜୋର୍ ଧରିଛି।

ଏସବୁ ଭିତରେ ରାଜ୍ୟରେ ଜାତୀୟ ଜଳପଥ ଓ ରେଳପଥ ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ସଂଶୟ ଉପୁଜିଛି। ଓଡ଼ିଶାରେ ଜାତୀୟ ଜଳପଥ ୫ ନିମନ୍ତେ ବହୁ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଛି; ମାତ୍ର ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଦେଶର ଅନ୍ୟ ଅଞ୍ଚଳରେ ଆରମ୍ଭ ହୋଇଥିବା ଜଳପଥରେ ଯାତାୟାତ ଓ ପରିବହନ କାର୍ଯ୍ୟ ଆରମ୍ଭ ହେଲାଣି; ମାତ୍ର ଜାତୀୟ ଜଳପଥ-୫ର ସ୍ଥିତି ଏଯାଏ ଅସମ୍ପୂର୍ଣ୍ଣ ରହିଛି। ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ମଧ୍ୟ ଅସମ୍ପୂର୍ଣ୍ଣ ରହିଛି। ସମ୍ବଲପୁର ଡିଭିଜନ ଅଧୀନରେ ଜରପଡ଼ା ଷ୍ଟେସନ ଆସୁଥିବା ବେଳେ ଖୋର୍ଦ୍ଧା ଡିଭିଜନ ଅଧୀନରେ ବୁଢାପଙ୍କ ଜଙ୍କସନ ଷ୍ଟେସନ ଆସୁଛି। ଏହି ପ୍ରକଳ୍ପ ସହ ତାଳଚେର ରୋଡ ଉପରେ ଫ୍ଲାଇଓଭର ପ୍ରକଳ୍ପ ନିର୍ମାଣାଧୀ ଥିବାବେଳେ ଜମି ଅଧିଗ୍ରହଣ ସମସ୍ୟା ଏଥିରେ ପ୍ରତିବନ୍ଧକ ସାଜିଛି। ତେଣୁ ଏହି ପ୍ରକଳ୍ପ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇପାରେ।

ଅନ୍ୟତମ ପ୍ରସଙ୍ଗ ମଧ୍ୟରେ ବୈଠକରେ ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ସମ୍ପର୍କରେ ବୈଠକରେ ଆଲୋଚନା ହେବ। ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଗତ ଜୁନ୍ ସୁଦ୍ଧା ପ୍ରକଳ୍ପରେ ପ୍ରାୟ ୨୪୬୮ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସାରିଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେଉଥିବା ବେଳେ ପ୍ରକଳ୍ପ ଶେଷ କ୍ଷେତ୍ରରେ ଜଙ୍ଗଲ ଅନୁମତି ପ୍ରଦାନ ବାଧକ ସାଜୁଛି। ଅନ୍ୟ ପ୍ରସଙ୍ଗ ମଧ୍ୟରେ ଗତ ଫେବ୍ରୁଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଳାନ୍ୟାସ କରିଥିବା ଏନଏଲସି ତଲାବିରା ଥର୍ମାଲ ପାୱାର ପ୍ରକଳ୍ପକୁ ନେଇ ମଧ୍ୟ କେତେକ ସମସ୍ୟା ରହିଥିବା ବେଳେ ଉକ୍ତ ପ୍ରସଙ୍ଗ ମଧ୍ୟ ବୈଠକରେ ଓଡ଼ିଶା ପକ୍ଷରୁ ଉଠିପାରେ। ଉକ୍ତ ପ୍ରସଙ୍ଗ ବ୍ୟତୀତ ରାଜ୍ୟରେ ଅମୃତ ୨.୦, ପିଏମ୍-ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ, ଭୁବନେଶ୍ୱରୀ ଏକ୍ସପାନସନ୍ ଓସିପି, ନାଲ୍‌କୋର ଉତ୍କଳ 'ଡି' ଏବଂ ଉତ୍କଳ 'ଇ' କୋଇଲା ଖଣି ସମ୍ପର୍କିତ କେତେକ ପ୍ରସଙ୍ଗ ବୈଠକରେ ଆଲୋଚନା ହୋଇପାରେ। ଏହିକ୍ରମରେ ସମ୍ପୃକ୍ତ ବିଭାଗ ଗୁଡ଼ିକୁ ଯୋଜନା ଏ ସଂଯୋଜନ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଆସନ୍ତା ୧୬ ତାରିଖ ମଧ୍ୟରେ ଉକ୍ତ ପ୍ରକଳ୍ପର ଗୁଡ଼ିକର ଷ୍ଟାଟସ ରିପୋର୍ଟ ଯୋଜନା ଓ ସଂଯୋଜନ ବିଭାଗରେ ଦାଖଲ କରିବାକୁ କୁହାଯାଇଛି। ଏହାପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଉପରୋକ୍ତ ପ୍ରକଳ୍ପକ ଗୁଡ଼ିକ କିପରି ବୈଠକରେ ଉତ୍ଥାପନ କରାଯିବ ସେନେଇ ଏକ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି।

■ ହୋଇପାରେ ଜରପଡ଼ା-ବୁଢାପଙ୍କ ରେଳପଥ, ଆନନ୍ଦପୁର ବ୍ୟାରେଜ ଆଲୋଚନା
■ ତଲାବିରା ଥର୍ମାଲ ପାୱାର ପ୍ରକଳ୍ପ ଆଦି ପ୍ରସଙ୍ଗରେ ରାଜ୍ୟର ଭୂମିକା ଉପରେ ନଜର
■ ଆସନ୍ତା ୧୬ ତାରିଖ ସୁଦ୍ଧା ପ୍ରକଳ୍ପ ସମ୍ପର୍କରେ ସମ୍ପୃକ୍ତ ବିଭାଗ ଦେବେ ଷ୍ଟାଟସ ରିପୋର୍ଟ

**ହଷ୍ଟେଲ ରୋଷଘରୁ କାଠଚୁଲା ହଟିବା ପ୍ରସଙ୍ଗ**

# ଅଧିକାଂଶ ଜିଲ୍ଲାରୁ ଆସିନି 'ହଷ୍ଟେଲ ଚିହ୍ନଟ' ରିପୋର୍ଟ

**ଭୁବନେଶ୍ୱର, ୧୫।୭ (ସମିସ):** ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ସମସ୍ତ ଆବାସିକ ବିଦ୍ୟାଳୟ ତଥା ହଷ୍ଟେଲରେ ଆଉ କାଠଚୁଲାରେ ରୋଷେଇ ହେବ ନାହିଁ। ସମସ୍ତ ରୋଷେଇଘରକୁ ପରିବେଶ ଅନୁକୂଳ କରିବା ପାଇଁ ଏଲ୍‌ପିଜି ସଂଯୋଗ କରାଯିବ। ବିଭାଗ ଦ୍ୱାରା ପରିଚାଳିତ ୧୭୩୬ଟି ଆବାସିକ ବିଦ୍ୟାଳୟ ଏବଂ ଅନ୍ୱେଷା ଓ ଆକାଂକ୍ଷା କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ପ୍ରାୟ ୬୦୦୦ ହଷ୍ଟେଲରେ ଥିବା ରୋଷଘରେ ଏଲ୍‌ପିଜି ସିଲିଣ୍ଡର୍ ଜରିଆରେ ଖାଦ୍ୟ ପ୍ରସ୍ତୁତ କରାଯିବ। ଦୁଇବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ସମସ୍ତ ଛାତ୍ରାବାସରେ କାଠଚୁଲା ଉଚ୍ଛେଦ କରି ଏଲପିଜି ସିଲିଣ୍ଡର୍ ବ୍ୟବହାର କରାଯିବ। ଚଳିତବର୍ଷ ଫେବୃଆରୀରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି ଏପରି ନିର୍ଦ୍ଦେଶ ଦେଇଥିଲେ। ୨୦୨୪-୨୫ ବର୍ଷର ପ୍ରଥମ ପର୍ଯ୍ୟାୟରେ ୫୦ଟି ଉଚ୍ଚ ବିଦ୍ୟାଳୟ, ୨୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୫ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଗୋଟିଏ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ଓ ୨୫ଟି ଅନ୍ୱେଷା ହଷ୍ଟେଲର ରୋଷେଇ ଘରଗୁଡ଼ିକୁ ପରିବେଶ ଅନୁକୂଳ କରାଯିବ। ଚଳିତବର୍ଷ ଜୁନ୍ ୩୦ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏବର୍ଷ ଲାଗି ଦିଆଯାଇଥିବା ଲକ୍ଷ୍ୟ ପୂରଣ ତ ଦୂରର କଥା, ଏହି ନିର୍ଦ୍ଦେଶକୁ ୫ ମାସ ବିତିବାକୁ ବସିଥିବା ବେଳେ ସିଂହଭାଗ ଜିଲ୍ଲାରୁ 'ହଷ୍ଟେଲ ଚିହ୍ନଟ' ରିପୋର୍ଟ ଆସିପାରିନଥିବା ଅଭିଯୋଗ ହୋଇଛି।

ଏସ୍‌ଟି ଓ ଏସ୍‌ସି ବିଭାଗ ଅଧୀନରେ ପରିଚାଳିତ ଆବାସିକ ବିଦ୍ୟାଳୟର ହଷ୍ଟେଲରେ ଛାତାଛାତ୍ରୀମାନଙ୍କ ପାଇଁ କାଠଚୁଲାରେ ରୋଷେଇ ହୋଇଆସୁଛି। ପ୍ରତି ମାସରେ ବିପୁଳ ପରିମାଣର କାଠ ପୋଡ଼ି ପାଉଁଶ ହେଉଛି। ଫଳରେ ପରିବେଶ ପ୍ରଦୂଷିତ ହେଉଛି ଓ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଏହା ଗଭୀର କୁ-ପ୍ରଭାବ ପକାଉଛି। ଅନ୍ୟପକ୍ଷରେ କାଠ କିଣା ବାବଦରେ ବିପୁଳ ଅର୍ଥ ହେରଫେର୍ ହେଉଥିବା ଅଭିଯୋଗ ହେଉଛି। ଅନେକ ପରିବେଶ ଓ ସାମାଜିକ ସଂଗଠନ ଏହାର ବିରୋଧ କରିବା ସହ ଏଲ୍‌ପିଜି ସଂଯୋଗ ଦେବା ପାଇଁ ଦାବି କରି ଆସୁଛନ୍ତି। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଫେବୃଆରୀରେ ବିଭାଗୀୟ ସଚିବ କାଠଚୁଲା ବନ୍ଦ ପାଇଁ ଠୋସ୍ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏଥିରେ କୁହାଯାଇଥିଲା, ବିଭାଗ ଅଧୀନରେ ଥିବା ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ବିଭିନ୍ନ ପଦକ୍ଷେପ ସ୍ୱରୂପ ଉନ୍ନତ ପରିବେଶ ସୁନିଶ୍ଚିତ କରାଯାଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଆଉ ଏକ ପଦକ୍ଷେପ ସ୍ୱରୂପ ପାରମ୍ପରିକ ରୋଷେଇ ପଦ୍ଧତିକୁ ପର୍ଯ୍ୟାୟକ୍ରମେ ବନ୍ଦ କରି ଏଲ୍‌ପିଜି ବ୍ୟବହାର ଆରମ୍ଭ କରିବା ଲାଗି ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଛାତ୍ରାବାସ ନିକଟରେ ସବୁଜ ଓ ସ୍ୱାସ୍ଥ୍ୟ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ପରିବେଶ ସୁରକ୍ଷା ସହ ପିଲାମାନଙ୍କୁ କାଠଚୁଲାର କୁ-ପ୍ରଭାବରୁ ସୁରକ୍ଷା ମିଳିପାରିବ। ନିର୍ଦ୍ଧାରିତ ସମୟ ଭିତରେ କାମ ଶେଷ କରିବା ଲାଗି ଜିଲ୍ଲାପାଳମାନଙ୍କୁ କୁହାଯାଇଥିଲା। ବିଭାଗର ଏହି ନିଷ୍ପତ୍ତି ଦ୍ୱାରା ନା କେବଳ ଜଙ୍ଗଲ ଓ ପରିବେଶ ସୁରକ୍ଷା ହେବ ବରଂ ୫ ଲକ୍ଷରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଦିଗରେ ଜାଗରଣ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ଥିଲା।

ବିଦ୍ୟାଳୟସ୍ତରରୁ ହିଁ ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ ହେବେ। ୨୦୨୪-୨୫ରୁ ୨୦୨୫-୨୬ ମଧ୍ୟରେ ସମସ୍ତ ରୋଷେଇ ଘରେ ଏଲ୍‌ପିଜି ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ନିଷ୍ପତ୍ତି ଅନୁସାରେ, ଉକ୍ତ ଇକୋ-ଫ୍ରେଣ୍ଡଲି ରୋଷେଇ ଘର ଅଭିଯାନ ଅଧୀନରେ ୨୦୨୪-୨୫ରେ ସମସ୍ତ ୪୨୨ଟି ଉଚ୍ଚ ବିଦ୍ୟାଳୟ, ୬୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋଟିଏ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, ୫ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ୯୩ଟି ଅନ୍ୱେଷା ହଷ୍ଟେଲରେ କାଠଚୁଲାର ବ୍ୟବହାର ବନ୍ଦ କରାଯାଇ ଏଲ୍‌ପିଜି ଜରିଆରେ ରୋଷେଇ ଆରମ୍ଭ ହେବାର ଥିଲା। ଅର୍ଥାତ୍ ଚଳିତ ବର୍ଷ ୧୨୨୨ଟି ହଷ୍ଟେଲରେ ପରିବେଶ ଅନୁକୂଳ ରୋଷେଇ ବ୍ୟବସ୍ଥା ଆରମ୍ଭ ହେବାର ଥିଲା। ଅବଶିଷ୍ଟ ବିଦ୍ୟାଳୟ ଓ ହଷ୍ଟେଲରେ ରୂପାନ୍ତରଣ କାର୍ଯ୍ୟ ୨୦୨୫-୨୬ରେ ସମ୍ପାଦନ କରାଯିବ। ଏହି ଯୋଜନାର କାର୍ଯ୍ୟାନ୍ୱୟନ ଲାଗି ୨୦୨୪-୨୫ ବାର୍ଷିକ ବଜେଟରେ ଅତିରିକ୍ତ ପାଣ୍ଠି ବ୍ୟବସ୍ଥା କରାଯାଇଛି। ଏହି ପାଣ୍ଠିରେ ଗ୍ୟାସ୍ ଚୁଲା, ଏଲପିଜି ସିଲିଣ୍ଡର, ଗ୍ୟାସ୍ ଭରଣା ଖର୍ଚ୍ଚ ବହନ କରାଯିବ।

■ ଫେବୃଆରୀରୁ ଦିଆଗଲାଣି ନିର୍ଦ୍ଦେଶ
■ ଜିଲ୍ଲାପାଳଙ୍କ ଅଫିସ୍‌ରେ ପଡ଼ିଛି ଆଦେଶନାମା
■ ପରିବେଶ ପ୍ରଦୂଷିତ, ଜଙ୍ଗଲ ଅବକ୍ଷୟ, ପିଲାଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ

# ବିଶାଳ ଗଗନଙ୍କୁ ଆବାସିକ କମିସନର ନିଯୁକ୍ତି

**ଭୁବନେଶ୍ୱର,୧୫।୭(ସମିସ):** ଓଡ଼ିଶା ଫେରିଲେ ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ରବି କାନ୍ତ। ଦିଲ୍ଲୀରେ ଆବାସିକ କମିସନର ଭାବେ କାର୍ଯ୍ୟରତ ରବି କାନ୍ତଙ୍କୁ ଗୃହ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ନିଯୁକ୍ତ କରାଯାଇଛି। ତାଙ୍କ ସ୍ଥାନରେ ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ଆଇଏଏସ୍ ଅଧିକାରୀ ବିଶାଳ ଗଗନଙ୍କୁ ଆବାସିକ କମିସନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ଶ୍ରୀ ଗଗନ ଏହି ଦାୟିତ୍ୱରେ ରହିବେ। ଅପରପକ୍ଷେ ୧୯୯୭ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଡିଏସ୍ କୁଟେଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇ ତାଙ୍କୁ ଗୃହ ବିଭାଗର ଓଏସ୍‌ଡି ନିଯୁକ୍ତ କରାଯାଇଛି। ଆଜି ଏ ନେଇ ଗୃହ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ନିର୍ଦ୍ଦେଶନାମା ପ୍ରକାଶିତ ହୋଇଛି।

**ରବି କାନ୍ତ ଓ ଡିଏସ୍ କୁଟେ ଗୃହ ବିଭାଗ ଓଏସ୍‌ଡି**

# ତିନି କୋଇଲା ଖଣି ପାଇଁ ରାଜିନାମା ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୫।୭(ସମିସ):** ଅନୁଗୁଳ ଜିଲ୍ଲାର ତିନିଟି ଖଣିକୁ ନେଇ କୋଇଲା ମନ୍ତ୍ରାଳୟ ପକ୍ଷରୁ କୋଲ୍ ମାଇନିଂ ଡେଭଲପମେଣ୍ଟ ଆଣ୍ଡ ପ୍ରଡକ୍ସନ୍ ଏଗ୍ରିମେଣ୍ଟ ସ୍ୱାକ୍ଷରିତ ହୋଇଛି। ଏହି ତିନିଟି ଖଣିର ନିଲାମ ହୋଇସାରିଥିବା ବେଳେ ଉକ୍ତ ଚୁକ୍ତିନାମା ଖଣି ପରିଚାଳନା ସହିତ ସ୍ଥାନୀୟ ଅଞ୍ଚଳରେ ବିକାଶ ସୁନିଶ୍ଚିତ କରିବ। ସୂଚନା ଅନୁସାରେ ମାଛକଟା, କୁଡାନାଳି ଏବଂ ସାକ୍ଷୀଗୋପାଳ-ବି ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏଥିରୁ ବାର୍ଷିକ ୨୯୯୧ କୋଟି ଟଙ୍କାର ରାଜସ୍ୱ ଆଦାୟ ହେବ। କାର୍ଯ୍ୟକ୍ଷମ ହେଲେ ଏହି ଖଣିରେ ୪୦, ୫୬୦ ଜଣଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହ ତିନି କୋଇଲା ଖଣିର ପରିଚାଳନା ବାବଦରେ ପ୍ରାୟ ୪୫୦୦ କୋଟି ଟଙ୍କା ବିନିଯୋଗ ହେବ।

# ମାଈ ହାତୀ ମୃତ୍ୟୁ ଘଟଣାରେ ୩ ଭାଇ ଗିରଫ

**ବାରିପଦା/ମୋରଡ଼ା,୧୫।୭ (ସମିସ):** ରାସଗୋବିନ୍ଦପୁର ରେଞ୍ଜ ଅଧୀନ ନାକିଚୁଆ ଗ୍ରାମ କିଆଖାଲିଠାରେ ୭ ବର୍ଷୀୟା ଏକ ମାଈହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ଆଜି ୩ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ, ଉକ୍ତ ଗ୍ରାମର ମୋହନ ହାଁସଦାଙ୍କ ୩ପୁଅ ପିରୁ ହାଁସଦା (୪୦), ସିଂରାୟ ହାଁସଦା (୩୬) ଏବଂ ତୋଫାନ ହାଁସଦା (୩୪)। ବନ ବିଭାଗର ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ଉ କରି ଆଜି ୩ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ହାତୀ ଉପଦ୍ରବରୁ ନିଜ ଘର ଏବଂ ଧନଜୀବନ ସୁରକ୍ଷା ପାଇଁ ମୋହନ ହାଁସଦାଙ୍କ ପରିବାର ପକ୍ଷରୁ ଘର ଚାରିପଟେ ଆଲୁମୁନିୟମ୍ ତାରବାଡ଼ ଘେରାଯିବା ସହ ରାତିରେ ସେଥିରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ଗତ ୧୩ତାରିଖ ରାତିରେ ଉକ୍ତ ତାରବାଡ଼ ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ଘଟିଥିଲା ବୋଲି ବନବିଭାଗ ତଦନ୍ତରୁ ଜାଣିବାକୁ ପାଇବା ପରେ ଆଜି ଏପରି କାର୍ଯ୍ୟାନୁଷ୍ଠାନ ନେଇଛି। ଅନ୍ୟପକ୍ଷରେ ଭବିଷ୍ୟତରେ ଯେପରି ଏଭଳି ଘଟଣା ନଘଟେ, ସେଥିପାଇଁ ହାତୀ ଚଲାପଥ ଅଞ୍ଚଳରେ ନିୟମିତ ଯାଞ୍ଚ କରାଯିବ। ଏଥିପାଇଁ ଏକ ଟିମ୍ ଗଠନ କରାଯିବ ବୋଲି ରାସଗୋବିନ୍ଦପୁର ରେଞ୍ଜର୍ ଘନଶ୍ୟାମ ସିଂ ଏବଂ ଏସିଏଫ ରବିନାରାୟଣ ମହାନ୍ତି କହିଛନ୍ତି।

**ବାଡ଼ରେ ବିଛାଇଥିଲେ ବିଦ୍ୟୁତ୍ ତାର**

**'ସୁଭଦ୍ରା' ପାଇଁ ପ୍ରକାଶ ପାଇନି ବିଜ୍ଞପ୍ତି**

# ହିତାଧିକାରୀ ହେବା ପାଇଁ ଆକୁଳ

**ଭୁବନେଶ୍ୱର,୧୫।୭(ସମିସ):** ଆସନ୍ତା ସେପ୍ଟେମ୍ବର ୧୭ ତାରିଖରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଓଡ଼ିଶାରେ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ହେବ। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁର ଭାଉଚର୍ ମିଳିବ। ନିର୍ବାଚନୀ ଇସ୍ତାହାରରେ ବିଜେପି ଏହି ପ୍ରତିଶ୍ରୁତି ଦେଇଥିବା ବେଳେ ରାଜ୍ୟରେ ସରକାର ଗଢ଼ିବା ପରେ ନିକଟ ଅତୀତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ ତାରିଖ ସଂପର୍କରେ ଘୋଷଣା କରିଛନ୍ତି। ଏହାକୁ ନେଇ ରାଜ୍ୟର ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଉତ୍କଣ୍ଠା ବଢୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଯୋଜନାର ରୂପରେଖ, ହିତାଧିକାରୀ ହେବା ପାଇଁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟରେ ସରକାରୀସ୍ତରରେ କୌଣସି ଘୋଷଣା କିମ୍ବା ବିଜ୍ଞପ୍ତି ପ୍ରକାଶ ପାଇନଥିବା ବେଳେ ବିଭିନ୍ନ ସାମାଜିକ ଗଣମାଧ୍ୟମ, କିଛି ବେନାମୀ ୱେବ୍-ଚ୍ୟାନେଲ୍‌ରେ ହେଉଥିବା ଭ୍ରାନ୍ତି ପ୍ରଚାର ଆଧାରରେ ହିତାଧିକାରୀ ହେବା ପାଇଁ ବହୁ ମହିଳା ଏବେଠାରୁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଫଳରେ ଆର୍‌ଆଇ ଅଫିସ୍‌ଠାରୁ ଆରମ୍ଭ କରି ଜନସେବା କେନ୍ଦ୍ରଗୁଡ଼ିକରେ ଭିଡ଼ ବଢ଼ିବାରେ ଲାଗିଛି। ଏହାର ସୁଯୋଗ ନେଇ କିଛି ଦଲାଲ ଏବେ ସକ୍ରିୟ ହୋଇଉଠିଛନ୍ତି। ଜଲ୍‌ଦି ଆୟ ପ୍ରମାଣପତ୍ର କରିଦେବା ଓ ଆବେଦନ କରିବା ପାଇଁ ସେମାନେ ମହିଳାଙ୍କଠାରୁ ୫ଶହରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଅଗ୍ରିମ ନେଇ ଯାଉଛନ୍ତି।

ବିଶେଷକରି ଆୟ ପ୍ରମାଣପତ୍ର ପାଇଁ ରାଜସ୍ୱ ନିରୀକ୍ଷକ ଅଫିସ୍‌ରେ ଭିଡ଼ ଜମୁଛି। ସେହିପରି ଯୋଜନାରେ ଆବେଦନ କରିବା ପାଇଁ ମୋ ସେବା କେନ୍ଦ୍ର ଓ ଗ୍ରାହକ ସେବା କେନ୍ଦ୍ରଗୁଡ଼ିକରେ ଭିଡ଼ ପରିଲକ୍ଷିତ ହେଉଛି। ମହିଳାଙ୍କ ସ୍ୱାମୀମାନେ ରାସନ୍‌କାର୍ଡ, ବ୍ୟାଙ୍କ ଖାତା, ଆଧାର କାର୍ଡ, ଠିକଣା ପ୍ରମାଣପତ୍ର, ଫଟୋ ଓ ଆୟ ପ୍ରମାଣପତ୍ର ଧରି ଏହି କେନ୍ଦ୍ରଗୁଡ଼ିକରେ ପହଞ୍ଚି ଯାଉଛନ୍ତି। ଗରିବଙ୍କଠାରୁ ଆରମ୍ଭ କରି ମଧ୍ୟବିତ୍ତ ମହିଳାମାନଙ୍କ ମଧ୍ୟରେ ସତେଯେମିତି ଏହାକୁ ନେଇ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ତେବେ ଏହାର ଫାଇଦା ନେଇ କିଛି ଅସାଧୁ ବ୍ୟବସାୟୀ ଲୋକଙ୍କୁ ଲୁଟିବା ଆରମ୍ଭ କରିଦେଇଥିବା ପରିଲକ୍ଷିତ ହେଉଛି। ସେମାନଙ୍କଠାରୁ ୫ଶହରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଅଗ୍ରିମ ନେଇଯାଉଛନ୍ତି।

ଏ ସମ୍ପର୍କରେ ଜଣେ ଗ୍ରାହକ ସେବା କେନ୍ଦ୍ରର ମାଲିକ କହିଛନ୍ତି, ଆବେଦନ ପାଇଁ ଆରମ୍ଭ ହୋଇନି ବୋଲି ଆମେ ମନା କରୁଥିଲେ ମଧ୍ୟ ଲୋକମାନେ ଆମ କଥାକୁ ଗ୍ରହଣ କରୁନାହାନ୍ତି। ଗୋଟିଏ କେନ୍ଦ୍ରରେ ମନା କଲେ ଆଉ ଗୋଟେ କେନ୍ଦ୍ରକୁ ଚାଲି ଯାଉଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ କରିବା ସହ ଲୋକଙ୍କ ଭିତରୁ ଦ୍ୱନ୍ଦ୍ୱ ଦୂର କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

■ ଆଗୁଆ ଆବେଦନ ପାଇଁ ମହିଳା ସଜବାଜ
■ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଆୟ ପ୍ରମାଣପତ୍ର ପାଇଁ ଭିଡ଼

## ଭିନେ ହେଉଛନ୍ତି ଭାଇ; ବାପାଠୁ ଅଲଗା ହେଉଛି ପୁଅ

'ସୁଭଦ୍ରା' ଯୋଜନାରେ ପରିବାରର ଜଣେ ମାତ୍ର ମହିଳା ଲାଭାର୍ଥୀ ହୋଇପାରିବ ବୋଲି ବିଭିନ୍ନ ମାଧ୍ୟମରେ ପ୍ରଚାର କରାଯାଉଥିବାରୁ ପରିବାରଗୁଡ଼ିକରେ ଏବେ ଭିନ୍ନ ଏକ ସମୀକରଣ ଦେଖିବାକୁ ମିଳୁଛି। ଯୋଜନାରେ ଅଧିକ ଲାଭ ପାଇବା ପାଇଁ ଭାଇ-ଭାଇ ଭିନେ ହେଉଥିବା ବେଳେ ବାପାଠୁ ପୁଅ ଅଲଗା ହେଉଛି। ପରିବାରରେ କୌଣସି ମନୋମାଳିନ୍ୟ ନଥିଲେ ମଧ୍ୟ ଯୋଜନାର ଲାଭ ପାଇବା ପାଇଁ ସରକାରୀସ୍ତରରେ ସେମାନେ ନିଜକୁ ଅଲଗା ପରିବାର ଭାବେ ଦେଖାଇବାକୁ ଜୋରସୋର୍‌ରେ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏପରିକି ଯଦି ଭବିଷ୍ୟତରେ ଏହାର ଯାଞ୍ଚ ପାଇଁ ଅଧିକାରୀମାନେ ଘରକୁ ଆସନ୍ତି, ଏହାକୁ ପ୍ରମାଣିତ କରିବା ପାଇଁ ସେମାନେ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଅଲଗା ରୋଷେଇଘର, ଜମିପଟ୍ଟାରେ ନାମ ପରିବର୍ତ୍ତନ କରିବା ପାଇଁ ବହୁ ଲୋକ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି।








### କୁଆଡ଼େ ଗଲା ମୋଦୀଙ୍କ ୧୦୦ ଦିନିଆ ଏଜେଣ୍ଡା

# ପେପର୍ ଲିକ୍‌ରୁ ଅଗ୍ନିବୀର ଯାଏ ୧୦ ପ୍ରସଙ୍ଗରେ ଫସିଛି କେନ୍ଦ୍ର

**ନୂଆଦିଲ୍ଲୀ,୧୫।୭(ଏଜେନ୍ସି):** ମୋଦୀ ସରକାର ୩.୦କୁ ଇତିମଧ୍ୟରେ ୩୫ ଦିନ ପୂରିଛି। କିନ୍ତୁ କେନ୍ଦ୍ର ସରକାର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏଯାଏ କିଛି ବି ନିଷ୍ପତ୍ତି ନେଇ ପାରନାହାନ୍ତି। ବରଂ ଏହି ସମୟ ମଧ୍ୟରେ ନିଟ୍ ପେପର ଲିକ୍ ମାମଲା ଠାରୁ ଆରମ୍ଭ କରି ଅଗ୍ନିବୀର ଭଳି ୧୦ଟି ପ୍ରସଙ୍ଗରେ ସରକାର ଫସିଛନ୍ତି। ଏହିସବୁ ପ୍ରସଙ୍ଗରେ ବିରୋଧୀ ଉଠାଇଥିବା ପ୍ରଶ୍ନକୁ ନେଇ କେନ୍ଦ୍ର ସରକାର ମୁକାବିଲା କରିବାରେ ସମୟ କାଟିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୦୦ ଦିନର ଏଜେଣ୍ଡା କୁଆଡେ ଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନର ୪ ଦିନ ପୂର୍ବରୁ ମୋଦୀ ଗଣମାଧ୍ୟମକୁ ଏକ ସାକ୍ଷାତକାର ଦେବା ସମୟରେ କହିଥିଲେ ଯେ, ତାଙ୍କ ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାଳରେ ଯାହା କିଛି ହୋଇଥିଲା ତାହା କେବଳ ଏକ ଫିଲ୍ମର ଟ୍ରେଲର ଭଳି ଥିଲା। ଆଗକୁ ପୂରା ଫିଲ୍ମ ଦେଖିବାକୁ ମିଳିବ। ତାଙ୍କ ଦଳ ନିର୍ବାଚନରେ ବିଜୟୀ ହେବ ଏବଂ ତାଙ୍କ ସରକାରର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କାର୍ଯ୍ୟ ସାଧନ କରାଯିବ। ଏହିକ୍ରମରେ ସେ ୧୦୦ ଦିନର କାର୍ଯ୍ୟପନ୍ଥା ମଧ୍ୟ ପ୍ରସ୍ତୁତ କରିସାରିଛନ୍ତି ଏବଂ ସରକାର ଶପଥ ନେବା ପରେ ହିଁ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ମୋଦୀ କହିଥିଲେ। କିନ୍ତୁ ଗତ ଜୁନ ୯ ତାରିଖରେ ମୋଦୀ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ସହିତ ତାଙ୍କ ସରକାରକୁ ଇତିମଧ୍ୟରେ ୩୫ ଦିନ ବିତିଥିଲେ ହେଁ ଦେଶବାସୀ ସେଭଳି କୌଣସି ଯୋଜନା କିମ୍ବା ସରକାରୀ ପଦକ୍ଷେପ ସମ୍ପର୍କରେ ଅନୁଭବ କରିପାରିନାହାନ୍ତି। ବିଜେପି କ୍ଷମତାକୁ ଆସିଲେ ଏକ ରାଷ୍ଟ୍ର -ଏକ ନିର୍ବାଚନ, ଏକକ ନାଗରିକ ସଂହିତା(ୟୁସିସି), ମୁସଲମାନ ଆରକ୍ଷଣ ବନ୍ଦ, ୱାକଫ୍ ବୋର୍ଡ ଉପରେ ପ୍ରତିବନ୍ଧକ, ଅଗ୍ନିବୀର ଯୋଜନାରେ ସୁଧାର, ସଂଶୋଧିତ ନାଗରିକ ଆଇନ(ସିଏଏ) ଏବଂ ଦିଲ୍ଲୀ ମାଷ୍ଟର ପ୍ଲାନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ସରକାର ତୁରନ୍ତ ନିଷ୍ପତ୍ତି ନେବେ ବୋଲି ମୋଦୀ କହିଥିଲେ। କିନ୍ତୁ ଏଥିମଧ୍ୟରୁ କୌଣସି ବିଷୟରେ କେନ୍ଦ୍ର ସରକାର କିଛି ବି ନିଷ୍ପତ୍ତି ନେଇ ନାହାନ୍ତି। ୨୦୧୪ ମେ ' ୨୬ରେ ମୋଦୀ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାପରେ ବିଦେଶରେ ଗଚ୍ଛିତ ଥିବା କଳାଧନ ସ୍ୱଦେଶ ଫେରାଇ ଆଣିବା ଉଦ୍ଦେଶ୍ୟରେ ତାଙ୍କର ପ୍ରଥମ କ୍ୟାବିନେଟ୍ ବୈଠକରେ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା। ପରେ ପରେ ୧୦୦ ଦିନିଆ କାର୍ଯ୍ୟପନ୍ଥା ମଧ୍ୟରେ ରେଳ ଭଡ଼ା, ଡିଜେଲ ସବସିଡ଼ି ଏବଂ ଯୋଜନା ଆୟୋଗ ଭଙ୍ଗ କରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାର ନିଷ୍ପତ୍ତି ନେଇଥିଲେ। ସେହିପରି ୨୦୧୯ ୩୦ ମେ 'ରେ ମୋଦୀ ଦ୍ୱିତୀୟଥର ପାଇଁ ପ୍ରଧାନମନ୍ତ୍ରୀ ହେବା ସହିତ ତାଙ୍କ ସରକାର କ୍ଷମତାସୀନ ହେବା ପରେ ପ୍ରଥମ କ୍ୟାବିନେଟ୍ ବୈଠକରେ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା ସ୍ୱରୂପ କ୍ଷୁଦ୍ର ଚାଷୀଙ୍କୁ ୬ ହଜାର ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଥିଲା। ପରେ ପରେ ତିନି ତଲାକ ଏବଂ ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ହଟାଇବା ଦିଗରେ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଥିଲେ। ହେଲେ ମୋଦୀଙ୍କ ତୃତୀୟ ପର୍ଯ୍ୟାୟ ସରକାରରେ ଏଭଳି କିଛି ଦେଖିବାକୁ ମିଳିନାହିଁ। ଗତ ଲୋକସଭା ନିର୍ବାଚନରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରିପାରି ନଥିବା ବେଳେ ସହଯୋଗୀ ଦଳ ସମର୍ଥନରେ ସରକାର ଗଢିଛି। ତେଣୁ ମୋଦୀ ସରକାର 'ବ୍ୟାକ୍‌ଫୁଟ୍'ରେ ରହି ତୁରନ୍ତ କୌଣସି ନିଷ୍ପତ୍ତି ନେବାକୁ ଉଚିତ ମଣୁନାହାନ୍ତି ବୋଲି କୁହାଯାଉଛି।



● ଆପ୍ ସାଂସଦଙ୍କ ବଡ଼ ଆଶଙ୍କା

## ଜେଲ୍‌ରେ କୋମା'କୁ ଚାଲିଯାଇପାରନ୍ତି କେଜ୍ରିୱାଲ

■ କେଜ୍ରିୱାଲ କମ୍ ଖାଇ ଜାଣିଶୁଣି ଓଜନ ହରାଉଛନ୍ତି: ତିହାର ଜେଲ୍ କର୍ତ୍ତୃପକ୍ଷ

**ନୂଆଦିଲ୍ଲୀ,୧୫।୭(ଏଜେନ୍ସି):** ତିହାର ଜେଲରେ ବନ୍ଦୀ ଜୀବନ ବିତାଉଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଆପ୍ ସାଂସଦ ସଞ୍ଜୟ ସିଂ ବଡ଼ ଆଶଙ୍କା ପ୍ରକଟ କରିଛନ୍ତି। କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଏଭଳି ବିଗିଡ଼ି ଯାଇଛି ଯେ ସେ କୌଣସି ମୁହୂର୍ତ୍ତରେ କୋମାକୁ ଚାଲି ଯାଇପାରନ୍ତି ବୋଲି ସଞ୍ଜୟ କହିଛନ୍ତି। ଏଥିସହ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ତିହାର ଜେଲ ପକ୍ଷରୁ ଯେଉଁ ରିପୋର୍ଟ ଦିଆଯାଇଛି ତାହାକୁ ମଧ୍ୟ ସେ ତୀବ୍ର ସମାଲୋଚନା କରିଛନ୍ତି। କେଜ୍ରିୱାଲ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ତାଙ୍କର ସବୁ ଅଙ୍ଗପ୍ରତ୍ୟଙ୍ଗ ସ୍ୱାଭାବିକ ଭାବେ କାମ କରୁଥିବା ତିହାର ଜେଲ ପକ୍ଷରୁ କୁହାଯାଇଥିଲା। କିନ୍ତୁ କେଜ୍ରିୱାଲ ଜେଲ୍‌ରେ ୮.୫ କିଲୋ ଓଜନ ହରାଇ ସାରିଥିବା ସଞ୍ଜୟ କହିଛନ୍ତି। ସେ କହିଛନ୍ତି, ଏମ୍ସର ଏକ ଡାକ୍ତରୀ ଟିମ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରୁଛି। ଯାଞ୍ଚରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ, କେଜ୍ରିୱାଲଙ୍କ ଓଜନ ଦ୍ରୁତଗତିରେ ହ୍ରାସ ପାଉଛି ଓ ସେ 'ହାଇପୋଗ୍ଲେସିମିଆ'ରେ ପୀଡ଼ିତ। ତାଙ୍କ ରକ୍ତ ଶର୍କରା ସ୍ତର ୫ ଥର ଖସି ସାରିଲାଣି। ଏହାଦ୍ୱାରା ସେ କୋମାକୁ ଚାଲି ଯାଇ ପାରନ୍ତି କିମ୍ବା ତାଙ୍କର ମୃତ୍ୟୁ ହୋଇପାରେ। କେଜ୍ରିୱାଲଙ୍କୁ ମୃତ୍ୟୁଦ୍ୱାର ଦେଖାଇବାକୁ ଷଡ଼ଯନ୍ତ୍ର ଚାଲିଛି ବୋଲି ସଞ୍ଜୟ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଆପ୍‌ର ଏହି ଅଭିଯୋଗକୁ ତିହାର ଜେଲ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। କେଜ୍ରିୱାଲ ନିଜ ଘରୁ ଆସୁଥିବା ଖାଦ୍ୟକୁ ଜାଣିଶୁଣି ଖାଉନାହାନ୍ତି ଏବଂ ଓଜନ କମାଇବାକୁ ଉଦ୍ୟମ କରୁଛନ୍ତି ବୋଲି ଜେଲ କର୍ତ୍ତୃପକ୍ଷ କହିଛନ୍ତି।




## କେଦାରନାଥଙ୍କ ପୀଠରୁ ୨୨୮ କିଲୋ ସୁନା ଗାଏବ

**ନୂଆଦିଲ୍ଲୀ,୧୫।୭(ଏଜେନ୍ସି):** ପବିତ୍ର କେଦାରନାଥ ପୀଠର ୨୨୮ କିଲୋ ସୁନା ଗାଏବ ହେବା ନେଇ ଉତ୍ତରାଖଣ୍ଡ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ବଡ ଅଭିଯୋଗ ଆଣିଛନ୍ତି। ଏହି ସୁନା କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିବା ସହିତ ଏହି ଘୋଟାଲା ପଛରେ କାହାର ହାତ ରହିଛି ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। କେଦାରନାଥ ପୀଠରେ ସୁନାକୁ ନେଇ ଯେଉଁ ଦୁର୍ନୀତି ହୋଇଛି ତାହା କାହିଁକି ଉଠାଯାଉ ନାହିଁ ବୋଲି ସେ କହିବା ସହିତ ଏଥିପାଇଁ କିଏ ଦାୟୀ ବୋଲି ପ୍ରଶ୍ନ ଉତଥାପନ କରିଛନ୍ତି। ବର୍ତ୍ତମାନ ଦିଲ୍ଲୀରେ କେଦାରନାଥ ଶୈଳୀରେ ଆଉ ଏକ ମନ୍ଦିର ପ୍ରତିଷ୍ଠା କରାଯିବା ପ୍ରସଙ୍ଗକୁ ସେ ତୀବ୍ର ବିରୋଧ କରିବା ସହିତ ଏହି ପରିପ୍ରେକ୍ଷୀରେ ସୁନା ଘୋଟାଲା ବିଷୟ ଉଠାଇଛନ୍ତି। ସେ କହିଛନ୍ତି , କେଦାରନାଥରେ ହୋଇଥିବା ଦୁର୍ନୀତି ବିଷୟରେ କେହି ମୁଣ୍ଡ ଖେଳାଉ ନାହାନ୍ତି। ବର୍ତ୍ତମାନ ଦିଲ୍ଲୀରେ ମନ୍ଦିର ନିର୍ମାଣ ହେବା ପରେ ପୁଣି ଏକ ଦୁର୍ନୀତି ହେବ।କେଦାରନାଥରୁ ୨୨୮ କିଲୋଗ୍ରାମ ସୁନାର ପତ୍ତା ମିଳୁ ନାହିଁ କି ଏହା ଉପରେ କୌଣସି ଅନୁସନ୍ଧାନ କରାଯାଉ ନାହିଁ। ଏଭଳି ସ୍ଥିତିରେ ଦିଲ୍ଲୀରେ ଆଉ ଏକ ମନ୍ଦିର ପ୍ରତିଷ୍ଠାକୁ ସେ ଘୋର ବିରୋଧ କରିଛନ୍ତି। ଦିଲ୍ଲୀରେ କେଦାରନାଥ ଧାମ ନାମରେ ମନ୍ଦିର ନିର୍ମାଣର କି ଆବଶ୍ୟକତା ରହିଛି ବୋଲି ସେ ପ୍ରଶ୍ନ କରିବା ସହିତ ମୂଳ ଧାମର ଗୁରୁତ୍ୱ ହ୍ରାସ କରିବାକୁ ଏହା ଏକ ପ୍ରୟାସ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।


ଦୁର୍ନୀତି ଅଭିଯୋଗ ଆଣିଲେ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ

# ଗିରଫ ଭୟରେ ଆଇଏଏସ୍ ପୂଜାଙ୍କ ପିତାମାତା ଫେରାର

**ପୁନେ, ୧୫।୭(ଏଜେନ୍ସି):** ବିବାଦୀୟ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡକରଙ୍କ ପିତାମାତା ଦିଲ୍ଲୀପ ଓ ମନୋରମା ଖେଡକର ପୁନେ ଜିଲ୍ଲାର ମୁଲସି ତାଲୁକର ଜଣେ ଚାଷୀଙ୍କୁ ଜୁନ୍ ୨୦୨୩ରେ ବନ୍ଧୁକ ଦେଖାଇ ଧମକଚମକ ଦେଇ ଡରାଇ ଥିବା ଅଭିଯୋଗ ହୋଇଛି। ଏନେଇ ଏଫ୍‌ଆଇଆର୍ ପଞ୍ଜିକୃତ ହେବା ପରେ ଖେଡକର ଦମ୍ପତି ଗିରଫ ହେବା ଭୟରେ କେଉଁଆଡ଼େ ପଳାୟନ କରିଛନ୍ତି। ପୁନେ ଗ୍ରାମୀଣ ପୁଲିସ୍ ଏସ୍‌ପି ପଙ୍କଜ ଦେଶମୁଖ ଆଜି କହିଛନ୍ତି ଯେ ଅଭିଯୁକ୍ତମାନେ ପଳାୟନ କରି ଆତ୍ମଗୋପନ କରିଛନ୍ତି ଓ ସେମାନଙ୍କ ଫୋନ୍ ସୁଇଚ୍‌ଅଫ୍ ରହିଛି। ଏହି ମାମଲାରେ ଖେଡକର ଦମ୍ପତିଙ୍କ ସମେତ ଅନ୍ୟ ୫ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ପୁଲିସ୍ ଖେଡକର ଦମ୍ପତିଙ୍କ ଘରକୁ ଯାଇଥିଲା କିନ୍ତୁ ସେଠାରେ କାହାରିକୁ ପାଇନଥିଲା। ପୁଲିସ୍‌ର କେତୋଟି ଟିମ୍ ଓ ସ୍ଥାନୀୟ କ୍ରାଇମ୍ ବ୍ରାଞ୍ଚ୍ ପୁନେ ଆଖପାଖରେ ଥିବା କେତେକ ଫାର୍ମହାଉସ୍ ଓ ବାସଗୃହରେ ଅଭିଯୁକ୍ତଙ୍କୁ ଖୋଜିଥିଲା କିନ୍ତୁ ପାଇନାହିଁ। ଅଭିଯୁକ୍ତ ମିଳିଲେ ସେମାନଙ୍କୁ ଜେରା କରାଯିବ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ୍ କହିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୩୨୩. ୫୦୪, ୫୦୬, ୧୪୩, ୧୪୪, ୧୪୭, ୧୪୮ ଓ ୧୪୯ ଓ ଆର୍ମସ୍ ଆକ୍ଟର ଧାରା ୩(୨୫) ଅନୁଯାୟୀ କେସ୍ ପଞ୍ଜିକୃତ ହୋଇଛି।

### ପୂଜାଙ୍କ ପରେ ପୁଣି ଚର୍ଚ୍ଚାରେ ଆଇଏଏସ୍ ଅଭିଷେକ

**ନୂଆଦିଲ୍ଲୀ,୧୫।୭(ଏଜେନ୍ସି):** ଦିବ୍ୟାଙ୍ଗ ପ୍ରମାଣପତ୍ର ଆଧାରରେ ଆଇଏଏସ୍ ବନିଥିବା ପୂଜା ଖେଡକରଙ୍କୁ ନେଇ ଏବେ ବିଭିନ୍ନ ମହଲରେ ଚାଲିଥିବା ଚର୍ଚ୍ଚା ଥମି ନଥିବା ବେଳେ ପୁଣି ଆଲୋଚନା ପରିସରକୁ ଆସିଛନ୍ତି ଆଉ ଜଣେ ଆଇଏଏସ୍ ଅଭିଷେକ ସିଂହ। ଦିବ୍ୟାଙ୍ଗ ବର୍ଗରେ ଆଇଏଏସ୍ ହୋଇଥିବା ଅଭିଷେକ ମଧ୍ୟ ନକଲି ପ୍ରମାଣପତ୍ର ଉ ପଯୋଗ କରିଥିବା ଅଭିଯୋଗ ହୋଇଛି।୨୦୧୧ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଭିଷେକ ସିଂହ ଗତବର୍ଷ ପ୍ରଶାସନିକ ସେବାରୁ ଆଗୁଆ ଅବସର ନେଇଥିଲେ। ଅଭିନେତା ବନିବା ଲକ୍ଷ୍ୟରେ ସେ ଚାକିରି ଛାଡିଥିଲା ବେଳେ ଏବେ ତାଙ୍କର ଡ୍ୟାନ୍ସ ଓ ଜିମରେ ବ୍ୟାୟାମ କରିବା ଭିଡିଓ ଭାଇରାଲ ହୋଇଛି। ଯାହାକୁ ନେଇ ଅଭିଷେକ ବିବାଦ ଘେରକୁ ଆସିଛନ୍ତି। ସେ ତାଙ୍କ ଭିଡିଓ ଶେୟାର କରିବା ପରେ ପ୍ରଶାସନିକ ସେବା ପାଇଁ ହେଉଥିବା ଚୟନ ପ୍ରକ୍ରିୟାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଭିଷେକ ନିଜକୁ ଲୋକୋମୋଟୋର(ଆଣ୍ଠୁଗଣ୍ଠି ଜନିତ ସମସ୍ୟା) ଦିବ୍ୟାଙ୍ଗ ଭାବେ ଦର୍ଶାଇ ୟୁପିଏସ୍‌ସି ଚୟନ ପ୍ରକ୍ରିୟାରେ ସଂରକ୍ଷଣ ପାଇଥିଲେ। ହେଲେ ସେ ପ୍ରଶାସନିକ ସେବାରୁ ଭିଆରଏସ୍ ନେବା ପରେ କିଭଳି ଡ୍ୟାନ୍ସ କରୁଛନ୍ତି ବୋଲି ପ୍ରଶ୍ନ ଉଠିଛି। ଏଥିସହିତ ତାଙ୍କର ଦିବ୍ୟାଙ୍ଗ ପ୍ରମାଣପତ୍ର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



### ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ସମ୍ଭବ ନୁହେଁ

## ଜିତନ୍ ରାମଙ୍କ ମନ୍ତବ୍ୟକୁ ନେଇ ରାଜନୀତି ସରଗରମ

**ପାଟନା,୧୫।୭(ଏଜେନ୍ସି):** କେନ୍ଦ୍ରରେ ଏନଡିଏ ସରକାର ଗଠନ ହେବା ପରେ ଅନ୍ୟତମ ପ୍ରମୁଖ ସହଯୋଗୀ ଦଳ ଭାବେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ସବୁଠୁ ବଡ଼ ଚାହିଦା ଥିଲା ବିହାରକୁ ସ୍ୱତନ୍ତ୍ର ମାନ୍ୟତା ଦେବା ପ୍ରସଙ୍ଗ। କିନ୍ତୁ ଏନଡିଏରେ ସାମିଲ ଥିବା ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାଂଝୀ ଏହି ପ୍ରସଙ୍ଗରେ ଯେଭଳି ମନ୍ତବ୍ୟ ଦେଇଛନ୍ତି ତାହା ବିହାର ରାଜନୀତିକୁ ସରଗରମ କରିଦେଇଛି। ହାଜିପୁରରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେବା ସମୟରେ ବିହାର ପାଇଁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ସମ୍ଭବ ନୁହେଁ ବୋଲି ଜିତନ ରାମ କହିଥିଲେ। ଏଭଳି ପ୍ରସଙ୍ଗ ଉଠାଇବା ଅର୍ଥ ପଥରରେ ମୁଣ୍ଡ ପିଟିବା ସହିତ ସମାନ। କାରଣ କେବଳ ବିହାର ନୁହେଁ, କୌଣସି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ନ ଦେବାକୁ ନୀତି ଆୟୋଗ ଆରମ୍ଭରୁ ସ୍ପଷ୍ଟ କରିସାରିଛନ୍ତି । ତେବେ ବିହାରର ବିକାଶ ଏବଂ ଉନ୍ନୟନ ପାଇଁ ଅର୍ଥର ଅଭାବ ହେବ ନାହିଁ। କେନ୍ଦ୍ର ସରକାର ଏଥିପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି ଜିତନ ରାମ କହିଥିଲେ। କିନ୍ତୁ ଜିତନ ରାମଙ୍କ ଏଭଳି ମନ୍ତବ୍ୟକୁ ଜେଡିୟୁ ସହଜରେ ହଜମ କରିପାରି ନାହିଁ। ଦଳ ପକ୍ଷରୁ ଏହି ପ୍ରସଙ୍ଗକୁ ନେଇ ପୁଣିଥରେ ଦାବି ଉଠିଛି। ଜେଡିୟୁ ରାଜ୍ୟସଭା ସାଂସଦ ତଥା ଦଳୀୟ କାର୍ଯ୍ୟକାରୀ ରାଷ୍ଟ୍ରୀୟ ସଭାପତି ସଞ୍ଜୟ ଝାଙ୍କ ସମେତ ବିହାରର ଅନ୍ୟ ବହୁ ମନ୍ତ୍ରୀ ଏହି ପ୍ରସଙ୍ଗକୁ ନେଇ ଦାବି ଉଠାଇଛନ୍ତି। ବିଜେପି କୋଟାରୁ ନୀତୀଶ ସରକାରରେ ଉପମୁଖ୍ୟମନ୍ତ୍ରୀ ରହିଥିବା ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ମଧ୍ୟ ଏହି ଦାବିକୁ ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରିଛନ୍ତି। କିନ୍ତୁ ଏହି ସମୟରେ ଜିତନ ରାମଙ୍କ ମନ୍ତବ୍ୟ ଉଭୟ ଜେଡିୟୁ ଏବଂ ଆରଜେଡି ମଧ୍ୟରେ ଭ୍ରୂକୁଞ୍ଚନ ସୃଷ୍ଟି କରିବା ସହିତ ଯଦି କେନ୍ଦ୍ର ସରକାର ବିହାରକୁ ସ୍ୱତନ୍ତ୍ର ମାନ୍ୟତା ନ ଦିଅନ୍ତି ତେବେ ନୀତୀଶ କୁମାର ତୁରନ୍ତ କେନ୍ଦ୍ରରୁ ସମର୍ଥନ ପ୍ରତ୍ୟାହାର କରିବା ଉଚିତ ବୋଲି ଦଳୀୟ ନେତାମାନେ କହିଛନ୍ତି।



## ଡ୍ରଗ୍ସ ମାମଲାରେ ବଲିଉଡ୍ ଅଭିନେତ୍ରୀ ରାକୁଲପ୍ରୀତ୍ ସିଂଙ୍କ ଭାଇ ଗିରଫ

**ହାଇଦରାବାଦ,୧୫।୭(ଏଜେନ୍ସି):** ଏକ ଡ୍ରଗ୍ସ କାରବାର ମାମଲାରେ ହାଇଦରାବଦ ପୁଲିସ ବଲିଉଡ୍ ଅଭିନେତ୍ରୀ ରାକୁଲ ପ୍ରୀତ୍ ସିଂଙ୍କ ଭାଇ ଅମନପ୍ରୀତ୍ ସିଂଙ୍କ ସମେତ ୫ ଜଣଙ୍କୁ ସୋମବାର ଗିରଫ କରିଛି। ଏହି ପାଞ୍ଚ ଜଣଙ୍କ ଦ୍ୱାରା ହାଇଦରାବାଦକୁ ୨.୬ କିଲୋ କୋକେନ ଅଣାଯାଇ ସେଠାରେ ବିକ୍ରି କରିବାକୁ ଯୋଜନା କରାଯାଉଥିବା ସୂଚନା ମିଳିବା ପରେ ତେଲଙ୍ଗନା ଆଣ୍ଟି-ନାର୍କୋଟିକ୍ସ ବିଭାଗ ପକ୍ଷରୁ ପୁଲିସକୁ ସଜାଗ କରାଯାଇଥିଲା। ପୁଲିସ ଠିକଣା ସମୟରେ ଏହି ର୍ୟାକେଟ୍ ଉପରେ ଚଢଉ କରି ସମସ୍ତଙ୍କୁ ଧରିଥିଲା ବେଳେ ଡ୍ରଗ୍ସ କିଣିବା ପାଇଁ ଏହି ର୍ୟାକେଟ ସହ ସମ୍ପର୍କରେ ରହିଥିବା ୩୦ ଗ୍ରାହକଙ୍କୁ ମଧ୍ୟ ଚିହ୍ନଟ କରିଛି।



## ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ଓଲି

**କାଠମାଣ୍ଡୁ,୧୫।୭(ଏଜେନ୍ସି):** ନେପାଳର ପ୍ରଧାନମନ୍ତ୍ରୀ ଭାବେ କମ୍ୟୁନିଷ୍ଟ ନେତା କେ ପି ଶର୍ମା ଓଲି ଆଜି ଶପଥଗ୍ରହଣ କରିଛନ୍ତି। ଓଲିଙ୍କ ଦଳ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ-ୟୁନିଫାଇଡ୍ ମାର୍କସିଷ୍ଟ-ଲେନିନିଷ୍ଟ(ସିପିଏନ୍-ୟୁଏମ୍‌ଏଲ୍) ଶେର ବାହାଦୁର ଦେଉବାଙ୍କ ନେପାଳୀ କଂଗ୍ରେସ ସହ ମେଣ୍ଟ କରି ସରକାର ଗଢ଼ିଛି। ଓଲି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଅଭିନନ୍ଦନ ଜଣାଇଛନ୍ତି। ବିଦାୟୀ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡଙ୍କ ସରକାର ଆସ୍ଥା ଭୋଟ ହାରିବାରୁ ନେପାଳୀ କଂଗ୍ରେସ ସହ ମେଣ୍ଟ କରି ଓଲିଙ୍କ ଦଳ ସରକାର ଗଢ଼ିଛନ୍ତି। ଓଲି ଚତୁର୍ଥ ଥର ପାଇଁ ନେପାଳର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ନେପାଳ ୨୦୦୮ ରେ ରାଜତନ୍ତ୍ରକୁ ବିଦାୟ ଦେଇଛି। ଭାରତ ଓଲିଙ୍କୁ ଚୀନ ସପକ୍ଷବାଦୀ ବିଚାରିଥାଏ। ୨୭୫ ଆସନ ବିଶିଷ୍ଟ ନେପାଳ ପ୍ରତିନିଧି ସଭାରେ ସିପିଏନ୍-ୟୁଏମ୍‌ଏଲ୍-ନେପାଳୀ କଂଗ୍ରେସ ମେଣ୍ଟର ୧୬୫ ସଦସ୍ୟ ଅଛନ୍ତି।



## ବିକ୍ରମ ମିଶ୍ରି ବୈଦେଶିକ ସଚିବ

**ନୂଆଦିଲ୍ଲୀ,୧୫।୭(ଏଜେନ୍ସି):** ବୈଦେଶିକ ବ୍ୟାପାର ସଚିବ ବିନୟ କ୍ୱାତ୍ରାଙ୍କ କାର୍ଯ୍ୟକାଳ ସରିବା ପରେ ବରିଷ୍ଠ କୂଟନୀତିଜ୍ଞ ବିକ୍ରମ ମିଶ୍ରି ଆଜି ନୂଆ ବୈଦେଶିକ ବ୍ୟାପାର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମିଶ୍ରି ହେଉଛନ୍ତି ୧୯୮୯ ବ୍ୟାଚ୍ ଆଇଏଫ୍‌ଏସ୍ ଅଫିସର୍। ସେ ଜଣେ ଚୀନ ବିଶେଷଜ୍ଞ ଓ ୨୦୧୯ରୁ ୨୦୨୧ ବେଜିଂରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଛନ୍ତି। ମିଶ୍ରି ୩ ଜଣ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜରାଲ, ଡ. ମନମୋହନ ସିଂହ ଓ ନରେନ୍ଦ୍ର ମୋଦୀଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଭାବେ କାର୍ଯ୍ୟ କରିଥିବା ଅଭିଜ୍ଞତା ଅର୍ଜିଛନ୍ତି। ବୈଦେଶିକ ବ୍ୟାପାର ସଚିବ ହେବା ପୂର୍ବରୁ ସେ ଡେପୁଟି ଏନ୍‌ଏସ୍‌ଏ ଥିଲେ। ତା' ପୂର୍ବରୁ ମିଶ୍ରି ସ୍ପେନ୍, ମ୍ୟାଁମାର, ପାକିସ୍ତାନ, ଓ୍ୱାଶିଂଟନ, ଶ୍ରୀଲଙ୍କା, ବେଲଜିୟମ ଓ ଜର୍ମାନୀ ଭଳି ଦେଶରେ ଭାରତର କୁଟନୀତିଜ୍ଞ ଭାବେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ତାଙ୍କୁ ନୂତନ ଦାୟିତ୍ୱ ଗ୍ରହଣ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି।



● ଆସାମ ବନ୍ୟା

## କାଜିରଙ୍ଗାରେ ୧୦ ଗଣ୍ଡାଙ୍କ ସମେତ ୨୦୦ ପଶୁ ମୃତ

**ଗୌହାଟି, ୧୫।୭(ଏଜେନ୍ସି):** ଆସମର କାଜିରଙ୍ଗା ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ଅଭୟାରଣ୍ୟରେ ବନ୍ୟା ଜଳ ପ୍ରବେଶ କରିବାରୁ ୧୦ ବିରଳ ଏକଶିଙ୍ଗା ଗଣ୍ଡାଙ୍କ ସମେତ ୨୦୦ ପଶୁ ମରିଛନ୍ତି। ମୃତ ପଶୁଙ୍କ ମଧ୍ୟରେ ଅଛନ୍ତି ୧୭୯ ହଗ୍ ଡିୟର, ୩ଟି ସ୍ୱାମ୍ପ ଡିୟର, ୨ ସମ୍ବର ଡିୟର, ୧ ମାକାକ୍ୟୁ, ୨ ଓଟର ଓ ଗୋଟିଏ ସ୍କୋପସ ଅଉଲ। ୪୬ଟି ଜଙ୍ଗଲ କ୍ୟାମ୍ପ ଓ ଉଦ୍ୟାନର ଏକ ବଡ଼ ଅଂଶ ପାଣିରେ ବୁଡ଼ି ରହିଛି। ବନ୍ୟାରେ ଗତ ୮ ବର୍ଷରେ କାଜିରଙ୍ଗାର ୮୫ଟି ଗଣ୍ଡା ମରିଛନ୍ତି। କେବଳ ୨୦୧୭ରେ ୨୪ ଗଣ୍ଡା ବନ୍ୟାରେ ମରିଥିଲେ। କାଜିରଙ୍ଗା ଜାତୀୟ ଉଦ୍ୟାନରେ ପ୍ରାୟ ୨୬୦୦ ଏକଶିଙ୍ଗା ଗଣ୍ଡା ଅଛନ୍ତି। ଏହା ବିଲୁପ୍ତିର ଦ୍ୱାର ଦେଶରେ ପହଞ୍ଚି ସାରିଥିବା ଏକ ବିରଳ ପ୍ରଜାତିର ଗଣ୍ଡା। ଏବେ କାଜିରଙ୍ଗା ବ୍ୟାଘ୍ର ଅଭୟାରଣ୍ୟରେ ଏବେ ୧୩୫ ବାଘ ଅଛନ୍ତି। କାଜିରଙ୍ଗାରେ ୨୩୩ଟି ଜଙ୍ଗଲ କ୍ୟାମ୍ପ ରହିଛି।

### ଇମ୍ରାନଙ୍କ ପ୍ରଧାନମନ୍ତ୍ରୀ ହେବା ଆଶା ମଉଳିଲା

# ପିଟିଆଇକୁ ବ୍ୟାନ୍ କରିବେ ଶେହବାଜ ସରକାର

**ଇସଲାମାବାଦ,୧୫।୭(ଏଜେନ୍ସି):** ବିଭିନ୍ନ ମାମଲାରେ ଏବେ ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବିଗତ କିଛି ବର୍ଷ ହେଲା ଇମ୍ରାନ ଏବଂ ତାଙ୍କ ଦଳ ତେହେରିକ-ଇ-ଇନସାଫ (ପିଟିଆଇ) ପାକିସ୍ତାନବାସୀଙ୍କୁ ଯଥେଷ୍ଟ ଭାବେ ପ୍ରଭାବିତ କରିଥିଲା ବେଳେ ଇମ୍ରାନ ପ୍ରଧାନମନ୍ତ୍ରୀ ହୋଇପାରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ ମାମଲାରେ ତାଙ୍କୁ ଜେଲ ଯିବାକୁ ପଡ଼ିଛି। ଇମ୍ରାନ ଏବେ ଜେଲରେ ଥାଇ ପୁଣିଥରେ ପ୍ରଧାନମନ୍ତ୍ରୀ ହେବାକୁ ପ୍ରୟାସ ଚଳାଇଛନ୍ତି। ହେଲେ ତାଙ୍କର ଏହି ପ୍ରୟାସ କେବଳ ସ୍ୱପ୍ନ ହୋଇ ରହିଯିବ ବୋଲି ଆଶଙ୍କା ବଢିଛି। କାରଣ ଇମ୍ରାନଙ୍କ ପିଟିଆଇ ଦଳକୁ ସମ୍ପୂର୍ଣ୍ଣ ବ୍ୟାନ କରିବାକୁ ଶେହବାଜ୍ ସରକାର ନିଷ୍ପତ୍ତି ନେଇଛନ୍ତି। ଯେଉଁ ଆଇନ ବଳରେ ମୁସାରଫଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ବର୍ତ୍ତମାନ ସେହି ଆଇନ ଦ୍ୱାରା ଇମ୍ରାନଙ୍କ ଦଳକୁ ନିଷିଦ୍ଧ କରାଯିବ ବୋଲି ପାକିସ୍ତାନ ସରକାର ଘୋଷଣା କରିଛନ୍ତି।ପାକିସ୍ତାନ ସୂଚନା ମନ୍ତ୍ରୀ ଉତାଉଲ୍ଲା ତରାର ଏହି ସୂଚନା ଦେଇଛନ୍ତି। ପିଟିଆଇକୁ ନ ହଟାଇବା ଯାଏଁ ପାକିସ୍ତାନରେ ସ୍ଥିର ସରକାର ପ୍ରତିଷ୍ଠା କରିବା ସହଜ ନୁହେଁ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନରେ ଅନୁଷ୍ଠିତ ଶେଷ ନିର୍ବାଚନରେ ଇମ୍ରାନ ଖାନଙ୍କ ଦଳକୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଦିଆଯାଇ ନ ଥିଲା। ଏହା ପରେ ଇମ୍ରାନଙ୍କ ସମର୍ଥକମାନେ ସ୍ୱାଧୀନ ଭାବେ ନିର୍ବାଚନ ଲଢିଥିଲେ। କିନ୍ତୁ ସେମାନେ ସର୍ବାଧିକ ସଂଖ୍ୟାରେ ବିଜୟୀ ହୋଇଥିଲେ ମଧ୍ୟ ଇମ୍ରାନ ଖାନ ସରକାର ଗଠନ କରିପାରି ନ ଥିଲେ। ଏହାକୁ ପିଟିଆଇ ସଦସ୍ୟମାନେ ପାକିସ୍ତାନ ଇତିହାସରେ ହୋଇଥିବା ନିର୍ବାଚନରେ ସବୁଠୁ ବଡ ଚଞ୍ଚକତା ବୋଲି ଅଭିଯୋଗ କରିଥିଲେ। ତେବେ ନିକଟରେ ପାକିସ୍ତାନ ସୁପ୍ରିମକୋର୍ଟ ସଂରକ୍ଷିତ ଆସନ ପ୍ରସଙ୍ଗରେ ପିଟିଆଇ ଏବଂ ଇଦ୍ଦତ ପ୍ରସଙ୍ଗରେ ଇମ୍ରାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲା ବେଳେ ଇମ୍ରାନଙ୍କ ପୁନଃ ଉତଥାପନ ହେବା ଭୟକୁ ନେଇ ଶେହବାଜ ସରକାର ଆଶଙ୍କିତ ହୋଇପଡ଼ିଥିଲେ। ଏହି କାରଣରୁ ତାଙ୍କ ଦଳ ଉପରେ ବ୍ୟାନ ଲଗାଇବାକୁ ଯୋଜନା କରାଯାଇଛି ବୋଲି ଏଠାକାର ରାଜନୀତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଜାତୀୟ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ସରକାର ପିଟିଆଇ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ମନ୍ତ୍ରୀ କହିଛନ୍ତି ।ଇମ୍ରାନ ଏବଂ ପୂର୍ବତନ ରାଷ୍ଟ୍ରପତି ଆରିଫ ଅଲଭିଙ୍କ ବିରୋଧରେ ଦେଶଦ୍ରୋହ ମାମଲା ପଞ୍ଜିକରଣ କରିବାକୁ ସରକାର ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।



## ଟିବି ସର୍କଲରୁ ହଟିଲା ଗୈରିକ ପତାକା

**କେଆର ପେଟେ(ମାଣ୍ଡ୍ୟ, କର୍ଣ୍ଣାଟକ), ୧୫।୭(ଏଜେନ୍ସି):** କର୍ଣ୍ଣାଟକର ମାଣ୍ଡ୍ୟ ଜିଲ୍ଲାର କ୍ରିଷ୍ଣାରାଜାପେଟେ(କେଆର ପେଟେ) ମ୍ୟୁନିସିପାଲ କାଉନସିଲ୍ ଟ୍ରାଭେଲର୍ସ ବାଙ୍ଗଲୋ(ଟିବି) ସର୍କଲ୍‌ରୁ ଗୈରିକ ପତାକା କାଢି ଦିଆଯାଇଛି। ଏଥିରେ ବିଜେପି ଓ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚପି) କ୍ଷୁବ୍ଧ ହୋଇ ଗତକାଲି କେଆର ପେଟେ ସହରରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ବିଜେପି ଓ ଭିଏଚ୍‌ପି ପକ୍ଷରୁ କୁହାଯାଇଛି ଯେ ଗୈରିକ ପତାକା କାଢି ଦେବା ହେଉଛି ହିନ୍ଦୁ ବିରୋଧୀ ପଦକ୍ଷେପ। ଟିବି ସର୍କିଲରେ ଏକ ବିଶାଳ କଳସରେ ଗୈରିକ ପତାକା ବିଗତ କେତେ ଦଶନ୍ଧି ଧରି ଉଡୁଥିଲା। କଳସରେ ଥିଲା ବାୱାନ୍ନା, ଅମ୍ବେଦକର, ସାଙ୍ଗୋଲି ରାୟାନ୍ନା ଓ କେମ୍ପେ ଗୌଡ଼ାଙ୍କ ଛବି। ଗୈରିକ ପତାକା ସହିତ ଏସବୁ ମହାପୁରୁଷଙ୍କ ଛବି ମଧ୍ୟ ହଟାଇ ଦିଆଯାଇଛି। କେଆର ପେଟେ ମ୍ୟୁନିସିପାଲିଟି ଚିଫ୍ ଅଫିସର କହିଛନ୍ତି, ସର୍ବସାଧାରଣ ସ୍ଥଳରେ କୌଣସି ଧର୍ମୀୟ ପ୍ରତୀକ, ମୂର୍ତ୍ତି, ପତାକା, ଛବି ରହିପାରିବ ନାହିଁ କି କୌଣସି ନିର୍ମାଣ ହୋଇପାରିବ ନାହିଁ। ଦଳିତ ସଂଘର୍ଷ ସମିତି ଅମ୍ବେଦକର ସର୍କିଲ ପାଇଁ ଦାବି ରଖିଛି। ତେଣୁ ଝମେଲା ଏଡ଼ାଇବା ଲକ୍ଷ୍ୟରେ ଟିବି ସର୍କିଲରୁ ଗୈରିକ ପତାକା ହଟାଇବାକୁ ପଡ଼ିଛି।



ବାସନ୍ତୀ କଲୋନୀରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା

## ବଣାଇଁରେ ବାହୁଡ଼ାଯାତ୍ରା ସମ୍ପନ୍ନ

# ରତ୍ନବେଦିକୁ ବାହୁଡ଼ିଲେ ମହାବାହୁ

**ବଣାଇଁ, ୧୫।୭(ସମିସ):** ସୋମବାର ପବିତ୍ର ବାହୁଡ଼ାଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜ ଭାଇ ଭଉଣୀଙ୍କୁ ସାଥୀରେ ନେଇ ମାଉସୀମା'ଙ୍କ ଘରେ ଦୀର୍ଘ ୯ ଦିନ ଲୀଳାଖେଳା କରି ରତ୍ନବେଦିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରୀତିନୀତି ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହ ବଣାଇଁରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ସମସ୍ତ ନୀତିକାନ୍ତି ପରେ ଅପରାହ୍ନରେ ତିନି ଠାକୁରଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା। ଭକ୍ତମାନେ ନିର୍ଦ୍ଧାରିତ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ରଥ ଟାଣି ନେଇ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଶଙ୍ଖ, ଘଣ୍ଟ ଓ ହୁଳହୁଳି ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଭକ୍ତମାନଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଦେବୋତ୍ତର ବିଭାଗ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହିତ ବଣାଇଁ ହନୁମାନ ମନ୍ଦିର କମିଟି ପକ୍ଷରୁ ଭକ୍ତମାନେ କିଭଳି ସୁରୁଖୁରୁରେ ବାହୁଡ଼ାଯାତ୍ରା ଦେଖିପାରିବେ ତାହାକୁ ଦୃଷ୍ଟିରେ ରଖି କମିଟି ସଦସ୍ୟମାନେ ସମସ୍ତ ସହାୟତା କରିଥିଲେ। ପାଗ ମଧ୍ୟ ବେଶ୍ ଅନୁକୂଳ ଥିବାରୁ ଭକ୍ତମାନେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରାକୁ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ଉପଭୋଗ କରିଥିଲେ। ଭକ୍ତିଭାବମୟ ପରିବେଶରେ ପ୍ରଶାସନ ପକ୍ଷରୁ ବଣାଇଁ ଉପ ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇଁ ତହସିଲଦାର ଅଶୋକ କୁମାର ଗର୍ତ୍ତିଆ, ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବନ୍ଧମୁଣ୍ଡାରେ ବାହୁଡ଼ାଯାତ୍ରା ସମ୍ପନ୍ନ



**ରାଉରକେଲା, ୧୫।୭(ସମିସ):** ବନ୍ଧମୁଣ୍ଡାରେ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ସେକ୍ଟର-ଡି ଗୁଣ୍ଡିଚା ମନ୍ଦିରରୁ ମହାପ୍ରଭୁ ଜଗନ୍ନାଥ, ଭଉଣୀ ସୁଭଦ୍ରା ଓ ଭାଇ ବଳଭଦ୍ରଙ୍କ ବାହୁଡ଼ାଯାତ୍ରା ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ପୂଜା କରାଯିବା ପରେ ଡିଜେଲ କଲୋନୀସ୍ଥିତ ଜଗନ୍ନାଥ ମନ୍ଦିରରେ ରଥ ପହଞ୍ଚିଥିଲା। ଶତାଧିକ ଭକ୍ତଙ୍କ ସମାଗମରେ ରଥ ଟଣାଯାଇଥିଲା। ବନ୍ଧମୁଣ୍ଡା ଥାନା ଇନ୍ସପେକ୍ଟର ଅଶୋକ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପୁଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ମୁଖ୍ୟ ପୂଜକ ପୀତବାସ ଶତପଥୀ, ବଡ଼ପଣ୍ଡା ହୃଷୀକେଶ ଶତପଥୀ, କୁନା ମିଶ୍ର, ରାଜା ତ୍ରିପାଠୀ, ଏସ ପ୍ରହରାଜ, ରୁଦ୍ର ପାଣିଗ୍ରାହୀ, ସରୋଜ ଆଚାର୍ଯ୍ୟ, ସନ୍ତୋଷ ଶତପଥୀଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା କରାଯାଇଥିଲା। ରଥ ପୂଜା କମିଟିର ତୃପ୍ତିମୟୀ ସ୍ୱାଇଁ, ଅନିତା ମହତୋ, ଲିଲି ତ୍ରିପାଠୀ, ଲିନା ପଶାୟତ, ପୁଷ୍ପା ମହାନ୍ତି, ସଙ୍ଗୀତା ମହତୋ, ସୌଦାମିନୀ ରାଉତ, ମାଳତୀ କାଳନ୍ଦୀ, ବିନୀତା ମୁଦୁଲି, ବିନୋଦିନୀ ପାଣିଗ୍ରାହୀ, ଝରଣା ପାତ୍ର, ପୂର୍ଣ୍ଣିମା, ସସ୍ମିତା ସାହୁ, ରୁକ୍ମଣୀ ବାଘ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ସାହିତ୍ୟ ଆସର



**ରାଉଲକେଲା, ୧୫।୭(ସମିସ):** ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶ୍ରଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା ସଭା ତଥା ଶ୍ରୀଜଗନ୍ନାଥଙ୍କୁ ନେଇ ସ୍ୱରଚିତ କବିତା ପାଠ ଉତ୍ସବ ଆୟୋଜିତ ହୋଇଛି। ସଂସଦର ସଭାପତି ବ୍ରଜେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ସେକ୍ଟର-୭ସ୍ଥିତ ସଂସଦର କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ତଥା ସ୍ୱସ୍ତି ସାହିତ୍ୟ ସଂସଦ ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକ, ମୁଖ୍ୟ ଆଲୋଚକ ଭାବେ ଡା. ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କବି ଉର୍ବଶୀ ଦାସ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଶ୍ରୀଜଗନ୍ନାଥଙ୍କ ମହିମା ଆପର ଏବଂ ଆମ ସଂସ୍କୃତି ଓ ପରମ୍ପରା ସାରା ପୃଥିବୀରେ ପରିବ୍ୟାପ୍ତ ହୋଇଚାଲିଛି ବୋଲି ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରି ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ନୀତିକାନ୍ତି ଆମ ସଂସ୍କୃତିକୁ ମହିମା ମଣ୍ଡିତ କରିଥାଏ ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟ ଶେଷରେ କବି ପ୍ରତାପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠ କାର୍ଯ୍ୟକ୍ରମରେ କବି ବିଜୟଲକ୍ଷ୍ମୀ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ କବି ଉପେନ୍ଦ୍ର ବସ୍ତିଆ ଓ କବି ରବିନାରାୟଣ ମହାନ୍ତି ସଂଯୋଜନା କରିଥିଲେ। କବି ରାଜୀବ ପାଣି, ମହେନ୍ଦ୍ର କୁମାର ପଟ୍ଟନାୟକ, ପ୍ରତାପ ପଣ୍ଡା, ରବୀନ୍ଦ୍ର ମହାନ୍ତି, ଉପେନ୍ଦ୍ର ବସ୍ତିଆ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଉର୍ବଶୀ ଦାସ, ଗୌତମ ଦାସ, ରଶ୍ମି ସାହୁ, ଗୀତାରାଣୀ ବେହେରା, ଇଂ. ଅଶୋକ କୁମାର ପଟ୍ଟନାୟକ, ଅଜୟ କୁମାର ମହାନ୍ତି, ଅଭିରାମ ପ୍ରଧାନ, ପ୍ରକାଶ ଚନ୍ଦ୍ର ସେଠୀ, ଭରତ ଶତପଥୀ, ସବିତା ବସ୍ତିଆ, ବିଭୁପ୍ରସାଦ ନାୟକ, ପୁଷ୍ପାରାଣୀ ପଟେଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ରାଧାମୋହନ ନାୟକ, ହରିହର ଶତପଥୀ, ସୁକାନ୍ତ ମହାପାତ୍ର, ଦିବାକର ଦାସ ପ୍ରମୁଖ ବହୁ ଲେଖକ କବି ଯୋଗଦେଇଥିଲେ। ବିଜୟଲକ୍ଷ୍ମୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିବିଏଫ୍ ପକ୍ଷରୁ ବିଶ୍ୱ ଯୁବ କୌଶଳ ଦିବସ



**ରାଉରକେଲା, ୧୫।୭(ସମିସ):** ବିଶ୍ୱ ଯୁବ କୌଶଳ ଦିବସ (ୱାର୍ଲଡ ୟୁଥ୍ ସ୍କିଲ ଡେ)ରେ ଭାରତର ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ କମ୍ପାନୀ ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍ଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) ପକ୍ଷରୁ ରାଜଗାଙ୍ଗପୁରସ୍ଥିତ ଦୀକ୍ଷା ସେଣ୍ଟରରେ ଶିକ୍ଷାନବୀଶଙ୍କୁ ବୈଦ୍ୟୁତିକ ଟୁଲ୍ କିଟ୍ ବଣ୍ଟନ କରାଯାଇଛି। ସ୍ନାଇଡର ଇଲେକ୍ଟ୍ରିକ ଇଣ୍ଡିଆ ଫାଉଣ୍ଡେସନ୍‌ର ସମର୍ଥନରେ ଡିବିଏଫ୍ ତାହାର ଇଲେକ୍ଟ୍ରିକାଲ ଆସିଷ୍ଟାଣ୍ଟ ପାଠ୍ୟକ୍ରମର ଆଠ ଶିକ୍ଷାନବୀଶଙ୍କୁ ଇଲେକ୍ଟ୍ରିକାଲ କ୍ଷେତ୍ରରେ ସେମାନଙ୍କ କ୍ୟାରିୟର ଆଗେଇନେବା ଦିଗରେ ସମର୍ଥ କରିବାକୁ ୨୫ଟି ବୈଦ୍ୟୁତିକ ଟୁଲ୍ କିଟ୍ ବଣ୍ଟନ କରାଯାଇଥିଲା। ଭାରତର ଦ୍ରୁତ ସହରୀକରଣ ଏବଂ ସ୍ମାର୍ଟ ହୋମ୍ ଭଳି ପ୍ରଯୁକ୍ତିଗତ ବିକାଶ ସହିତ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କର ବର୍ଦ୍ଧିତ ଚାହିଦା ଏହି କ୍ଷେତ୍ରରେ ନିଯୁକ୍ତି ଏବଂ ଔଦ୍ୟୋଗିକତା ନିମନ୍ତେ ଏକ ଉଲ୍ଲେଖନୀୟ ସୁଯୋଗ ସୃଷ୍ଟି କରୁଛି। ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅତିଥିମାନଙ୍କ ଉପସ୍ଥିତିରେ ୟୁନିଟ ଅଧିକାରୀ ଏହି ଟୁଲ୍ କିଟ୍‌ଗୁଡ଼ିକ ପ୍ରଦାନ କରିଥିଲେ।

ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ଡିବିଏଫ୍ ସିଇଓ ଅଶୋକ ଗୁପ୍ତା କହିଲେ, ଡାଲମିଆ ଭାରତରେ ଏହି କିଟ୍‌ଗୁଡ଼ିକ କେବଳ ଟୁଲ୍‌ଠାରୁ ଯଥେଷ୍ଟ ଅଧିକ, ସେଗୁଡ଼ିକ ଏହି ଆଶାର ପ୍ରତିନିଧିତ୍ୱ କରୁଛି ଯେ ଏହି ଟୁଲ୍‌କିଟ୍‌ଗୁଡ଼ିକ ଶିକ୍ଷାନବୀଶଙ୍କୁ ଆତ୍ମନିଯୁକ୍ତି ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସେମାନଙ୍କୁ ପ୍ରବର୍ତ୍ତାଇବ। ଏହି ପ୍ରୟାସ ଏକ ସୁସଂହତ ଗୋଷ୍ଠୀ ନିର୍ମାଣ ଏବଂ ସମଗ୍ର ଭାରତରେ ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ଆଗେଇନେବା ଦିଗରେ ଆମର ପ୍ରଚଳିତ ଉଦ୍ୟମରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି। ଦୀକ୍ଷା ଭାରତର ଗ୍ରାମାଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ବଞ୍ଚିତ ଯୁବବର୍ଗଙ୍କ ପାଇଁ କୁଶଳତା ବିକାଶ ଓ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନକୁ ସମର୍ଥ କରାଇବାକୁ ପ୍ରତିବଦ୍ଧ ରହିଛି। ଏହା ସମ୍ପ୍ରତି ଭାରତରେ ୨୦ଟି କେନ୍ଦ୍ର ପରିଚାଳନା କରୁଛି ଏବଂ ସ୍ୱାସ୍ଥ୍ୟଯତ୍ନ, ଇଣ୍ଡଷ୍ଟ୍ରିଆଲ ସିଁୱିଂ ମେସିନ ଅପରେଟର, ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ, କଷ୍ଟମର ରିଲେସନ୍‌ସିପ ମ୍ୟାନେଜମେଣ୍ଟ, ଡାଟା ଏଣ୍ଟ୍ରି ଅପରେଟର, ସୋଲାର ପିଭି ଇନ୍‌ଷ୍ଟଲର, ବିୟୁଟି ଓ ୱେଲ୍‌ନେସ ଆଦି କ୍ଷେତ୍ରରେ ତାଲିମ ପ୍ରଦାନ କରୁଛି। ଦୀକ୍ଷା କେନ୍ଦ୍ରଗୁଡ଼ିକରୁ ୧୬, ୦୦୦ରୁ ଅଧିକ ତାଲିମ ନେଉଥିବା ଯୁବବର୍ଗ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ସେମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ହୁଏତ ବେତନଭୋଗୀ ନିଯୁକ୍ତି ଅଥବା ଆତ୍ମନିଯୁକ୍ତି ପାଇସାରିଛନ୍ତି। ଏଥିସହିତ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା, ଯାହା ମହିଳା-କୈନ୍ଦ୍ରିକ ପ୍ରୟାସସମୂହ ଏବଂ ସେମାନଙ୍କୁ ସଶକ୍ତୀକରଣ ଦିଗରେ ଏକ ମଜଭୁତ ଦୃଷ୍ଟିକୋଣକୁ ପ୍ରତିପାଦିତ କରୁଛି। ରାଜଗାଙ୍ଗପୁରସ୍ଥିତ ଦୀକ୍ଷା କେନ୍ଦ୍ର ୧୧୪୫ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏପର୍ଯ୍ୟନ୍ତ ସଫଳତାର ସହିତ ତାଲିମ ପ୍ରଦାନ କରିସାରିଛି, ଯେଉଁମାନେ ପ୍ରତ୍ୟେକ ମାସିକ ହାରାହାରି ୧୦ ହଜାର ଟଙ୍କାରୁ ନେଇ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରୁଛନ୍ତି।

## କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ

**ରାଉରକେଲା, ୧୫।୭(ସମିସ):** ସହରର ପ୍ରଗତିଶୀଳ ସାହିତ୍ୟାନୁଷ୍ଠାନ ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ପାନପୋଷ ବିଦ୍ୟୁତ୍ କଲୋନୀସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶିଳା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି କୁଞ୍ଜବିହାରୀ ରାଉତ ଓ ମଞ୍ଚ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ କର୍ମବୀରଙ୍କ ଜୀବନୀ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସାମ୍ବାଦିକତା ଜଗତ ପ୍ରତି କର୍ମବୀର ଗୌରୀଶଙ୍କରଙ୍କ ଅତୁଳନୀୟ ଯୋଗଦାନ ରହିଛି। ସବୁବେଳେ କର୍ମରେ ବିଶ୍ୱାସ ଓ ନିଷ୍ଠାପର କର୍ମ ପାଇଁ ତାଙ୍କୁ କର୍ମବୀର ଆଖ୍ୟା ଦିଆଯାଇଥିଲା।



ସେ ଥିଲେ ଏକାଧାରରେ ଜଣେ ନିଷ୍ଠାପର ସମାଜ ସଂସ୍କାରକ, ଦକ୍ଷ ସଂଗଠକ, ଓଡ଼ିଆ ସାମ୍ବାଦିକତାର ଜନକ, ପ୍ରଚଣ୍ଡ ଜାତୀୟତାବାଦୀ ନେତା ତଥା ଶିକ୍ଷା ଓ ସଂସ୍କୃତିପ୍ରେମୀ ବଳିଷ୍ଠ ସ୍ୱାଭିମାନୀ ବ୍ୟକ୍ତିତ୍ୱ ବୋଲି ଅତିଥିମାନେ କହିଥିଲେ। ସଭାପତିତ୍ୱ ଅଭିଭାଷଣରେ ପ୍ରଧାନଶିକ୍ଷୟିତ୍ରୀ ନାୟକ କର୍ମବୀରଙ୍କୁ ଶୃଙ୍ଖଳା, ନିୟମାନୁବର୍ତ୍ତିତା ଓ ଓଡ଼ିଆ ଭାଷା ପ୍ରତି ପ୍ରତିବଦ୍ଧତାର ପ୍ରତୀକ ରୂପେ ଅଭିହିତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବୀଣାପାଣି ରାୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀ ପ୍ରିୟାଲକ୍ଷ୍ମୀ ପୁରୋହିତ କର୍ମବୀରଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ସଠିକ ଉତ୍ତର ଦେଇଥିବା ଛାତ୍ରଛାତ୍ରୀଙ୍କୁ ପୁସ୍ତକ ଓ କଲମ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସଞ୍ଜୁଲତା ଚିନ୍ନାରା, ଅମର କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅନ୍ୟତମ ବରିଷ୍ଠ ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ● ଡେଙ୍ଗୁ ନିୟନ୍ତ୍ରଣ ଚିନ୍ତା ▶ ଆର୍‌ଏସ୍‌ପି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ଅଭିଯାନ

**ରାଉରକେଲା, ୧୫।୭(ସମିସ):** ଆର୍‌ଏସ୍‌ପିର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଇସ୍ପାତ ସହରାଞ୍ଚଳରେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି। ମଶା ପ୍ରଜନନ ରୋକିବା ପାଇଁ ଇସ୍ପାତ ସହରର ବସ୍ତି ସମେତ ବିଭିନ୍ନ ସ୍ଥାନରେ ଜଳ ଜମୁଥିବା ଅଞ୍ଚଳରେ ଆଣ୍ଟି-ଲାର୍ଭା ସ୍ପ୍ରେ କରାଯାଉଛି। ଏହା ସହିତ ଅଧିକ ପ୍ରଭାବିତ ଅଞ୍ଚଳର ଆବାସିକ କ୍ୱାର୍ଟର୍ସରେ ଆଣ୍ଟି-ଆଡଲ୍ଟ ସ୍ପ୍ରେ (ଇନଡୋର ସ୍ପ୍ରେ) କରାଯାଉଛି। ସେକ୍ଟର-୧୪ 'ଏ' ଏବଂ 'ବି' ବ୍ଲକରେ ଏହି ସ୍ପ୍ରେ ସମ୍ପୂର୍ଣ୍ଣ ହୋଇଛି ଏବଂ ବର୍ତ୍ତମାନ ସେକ୍ଟର-୧୩ ଏ ବ୍ଲକରେ ଜାରି ରହିଛି।

ବ୍ୟାପକ ସ୍ୱାସ୍ଥ୍ୟ ଶିକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି। ଡେଙ୍ଗୁ ଏବଂ ଚିକୁନଗୁନିଆ ଉପରେ ଆଧାରିତ ଲିଫଲେଟ୍ ବଣ୍ଟନ କରାଯାଉଛି। ଉଭୟ ଇସ୍ପାତ ସହରାଞ୍ଚଳ ଏବଂ ବସ୍ତି ଅଞ୍ଚଳରେ ସର୍ବସାଧାରଣ ଘୋଷଣା (ମାଇକିଂ) ଚାଲିଛି। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଇସ୍ପାତ ବିଦ୍ୟାମନ୍ଦିର ଏବଂ ଗୁରୁ ତେଗ ବାହାଦୁର ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମ ଅନ୍ୟ ବିଦ୍ୟାଳୟରେ ମଧ୍ୟ କରାଯିବାକୁ ଯୋଜନା ରହିଛି। ଏହା ସହିତ ଡେଙ୍ଗୁ ପ୍ରତିରୋଧକୁ ପ୍ରୋତ୍ସାହିତ କରୁଥିବା ବ୍ୟାନରଗୁଡ଼ିକ ସହରର ରଣନୀତିକ ସ୍ଥାନରେ ପ୍ରଦର୍ଶିତ ହୋଇଛି। ପ୍ରଭାବିତ ଅଞ୍ଚଳରେ ସମ୍ଭାବ୍ୟ ମଶା ପ୍ରଜନନ ସ୍ଥାନ ଚିହ୍ନଟ ଏବଂ ନଷ୍ଟ କରିବା ପାଇଁ ଜୁଲାଇ ୧୨ରୁ ଘର ଘର ସର୍ଭେ କରିବା ପାଇଁ ଲୋକଙ୍କୁ ନିୟୋଜିତ କରାଯାଇଛି।



# ୟୁଜିଆଇଇ ଆଲୁମ୍‌ନୀ ସଂଗଠନ ପକ୍ଷରୁ ଚାରାରୋପଣ



**ରାଉରକେଲା, ୧୫।୭(ସମିସ)**

ଉତ୍କଳମଣି ଗୋପବନ୍ଧୁ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ (ୟୁଜିଆଇଇ) ଆଲୁମ୍‌ନୀ ସଂଗଠନ ତରଫରୁ ୟୁଜିଆଇଇ ପ୍ରାଙ୍ଗଣ ଓ ତା'ର ଆଖପାଖ ଅଞ୍ଚଳରେ ବ୍ୟାପକ ଚାରାରୋପଣ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ୟୁଜିଆଇଇ ଅଧ୍ୟକ୍ଷା ପ୍ରଗତି ଦାସ, ରାଉରକେଲା ସ୍ୱତନ୍ତ୍ର କାରାଗାର ଅଧୀକ୍ଷକ ଜୀବନ ସିଂ, ସଂଗଠନର ସଭାପତି ଆଦିତ୍ୟ କୁମାର ମହାପାତ୍ର, ଉପାସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଣ୍ଡା, ଫରେଷ୍ଟ ରେଞ୍ଜ ଅଧିକାରୀ ଜ୍ଞାନେନ୍ଦ୍ର ଲିମା, ଅନୁଷ୍ଠାନର ବହୁ ପୁରାତନ ଛାତ୍ର, ଅଧ୍ୟାପକ ଅଧ୍ୟାପିକା, ଅଧ୍ୟୟନରତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ଏବଂ ଏହାର ଆଖପାଖ ଅଞ୍ଚଳରେ କୃଷ୍ଣଚୂଡ଼ା, ସୁନାରି ବଉଳ, ନିମ୍ବ ଓ ବେଲ ଆଦି ପ୍ରଜାତିର ୧୦୦ ଚାରାରୋପଣ କରାଯାଇଥିଲା। ଚାରାରୋପଣ ପୂର୍ବରୁ ସଂଗଠନର ସଭାପତି ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ତାଙ୍କ ଅଭିଭାଷଣରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଚାରାରୋପଣର ଆବଶ୍ୟକତା ଓ ଉପଯୋଗିତା ବିଷୟରେ ବୁଝାଇଥିଲେ। ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ ତାଙ୍କ ବକ୍ତବ୍ୟରେ ରାଉରକେଲା ପରି ଶିଳ୍ପାଞ୍ଚଳରେ ଚାରାରୋପଣ ଯେ କେତେ ଜରୁରୀ ସେ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ।

ଲିମା ତାଙ୍କ ଅଭିଭାଷଣରେ କହିଲେ ଯେ ଜନସଂଖ୍ୟା ବୃଦ୍ଧି ଓ ବ୍ୟାପକ ଶିଳ୍ପାୟନ ଦ୍ୱାରା ଅମ୍ଳଜାନର ଆବଶ୍ୟକତା ଆଗାମୀ ଦିନରେ ବହୁ ମାତ୍ରାରେ ବୃଦ୍ଧି ପାଇବାକୁ ଯାଉଛି। ଗୋଟିଏ ଅମ୍ଳଜାନ ସିଲିଣ୍ଡରର ଦାମ୍ ତୁଳନାରେ ଗୋଟେ ବୃକ୍ଷରୁ ପାଉଥିବା ଅମ୍ଳଜାନର ଦାମ୍ ବହୁ ପରିମାଣରେ କମ୍। ୟୁଜିଆଇଇ ଅଧ୍ୟକ୍ଷା ଦାସ ଆଲୁମ୍‌ନୀ କମିଟି ଏହି କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ଭବିଷ୍ୟତ କାର୍ଯ୍ୟକ୍ରମରେ ତାଙ୍କ ଅନୁଷ୍ଠାନ ଭରପୂର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟଅତିଥି ବିଧାୟକ ନାୟକ ନିଜେ ମଧ୍ୟ ଏହି ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ବୋଲି ଉଲ୍ଲେଖ କରି ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏପରି କାର୍ଯ୍ୟକ୍ରମରେ ଯୋଗଦେଇ ସେ ଯେ କେତେ ଗୌରବାନ୍ୱିତ ଅନୁଭବ କରୁଛନ୍ତି ତାହା ବର୍ଣ୍ଣନାତୀତ ବୋଲି କହିଥିଲେ। ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସମ୍ପୂର୍ଣ୍ଣ ସମର୍ପିତ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସମ୍ପାଦକ ଶୁଭେନ୍ଦୁ ପଣ୍ଡା ଆଗାମୀ ଦିନରେ ସଂଗଠନର କାର୍ଯ୍ୟକଳାପ ଆହୁରି ସମ୍ପ୍ରସାରିତ କରିବାର ସୂଚନା ଦେଇ କହିଲେ ଚାରାରୋପଣ କାର୍ଯ୍ୟକ୍ରମ ହେଉଛି ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ସବୁଜ ଏବଂ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବାରେ ଯୁବ ମାନସର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା। ଆମେ ବିଶ୍ୱାସ କରୁ ଯେ ଛାତ୍ରମାନଙ୍କୁ ଏପରି କାର୍ଯ୍ୟକଳାପରେ ଜଡ଼ିତ କରିବା କେବଳ ପରିବେଶ ସଂରକ୍ଷଣର ମହତ୍ତ୍ୱ ବିଷୟରେ ସେମାନଙ୍କୁ ବୁଝାଏ ନାହିଁ ବରଂ ସମାଜ ପ୍ରତି ସେମାନଙ୍କୁ ଦାୟିତ୍ୱଶୀଳ କରିଥାଏ। ଜୟନ୍ତ କୁମାର ରାଉତରାୟ, ଲଳିତେନ୍ଦୁ ମିଶ୍ର, ସଜଳ ବାନାର୍ଜୀ, ବୀରେନ୍ଦ୍ର ମହାନ୍ତି, ପଞ୍ଚାନନ ବେହେରା, ତାପସ ଜେନା, ଅନାଦି ବିଶ୍ୱାଳ, ସୁଶାନ୍ତ ବଳ, ପ୍ରଭାତ ତ୍ରିପାଠୀ, ମନୋଜ ମହନ୍ତ, ଭଞ୍ଜ ଜେନା, ଜଗନ୍ନାଥ ଜେନା, ଦିଲୀପ ମହାପାତ୍ର, ଧନେଶ୍ୱର ନନ୍ଦ, ଦେବାଶିଷ ସାମନ୍ତ, ଛବିତା ଦାସ, ଓରିସନ ଟପ୍ପୋ, ସତ୍ୟ ନାରାୟଣ ଦାସ, ରତ୍ନାକର ଖଣ୍ଡୁଆଳ, ଜିତେନ୍ଦ୍ର ସାହୁ, ସରୋଜ ସାହୁ, କେଦାରନାଥ ପାଢ଼ୀ ଓ ଶ୍ରୀନିବାସ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଓ ସହଯୋଗ କରିଥିଲେ।

## ମହରମ ପାଇଁ ଶାନ୍ତି କମିଟି ବୈଠକ



**ରାଜଗାଙ୍ଗପୁର, ୧୫।୭(ସମିସ):** ଆସନ୍ତା ୧୭ ତାରିଖ ହେବାକୁ ଥିବା ମହରମ୍ ପର୍ବ ଓ ଶୋଭାଯାତ୍ରା ପାଇଁ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ପ୍ରଶାସନ ପକ୍ଷରୁ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସଭାପତିତ୍ୱରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। କୌଣସି ପ୍ରକାର ସାମ୍ପ୍ରଦାୟିକ ଉତ୍ତେଜନା ମୂଳକ ଧାର୍ମିକ ଆଘାତ ଦେଲା ଭଳି ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ପୋଷ୍ଟ ନ କରିବାକୁ ପରାମର୍ଶ ଦିଆଯାଇଛି। କୌଣସି ବିଶୃଙ୍ଖଳା ଉପୁଜିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି ଏସ୍‌ପି। ସମସ୍ତ ସମ୍ପ୍ରଦାୟର ଲୋକେ ଏହି ସହରରେ ବାସ କରୁଛନ୍ତି। ସବୁଦିନ ନିଜ ନିଜ ମଧ୍ୟରେ ସାକ୍ଷାତ ହେବା ସ୍ୱାଭାବିକ। କିନ୍ତୁ ଆମେ ଏକତ୍ରିତ ହୋଇ ସବୁ ସମ୍ପ୍ରଦାୟକର ପର୍ବ ପାଳନ କରି ଆସୁଛନ୍ତି। ଏହି ପର୍ବକୁ ମଧ୍ୟ ମିଳିତ ହୋଇ ପାଳନ କରିବା ପାଇଁ ନିବେଦନ କରିଥିଲେ। ବୈଠକରେ ଉପଜିଲ୍ଲାପାଳ ଦାଶରଥି ସରାବୁ, ରାଜଗାଙ୍ଗପୁର ବିଧାୟକ ଡା. ସିଏସ ରାଜନ ଏକ୍କା, ଡିଆଇବି ଡିଏସପି ଅମ୍ରିତା ମହାନ୍ତି, ରାଜଗାଙ୍ଗପୁର ଉପନଗରପାଳ ଏମଡି ଇର୍ଫାନ, ବିଜେପି ଟାଉନ ସଭାପତି ରାଜନ ସୋନୀ, ମୁସିଲିମ ପଞ୍ଚାୟତ ସଭାପତି ଏମଡି ଆକୁଫ, ଏମଡି ଆରିଫ, ଜାଫର ମୋବିନ ଅହମଦଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମୀ, ବରିଷ୍ଠ ନାଗରିକ ପ୍ରମୁଖ ଯୋଗଦେଇ ଶାନ୍ତି ଶୃଙ୍ଖଳାର ସହ ଏହି ପର୍ବ ପାଳନ କରିବା ପାଇଁ ନିବେଦନ କରିଥିଲେ। ଥାନା ପ୍ରଭାରୀ ମନୋରଞ୍ଜନ ପ୍ରଧାନ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଅନ୍ତେବାସୀ ନିଖୋଜ ଘଟଣା

# ଚପାଇଦେବାକୁ ଶିଶୁଯତ୍ନ ଅନୁଷ୍ଠାନର ଉଦ୍ୟମ

**ସୁନ୍ଦରଗଡ଼, ୧୫ା୭ (ସମିସ)**

କୁତ୍ରା ବ୍ଲକର ଶିଶୁ ଯତ୍ନକାରୀ ଅନୁଷ୍ଠାନ ଲଭ୍ ସୋସାଇଟିର ଜଣେ ଅନ୍ତେବାସୀ ସୋମବାର ସକାଳୁ ନିଖୋଜ ରହିବା ଘଟଣାକୁ ଅନୁଷ୍ଠାନ କର୍ତ୍ତୃପକ୍ଷ ଚପାଇଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଗତ ବର୍ଷ ଜୁଲାଇ ୧ରେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଭଗପାଲି ଗ୍ରାମର ଏକ ଗରିବ ପରିବାରର ଚାରି ଅସହାୟ ଶିଶୁଙ୍କ ଦୁର୍ଦ୍ଦଶା ସମ୍ପର୍କିତ ଖବର 'ସକାଳ'ରେ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଜିଲ୍ଲାପାଳଙ୍କ ପାଖକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଆସିଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତାଙ୍କୁ ଉଦ୍ଧାର ବ୍ୟବସ୍ଥା କରାଯାଇ ଉକ୍ତ ମାସ ୭ ତାରିଖ ଲଭ୍ ସୋସାଇଟିରେ ତାଙ୍କୁ ଥଇଥାନ କରାଯାଇଛି। ଉକ୍ତ ଚାରି ପିଲାଙ୍କ ମଧ୍ୟରୁ ଜଣେ ସୋମବାର ଅପରାହ୍ନରେ ୧୦ ନମ୍ବର ରାଜ୍ୟ ରାଜପଥରେ ଚାଲି ଚାଲି ଆସୁଥିବା ଦେଖି ବଡ଼ଗାଁ ବ୍ଲକ କଣ୍ଟିଆମୁରା ଗ୍ରାମର କେତେକ ଲୋକେ ତାଙ୍କୁ ପଚରାଉଚୁରା କରିଥିଲେ। ପରେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ସୂର୍ଯ୍ୟ କିସାନଙ୍କ ପରାମର୍ଶ କ୍ରମେ ଶାନ୍ତି ଖଡ଼ିଆ ନାମ୍ନୀ ଜଣେ ମହିଳା ତାଙ୍କୁ ଖାଇବାକୁ ଦେଇ ନିଜ ଘରେ ରଖିଥିଲେ। ତେବେ ସମ୍ପୃକ୍ତ ଶିଶୁ ଯତ୍ନକାରୀ ଅନୁଷ୍ଠାନ ପକ୍ଷରୁ ତାଙ୍କ ନିଖୋଜ ସମ୍ପର୍କରେ ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କିମ୍ବା ଥାନାକୁ ସୂଚୀତ କରାଯାଇ ନ ଥିଲା। ଖବର ପାଇ ଆମ ସୁନ୍ଦରଗଡ଼ ଜିଲ୍ଲା ପ୍ରତିନିଧି ଏ ସମ୍ପର୍କରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ନନ୍ଦଲାଲ ନାଏକଙ୍କୁ ଜଣାଇଥିଲେ। ପରେ ସମ୍ପୃକ୍ତ ଶିଶୁ ଯତ୍ନକାରୀ ଅନୁଷ୍ଠାନ କର୍ମକର୍ତ୍ତା କଣ୍ଟିଆମୁରାରେ ପହଞ୍ଚି ଉକ୍ତ ବାଳକକୁ ଉଦ୍ଧାର କରିଥିଲେ। ଶିଶୁ ଯତ୍ନକାରୀ ଅନୁଷ୍ଠାନର ଏପରି ଚରମ ଅବହେଳା ଅନ୍ତେବାସୀଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଏହି ଶିଶୁ ଯତ୍ନକାରୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ହେଁ ସେମାନେ ଫୋନ ଉଠାଉ ନ ଥିବାରୁ ତାହା ସମ୍ଭବ ହୋଇନାହିଁ। ସୂଚନାଯୋଗ୍ୟ, ମା'କୁ ହତ୍ୟା ଅଭିଯୋଗରେ ବାପା ଜେଲ ଯିବା ପରେ ଏହି ଚାରି ଭାଇ ଭଉଣୀଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଥିଲା। ତାଙ୍କ ୬୫ ବର୍ଷୀୟା ଆଈଙ୍କ ପକ୍ଷେ ଏହି ଚାରି ପିଲାଙ୍କ ପାଳନ କରିବା ସମ୍ଭବ ହେଉ ନ ଥିଲା। ବଡ଼ ଭଉଣୀ ଶିବାନୀ ଏବଂ ସାନ ଭଉଣୀ ଯମୁନା ପାଠ ପଢ଼ିବା ସହ ଘର ଚଳାଇବା ପାଇଁ ମଜୁରୀ କରୁଥିଲେ। ଏପରିକି ତିନି ଛୋଟ ଭାଇ ଭଉଣୀଙ୍କ ବୋଝ ଯୋଗୁଁ ଶିବାନୀ ପାଠପଢ଼ା ଛାଡ଼ି ମଜୁରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ସ୍ଥିତିରେ 'ସକାଳ'ରେ ଖବର ପ୍ରସାରଣ ତାଙ୍କ ପାଇଁ ଆଶୀର୍ବାଦ ସାଜିଥିଲା। ଏମାନଙ୍କ ମଧ୍ୟରୁ ଜଣେ ଶିଶୁ ଯତ୍ନକାରୀ ଅନୁଷ୍ଠାନରୁ ନିଖୋଜ ରହିବା ପରେ ତାଙ୍କୁ ଉଦ୍ଧାର କରିବାରେ ମଧ୍ୟ 'ସକାଳ'ର ହାତ ପାଇଁ ଲୋକେ ସାଧୁବାଦ ଜଣାଇଛନ୍ତି।

**ଉଦ୍ଧାରରେ 'ସକାଳ'ର ହାତ**

# ଶ୍ରୀମନ୍ଦିରକୁ ବାହୁଡ଼ିଲେ ତିନି ଠାକୁର




**ହେମଗିରି, ୧୫ା୭ (ସମିସ):** ହେମଗିରିରେ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ମାଉସୀମା'ଙ୍କ ଘରୁ ବାହାରି ରାଜବାଟୀସ୍ଥିତ ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି ତିନି ଠାକୁର। ନୀତିକାନ୍ତି ପରେ ଠାକୁରମାନଙ୍କୁ ରଥାରୂଢ଼ କରାଯାଇଥିଲା। କୁମାର ସମେନ୍ଦ୍ର ସିଂଦେଓ ଛେରାପହଁରା କରିଥିଲେ। ସଂକୀର୍ତ୍ତନ, ଖୋଳତାଳ ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ହେମଗିରି ଭାରପ୍ରାପ୍ତ ତହସିଲଦାର ତଥା ବିଡିଓ ବିଶ୍ୱନାଥ ସାହୁ, ଅତିରିକ୍ତ ତହସିଲଦାର ପ୍ରତାପ ଚନ୍ଦ୍ର ଦାସ ଓ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାର ସହ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି।

### ଘଣ୍ଟା ଘଣ୍ଟା ଧରି ରେଳ ଫାଟକ ବନ୍ଦ

# ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ



**ହେମଗିରି, ୧୫ା୭ (ସମିସ):** ହେମଗିରି ବ୍ଲକ ଓ ଝାରସୁଗୁଡ଼ା ଜିଲ୍ଲା ତଥା ଛତିଶଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଥିବା କନିକା ରେଳ ଫାଟକ ପ୍ରାୟତଃ ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଛି। ଅତି ଜରୁରୀ ସେବା ଯଥା ଆମ୍ବୁଲାନ୍ସ, ଭ୍ରାମ୍ୟମାଣ ଚିକିତ୍ସା ଭ୍ୟାନ, ସରକାରୀ ବସ୍ ତଥା

**ଅଣ୍ଡରପାସ୍ କାର୍ଯ୍ୟକ୍ଷମ ହେବ କେବେ**

ବ୍ୟକ୍ତିଗତ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେଉଥିବାରୁ ସମସ୍ତ ବର୍ଗର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଝିରେ ମଝିରେ ଫାଟକ ଜଗୁଆଳିଙ୍କ ସହ ବଚସା ଗଣ୍ଡଗୋଳ ଭଳି ପରିସ୍ଥିତି ଉପୁଜିବା ନଜିର ରହିଛି। କନିକା ରେଳ ଷ୍ଟେସନ ଇଂରେଜ ସମୟରୁ ଆରମ୍ଭ ହେଇଥିଲା। ହେଲେ ସେତେବେଳେ ଏତେ ସଂଖ୍ୟକ ଟ୍ରେନ୍ ଚାଲୁ ନ ଥିଲା। ପରେ ସ୍ୱଳ୍ପ ସଂଖ୍ୟକ ଟ୍ରେନ୍ ଲମ୍ବା ସମୟ ବ୍ୟବଧାନରେ ଚାଲିଲା। ବର୍ତ୍ତମାନ ଏଠି କୋଇଲା ସାଇଡିଂ ପାଇଁ ବାରମ୍ବାର ଲୋଡିଂ ସାଙ୍ଗକୁ ବହୁ ଯାତ୍ରୀବାହୀ ଟ୍ରେନ କମ୍ ସମୟ ବ୍ୟବଧାନରେ ଚାଲୁଛି। ସ ମ୍ପ୍ରତି ଏହି ବ୍ୟସ୍ତ ବହୁଳ ସମାଜରେ ଫାଟକ ପାରି ହୋଇ ନିଜ ଗନ୍ତବ୍ୟ ସ୍ଥାନରେ ଠିକ୍ ସମୟରେ ପହଞ୍ଚିବା ଅସମ୍ଭବ ହୋଇ ପଡ଼ିଛି। ଅଫିସ୍ କର୍ମଚାରୀ ହୁଅନ୍ତୁ ଅବା ଛାତ୍ରଛାତ୍ରୀ ସମସ୍ତଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରେଳବାଇ ତରଫରୁ ଏକ ଅଣ୍ଡରପାସ୍ ତିଆରି ହୋଇଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଅଞ୍ଚଳର ଏହି ସମସ୍ୟା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଅଚିହ୍ନା ମୃତଦେହ ଉଦ୍ଧାର

ସୁନ୍ଦରଗଡ଼, ୧୫ା୭ (ସମିସ): ବଡ଼ଗାଁ ଥାନା ଜରଙ୍ଗଲୋଇ ନିକଟରୁ ସୋମବାର ପୁଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ବ୍ୟକ୍ତି ଜଣକ ଅନେକ ଦିନ ତଳୁ ଅଞ୍ଚଳରେ ବୁଲାବୁଲି କରୁଥିଲେ। ସୋମବାର ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୁଲିସ ମୃତଦେହ ଜବତ କରି ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବାଗାରରେ ସଂରକ୍ଷିତ ରଖାଇଛି। ମୃତ ବ୍ୟକ୍ତି ଜଣକ ଭଣ୍ଡାରୀଶଙ୍କରା ଗ୍ରାମର ବୋଲି କୁହାଯାଉଛି। ତେବେ ଅଦ୍ୟାବଧି ମୃତଦେହ ଚିହ୍ନଟ ହୋଇନାହିଁ।

## ଜମି ବିବାଦରୁ ଗଣ୍ଡଗୋଳ

**ସୁନ୍ଦରଗଡ଼, ୧୫ା୭ (ସମିସ):** ବଡ଼ଗାଁ ଥାନା ଜରଙ୍ଗଲୋଇ ଗ୍ରାମରେ ୨ ପରିବାର ମଧ୍ୟରେ ଜମି ବିବାଦରୁ ଗଣ୍ଡଗୋଳ ଘଟିଛି। ଏକ ପ୍ଲଟକୁ ଗ୍ରାମର ସୁମନ ସାହୁଙ୍କ ପରିବାର ଲୋକେ ତାଙ୍କ ଜମି ବୋଲି ଦାବି କରୁଥିବା ବେଳେ ମୀନା ପୃଷ୍ଟେଠଙ୍କ ପରିବାର ଲୋକେ ମଧ୍ୟ ସମାନ ଦାବି କରିଆସୁଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ ପରେ ଏହା ସୁମନ ସାହୁଙ୍କ ଜମି ବୋଲି ଜଣାପଡ଼ିଥିଲା। ତେବେ ଉକ୍ତ ଜମି ଚିହ୍ନଟ ସମୟରେ ମୀନାଙ୍କ ପରିବାରକୁ ଡକାଯାଇ ନ ଥିବା ଅଭିଯୋଗ କରି ସେମାନେ ନିଜ ଜମି ବୋଲି ଦାବି କରି ଆସୁଛନ୍ତି। ଏହି ଘଟଣାକୁ ନେଇ ଦୁଇ ପରିବାର ମଧ୍ୟରେ ମାରପିଟ ହୋଇଥିବା ବେଳେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୁଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଉଭୟ ପକ୍ଷରୁ ଏତଲା**

### ଜାଗା ମିଶନରେ ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଜମି

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଧାରଣା ଚେତାବନୀ



ସୁନ୍ଦରଗଡ଼, ୧୫ା୭ (ସମିସ): ସୁନ୍ଦରଗଡ଼ ପୌରାଞ୍ଚଳ ୱାର୍ଡ ନମ୍ବର ୧୨ ଓ ୧୬ ସମେତ ଅନ୍ୟ ୱାର୍ଡ ତଳି ବସ୍ତି ଅଞ୍ଚଳର କେତେକ ଯୋଗ୍ୟ ହିତାଧିକାରୀ ଜାଗା ମିଶନ ଯୋଜନାରେ ଜମି ପାଇପାରୁ ନ ଥିବାରୁ ସୋମବାର ସଦର ତହସିଲଦାରଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ନ୍ୟାୟ ନ ମିଳିଲେ ସେମାନେ ଜିଲ୍ଲାପାଳ ଏବଂ ତହସିଲ ଅଫିସରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ସୁନ୍ଦରଗଡ଼ ପୌରାଞ୍ଚଳରେ ୨୦୧୨ ମସିହାରୁ ବସୁନ୍ଧରା ଯୋଜନା ମୁତାବକ ଜମି ଅଧିକାର ଓ ପଟ୍ଟା ପ୍ରଦାନ ଆନ୍ଦୋଳନ ହୋଇଆସୁଥିଲା। ୨୦୧୭ରେ ଏହା ଜାଗା ମିଶନ ନାମରେ ନାମିତ ହେବା ପରେ ଜମି ପଟ୍ଟା ଦେବାରେ ବିଳମ୍ବ କରାଯାଇଥିଲା। ତେବେ ବାହାରୁ ଆସି ସୁନ୍ଦରଗଡ଼ ସହରରେ ରହୁଥିବା ଅନେକ ଲୋକଙ୍କୁ ପଟ୍ଟା ଏଲଆରସି ଓ ଏଲଇସି ନାମରେ ଦିଆଯାଇଛି। କିନ୍ତୁ ସହରର ପ୍ରକୃତ ଅଧିବାସ. ଯେଉଁମାନେ ତଳି ଅଞ୍ଚଳରେ ରହି ସହର ନିର୍ମାଣ କାର୍ଯ୍ୟରେ ଭାଗିଦାରୀ ହୋଇ ଆସୁଛନ୍ତି ସୋମାନେ ବାଦ୍ ପଡ଼ିଛନ୍ତି। ଏହାକୁ ନେଇ ଆନ୍ଦୋଳନକାରୀ ଓ ପ୍ରଶାସନ ମଧ୍ୟରେ ବୈଠକ ପରେ ଅନେକ ଜମିହୀନଙ୍କୁ ଜମି ପଟ୍ଟା ମିଳିଛି। ମାତ୍ର ଯୋଗ୍ୟ ହିତାଧିକାରୀ ଜମି ପଟ୍ଟା ପାଇପାରି ନାହାନ୍ତି। ଏଣୁ ବାଦ୍ ପଡ଼ିଥିବା ଜମିହୀନଙ୍କୁ ଜମି ଓ ଏ ପର୍ଯ୍ୟନ୍ତ ଜମି ପଟ୍ଟା ମିଳି ନ ଥିବା ହିତାଧିକାରୀଙ୍କୁ ତୁରନ୍ତ ଏଲଆରସି ଦେବା ବ୍ୟବସ୍ଥା କରି ସ୍ଥାନୀୟ ପ୍ରମାଣପତ୍ର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାରେ ସହଯୋଗ କରିବାକୁ ତହସିଲଦାରଙ୍କୁ ଅନୁରୋଧ କରାଯାଇଛି। ନଚେତ ସେମାନେ ତହସିଲ ଓ ଜିଲ୍ଲାପାଳ କାର୍ଯ୍ୟାଳୟରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ବିଜେଡି ନେତା ଡା. ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଉକ୍ତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

### ଗୁଞ୍ଜନ ମେମୋରିଆଲ ଡେଭ୍‌ଲପ୍ ଟ୍ରଷ୍ଟ ଉଦ୍‌ଘାଟିତ

# ଗାଁ କଲ୍ୟାଣ ସମିତି ପକ୍ଷରୁ ବନ ମହୋତ୍ସବ

**ସୁନ୍ଦରଗଡ଼, ୧୫ା୭ (ସମିସ):** କିନିକିବନ୍ଧ ଗାଁ କଲ୍ୟାଣ ସମିତି ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଛି। ଏଥିରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଗାଁ ଛକ ଜାଗାରେ ଏକ ଚାରାରୋପଣ କରି 'ମାଆ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମରେ ନିଜେ ରୋପଣ କରିବାକୁ ସୁଯୋଗ ପାଇଥିବା ଗଛକୁ ମାଆମାନଙ୍କ ଦ୍ୱାରା ରୋପଣ କରାଇଥିଲେ। ଗ୍ରାମବାସୀଙ୍କ ଦ୍ୱାରା ରାସ୍ତା କଡ଼ରେ ୩୫୦ ଚାରାରୋପଣ କରାଯିବା ପରେ ଏକ ସଭା ଆୟୋଜନ କରାଯାଇଥିଲା। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ କିନିକିବନ୍ଧ ଗ୍ରାମକୁ ସବୁଜ ଗ୍ରାମରେ ପରିଣତ କରିବାର ଏକ ଯୁଗାନ୍ତକାରୀ ପଦକ୍ଷେପ ନେବା ପାଇଁ ଗାଁ କଲ୍ୟାଣ ସମିତି ଅଣ୍ଟା ଭିଡ଼ିଥିବା ସଭାରେ ସୂଚନା ଦିଆଯାଇଛି। ଏହି ଅବସରରେ ଗାଁ ତଥା ଜିଲ୍ଲାର ବିକାଶ ପାଇଁ ଆଗେଇ ଆସିଥିବା ନବ ଗଠିତ ସ୍ୱେଚ୍ଛାସେବୀ ସଂଗଠନ ଗୁଞ୍ଜନ ମେମୋରିଆଲ ଡେଭଲପ ଟ୍ରଷ୍ଟକୁ ବିଧାୟକ ଭୋଇ ଉଦଘାଟନ କରିଥିଲେ। ଗାଁର ବିକାଶ ପାଇଁ ସର୍ବଦା ଚିନ୍ତିତ ଥିବା ସ୍ୱର୍ଗତ ଗୁଞ୍ଜନ ପଟେଲଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ବଟକିଶୋର ମିଶ୍ର, ପର୍ଶୁରାମ ପଟେଲ, ମିତ୍ରଭାନୁ ନାଏକ, ପଙ୍କଜ ପଟେଲ, ମୁକ୍ତେଶ୍ୱର ଦାଶ, ଭିକାରୀ ଚରଣ ଦାଶ, ଶୁକଦେବ ଦାଶ, ରଞ୍ଜନ କୁମାର ପଟେଲ, ଗାଁ କଲ୍ୟାଣ ସମିତି ସମ୍ପାଦିକା କଳ୍ପନା ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶୁକଦେବ ଦାଶ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱେଚ୍ଛାସେବୀ ଅନଙ୍ଗ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।






### ବାଲିଶଙ୍କରା ବ୍ଲକ୍‌ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୮ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ





ସୁନ୍ଦରଗଡ଼/ବାଲିଶଙ୍କରା, ୧୫ା୭ (ସମିସ): ବାଲିଶଙ୍କରା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୧୨୬ ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୭୪ଟି ବ୍ୟକ୍ତିଗତ ଓ ୫୨ଟି ସାମୂହିକ ଅଭିଯୋଗ ରହିଥିଲା। ୮ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଛି। ସେଥିମଧ୍ୟରୁ ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ôଥିକ ସହାୟତା ନିମନ୍ତେ ଆବେଦନପତ୍ର ରହିଥିଲା। ଏହି ସବୁ ଅଭିଯୋଗ ମଧ୍ୟରେ ମୁଖ୍ୟତଃ ରାସ୍ତାଘାଟ ତିଆରି, ମରାମତି, ଭତ୍ତା, ରାସନ୍ କାର୍ଡ ସମସ୍ୟା ଆଦି ରହିଛି। ଏହି ଅବସରରେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଜିଲ୍ଲା ପରିଷଦ ସଦସ୍ୟା ଜୟନ୍ତୀ ଏକ୍କା, ବିନୋଦ କୁଜୁର, ଭାରପ୍ରାପ୍ତ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ପଟେଲ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଡିଭାଇଡର ଡେଇଁ ରାସ୍ତା ପାରି କରୁଛନ୍ତି ଟ୍ରେଲର ଚାଳକ

**ହେମଗିରି, ୧୫ା୭ (ସମିସ):** ହେମଗିରି ବ୍ଲକର ଚତୁଃର୍ପାଶ୍ୱରେ କୋଇଲା ଖଣିଖାଦାନ ରହିଛି। ଦିନରାତି ଚାଲିଛି କୋଇଲା ବୋଝେଇ ଟ୍ରେଲର। ଚାଳକଙ୍କ ବେପରୁଆ ଏବଂ ଦ୍ରୁତଗତିରେ ଗାଡ଼ି ଚାଳନା ପାଇଁ ପ୍ରାୟ ପ୍ରତିଦିନ ଘଟୁଛି ଦୁର୍ଘଟଣା। ଦୁର୍ଘଟଣାରେ ଚାଳକ ସହ ନିରୀହ ଜନସାଧାରଣ ଓ ଜୀବଜନ୍ତୁଙ୍କ ଜୀବନ ମଧ୍ୟ ଯାଉଛି। ଅନଭିଜ୍ଞ ତଥା ନାବାଳକ ଗାଡ଼ି ଚାଳକଙ୍କୁ ଅଙ୍କୁଶ ଲଗାଇବା ପାଇଁ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ସ୍ଥିତି ସୁଧୁରିବାର ନାଁ



ଧରୁନି। ଖଣିଖାଦାନରୁ ରେଳ ସାଇଡିଂ ପର୍ଯ୍ୟନ୍ତ ନିର୍ମିତ ଡିଭାଇଡର୍‌କୁ ଟ୍ରେଲର ଚାଳକମାନେ ଦ୍ରୁତଗତିରେ ତଥା ଅତ୍ୟନ୍ତ ବେପରୁଆ ଭାବେ ଡେଇଁ ରାସ୍ତାର ଅପରପଟକୁ ଯାଉଛନ୍ତି। ଏହା ଦ୍ୱାରା ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଡିଭାଇଡର ଭାଙ୍ଗିବା ସହ ଲଗାଯାଇଥିବା ଗଛଗୁଡ଼ିକ ବରବାଦ ହୋଇଗଲାଣି। ଗର୍ଜନବାହାଲ ଖଣି, ପାର୍କିଂ ୟାର୍ଡ ତଥା କୁତାବଗା ଛକ ପର୍ଯ୍ୟନ୍ତ ଡିଭାଇଡର ଏବଂ ଗଛଗୁଡ଼ିକ ନଷ୍ଟ ହୋଇଛି। ଖଣି ପ୍ରବନ୍ଧକ, ପ୍ରକଳ୍ପ ଅଧିକାରୀ, ପ୍ରଶାସନ ତଥା ଟ୍ରାନ୍ସପୋର୍ଟ ମାଲିକ ସମୂହ ମିଳିତ ଭାବେ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

### କାଙ୍କେରଯୋର ବନ ସୁରକ୍ଷା ସମିତି ପକ୍ଷରୁ ବନ ମହୋତ୍ସବ

# ଏସିଏଫ୍ ଓ ରେଞ୍ଜରଙ୍କ ହାତୀ ଉପଦ୍ରୁତ ଅଞ୍ଚଳ ପରିଦର୍ଶନ





**ସୁନ୍ଦରଗଡ଼, ୧୫ା୭ (ସମିସ)**

ଉଜ୍ଜ୍ୱଳପୁର ବନାଞ୍ଚଳର କିଞ୍ଜିରକେଲା ସେକ୍ସନ ଅନ୍ତର୍ଗତ କାଙ୍କେରଯୋର ବନ ସୁରକ୍ଷା ସମିତି ପକ୍ଷରୁ ସୋମବାର ବନ ମହୋତ୍ସବ ପାଳିତ ହୋଇଛି। ଏଥିରେ ବନ ମହୋତ୍ସବ କମିଟି ସଭାପତି ଧ୍ରୁବ କାଲୋ ଅଧ୍ୟକ୍ଷତା କରି କାଙ୍କେରଯୋର ଏକ ହାତୀ ଉପଦ୍ରୁତ ଗାଁ ହୋଇଥିବାରୁ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମରେ ସୋଲାର ଲାଇଟ୍ ସହ ଆଖପାଖ ଗ୍ରାମ ପଡ଼ାରେ ମଧ୍ୟ ଲାଇଟ୍ ବ୍ୟବସ୍ଥା ଏବଂ ଗୁରବସା ଅଞ୍ଚଳର ପ୍ରାୟ ୫୦ ହେକ୍ଟର ଜମିରେ ଚାରାରୋପଣ ଯୋଜନାରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। କିଞ୍ଜିରକେଲା ବନପାଳ ରାଜୀବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ବିଶ୍ୱରେ ତାପର ପ୍ରକୋପକୁ ନିୟନ୍ତ୍ରଣ କରିବାକୁ ଗଛର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ବନରକ୍ଷୀ ପ୍ରକାଶ ପ୍ରଧାନ ୭୫ତମ ବନ ମହୋତ୍ସବର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ମହେଶ୍ୱର ବୁଡ଼ା, କୃଷ୍ଣ ଚିତା, କ୍ଷୀରଧର ପ୍ରଧାନ, ମିଥୁନ ବାଗ ପ୍ରମୁଖ ବନ ମହୋତ୍ସବର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଲବଣୀଧର କଉଡ଼ି ସଭା ସଞ୍ଚାଳନ କରିଥିଲେ। ଉଦିତ୍ ମାଝି, ରମେଶ ପେରେ, ଦିଲେଶ୍ୱର ପରୁଆ, ବୀରକିଶୋର ସା, ଚନ୍ଦ୍ରକାନ୍ତି ନାୟକ, ପୂଜା କାଲୋ, ପ୍ରଫୁଲ୍ଲ ବାଗ, ଦେବକୀ ନାୟକ, ସୂରଜ ବାଗ, ବେଣୁଧର ମହାକୁଲ, ବୁଦ୍ଧଦେବ ଗୁରୁ, ରାଜା କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର କାଲୋ କଳୀନ୍ଦ୍ର କାଲୋଙ୍କ ଦ୍ୱାରା ପୂଜଛନା ପରେ ମୁଖ୍ୟଅତିଥି ନଡ଼ିଆ ଭାଙ୍ଗି ଚାରାରୋପଣର ଶୁଭାରମ୍ଭ କରିଥିଲେ। ପରେ ସୁନ୍ଦରଗଡ଼ ଏସିଏଫ୍ ମାନସ କୁମାର ମୁର୍ମୁ ଓ ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବୀଦତ୍ତ ନନ୍ଦ ହାତୀ ଉପଦ୍ରୁତ ଅଞ୍ଚଳ ପରିଦର୍ଶନ କରି ଗ୍ରାମବାସୀଙ୍କୁ ଆଶ୍ୱସନା ଦେଇଥିଲେ।

■ ନବରଙ୍ଗପୁରରେ ବର୍ଷା ବିପ୍ଳବ

# ୫ ବ୍ଲକ୍‌କୁ ଯୋଗାଯୋଗ ବିଚ୍ଛିନ୍ନ

**ପାପଡ଼ାହାଣ୍ଡି,୧୫।୭ (ସମିସ):** ନବରଙ୍ଗପୁର ଜିଲ୍ଲାରେ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଜନଜୀବନ ଗୁରୁତ୍ୱର ଭାବେ ପ୍ରଭାବିତ ହୋଇଛି। ସୋମବାର ସକାଳେ ପାପଡ଼ାହାଣ୍ଡି ଏବଂ ଆଖପାଖ ଅଞ୍ଚଳରେ ଭୀଷଣ ବର୍ଷା ଲାଗି ରହିବାରୁ ଟୁରି ନଦୀ ଉପରେ ନିର୍ମିତ ଅସ୍ଥାୟୀ ପୋଲ ଉପରେ ୬ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁଁ ଜିଲ୍ଲା ମୁଖ୍ୟାଳୟରୁ ୫ଟି ବ୍ଲକ୍‌କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବର୍ତ୍ତମାନ ଜିଲ୍ଲାର ଡାବୁଗାଁ, ଉମରକୋଟ, ଝରିଗାଁ, ଚନ୍ଦାହାଣ୍ଡି ଏବଂ ରାଇଘର ବ୍ଲକ୍ ଜିଲ୍ଲା ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇଥିବା ବେଳେ ପାପଡ଼ାହାଣ୍ଡି ବ୍ଲକର ଘାଟଗୁଡ଼ା, ପାତ୍ରୀ, ଜଟାବାଲ, ଚେରେଚେଟା, ମାନିଗା, ହାତୀବେଡ଼ା ପଞ୍ଚାୟତ ମଧ ବ୍ଲକ୍ ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇଛି। ଏହି ଅସ୍ଥାୟୀ ପୋଲର ଉଭୟପାର୍ଶ୍ୱ ମୁହାଣକୁ ନଯିବା ପାଇଁ ପାପଡ଼ାହାଣ୍ଡି ତହସିଲଦାର ତପନ କୁମାର ନାୟକ ଏବଂ ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ ସଚେତନ କରାଇଛନ୍ତି। ଉଭୟ ପାର୍ଶ୍ୱରେ ପାପଡ଼ାହାଣ୍ଡି ପୁଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଉପସ୍ଥିତ ରହି ସ୍ଥିତିକୁ ନିୟନ୍ତ୍ରଣରେ ରଖିଛନ୍ତି। ନବରଙ୍ଗପୁର ଉପଜିଲ୍ଲାପାଳ ଏବଂ ତାଙ୍କ ଟିମ୍ ଆସି ଟୁରି ନଦୀର ସ୍ଥିତି ପରଖି ଫେରିଛନ୍ତି। ତେବେ ପାପଡ଼ାହାଣ୍ଡିରୁ ଡାବୁଗାଁ କିମ୍ବା ଉମରକୋଟ ଯିବା ପାଇଁ ଥିବା ଭାରୀଯାନକୁ ପାପଡ଼ାହାଣ୍ଡି ଭାୟା ମୈଦଲପୁର ଦେଇ ଡାବୁଗାଁ ହୋଇ ଉମରକୋଟ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ହାଲୁକା ଯାନକୁ ଡାବୁଗାଁ କିମ୍ବା ଉମରକୋଟ ଯିବାକୁ ହେଲେ ପାପଡ଼ାହାଣ୍ଡି ଭାୟା ତୁମ୍ବାର୍ଲା, ନାକଟିଗୁଡ଼ା, ମିଞ୍ଜା, କାଙ୍ଗୁମାଝୀଗୁଡ଼ା, ପାତ୍ରଗୁଡ଼ା ଦେଇ ସୁନାଡଙ୍ଗାରି ଯିବାକୁ ନିର୍ଦ୍ଦେଶ ଦିଆଯାଇଛି।



**ଟୁରି ନଦୀ ପୋଲରେ ୬ ଫୁଟ୍‌ର ବନ୍ୟାଜଳ**

# ୟୁସି ପ୍ରଦାନରେ ଓଡ଼ିଶା ଆଗୁଆ, ପାଣ୍ଠି ପାଇବାରେ ପଛୁଆ

## ପୂରଣ ହେବ ତ ଅଧିକ ଆର୍ଥିକ ସହାୟତା ଆଶା?

**ଭୁବନେଶ୍ୱର, ୧୫।୭(ସମିସ):** ସାମ୍ବିଧାନିକ ବିଧିବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାମ କରିବାର ପ୍ରାବଧାନ ରହିଛି। ମାତ୍ର ବିଜେଡି ସରକାର ଅମଳରେ ବିନିଯୋଗ ପ୍ରମାଣପତ୍ର ଦେବାରେ ଓଡ଼ିଶା ଆଗୁଆ ରହିଥିବା ବେଳେ ଅନୁଦାନ ପାଇବାରେ କିନ୍ତୁ ନିରାଶ ହେବାକୁ ପଡୁଥିଲା। ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାରୁ ଓଡ଼ିଶାକୁ ପୂର୍ବାପେକ୍ଷା ଅନୁଦାନ ରାଶି ବୃଦ୍ଧି ପାଇବ କି ନାହିଁ ତାକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

ଅତୀତରେ ପ୍ରାୟ ପ୍ରତି ବର୍ଷ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଓଡ଼ିଶା ଯେତିକି ଅନୁଦାନ ପାଇବା କଥା ତାହା ଠାରୁ କମ୍ ଅନୁଦାନ ପାଇ ଆସୁଛି। ଏପଟେ କେନ୍ଦ୍ର ସରକାରଙ୍କ ଠାରୁ ଯାହା କିଛି ଅନୁଦାନ ମିଳିଛି ତାହାର ସଦୁପଯୋଗ କରିବାରେ ରାଜ୍ୟ ସରକାର ଆଗୁଆ ରହିଛନ୍ତି। ୨୦୨୦-୨୧ରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦରେ କେନ୍ଦ୍ର ସରକାର ୧୮୮୮୪.୧୬ କୋଟି ଟଙ୍କା ଦେବେ ବୋଲି କହିଥିଲେ, କିନ୍ତୁ ହାତକୁ ଆସିଲା ୧୨୬୯୭.୭୬ କୋଟି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ୨୧୮୦୮.୯୬ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ। କିନ୍ତୁ ଦେବା ବେଳକୁ ୫୦% କାଟି ୧୧୮୧୯.୮୬ କୋଟି ଦେଲେ। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଗତ ଜାନୁଆରୀ ୩୧ ତାରିଖ ସୁଦ୍ଧା ୨୦୩୯୯.୪୯ କୋଟି ଟଙ୍କାରୁ ଯଥେଷ୍ଟ କମ୍ ଅର୍ଥରାଶି ମିଳିଲା। ଯଦି କେନ୍ଦ୍ରୀୟ ଯୋଜନା ଅନୁଦାନ ପରିମାଣ ହିସାବ କରାଯାଏ ତା ହେଲେ ୨୦୨୦-୨୧ରେ କେନ୍ଦ୍ରୀୟ ଯୋଜନା ଅଧୀନରେ ୪୫୬.୨୩ କୋଟି ଟଙ୍କା ମିଳିଥିଲା। ସେହିପରି ୨୦୨୧-୨୨ରେ କେନ୍ଦ୍ରୀୟ ଯୋଜନା ବାବଦରେ ୩୫୬.୧୧ କୋଟି ଏବଂ ୨୦୨୨-୨୩ରେ ୩୯୬ କୋଟି ଟଙ୍କା ମିଳିଛି। ୨୦୧୫-୧୬ ବର୍ଷରୁ ରାଜ୍ୟମାନଙ୍କୁ କେଉଁ ଯୋଜନାରେ କେତେ ଅର୍ଥ ମିଳିବ ରାଜ୍ୟମାନଙ୍କୁ ତାହାର ଆଗୁଆ ସୂଚନା ଦିଆଯାଉ ନାହିଁ। କେନ୍ଦ୍ର ସରକାର ତାଙ୍କ ଅଧୀନରେ ଥିବା ବିଭାଗ ମାନଙ୍କ ପାଇଁ ଯୋଜନାୱାରୀ ବ୍ୟୟ ଅଟକଳ କରିଥାନ୍ତି। ତେଣୁ ରାଜ୍ୟ ସରକାର ବିଗତ ବର୍ଷ ମାନଙ୍କରେ ମିଳିଥିବା କେନ୍ଦ୍ରୀୟ ଅନୁଦାନ ଓ କେନ୍ଦ୍ର ସରକାରଙ୍କ ବ୍ୟୟ ଅଟକଳର ଏକ ଆନୁପାତିକ ଆକଳନ କରି ବିଭିନ୍ନ ଯୋଜନା ପାଇଁ ଆନୁପାତିକ ରାଜ୍ୟ ଅଂଶ ସହ ବ୍ୟୟ ବରାଦ କରିଥାନ୍ତି। ତେବେ ବର୍ଷକୁ ବର୍ଷ କେନ୍ଦ୍ର ଅନୁଦାନ ପରିମାଣ ହ୍ରାସ ପାଇବା ରାଜ୍ୟର ବିକାଶରେ ବଡ଼ ଅନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି।

ବିପର୍ଯ୍ୟୟ ପରିଚାଳନା, ସଡ଼କ ନିର୍ମାଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ, ଖାଦ୍ୟ ଶସ୍ୟ ସଂଗ୍ରହ, ଶକ୍ତି ଭିତ୍ତିଭୂମି ସବୁ କ୍ଷେତ୍ରରେ ଅନୁଦାନ ପରିମାଣ ହ୍ରାସ ପାଇଛି। ଗତ ଆର୍ଥିକ ବର୍ଷରେ ୩୨, ୮୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ପାଇବେ ବୋଲି ରାଜ୍ୟ ସରକାର ଆକଳନ କରିଥିଲେ। ତେବେ ଗତ ବର୍ଷ ଜାନୁଆରୀ ଶେଷ ସୁଦ୍ଧା ରାଜ୍ୟକୁ ମାତ୍ର ୧୧, ୧୧୦.୪୫ କୋଟି ଟଙ୍କା ମିଳିଥିଲା। ଯେତେବେଳେ ୨୦୨୧ ଜାନୁଆରୀ ମାସ ସୁଦ୍ଧା କେନ୍ଦ୍ର ଅନୁଦାନ ବାବଦରେ ରାଜ୍ୟ ସରକାର ୧୩, ୨୭୭ କୋଟି ଟଙ୍କା ମିଳିଥିଲା। କେନ୍ଦ୍ରୀୟଯୋଜନା ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରରୁ ଅନୁଦାନ ପାଇଥାନ୍ତି। ଏହା କମିଯିବା ହେତୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଅର୍ଥାଭାବ ପରିଲକ୍ଷିତ ହେଉଛି। କେବଳ ଅନୁଦାନ ନୁହେଁ ଅଂଶଧନ ଟିକସ ପରିମାଣ ମଧ୍ୟ ହ୍ରାସ ପାଉଛି। ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ପ୍ରତିବର୍ଷ ଆବଶ୍ୟକତା ଓ ବ୍ୟୟଭାର ବଢୁଛି, ତେଣୁ ଅନୁଦାନ ପରିମାଣ ବୃଦ୍ଧି ପାଇବା ଆବଶ୍ୟକ। ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ସବୁ କ୍ଷେତ୍ରରେ ବ୍ୟୟବରାଦ ପୂର୍ବାପେକ୍ଷା ବଢୁଛି। ଏପରିସ୍ଥଳେ ଅନୁଦାନ ହ୍ରାସ କରିବା ଅର୍ଥ ହେଉଛି ରାଜ୍ୟ ସରକାରଙ୍କ ଉପରେ ଚାପ ବୃଦ୍ଧି କରିବା।

ତେବେ ଏଥର ଡବଲ ଇଞ୍ଜିନ୍ ସରକାରରେ ଏହି ଅନ୍ତରାୟ ଦୂର ହେବ ବୋଲି ଆଶା କରାଯାଉଛି। ଅପରପକ୍ଷେ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନେ ଦିଲ୍ଲୀ ଯାଇ ପ୍ରଧାନ ମନ୍ତ୍ରୀ ତଥା ବିଭିନ୍ନ ମନ୍ତ୍ରାଳୟର ମନ୍ତ୍ରୀମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବା ସହ ପ୍ରସ୍ତାବ ଦାଖଲ କରିଛନ୍ତି। ତେଣୁ ଅନ୍ତତଃ ଏଥର ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ବୃଦ୍ଧି ପାଇବ ନା ପୂର୍ବପରି କେନ୍ଦ୍ର ସରକାର ଓଡ଼ିଶାର ଦାବିକୁ ଫାଙ୍କିଦେବେ ତାହା ଦେଖିବାକୁ ବାକି ଅଛି।

**ରାଜ୍ୟସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ**

# ଓଡ଼ିଶାକୁ ସମୃଦ୍ଧ କରିବ ଯୁବପିଢ଼ିଙ୍କ ଦକ୍ଷତା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୫।୭ (ସମିସ):** ଓଡ଼ିଶାକୁ ଦକ୍ଷ ମାନବ ସମ୍ବଳ କେନ୍ଦ୍ରରେ ପରିଣତ କରିବାକୁ ଦକ୍ଷତା ବିକାଶ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଆଗାମୀ ୨/୩ବର୍ଷ ମଧ୍ୟରେ ଯୁବପିଢ଼ି ସେମାନଙ୍କର ଆଗ୍ରହ ଆଧାରରେ ଦକ୍ଷତା ପାଠ୍ୟକ୍ରମରେ ପ୍ରବେଶ କରିପାରିବେ ଏବଂ ଶିଳ୍ପର ଚାହିଦା ଅନୁଯାୟୀ ଯୋଗ୍ୟତା ହାସଲ କରି ନିଯୁକ୍ତି ପାଇପାରିବେ। ସେମାନଙ୍କ ଦକ୍ଷତା ଓ ପ୍ରତିଭା ଜରିଆରେ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ସ୍ଥାନୀୟ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଆମର ପ୍ରାଥମିକତା। ଆଗାମୀ ବଜେଟ୍‌ରେ ଦକ୍ଷତା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଉପରେ ଗୁରୁତ୍ୱ ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆତିଥେୟତା କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ପ୍ରଥମ କୌଶଳ ଭବନ ଉଦ୍‌ଘାଟନ କରିବା ସହ ଆଉ ୯ଟି କୌଶଳ କେନ୍ଦ୍ର ଖୋଲାଯିବ ବୋଲି କହିଥିଲେ। ଏହାଦ୍ୱାରା ଯୁବକମାନେ ଆତିଥେୟତା ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ତାଲିମ ପାଇବାର ସୁଯୋଗ ପାଇବେ। ଓଡ଼ିଶାକୁ ପର୍ଯ୍ୟଟନର ଏକ ହବ୍ ଭାବେ ପ୍ରତିଷ୍ଠା କରିବା କ୍ଷେତ୍ରରେ ଏହି କୌଶଳ ଭବନଗୁଡ଼ିକ ଦକ୍ଷ ମାନବ ସମ୍ବଳର ଚାହିଦା ପୂରଣ କରିବାରେ ସକ୍ଷମ ହେବ ବୋଲି ସେ କହିଥିଲେ।

ସେହିପରି ଦକ୍ଷତାରେ ଗୁଣବତ୍ତା ହାସଲ କରି ଯୁବବର୍ଗଙ୍କୁ ନିଯୁକ୍ତିଯୋଗ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ 'ସି.ଏମ୍- ଆସ୍ୱାୟାର' ଯୋଜନାର ଘୋଷଣା କରି କହିଥିଲେ ଯେ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ ଦକ୍ଷତାରେ ଗୁଣବତ୍ତା ହାସଲ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ସ୍ଥାପିତ ମଡେଲ କ୍ୟାରିୟର ସେଣ୍ଟରଗୁଡିକୁ ସୁଦୃଢ କରିବା, ଯୁବକଯୁବତୀ ମାନଙ୍କ ପାଇଁ ନିଯୁକ୍ତି ଯୋଗ୍ୟ ଦକ୍ଷତା ସୃଷ୍ଟି କରିବା, ଉଦ୍ଭାବନ ଏବଂ ଗବେଷଣାର ଭାବନା ସୃଷ୍ଟି କରିବା ଏବଂ ଓଡ଼ିଆ ଯୁବକଯୁବତୀମାନଙ୍କୁ ବିଦେଶର ସର୍ବୋତ୍ତମ ଅନୁଷ୍ଠାନରେ ଉଚ୍ଚ ବୈଷୟିକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯିବ।

କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିବା ବେଳେ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟମନ୍ତ୍ରୀ ୱାର୍ଲଡ ସ୍କିଲ ସେଣ୍ଟରର ବିଭିନ୍ନ ଦକ୍ଷତା ଶିକ୍ଷା କେନ୍ଦ୍ର ଗୁଡ଼ିକୁ ବୁଲି ଦେଖିଥିଲେ।

**ଟୁଟୁନାହିଁ ରତ୍ନଭଣ୍ଡାର ସଂଶୟ**

# ଭକ୍ତଙ୍କ ମନରେ ଅଯୁତ ପ୍ରଶ୍ନ

■ ଦୁଇ ତାଲା ପକାଇ ଗୋଟିଏ ଖୋଲା ଛଡ଼ାଗଲା କାହିଁକି?
■ ବାହୁଡ଼ା ଓ ସୁନାବେଶ ତାରିଖ କ'ଣ ପୂର୍ବରୁ ଜଣା ନ ଥିଲା?
■ ଆଇନ ମନ୍ତ୍ରୀ କେତେବେଳେ ଦେଖିଲେ ତାଲା ଓ ଚାବି?

**ପୁରୀ, ୧୫।୭(ସମିସ):** ନବୀନ ସରକାର ଗଠନ କରିଥିବା ରତ୍ନଭଣ୍ଡାର କମିଟି ଭଙ୍ଗ କରାଯାଇ ନୂଆ ସରକାର ନୂଆ କମିଟି ଗଠନ କଲେ। ୮ ତାରିଖରେ ଭଣ୍ଡାର ଖୋଲାଯିବା ପାଇଁ ଧାର୍ଯ୍ୟ ତାରିଖକୁ ବିଳମ୍ବିତ କରାଯାଇ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲାଗଲା। ଭଣ୍ଡାର ଖୋଲାଯିବା ପରେ ଦୀର୍ଘ ସମୟ ଧରି ରତ୍ନଭଣ୍ଡାରକୁ ନେଇ ଯେପରି ଗପ ଓ ଗୁଜବ ଚାଲିଥିଲା ସେଥିଲେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ରତ୍ନଭଣ୍ଡାର ଭିତରେ ସାପ, କଙ୍କାଳ, ରସାୟନ ଆଦି କାହାଣୀ ଯେ ଅବାସ୍ତବ ତାହା ବି ସ୍ପଷ୍ଟ ହୋଇଗଲା। ମାତ୍ର ଏବେ ରତ୍ନଭଣ୍ଡାର ଖୋଲାଯିବା ପରେ ଆରମ୍ଭ ହୋଇଛି ନୂଆ ବିବାଦ। ରତ୍ନଭଣ୍ଡାର ଖୋଲିବା ପରେ କ'ଣ ହେଲା? ତା ଭିତରେ କ'ଣ ଥିଲା? ଯଦି ସାମଗ୍ରୀ ଗଣା ହେବାର ନ ଥିଲା, ତେବେ ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାର କାହିଁକି ଖୋଲାଗଲା? ତିନିଟି ତାଲା ପକାଯିବା ବଦଳାରେ ଦୁଇଟି ତାଲା କାହିଁକି ପଡ଼ିଲା ? ଏପରି ଅନେକ ପ୍ରଶ୍ନ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଉଙ୍କି ମାରିଛି। ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗ ବହ୍ୱାଡ଼ମ୍ବରେ ଲଘୁ କ୍ରିୟାରେ ପରିଣତ ହୋଇଛି।

ଯେହେତୁ ଦୀର୍ଘବର୍ଷ ହେବ ରତ୍ନଭଣ୍ଡାରକୁ ନେଇ ଚର୍ଚ୍ଚା ଓ ଆଲୋଚନା ଚାଲିଥିଲା, ତେଣୁ ଏହା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ଥିଲା। ମାତ୍ର ଯାହା ଘଟିଲା, ତାହା ସମସ୍ତଙ୍କୁ ନିରାଶ କରିଛି। ଅଧିକୃତ ୧୧ ଜଣିଆ ଟିମ୍ ତାଲା ଭାଙ୍ଗି ଭିତର ରତ୍ନଭଣ୍ଡାର ମଧ୍ୟକୁ ଯାଇଥିଲେ ମଧ୍ୟ ମହାପ୍ରଭୁଙ୍କ ରତ୍ନଅଳଙ୍କାର ବିଷୟରେ କୌଣସି ସ୍ପଷ୍ଟ ସୂଚନା ଦେଇପାରି ନାହାନ୍ତି। ଯଦିଓ ଭଣ୍ଡାର ଘର ଭିତରେ ଏକାଧିକ ସିନ୍ଦୁକ ଏବଂ ଆଲମାରୀ ଥିବା କହିଛନ୍ତି, ତାହାର ସ୍ଥିତି କ'ଣ ଥିଲା ସେ ସମ୍ପର୍କରେ କେହି କୌଣସି ଟିପ୍ପଣୀ ଦେଇ ନାହାନ୍ତି। ସେହିପରି ମହାପ୍ରଭୁଙ୍କ ରତ୍ନଅଳଙ୍କାର ବିଷୟରେ ମଧ୍ୟ ସ୍ପଷ୍ଟତା ଆସିନାହିଁ। ରବିବାର ମହାପ୍ରଭୁଙ୍କ ବାହାର ରତ୍ନଭଣ୍ଡାରର ସମସ୍ତ ରତ୍ନଅଳଙ୍କର ସ୍ଥାନାନ୍ତର କରାଯାଇଥିଲା। ଏହାପରେ ୧୧ ଜଣିଆ ଅଧିକୃତ ଟିମ୍ ଭିତର ରତ୍ନଭଣ୍ଡାରର ତିନୋଟି ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ ବୋଲି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି ରତ୍ନଭଣ୍ଡାର ସମ୍ପର୍କରେ ଆଉ କେତେକ ତଥ୍ୟ ମଧ୍ୟ ରଖିଥିଲେ। ଏହାକୁ ଶୁଣିବା ପରେ ଭକ୍ତମାନଙ୍କ ସଂଶୟ ଦୂର ହେବା ପରିବର୍ତ୍ତେ ଆଶଙ୍କା ଅଧିକ ଦୃଢ଼ୀଭୂତ ହୋଇଛି।

ସୋମବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପୂର୍ବରୁ ଡୁପ୍ଲିକେଟ ଚାବି କାହିଁକି କୁହାଯାଇଥିଲା ତାହା ତଦନ୍ତ ସାପେକ୍ଷ। ଚାବି ଓ ତାଲାର ଆକାର ଦେଖିଲେ ସେ ତାଲାର ଚାବି ତାହା ନୁହେଁ। ମାତ୍ର କେଉଁ ତାଲାର କେଉଁ ଚାବି ତାହା ଆଇନମନ୍ତ୍ରୀ କେମିତି ଜାଣିଲେ ତାହା ବି ଆଉ ଏକ ପ୍ରଶ୍ନକୁ ଜନ୍ମ ଦେଇଛି। ଅନେକଙ୍କ ମନରେ ଏବେ ପ୍ରଶ୍ନଉଠିଛି ଆଇନମନ୍ତ୍ରୀ କେତେବେଳେ ଭିତର ରତ୍ନଭଣ୍ଡାର ତାଲା ଏବଂ ଚାବି ଦେଖିଲେ? ସେ ଚାବି ଓ ତାଲା ଦେଖିଛନ୍ତି ନା ପ୍ରାଧିକୃତ ବ୍ୟକ୍ତିଙ୍କ ସୂଚନା ଆଧାରରେ ମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି? ସେହିପରି ଭିତର ରତ୍ନଭଣ୍ଡାର ଖୋଲାଗଲା; କିନ୍ତୁ ସମୟ ଅଭାବରୁ ଏହା ମଧ୍ୟରେ ଥିବା ଜିନିଷପତ୍ର ସ୍ଥାନାନ୍ତରିତ ହୋଇପାରିଲା ନାହିଁ। ଯେ ହେତୁ ୭/୮ ଜଣ ସଦସ୍ୟ ମହାପ୍ରଭୁଙ୍କ ବାହୁଡ଼ା କାର୍ଯ୍ୟରେ ସାମିଲ ତେଣୁ ପରବର୍ତ୍ତୀ ସମୟରେ ଆଉ ଗୋଟିଏ ଦିନ ଖୋଲିବା ପାଇଁ ସ୍ଥିର କରାଯିବ ବୋଲି ଗଣମାଧ୍ୟମରେ ସମ୍ମୁଖରେ ସ୍ପଷ୍ଟ କରାଗଲା। ମାତ୍ର ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ଲାଗି ଯେତେବେଳେ ନିଷ୍ପତ୍ତି ନିଆଗଲା ସେତେବେଳେ ଶ୍ରୀମନ୍ଦିର ପ୍ରଶାସନ ବା ସରକାରଙ୍କ ଦ୍ୱାରା ଗଠିତ କମିଟି ୧୫ ତାରିଖରେ ବାହୁଡ଼ା ଏବଂ ପରକୁ ପର ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ରହିଥିବା କେହି କ'ଣ ଜାଣି ନ ଥିଲେ ବୋଲି ପ୍ରଶ୍ନ ସାଧାରଣରେ ସ୍ୱାଭାବିକ ଉଠିଛି।

ମହେଶ୍ୱର ବେହେରା ନାମକ ଜଣେ ଶ୍ରଦ୍ଧାଳୁ କହିଛନ୍ତି, ଅଧିକୃତ ଟିମ୍ ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲାପାଳଙ୍କ ପ୍ରଦତ୍ତ ଚାବିରେ ତାଲା ନ ଫିଟିବାରୁ ସେମାନେ କଟରରେ ତିନୋଟି ଯାକ ତାଲା ଭାଙ୍ଗିଥିଲେ। ଏହାପରେ ଭିତରକୁ ଯାଇ ତା' ମଧ୍ୟରେ କିଛି ସିନ୍ଦୁକ ଏବଂ ଆଲମାରୀ ଦେଖିଥିଲେ। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି ଅଧିକୃତ ଟିମ୍ ସିନ୍ଦୁକ ଏବଂ ଆଲମାରୀ ଦେଖିଲେ, ସେସବୁ ଖୋଲାଥିଲା ନା ତାଲା ପଡ଼ିଥିଲା ତାହା ସ୍ପଷ୍ଟ କଲେ ନାହିଁ କାହିଁକି। ଅନ୍ୟପକ୍ଷରେ ପୁରୁଣା ଚାବି କାଟି ଭିତର ରତ୍ନଭଣ୍ଡାରରେ ୨ଟି ନୂଆ ତାଲା ପକାଯାଉଥିବା କୁହାଯାଉଛି। ତେବେ ତିନିଟି ଚାବି କାଟିବା ପରେ ଦୁଇଟି ତାଲା ପକାଇ ଗୋଟିଏ କାହିଁକି ଛାଡ଼ି ଦିଆଗଲା, ତାହା ବି ଆଉ ଏକ ପ୍ରଶ୍ନ ସୃଷ୍ଟି କରିଛି।

# କୁକୁର କାମୁଡା: ଦେଶରେ ଓଡ଼ିଶା ଶୀର୍ଷରେ

■ ଜିଲ୍ଲାସ୍ତରରେ ଖୋଲିବ ଆଣ୍ଟି ରାବିଜ୍ କ୍ଲିନିକ୍
■ ସିଏଚ୍‌ସି ଓ ପିଏଚ୍‌ସିରେ ମିଳିବ ଇଞ୍ଜେକ୍ସନ୍

**ଭୁବନେଶ୍ୱର, ୧୫।୭(ସମିସ):** ଦେଶରେ କୁକୁର କାମୁଡ଼ା ଘଟଣା ଓଡ଼ିଶାରେ ସର୍ବାଧିକ। ମାତ୍ର ସବୁ ସ୍ଥାନରେ ସମସ୍ତଙ୍କ ପାଇଁ ଜଳାତଙ୍କ ଟିକା ଏବେ ଉପଲବ୍ଧ ହୋଇ ପାରୁନାହିଁ। କିଛି ନିର୍ଦ୍ଦିଷ୍ଟ ସରକାରୀ ଡାକ୍ତରଖାନାରେ ଏହାର ଉପଲବ୍ଧତା ରୋଗୀଙ୍କ ପାଇଁ ଯନ୍ତ୍ରଣାଦାୟକ ହେଉଛି। ମାତ୍ର ଏହାକୁ ଏବେ ବ୍ୟାପକ କରାଯିବାକୁ ଯୋଜନା କରାଯାଇଛି। ଜିଲ୍ଲା ଚିକିତ୍ସାଳୟରେ ଆଣ୍ଟି ରାବିଜ୍ କ୍ଲିନିକ୍ ଖୋଲାଯିବ ଏବଂ ସିଏଚ୍‌ସି ଓ ପିଏଚ୍‌ସିରେ ଟିକା ଉପଲବ୍ଧ ହେବ। ନ୍ୟାସନାଲ ଆକ୍ସନ୍ ପ୍ଲାନ୍ ଫର ଡଗ ମେଡିଏଟେଡ୍ ରାବିଜ୍ ଏଲିମିନେସନ୍ (ଏନ୍‌ଏପିଆରଇ) ଅଧିନରେ ଏହି କ୍ଲିନିକ୍ ସ୍ଥାପନ କରାଯିବ। ଏହି କାର୍ଯ୍ୟକ୍ରମ ଜରିଆରେ ୨୦୩୦ ସୁଦ୍ଧା ଜଳାତଙ୍କର ବିଲୋପ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

ପ୍ରତି ଜିଲ୍ଲାରେ କେତେ ଲୋକ ପଶୁ କାମୁଡାରେ ଆକ୍ରାନ୍ତ ହେଉଛନ୍ତି, ତଦ୍‌ଜନିତ ମୃତ୍ୟୁ ତଥା ସେମାନଙ୍କୁ ଦିଆଯାଇ ଥିବା ଚିକିତ୍ସା ସମ୍ପର୍କରେ ନିୟମିତ ରିପୋର୍ଟ ବିଭାଗକୁ ପ୍ରଦାନ କରିବା ଲାଗି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସର୍ଭିଲାନ୍ସ ବ୍ୟବସ୍ଥା କଡାକଡି କରିବା ଲାଗି କୁହାଯାଇଛି। ତେବେ ବଡ଼ କଥା ହେଉଛି ରୋଗୀଙ୍କ ପାଇଁ ଆଣ୍ଟି ରାବିଜ୍ ଭ୍ୟାକ୍ସିନ୍ (ଏଆରଭି) ଏବଂ ଆଣ୍ଟି ରାବିଜ୍ ସିରମ୍ (ଏଆରଏସ୍) ଉପଲବ୍ଧ ସୁନିଶ୍ଚିତ କରାଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉଭୟ ଏଆରସି ତଥା ଏଆରଭି ଏବଂ ଜନସ୍ୱାସ୍ଥ୍ୟ କେନ୍ଦ୍ରରେ କେବଳ ଏଆରଭି ଉପଲବ୍ଧ କରାଯିବ। ଚଳିତ ବର୍ଷ ଖୋର୍ଦ୍ଧା, ପୁରୀ, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଆଣ୍ଟି ରାବିଜ୍ କ୍ଲିନିକ୍ ଖୋଲାଯିବ। ଆସନ୍ତା ବର୍ଷ ଅବଶିଷ୍ଟ ଜିଲ୍ଲାରେ ଏହା ଉପଲବ୍ଧ ହେବ। କ୍ଲିନିକ୍‌ରେ କେବଳ ଟିକା ଦିଆଯିବ ନାହିଁ; ବରଂ ପଶୁ କାମୁଡ଼ା କ୍ଷତର ଚିକିତ୍ସା ପାଇଁ ଆବଶ୍ୟକ ଭିତ୍ତିଭୂମି ରହିବ। ସେଥିରେ ନିୟୋଜିତ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ। ଅପରପକ୍ଷେ ଜଳାତଙ୍କ ରୋଗର ଭୟାବହତା ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବା ସହ ଠିକ୍ ସମୟରେ ଡାକ୍ତରଖାନା ଆସି ଚିକିତ୍ସା କରାଇବା ପାଇଁ ନିବେଦନ କରାଯିବ।

କୁକୁର କାମୁଡ଼ାରେ ଓଡ଼ିଶା ଦେଶର ପ୍ରଥମ ୧୦ ରାଜ୍ୟ ମଧ୍ୟରେ ଶୀର୍ଷ ସ୍ଥାନରେ ରହିଛି। ଗତ ବର୍ଷ ଭାରତ ସରକାରଙ୍କ ସୂଚନା ଅନୁସାରେ ୨୦୨୨ରେ ଓଡ଼ିଶାରେ ୬୪, ୬୪୨ଟି କୁକୁର କାମୁଡା ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୦୨୧ରେ ଏହା ୫୯, ୦୮୫ ଥିଲା। ତେବେ ଘରୋଇ ଡାକ୍ତରଖାନାରେ ମଧ୍ୟ କୁକୁର କାମୁଡା ଚିକିତ୍ସା ହେଉଥିବାରୁ ପ୍ରକୃତ ସଂଖ୍ୟା ଏହା ଠାରୁ ଢ଼େର ଅଧିକ ହେବ ବୋଲି କୁହାଯାଉଛି। ୨୦୧୯ରେ ପଶୁ ଗଣନା ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରାୟ ୧୭ ଲକ୍ଷ ବୁଲା କୁକୁର ଥିଲେ। କୁକୁର ବଂଶ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉ ଥିଲେ ସୁଦ୍ଧା କୁକୁର କାମୁଡ଼ା ମାମଲା ହ୍ରାସ ପାଉ ନାହିଁ। ଏହା ବ୍ୟତୀତ ମାଙ୍କଡ, ବିଲେଇ କାମୁଡ଼ା ମାମଲା ମଧ୍ୟ କିଛି କମ ନାହିଁ। ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ପ୍ରତି ଦିନ ଅନ୍ୟୁନ ଦେଢ଼ ଶହ ରୋଗୀ ଆଣ୍ଟି ରାବିଜ୍ ଇଞ୍ଜେକ୍ସନ୍ ନେବା ପାଇଁ ଆସୁଛନ୍ତି।

## ରାଜଭବନ ଏଏସ୍‌ଓଙ୍କ ବଦଳି

**ଭୁବନେଶ୍ୱର, ୧୫।୭(ସମିସ):** ରାଜ୍ୟପାଳଙ୍କ ପୁଅଙ୍କ ବିରୋଧରେ ମାଡ଼ ମରା ଅଭିଯୋଗ ଆଣିଥିବା ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର (ଏଏସ୍‌ଓ) ବୈକୁଣ୍ଠ ପ୍ରଧାନଙ୍କୁ ଆଜି ଗୃହ ବିଭାଗକୁ ବଦଳି କରାଯାଇଛି। ଶ୍ରୀ ପ୍ରଧାନ ରାଜ୍ୟପାଳଙ୍କ ସଚିବାଳୟରେ ନିଯୁକ୍ତ ଥିଲେ। ଆଜି ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଚଳିତ ମାସ ପ୍ରଥମ ସପ୍ତାହରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପୁରୀ ରାଜଭବନରେ ରାଜ୍ୟପାଳଙ୍କ ପୁଅ ତାଙ୍କୁ ମାଡମାରି ଥିବା ନେଇ ଶ୍ରୀ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

**ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି**

# ଆଗକୁ ଆରଡିସି ସ୍ତରରେ ଶୁଣାଣି

■ ଅଭିଯୋଗ ଶୁଣାଣି ପୋର୍ଟାଲକୁ ଅପ୍‌ଡେଟ୍ କରି ଦୈନିକ ରିପୋର୍ଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
■ ସରକାରୀ କର୍ମଚାରୀ ଅଭିଯୋଗ କରିବାକୁ ଆସନ୍ତୁ ନାହିଁ, ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷମାନଙ୍କୁ ଜଣାଇବାକୁ ପରାମର୍ଶ

**ଭୁବନେଶ୍ୱର, ୧୫।୭(ସମିସ):** ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ଆପତ୍ତି, ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ଗୋକୁଳାନନ୍ଦ ମଲ୍ଲିକ, ରବି ନାରାୟଣ ନାୟକ, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଏହି ଅବସରରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅଭିଯୋଗ ଶୁଣାଣି ପ୍ରକ୍ରିୟା ସକାଳ ୧୦ଟାରେ ଆରମ୍ଭ କରି ଅପରାହ୍ନ ପ୍ରାୟ ୪.୩୦ ପର୍ଯ୍ୟନ୍ତ ଜାରି ରହିଥିଲା। ଆଜି ସମୁଦାୟ ୧୭୪୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି।

ଅଭିଯୋଗ ଶୁଣାଣି ଆରମ୍ଭ ପୂର୍ବରୁ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଏହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦକ୍ଷ ଓ ସ୍ୱଚ୍ଛ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣି ପୋର୍ଟାଲକୁ ଅପ୍‌ଡେଟ୍ କରି ରଖିବା ଓ ଦୈନିକ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ କହିଥିଲେ। ବିଶେଷ କରି ଜିଲ୍ଲାସ୍ତରରେ ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ ସୁଦୃଢ ଓ ଦକ୍ଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ପ୍ରଶାସନ ଦ୍ୱାରା ଲୋକଙ୍କ ଅଭିଯୋଗ ଠିକ୍ ଭାବରେ ଶୁଣାଗଲେ ଲୋକମାନଙ୍କୁ ଆଉ ଭୁବନେଶ୍ୱର ଆସିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଯେଉଁ ଅଭିଯୋଗ ଗୁଡିକ ଶୀଘ୍ର ଫଇସଲା ହେବା ସମ୍ଭବ, ସେଗୁଡିକୁ ଉପରେ ତୁରନ୍ତ ନିଷ୍ପତ୍ତି କରି ଲୋକଙ୍କୁ ନ୍ୟାୟ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ଆସୁଥିବାରୁ ଏହା ଆଚରଣ ବିଧିର ଉଲଂଘନ କରୁଛି। ତେଣୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନ ଆସି, ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷମାନଙ୍କୁ ଅଭିଯୋଗ ଜଣାଇବାକୁ ପରାମର୍ଶ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ଜଣାପଡ଼ିଛି। ଆଗକୁ ଏହି ପ୍ରକ୍ରିୟା କେବଳ ଭୁବନେଶ୍ୱରରେ ସିମିତ ନ ରଖି ଆରଡିସି ସ୍ତରରେ ଅଭିଯୋଗ ଶୁଣାଣି ପାଇଁ ବିଚାର କରୁଛୁ। ଏହା ଦ୍ୱାରା ଲୋକଙ୍କୁ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଆହୁରି ସୁବିଧା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଜି ଆସିଥିବା ବିଭିନ୍ନ ଅଭିଯୋଗକାରୀ ମାନଙ୍କ ମଧ୍ୟରୁ ଜଣେ ଥିଲେ ଭୁବନେଶ୍ୱରର ଭିନ୍ନକ୍ଷମ ବ୍ୟକ୍ତି ଶ୍ରୀ ରୋହିତ ପ୍ରଧାନ। ତାଙ୍କର ଜୀବିକା ପାଇଁ ଗୋଟିଏ ଇ-ରିକ୍ସା ଓ ରହିବା ପାଇଁ ଘରର ଆବଶ୍ୟକତା ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଖୁବ୍ ଶୀଘ୍ର ଏକ ଇ-ରିକ୍ସା ଯୋଗାଇଦିଆଯିବ ବୋଲି ଜଣାଇ ଦିଆଯାଇଥିଲା। ଘର ସମ୍ପର୍କରେ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଥିଲା। ମୁଖ୍ୟମନ୍ତ୍ରୀ ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କୁ ନ୍ୟାୟ ଦେବାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି। ମୁଁ ଏବଂ ଆମ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଏଠାରେ ଉପସ୍ଥିତ ରହି ଲୋକଙ୍କ କଥାକୁ ଗୁରୁତ୍ୱ ଦେଇ ଶୁଣି ସେ ସମ୍ପର୍କରେ ଆଲୋଚନା କରି ତୁରନ୍ତ ସମ୍ପୃକ୍ତ ବିଭାଗକୁ ଜଣାଇ ଏହାର ସମାଧାନ ପାଇଁ ପଦକ୍ଷେପ ନେଉଛୁ। ଏହା ଦ୍ୱାରା ଲୋକମାନଙ୍କୁ ତୁରନ୍ତ ନ୍ୟାୟ ଦେବା ସମ୍ଭବ ହେଉଛି। ଏଠାରେ ମନ୍ତ୍ରୀମାନେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ। ମନ୍ତ୍ରୀମାନେ ଅଭିଯୋଗ ଗ୍ରହଣ କଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବାଟ ଦେଇ ତାହା ତଳକୁ ଯାଉଛି। ଆମେ ପଛେ ଟିକେ କଷ୍ଟ ପାଉ ଲୋକଟିଏ ଯେପରି ନିରାଶ ନ ହେଉ, ସେଥିପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ସରକାରୀ ଡାକ୍ତରଙ୍କ ପ୍ରାଇଭେଟ ପ୍ରାକ୍ଟିସକୁ ବିରୋଧ ମାମଲା

# ସତ୍ୟପାଠ ଦାଖଲ ପାଇଁ ଶେଷ ସୁଯୋଗ ଦେଲେ ହାଇକୋର୍ଟ

**କଟକ,୧୫।୭(ସମିସ):** ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଥିବା ଡାକ୍ତରମାନେ ପ୍ରାଇଭେଟ ପ୍ରାକ୍ଟିସ୍ ବା ଘରୋଇ କ୍ଲିନିକ ଓ ହସ୍ପିଟାଲରେ ଚିକିତ୍ସା କରିବାକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଆଜି ସତ୍ୟପାଠ ଦାଖଲ କରିପାରିନାହାନ୍ତି। ଏଥିପାଇଁ ଆଉ ୩ ସପ୍ତାହ ସମୟ ଲୋଡ଼ିଛନ୍ତି ସରକାର। ତେବେ ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ଆଜି ହାଇକୋର୍ଟ ଶେଷ ସୁଯୋଗ ପ୍ରଦାନ କରିଛନ୍ତି। ଆଇନଜୀବୀ ନାରାୟଣ ଚନ୍ଦ୍ର ଜେନାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରୌଧୁରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଏସ୍‌ସିବି ମେଡିକାଲ ସମେତ ବିଭିନ୍ନ ସ୍ଥାନରେ ଥିବା ସରକାରୀ ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବାହାର ଘରୋଇ ହସ୍ପିଟାଲକୁ ରେଫର୍ କରିଦିଆଯାଉଛି। ଏପରିକି ସରକାରୀ ଡାକ୍ତରମାନେ ମଧ୍ୟ ଏହି ସବୁ ଘରୋଇ ହସପିଟାଲରେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଏହା ଦ୍ୱାରା ସାଧାରଣ ରୋଗୀ ଶୋଷଣର ଶିକାର ହେଉଛି। ସରକାର ବିଭିନ୍ନ ହସ୍ପିଟାଲର ଭିତ୍ତିଭୂମି ସୁଦୃଢ଼ କରିବାକୁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଡାକ୍ତରମାନେ ବି ମୋଟା ଅଙ୍କର ଦରମା ପାଉଛନ୍ତି। ହେଲେ ସେମାନେ ସରକାରୀ ଡାକ୍ତରଖାନାର କାର୍ଯ୍ୟ ନିର୍ଘଣ୍ଟ ସମୟରେ ବି ଘରୋଇ ଡାକ୍ତରଖାନା ଯାଇ ରୋଗୀ ଚିକିତ୍ସା ଚଳାଉଛନ୍ତି। ଏପରିକି ଘରୋଇ ହସପିଟାଲ ଓ କ୍ଲିନିକ ଆଗରେ ସରକାରୀ ଡାକ୍ତରଙ୍କ ନାମଫଳକ ବେଆଇନ ଭାବେ ଲଗାଯାଉଥିବା ଅଭିଯୋଗ ହେଉଛି। କେତେକ ରାଜ୍ୟରେ ସରକାରୀ ଡାକ୍ତରଙ୍କ ଘରୋଇ ଚିକିତ୍ସାକୁ ବାରଣ କରାଯାଇଥିବା ଆବେଦନରେ ଦର୍ଶାଯାଇଛି। ଏଣୁ ସରକାର ଏଥିପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩ସପ୍ତାହ ପରେ ହେବ ବୋଲି ଧାର୍ଯ୍ୟ ହୋଇଛି।

ବନ୍ଧୁକ ଠାରୁ ବୁଦ୍ଧି ଅଧିକ ଶକ୍ତିଶାଳୀ। -ଷ୍ଟାଲିନ୍



ସକାଳ
THE SAKALA

# ବନ୍ଧୁକ ସଂସ୍କୃତିର ଭୟାବହତା

ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଏବଂ ଚଳିତ ବର୍ଷ ଦେଶର ସର୍ବୋଚ୍ଚ ଆସନ ପାଇଁ ପୁଣିଥରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରିପବ୍ଲିକାନ୍ ପ୍ରତ୍ୟାଶୀ ଡୋନାଲ୍ଡ ଟ୍ରମ୍ପଙ୍କ ଉପରକୁ ଏକ ନିର୍ବାଚନ ସଭାରେ ଗୁଳିମାଡ଼ ହେବା ସେ ଦେଶ ପାଇଁ ଅଭୂତପୂର୍ବ ବା ଅଶ୍ରୁତପୂର୍ବ ଘଟଣା ନୁହେଁ। ବିଶ୍ୱର ଅନ୍ୟତମ ପ୍ରାଚୀନ ଓ ବୃହତ୍ ଗଣତନ୍ତ୍ର ଆମେରିକାରେ ଆଗରୁ ଅନେକ ରାଷ୍ଟ୍ରପତିଙ୍କୁ ହତ୍ୟା କରାଯାଇଛି ଏବଂ ଆଉ କିଛି ରାଷ୍ଟ୍ରମୁଖ୍ୟ ଓ ରାଷ୍ଟ୍ରପତି ପ୍ରାର୍ଥୀ ଆତତାୟୀଙ୍କ ଗୁଳିମାଡ଼ରେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଲିକା ତ ବେଶ୍ ଲମ୍ବା। ଯେଉଁ ଚାରିଜଣ ରାଷ୍ଟ୍ରପତି ଜାତିଗତ, ଆଦର୍ଶଗତ ଓ ରାଜନୈତିକ ଘୃଣା ତଥା ହିଂସାର ଶିକାର ହୋଇଛନ୍ତି, ସେମାନେ ହେଲେ ଆବ୍ରାହିମ ଲିଙ୍କନ (୧୮୬୫), ଜେମ୍ସ ଗ୍ୟାରିଫିଲ୍ଡ (୧୮୮୧), ଉଇଲିୟମ ମ୍ୟାକେନ୍ ଲି (୧୯୦୧) ଓ ଜନ୍ ଏଫ୍ କେନେଡି (୧୯୬୩)। ସେହିଭଳି ରୋନାଲ୍ଡ ରେଗାନ, ଜେରାଲ୍ଡ ଫୋର୍ଡ, ଥିଓଡର ରୁଜ୍‌ଭେଲ୍ଟ ମଧ୍ୟ ରାଷ୍ଟ୍ରପତି ପଦରେ ଥିବାବେଳେ ଗୁଳିଚୋଟ ଖାଇଛନ୍ତି। ଏହାଛଡ଼ା ରବର୍ଟ କେନେଡି ମଧ୍ୟ ରାଷ୍ଟ୍ରପତି ପଦ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ତାଙ୍କ ଉପରେ ଗୁଳିମାଡ଼ ହୋଇଥିଲା।

ସେଠାକାର ଗଣତନ୍ତ୍ରର ବିୟୋଗାନ୍ତକ ଘଟଣା ହେଲା ରାଷ୍ଟ୍ରମୁଖ୍ୟ ବା ଭାବି ରାଷ୍ଟ୍ରପତିଙ୍କୁ ଦଳମତ ନିର୍ବିଶେଷରେ ରାଜନୈତିକ ହିଂସାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିରେ କିଏ ରିପବ୍ଲିକାନ ବା କିଏ ଡେମୋକ୍ରାଟ୍, ତାହାର ବିଚାର ନଥାଏ। ଏହି ଆକ୍ରମଣ ପୁଣି ୱାଶିଂଟନଠାରୁ ନ୍ୟୁୟର୍କ, ଡଲ୍ଲାସ, ଲସ୍‌ଆଞ୍ଜେଲ୍ସ ପର୍ଯ୍ୟନ୍ତ ସବୁଠୁ ବଡ଼ ବଡ଼ ସହର ଏବଂ ନିରାପତ୍ତା ଦୃଷ୍ଟିରୁ ସୁରକ୍ଷିତ ସ୍ଥାନରେ ଘଟିଛି। ଟ୍ରମ୍ପଙ୍କ କାନରେ ସାମାନ୍ୟ ବାଜି ଗୁଳିଟି ଖସି ଯାଇଥିବାରୁ ସେ ବଞ୍ଚିଯାଇଛନ୍ତି। ଆମେରିକାରେ ଏଭଳି ଘଟଣା ଏକାଧିକ ବାର ଘଟୁଛି। ଦେଶର ସିକ୍ରେଟ ପୁଲିସ୍ ଯାହା ବିଶ୍ୱର ସବୁଠୁ ସତର୍କ ଓ ଦୁର୍ଦ୍ଧର୍ଷ ବାହିନୀ, ତାହାର ସୁରକ୍ଷା ହେପାଜତରେ ଥାଇ ମଧ୍ୟ ରାଷ୍ଟ୍ରପତି, ପୂର୍ବତନ ରାଷ୍ଟ୍ରପତି ଓ ରାଷ୍ଟ୍ରପତି ପ୍ରାର୍ଥୀମାନେ ଗୁଳିମାଡ଼ରେ ମୃତାହତ ହେବା ଘଟଣା ଆଶ୍ଚର୍ଯ୍ୟଜନକ ମନେହୁଏ। ସେଠାରେ ଯେଉଁ ବନ୍ଧୁକ ସଂସ୍କୃତି ବା ଗନ୍ କଲଚର ରହିଛି, ତା'ଦ୍ୱାରା ଯେ କୌଣସି ନାଗରିକ ଆଗ୍ନେୟାସ୍ତ୍ର ରଖିବାକୁ ହକ୍‌ଦାର। ଯିଏ ବନ୍ଧୁକ ରଖିଲା, ସେ ଯେ ସର୍ବଦା ଆଇନ ଅନୁସାରେ ତାହାର ବ୍ୟବହାର କରିବ ସେ ସମ୍ଭାବନା କିନ୍ତୁ କ୍ଷୀଣ। ଗନ୍ କଲଚରର ସୁରକ୍ଷା ସପକ୍ଷରେ ସେ ଦେଶର ଏକ ଗୋରା ରକ୍ଷଣଶୀଳ ଗୋଷ୍ଠୀ ସର୍ବଦା ଉଦ୍ୟମ କରିଆସୁଛି। ରିପବ୍ଲିକାନ୍ ପାର୍ଟି ଭୋଟ୍ ବ୍ୟାଙ୍କ ସୁରକ୍ଷା ପାଇଁ ଗନ୍ କଲଚରକୁ ବିରୋଧ କରେ ନାହିଁ। ଡେମୋକ୍ରାଟ୍‌ମାନେ ଉଦ୍ୟମ କରି ମଧ୍ୟ ଏଥିରେ ସଫଳ ହେଉନାହାନ୍ତି। ସୁତରାଂ ଆମେରିକାରେ ବନ୍ଧୁକ ରଖିବା ଏବଂ ତାହାର ମନଇଚ୍ଛା ବ୍ୟବହାର କରିବା ଏକ ବିଚିତ୍ର ବ୍ୟବସ୍ଥା। ଏହାର ପରିଣାମ ସ୍ୱୟଂ ରାଷ୍ଟ୍ରପତି ଓ ପୂର୍ବତନ / ଭାବି ରାଷ୍ଟ୍ରପତି ମଧ୍ୟ ଭୋଗୁଛନ୍ତି।

ଆମେରିକା ଭଳି ଏକ ଉନ୍ନତ ଦେଶରେ ରାଷ୍ଟ୍ରପତି ଓ ଅତିବିଶିଷ୍ଟ ବ୍ୟକ୍ତିଙ୍କ ସୁରକ୍ଷାରେ କିପରି ତ୍ରୁଟି ଘଟୁଛି, ତାହାକୁ ନେଇ ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ। ତେବେ ପ୍ରତ୍ୟେକ ବ୍ୟକ୍ତି ଯଦି ବନ୍ଧୁକ ରଖିପାରିବେ ଏବଂ ଏହା ଏକ ସାଧାରଣ ସଂସ୍କୃତିରେ ପରିଣତ ହେବ, ସେତେବେଳେ ପୁଲିସ୍ ବା ଗୁଇନ୍ଦା ସବୁ ମଣିଷକୁ ଜଗି ପାରିବେ ନାହିଁ। ରାଜନୈତିକ ଆଦର୍ଶ ଓ ବ୍ୟକ୍ତିଗତ ପସନ୍ଦ/ନାପସନ୍ଦ ଦୃଷ୍ଟିରୁ ହତ୍ୟାକାରୀ ଯଦି ଅତ୍ୟାଧୁନିକ ଟେକ୍‌ନୋଲୋଜି ବ୍ୟବହାର କରି ନିରାପଦ ଦୂରତ୍ୱରୁ ନୂଆଯୁଗର ଆସଲ୍ଟ ରାଇଫଲରେ ଗୁଳି କରିବ, ସେଥିରେ ନିରାପତ୍ତା କର୍ମଚାରୀ ବିଶେଷ କିଛି କରିପାରିବେ ନାହିଁ। ଯେଉଁ ଯୁବକ ଟ୍ରମ୍ପଙ୍କୁ ଗୁଳି କରିଥିଲା ସେ ଟ୍ରମ୍ପ ଓ ରିପବ୍ଲିକାନ୍‌ମାନଙ୍କୁ ଘୃଣା କରେ ବୋଲି ଘଟଣା ପୂର୍ବରୁ ଜାରି ଏକ ଭିଡିଓରେ କହିଛି।

ତେବେ ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ ଘଟଣାର ତର୍ଜମା ବିଭିନ୍ନ ଦିଗରୁ କରାଯାଇପାରିବ। ନିର୍ବାଚନ ପୂର୍ବରୁ ଏଭଳି ବର୍ବରୋଚିତ ଆକ୍ରମଣ ଫଳରେ ଟ୍ରମ୍ପ ଓ ତାଙ୍କ ରିପବ୍ଲିକାନ୍ ଦଳ ପ୍ରତି ନିଶ୍ଚିତ ଅନୁକମ୍ପା ସୃଷ୍ଟି ହେବ। ଟ୍ରମ୍ପ ନିଜେ ଜଣେ ନୂଆ ନାୟକ ଭାବେ ପରିଗଣିତ ହେବେ। ଏହି ଘଟଣା ଆମେରିକୀୟ ସମାଜକୁ ଅଧିକ ଧ୍ରୁବୀକୃତ କରିବ ଏବଂ ଉଦାରବାଦୀ ଡେମୋକ୍ରାଟ ଦଳ ପ୍ରତି ଏକ ସାମୂହିକ ବିରୋଧ ପ୍ରକାଶ ପାଇବ। ଅଣଶ୍ୱେତାଙ୍ଗ, କୃଷ୍ଣକାୟ, ଏସୀୟ ଓ ଲାଟିନ୍ ଆମେରିକା ମୂଳର ଯେଉଁ ସବୁ ଲୋକ ଆମେରିକାରେ ସ୍ଥାୟୀ ଭାବେ ବସବାସ କରି ରିପବ୍ଲିକାନ ଓ ରକ୍ଷଣବାଦୀ ଗୋରା ଲୋକଙ୍କ ଜାତିଆଣ ବାଦକୁ ବିରୋଧ କରୁଥିଲେ, ସେମାନେ ଏବେ ଏହି ବନ୍ଧୁକ ସଂସ୍କୃତି ଓ ଟ୍ରମ୍ପଙ୍କ ଉପରେ ଘୃଣା ପ୍ରଚୋଦିତ ଆକ୍ରମଣ ଦେଖି ନିଜର ସୁରକ୍ଷା ପାଇଁ ଅଧିକ ବିବ୍ରତ ହେବେ। ଏହି ଗୁଳିକାଣ୍ଡରେ ଟ୍ରମ୍ପଙ୍କର ଜଣେ ସମର୍ଥକ ନିହତ ଓ ଅନ୍ୟ ଜଣେ ଆହତ ହେବା ଘଟଣା ତାଙ୍କ ସପକ୍ଷରେ ରାଜନୈତିକ ଅନୁକୂଳତା ସୃଷ୍ଟି କରିବ।

ଏବେ ପ୍ରଶ୍ନ ଉଠୁଛି ଯେ ଏଥର ଟ୍ରମ୍ପ ଜିତିଲେ ବନ୍ଧୁକ ସଂସ୍କୃତିର ଅବସାନ ଘଟାଇବାକୁ ନିଷ୍ଠାପର ଉଦ୍ୟମ କରିବେ କି? ଦେଶର ସମ୍ବିଧାନ ଆଗ୍ନେୟାସ୍ତ୍ର ଧାରଣକୁ ଗ୍ୟାରେଣ୍ଟି ଦେଇଛି। ସେହି ସମ୍ବିଧାନ ନାଗରିକଙ୍କର ଜୀବନ ରକ୍ଷାକୁ ସୁନିଶ୍ଚିତ କରିଥିବା ବେଳେ ଉଦ୍‌ଭ୍ରାନ୍ତ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିମାଡ଼ରେ ନିରୀହ ଜନତା, ସ୍କୁଲପିଲା ଓ ନିରସ୍ତ୍ର ଲୋକେ ବହୁ ସଂଖ୍ୟାରେ ମରୁଛନ୍ତି। ସୁତରାଂ ଏହି ବନ୍ଧୁକ ସଂସ୍କୃତି ଏକ ପରସ୍ପର ବିରୋଧୀ ସ୍ଥିତି ସୃଷ୍ଟି କରିଛି। ବିଶ୍ୱର ସବୁଠୁ ସମୃଦ୍ଧ, ବୁଦ୍ଧିମାନ ଓ ପ୍ରଭାବଶାଳୀ ରାଷ୍ଟ୍ର ଏକ ବିଚିତ୍ର ସ୍ଥିତିର ସମ୍ମୁଖୀନ।

ଏକ ତଥ୍ୟ ଅନୁସାରେ ଆମେରିକାରେ ପ୍ରତି ୧୦ ଜଣ ପୂର୍ଣ୍ଣ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରୁ ଚାରିଜଣ ବନ୍ଧୁକର ଅଧିକାରୀ। ଏହାଛଡ଼ା ଦେଶର ୩୨ ଶତାଂଶ ଲୋକ ବନ୍ଧୁକ ଚାଳଣା ଜାଣନ୍ତି ଓ ନିଜ ପାଖରେ ଆଧୁନିକ ଆଗ୍ନେୟାସ୍ତ୍ର ରଖିଛନ୍ତି। ସେଥିରେ ରିପବ୍ଲିକାନ ଓ ସେ ଦଳର ସମର୍ଥକଙ୍କ ସଂଖ୍ୟା ଅଧିକ। ଏହାଫଳରେ ବନ୍ଧୁକ ଭୁଲ ଲୋକଙ୍କ ପାଖରେ ପହଞ୍ଚୁଛି ଓ ତାହାର ଦୁରୁପଯୋଗ ହେଉଛି। ଏହି ବନ୍ଧୁକ ସଂସ୍କୃତି ଆଉ ଏକ ଦିଗକୁ ଇଙ୍ଗିତ କରୁଛି। ତାହା ହେଲା ଏକ ସର୍ଭେ ଅନୁସାରେ ୪୯ ଶତାଂଶ ଆମେରିକୀୟ ନିଜର ନିରାପତ୍ତା ପାଇଁ ବନ୍ଧୁକ ରଖିବା ଉଚିତ ମଣନ୍ତି। ଏହାର ଅର୍ଥ ବିନା ବନ୍ଧୁକରେ ଦେଶର ନାଗରିକ ଭାବେ ସୁରକ୍ଷିତ ରହିବାର ଭରସା ସେମାନେ ଦେଶର ଆଇନ ଓ ସମ୍ବିଧାନରେ ଦେଖୁ ନାହାନ୍ତି। ଏହା ବାସ୍ତବରେ ଦୁର୍ଭାଗ୍ୟଜନକ। ଏହା ଏକ ଅବିଶ୍ୱସ୍ୟ ସମାଜର ଲକ୍ଷଣ ଏବଂ ଲୋକଙ୍କ ଅସନ୍ତୋଷ ଅସ୍ତ୍ରର ରୂପ ନେଉଛି। ସମାଜ ବିଜ୍ଞାନୀ ଏହାକୁ ତ ଅତି ଗୁରୁତର ଘଟଣା ଭାବେ ଦେଖିବେ। ସେ ଦେଶର ଆଇନ, ସମ୍ବିଧାନ ଓ ବିଚାର ବ୍ୟବସ୍ଥା ପାଇଁ ମଧ୍ୟ ଏହା ଏକ ବଡ଼ ଆହ୍ୱାନ।

ଅନେକ କହିପାରନ୍ତି ଯେ ଯେଉଁ ଦେଶରେ ବନ୍ଧୁକ ଅଧିକାର ଆଇନ କଠୋର, ସେଠାରେ କ'ଣ ଏଭଳି ନରସଂହାର ଓ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ବା ହତ୍ୟା ଉଦ୍ୟମ ହେଉ ନାହିଁ? ହଁ ହେଉଛି, ତେବେ ଏଥିରେ ଆତଙ୍କବାଦ ଓ ବିଦ୍ରୋହୀଙ୍କର ଭୂମିକା ଅଧିକ ରହୁଛି। ତଫାତ ହେଉଛି ବନ୍ଧୁକ ରଖିବାର ଅଧିକାର ପାଇଥିବା ଦେଶର ସମାଜ ଅପେକ୍ଷାକୃତ ଅଧିକ ବିପଜ୍ଜନକ ଓ ହିଂସାପ୍ରବଣ - ଏକଥା ଆମେରିକାର ଘଟଣାବଳୀରୁ ବାରମ୍ବାର ପ୍ରମାଣିତ ହେଉଛି। ଆମେରିକା ଏକାଧିକ ରାଷ୍ଟ୍ରପତିଙ୍କୁ ହତ୍ୟା ଓ ହତ୍ୟା ଉଦ୍ୟମ ଦେଖିଛି। ଏହାସତ୍ତ୍ୱେ ସେଠାକାର ବନ୍ଧୁକ ସଂସ୍କୃତି ବଦଳିନାହିଁ। ଟ୍ରମ୍ପଙ୍କ ଗର୍ଜନ ଓ ପ୍ରତିକ୍ରିୟା ଏହି ସଂସ୍କୃତିକୁ ବଦଳାଇବା ସମ୍ଭାବନା କ୍ଷୀଣ; କାରଣ ତାଙ୍କ ଦଳ ଏହି ରକ୍ଷଣଶୀଳ ଦକ୍ଷିଣପନ୍ଥୀ ସଂସ୍କୃତିର ପ୍ରମୁଖ ସମର୍ଥକ। ଉଦାରବାଦୀ ଡେମୋକ୍ରାଟ ଏହାର ବିରୋଧୀ; କିନ୍ତୁ ସେମାନେ ମଧ୍ୟ ଏ କ୍ଷେତ୍ରରେ କିଛି କରିନାହାନ୍ତି। ତେଣୁ ଏହି ଘଟଣା ଆମେରିକାକୁ ଅଧିକ ବିଭାଜିତ କରିବ ସିନା ଖରାପ ସଂସ୍କୃତିର ଅବସାନ ଘଟିବା ସମ୍ଭାବନା କ୍ଷୀଣ। ●

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଭାରତୀୟ ରିଜର୍ଭ ବ୍ୟାଙ୍କର ସୁବର୍ଣ୍ଣ-ଦୌଡ଼



ଦୋଳଗୋବିନ୍ଦ ମହାପାତ୍ର
ମୋ: ୯୪୩୮୧୯୨୨୨୪

ସମ୍ପ୍ରତି ଆନ୍ତର୍ଜାତିକସ୍ତରରେ ସୁବର୍ଣ୍ଣ(ସୁନା) ମୂଲ୍ୟ ଅବିଶ୍ୱସନୀୟ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱର ପ୍ରାୟ ସମସ୍ତ ଦେଶବାସୀଙ୍କ ସୁବର୍ଣ୍ଣ ପ୍ରତି ଆକର୍ଷଣ ବହୁକାଳରୁ ରହିଆସିଛି। ବିଶେଷ କରି ଆମ ଦେଶରେ ସୁବର୍ଣ୍ଣ ପ୍ରତି ମୋହ ଓ ଆକର୍ଷଣ ଅନ୍ୟାନ୍ୟ ରାଷ୍ଟ୍ରଠାରୁ ବହୁ ଆଗରେ। ଭାରତୀୟ ମହିଳାମାନେ ଅତୀବ ଅଳଙ୍କାର ପ୍ରିୟ। ଅନେକ ଦୁର୍ମୂଲ୍ୟ ଧାତୁ ଥିଲେ ମଧ୍ୟ ସୁବର୍ଣ୍ଣକୁ ସୌନ୍ଦର୍ଯ୍ୟ ଓ ରୂପଚର୍ଯ୍ୟାରେ ବ୍ୟବହାର କରିବାରେ ଭାରତୀୟମାନେ ସବୁଠାରୁ ଆଗରେ। ଭାରତୀୟ ସମାଜରେ ଏହି ହଳଦିଆ ଧାତୁର ବ୍ୟବହାର ବିଭିନ୍ନ ପୂଜାବିଧି, ବ୍ରତ ଓ ବିବାହ ପରି ଉତ୍ସବ, ଦାନ, ଧର୍ମ ତଥା ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ନିମନ୍ତେ ଧନୀ-ଗରିବ ନିର୍ବିଶେଷରେ ଅପରିହାର୍ଯ୍ୟ ହୋଇପଡ଼ିଛି।

ସୁବର୍ଣ୍ଣ ପ୍ରତି ଥିବା ଦୁର୍ବାର ଆକର୍ଷଣ କିପରି, ତାହା ୧୮୪୮ ମସିହାରେ ଆମେରିକାର ବିସ୍ତୀର୍ଣ୍ଣ ଅଞ୍ଚଳ କାଲିଫର୍ଣ୍ଣିଆଠାରେ ସୁବର୍ଣ୍ଣ ସନ୍ଧାନ ସକାଶେ ଘଟିଥିବା 'ଗୋଲ୍ଡ ରସ୍'ରୁ ପ୍ରମାଣ ମିଳିଥାଏ। ଅନ୍ୟାନ୍ୟ ଦେଶ ଓ ଆମେରିକାରେ ବିଭିନ୍ନ ପ୍ରାନ୍ତରୁ ପ୍ରାୟ ତିନିଲକ୍ଷ ଲୋକଙ୍କ ସ୍ରୋତ କାଲିଫର୍ଣ୍ଣିଆକୁ ଛୁଟିଥିଲା, ଯାହା ସେହି ଅଞ୍ଚଳର ଭାଗ୍ୟ ବଦଳାଇ ଦେଇଥିଲା। ସୁବର୍ଣ୍ଣ ସନ୍ଧାନର ଦୁର୍ବାର ନିଶା ଯୋଗୁଁ ଉପୁଜିଥିବା ଆଶା, ନିରାଶା, କ୍ଷୁଧା, ପ୍ରତାରଣା ଓ ପ୍ରତିଶୋଧ ଉଗ୍ର ରୂପ ନେଇଥିଲା। ଆର୍ଥିକ ଦୃଷ୍ଟିକୋଣରୁ କାଲିଫର୍ଣ୍ଣିଆ ବିକଶିତ ହୋଇଥିଲା ସତ, କିନ୍ତୁ ସେଠାକାର ଅଧିବାସୀମାନଙ୍କ ନିମନ୍ତେ 'ଗୋଲ୍ଡ ରସ୍' ଅଭିଶାପରେ ରୂପାନ୍ତରିତ ହୋଇଥିଲା। ଶ୍ରେଣୀ ସଂଘର୍ଷ ଯୋଗୁଁ ଅନେକ ବାସଚ୍ୟୁତ ହୋଇଥିଲେ। ଜଙ୍ଗଲ ଧ୍ୱଂସ ଜନିତ ହିଂସ୍ର ଜୀବନର ଦ୍ରୁତ ଅବନତି, ବ୍ୟାପକ ମୃତ୍ତିକା କ୍ଷୟ, ଜଳ ପ୍ରଦୂଷଣ ଆଦି ଘଟି ପରିବେଶ ଉପରେ ଘୋର ପ୍ରତିକୂଳ ପ୍ରଭାବ ପକାଇଥିଲା। ସେଦିନର କାଲିଫର୍ଣ୍ଣିଆରେ ଘଟିଥିବା 'ଗୋଲ୍ଡ ରସ୍' ଏବେ ବିଶ୍ୱର ବିଭିନ୍ନ ଅଞ୍ଚଳକୁ ସମ୍ପ୍ରସାରିତ ହେବାରେ ଲାଗିଛି ଏକ ଭିନ୍ନ ରୂପରେ।

ସୁବର୍ଣ୍ଣ କେବଳ ଯେ ମୂଲ୍ୟବାନ ଅଳଙ୍କାର ନିମନ୍ତେ ବ୍ୟବହାର ହୁଏ ତାହା ନୁହଁ; ଆନ୍ତର୍ଜାତିକ ସ୍ତରରେ ଏହା ମଧ୍ୟ ମୁଦ୍ରା ରୂପେ ବ୍ୟବହୃତ ହେଉଥିଲା। ୧୮୭୧ ମସିହାରେ ଆନ୍ତର୍ଜାତିକ 'ସ୍ୱର୍ଣ୍ଣମାନ'(ଗୋଲ୍ଡ ଷ୍ଟାଣ୍ଡାର୍ଡ)ର ସୂତ୍ରପାତ ହେଲା ଏବଂ ୧୯୦୦ ମସିହା ସୁଦ୍ଧା ସର୍ବାଧିକ ବିକଶିତ ରାଷ୍ଟ୍ରମାନେ ଏହି 'ସ୍ୱର୍ଣ୍ଣମାନ'ରେ ସାମିଲ ହୋଇଥିଲେ। କିନ୍ତୁ ପ୍ରଥମ ବିଶ୍ୱଯୁଦ୍ଧ ପରେ ଅଧିକାଂଶ ରାଷ୍ଟ୍ର 'ସ୍ୱର୍ଣ୍ଣମାନ' ଅର୍ଥାତ ସୁବର୍ଣ୍ଣ ମୁଦ୍ରା ପ୍ରଚଳନରୁ ଓହରି ଯାଇଥିଲେ। ୟୁକେ, ଫ୍ରାନ୍ସ, ଜର୍ମାନୀ ଓ ଆହୁରି ଅନେକ ରାଷ୍ଟ୍ର ସୁବର୍ଣ୍ଣ ରପ୍ତାନି ଉପରେ ପ୍ରତିବନ୍ଧକ ଲାଗୁ କରିଥିଲେ। ଏହାପଛରେ ଅନେକ କାରଣ ଥିଲା। ପ୍ରଥମତଃ, ସ୍ୱର୍ଣ୍ଣ ମୁଦ୍ରାର ଯୋଗାଣ ପୂର୍ଣ୍ଣମାତ୍ରାରେ ସୁବର୍ଣ୍ଣ ଖଣିରୁ ଉତ୍ତୋଳିତ ଧାତୁ ଉପରେ ନିର୍ଭର କରୁଥିଲା। ଯାହାଫଳରେ ସରକାର ମୁଦ୍ରା ଚାହିଦା ପୂରଣ କରିବାକୁ ଆବଶ୍ୟକତା ଅନୁଯାୟୀ ଯୋଗାଣ କରିବାରେ ଅସମର୍ଥ ହେଲେ। 'ସ୍ୱର୍ଣ୍ଣମାନ'ରେ ମୁଦ୍ରା ଯୋଗାଣ ନମନୀୟ ନଥିଲା। ଫଳରେ ମୁଦ୍ରାର ଚାହିଦା



ଓ ଯୋଗାଣ ମଧ୍ୟରେ ସନ୍ତୁଳନ ରକ୍ଷା ହୋଇପାରିଲା ନାହିଁ। ଦ୍ୱିତୀୟତଃ, ମୁଦ୍ରାମୂଲ୍ୟର ଅସ୍ଥିରତା ଯୋଗୁଁ ଅର୍ଥନୀତିରେ ମୁଦ୍ରାସ୍ଫୀତି କିମ୍ବା ଅବସ୍ଫୀତି ସୃଷ୍ଟି ହେଲା। ଆନ୍ତର୍ଜାତିକ ବିନିମୟ ମୂଲ୍ୟରେ ଘୋର ଅସ୍ଥିରତା ଦେଖାଦେଲା। ସୁତରାଂ ବିଶ୍ୱସ୍ତରରେ ସ୍ୱର୍ଣ୍ଣ ମୁଦ୍ରା ଅପସରିଗଲା।

ସୁବର୍ଣ୍ଣ ପରି ଏକ ମହାର୍ଘ ଧାତୁ ମୁଦ୍ରା ପ୍ରଚଳନରୁ ବାଦ୍ ପଡ଼ିଲେ ମଧ୍ୟ ବିଶ୍ୱର ପ୍ରାୟ ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କମାନେ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁଯାୟୀ ବ୍ୟାଙ୍କ୍ ନୋଟ୍ ଛାପିବା କ୍ଷେତ୍ରରେ ବୈଦେଶିକ ବିନିମୟ ମୁଦ୍ରା ବ୍ୟତୀତ ସୁବର୍ଣ୍ଣ ମହଜୁଦ ରଖିବାକୁ ବାଧ ହେଲେ। ଏବେ ବିଶ୍ୱର ସମସ୍ତ ରାଷ୍ଟ୍ର କାଗଜ ନୋଟ୍ ପ୍ରଚଳନ କରୁଛନ୍ତି। କାଗଜ ମୁଦ୍ରାର ଯୋଗାଣ ସଂରକ୍ଷିତ ବୈଦେଶିକ ମୁଦ୍ରା ଓ ସୁବର୍ଣ୍ଣର ଗଚ୍ଛିତ ପରିମାଣ ଉପରେ ନିର୍ଭର କରେ। କେନ୍ଦ୍ରୀୟ ବ୍ୟାଙ୍କ୍ ସମୂହ ଏ ଦିଗରେ ବିଭିନ୍ନ ପଦ୍ଧତି ମାନ ଅନୁସରଣ କରନ୍ତି। ପ୍ରାରମ୍ଭରେ କେନ୍ଦ୍ରୀୟ ବ୍ୟାଙ୍କ୍‌ମାନଙ୍କୁ ଛାପିବାକୁ ଥିବା ନୋଟ୍ ପରିମାଣ ଅନୁଯାୟୀ ଅନୁରୂପ ପରିମାଣର ସୁବର୍ଣ୍ଣ ମହଜୁଦ ରଖିବାକୁ ପଡୁଥିଲା। କିନ୍ତୁ ଏହି ପଦ୍ଧତି ଅନୁଯାୟୀ ମୁଦ୍ରା ଯୋଗାଣ ସ୍ଥିତିସ୍ଥାପକ ହୋଇପାରିଲା ନାହିଁ। ତେଣୁ ସମ୍ପ୍ରତି ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ପ୍ରଚଳନରେ ସର୍ବନିମ୍ନ ସଂରକ୍ଷଣ ପଦ୍ଧତି ଅନୁସରଣ କରୁଛି। ଏହି କ୍ଷେତ୍ରରେ ଏକ ସର୍ବନିମ୍ନ ପରିମାଣର ସୁବର୍ଣ୍ଣକୁ ଆନୁପାତିକ ଭାବେ ସଂରକ୍ଷଣ କରିବାକୁ ପଡ଼େ। ଦ୍ରୁତଆର୍ଥିକ ବିକାଶ ଓ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ଥିତିସ୍ଥାପକ ମୁଦ୍ରା ଯୋଗାଣ ନିମନ୍ତେ ଏହା ଅତ୍ୟନ୍ତ ଉପଯୋଗୀ।

ଏବେ ସୁନା ଦର ବୃଦ୍ଧି ବିଶ୍ୱସ୍ତରରେ ଚହଳ ସୃଷ୍ଟି କରିଛି। ଆମ ଦେଶରେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପ୍ରତି ୭୩୦୦୦ ଟଙ୍କା ଅତିକ୍ରମ କରିଥିବା ବେଳେ ଏବେ କିଛିମାତ୍ରାରେ ଏହାର ମୂଲ୍ୟରେ ସୁଧାର ଆସିଛି। ଚୀନ୍, ଭାରତ, ତୁର୍କୀ ଆଦି ଦେଶ ସେମାନଙ୍କର ସୁବର୍ଣ୍ଣ ଭଣ୍ଡାରକୁ ବୃଦ୍ଧି କରିବା ପାଇଁ ବିପୁଳ ପରିମାଣର ସ୍ୱର୍ଣ୍ଣ କ୍ରୟ କରୁଛନ୍ତି। ଏଥିସହିତ କେନ୍ଦ୍ରୀୟ ବ୍ୟାଙ୍କ୍‌ମାନେ ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାରକୁ ବୃଦ୍ଧି କରିବା ପରିବର୍ତ୍ତେ ସୁବର୍ଣ୍ଣ ଅଧିକରୁ ଅଧିକ ମହଜୁଦ ରଖି ଲାଭବାନ ହେବା ନିମନ୍ତେ ପ୍ରୟାସ କରୁଥିବାରୁ ସ୍ୱର୍ଣ୍ଣ ମୂଲ୍ୟରେ ବ୍ୟାପକ ବୃଦ୍ଧି ଘଟିଛି। ଏହାବ୍ୟତୀତ ହମାସ- ଇସ୍ରାଏଲ ଯୁଦ୍ଧ, ବିଶ୍ୱ ତୈଳବଜାରରେ ଦର ବୃଦ୍ଧି, ଇସ୍ରାଏଲ ସହ ଭାରତର ବାଣିଜ୍ୟ ସମ୍ପର୍କରେ ବ୍ୟାଘାତ ଆଦି ସୁବର୍ଣ୍ଣ ମୂଲ୍ୟସ୍ଫୀତିକୁ ଅଧିକ ବେଗବାନ କରିଛି। ଆମେରିକା ଡଲାର ଇଣ୍ଡେକ୍ସ ଓ ଭାରତର ସୁନା ଦର ମଧ୍ୟରେ ବିପରୀତ ସମ୍ବନ୍ଧ ଥିବା ଯୋଗୁଁ ଆମେରିକା ଡଲାର ଇଣ୍ଡେକ୍ସ ହ୍ରାସ ପାଇବାର ପ୍ରଭାବ ସୁନା ଦରରେ ପ୍ରତିଫଳିତ ହୋଇଛି।

ଭାରତ ବିଶ୍ୱର ତୃତୀୟ ବୃହତ୍ତମ ସୁନା ଆମଦାନିକାରୀ ରାଷ୍ଟ୍ର। ଏବେ ଆରବିଆଇ ସୁନା କିଣା ଦୌଡ଼ରେ ବିଶ୍ୱର ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କମାନଙ୍କଠାରୁ ଆଗରେ ରହିଛି। ୟୁଏସ ଡଲାରର ଅସ୍ଥିରତାକୁ ଦୃଷ୍ଟିରେ ରଖି ଆରବିଆଇ ବିପୁଳ ସୁନା କ୍ରୟ କରି ମୁଦ୍ରା ଭଣ୍ଡାରକୁ ସଶକ୍ତ କରିବାକୁ ଚାହୁଁଛି। ୨୦୨୩ ମସିହାରେ ଆରବିଆଇ ଯେତିକି ପରିମାଣର ସୁନା କିଣିଥିଲା, ତାହାର ୮୦ % ସୁନା ଚଳିତ ବର୍ଷ ପ୍ରଥମ ଦୁଇ ମାସରେ କ୍ରୟ କରିଛି। ଚଳିତ ବର୍ଷ ଜାନୁଆରୀରୁ ଏପ୍ରିଲ-ଏହି ୪ ମାସ ମଧ୍ୟରେ ଆରବିଆଇ ଏହାର ସ୍ୱର୍ଣ୍ଣ ଭଣ୍ଡାରରେ ୨୪ ଟନ ସୁନା ଯୋଗ କରିଛି, ଯାହା ୨୦୨୩ ମସିହାରେ କିଣିଥିବା ସୁନା ତୁଳନାରେ ଦେଢ଼ଗୁଣ। ୨୦୨୪ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଆରବିଆଇ ନିକଟରେ ଗଚ୍ଛିତ ୮୨୨.୧୦ ଟନ ସୁନା ମଧ୍ୟରୁ ନିଜ ନିକଟରେ ୪୦୮.୩୧ ଟନ ଥିବା ବେଳେ ୩୮୭.୨୬ ଟନ ସୁନା ବ୍ୟାଙ୍କ୍ ଅଫ ଇଂଲଣ୍ଡ ଏବଂ ବ୍ୟାଙ୍କ୍ ଅଫ ଇଣ୍ଟରନ୍ୟାଶନାଲ ସେଟଲମେଣ୍ଟରେ ହେପାଜତରେ ଜମା କରିଥିଲା। ବିଗତ ୬ ବର୍ଷ ମଧ୍ୟରେ ଆରବିଆଇ ତା'ର ସ୍ୱର୍ଣ୍ଣ ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି କରିଛି।

ରୁଷ୍ - ୟୁକ୍ରେନ ରାଜନୈତିକ ବିବାଦରୁ ସୃଷ୍ଟି ହୋଇଥିବା ବିନାଶକାରୀ ଯୁଦ୍ଧ ଯୋଗୁଁ ବିଶ୍ୱର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ରରେ ଆନ୍ତର୍ଜାତିକ ପରିସମ୍ପତ୍ତିର ନିରାପତ୍ତା ନେଇ ଅନିଶ୍ଚିତତା ଦେଖାଦେଇଛି। ଏଥିଯୋଗୁଁ ପାଶ୍ଚାତ୍ୟ ବ୍ୟାଙ୍କମାନଙ୍କ ନିକଟରେ ଗଚ୍ଛିତ ଥିବା ରୁଷର ବିପୁଳ ପରିସମ୍ପତ୍ତି ସବୁକୁ ଅଚଳ କରାଯିବା ଫଳରେ ରୁଷ ନିଜ ଗଚ୍ଛିତ ପରିସମ୍ପତ୍ତି ଉପରେ ଅଧିକାର ହରାଇ ବସିଛି। ଏହି ଦୃଷ୍ଟିକୋଣରୁ ଆରବିଆଇ ବୈଦେଶିକ ସ୍ତରରେ ଗଚ୍ଛିତ ରଖିଥିବା ସୁନା ଫେରାଇ ଆଣିବା ସକାଶେ ତତ୍ପରତା ପ୍ରକାଶ କରିଛି। ଆରବିଆଇ ବ୍ୟାଙ୍କ୍ ଅଫ ଇଂଲଣ୍ଡରେ ରଖିଥିବା ୧୦୦ ଟନ ସୁନା ଫେରାଇ ଆଣିବା ସହ ଅନ୍ୟାନ୍ୟ ଆନ୍ତର୍ଜାତିକ ବ୍ୟାଙ୍କ୍ ସମୂହରେ ଗଚ୍ଛିତ ରଖିଥିବା ସୁନା କିଛି ମାସ ମଧ୍ୟରେ ଫେରାଇ ଆଣିବାର ଯୋଜନା ଚୂଡ଼ାନ୍ତ କରିଥିବା ଜଣାପଡ଼ିଛି।

ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କ୍ ସମୂହ ହୁଅନ୍ତୁ କିମ୍ବା ସାଧାରଣ ନାଗରିକ, ସୁବର୍ଣ୍ଣ ସବୁ ସମୟରେ ଆକର୍ଷଣର କେନ୍ଦ୍ର ହୋଇ ରହିଆସିଛି। ଏହି ମହାର୍ଘ ହଳଦିଆ ଧାତୁର ଦୁର୍ବାର ଆକର୍ଷଣ ପ୍ରତିଟି ବ୍ୟକ୍ତି ହୃଦୟରେ ଏକ ଅଲଙ୍ଘ୍ୟ ସ୍ଥାନ ଗ୍ରହଣ କରି ବସିଛି। ସୁବର୍ଣ୍ଣ ପରି ବହୁ ଆକାଂକ୍ଷିତ ଧାତୁର ପ୍ରଲୋଭନରୁ ବିଶ୍ୱ ମୁକୁଳି ପାରିନାହିଁ। ଏବେ ପ୍ରାୟ ସମସ୍ତେ ଗୋଲ୍ଡ ରେସ୍ ବା ସୁବର୍ଣ୍ଣ ଦୌଡ଼ରେ ଅଣନିଃଶ୍ୱାସୀ। ●

# ମାନବୀୟ କାର୍ଯ୍ୟକଳାପର ଭୂତାତ୍ତ୍ୱିକ କାଳ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ସୃଷ୍ଟିର ଆଦ୍ୟ କାଳରୁ, ଅର୍ଥାତ ବିଗତ ପ୍ରାୟ ୪.୫୪ ହଜାର ନିୟୁତ ବର୍ଷଠାରୁ ଆଜି ମଧ୍ୟରେ ସମୟକୁ ଚାରୋଟି ଅବଧିରେ ବିଭକ୍ତ କରିଛନ୍ତି ଭୂ-ବିଜ୍ଞାନୀମାନେ। ସେଗୁଡ଼ିକ ହେଲା 'ପ୍ରି-କାମ୍ବ୍ରିଆନ୍' (ଆଦ୍ୟକାଳରୁ ୫୪୧ ନିୟୁତ ବର୍ଷ) 'ପାଲେଓଜୋଇକ୍' (୫୪୧ ରୁ ୨୫୧ ନିୟୁତ ବର୍ଷ), 'ମେସୋଜୋଇକ୍' (୨୫୧ ରୁ ୬୬ ନିୟୁତ ବର୍ଷ) ଏବଂ 'ସେନୋଜୋଇକ୍' (୬୬ ନିୟୁତ ବର୍ଷରୁ ବର୍ତ୍ତମାନ)। ବର୍ତ୍ତମାନ ଚାଲିଥିବା ଶେଷୋକ୍ତ ଅବଧିଟିକୁ ତିନି ଭାଗରେ ବିଭକ୍ତ କରାଯାଇଛି। ତନ୍ମଧ୍ୟରୁ ଶେଷଭାଗଟି ହେଲା 'କ୍ୱାଟରନାରୀ' କାଳ। ଏହା ଆରମ୍ଭ ହୋଇଛି ଆଜକୁ ପ୍ରାୟ ୨.୬ ନିୟୁତ ବର୍ଷ ପୂର୍ବେ। ଏହି ସମୟରେ ମଣିଷର କାର୍ଯ୍ୟକଳାପ ହେତୁ ପୃଥିବୀ ପୃଷ୍ଠ କିଛିଟା ନୂଆ ରୂପ ନେବା ଆରମ୍ଭ କରିଛି।

'କ୍ୱାଟରନାରୀ' କାଳକୁ ମଧ୍ୟ ଦୁଇଭାଗରେ ବିଭକ୍ତ କରାଯାଏ- 'ପ୍ଲେଇଷ୍ଟୋସିନ୍' (ଆଜିଠାରୁ ୨.୬ ନିୟୁତ ବର୍ଷ ପୂର୍ବେ ଆରମ୍ଭ) ଏବଂ 'ହୋଲୋସିନ୍' (ଆଜିଠାରୁ ୧୧୭୦୦ ବର୍ଷ ପୂର୍ବେ ଆରମ୍ଭ)। ତେବେ କିଛି ଭୂ-ବିଜ୍ଞାନୀ ଦାବି କରୁଛନ୍ତି ଯେ ବିଗତ ୧୯୫୦ ମସିହା ଠାରୁ ଆରମ୍ଭ ସମୟକୁ ଏକ ନୂଆ ଭାଗ (ବା କାଳ) ରୂପେ ଗ୍ରହଣ କରିବାକୁ। ସେମାନେ ଏହାର ନାମ ଦେଇଛନ୍ତି 'ଆନ୍ଥ୍ରୋପୋସିନ୍'। ଏହି ଗ୍ରୀକ୍ ଶବ୍ଦର ଅର୍ଥ ହେଲା 'ମଣିଷର ବର୍ତ୍ତମାନ କାଳ'।

ପ୍ରଥମେ ଆମେରିକୀୟ ଜୀବବିଜ୍ଞାନୀ ଇୟୁଜେନ୍ ଷ୍ଟୋଇରମର୍ ୧୯୮୦ ଦଶକରେ ଏହି ଶବ୍ଦଟିର ସୃଷ୍ଟି କରିଥିଲେ। ତେବେ ଡେନ୍‌ମାର୍କର ରସାୟନବିତ୍ ତଥା ନୋବେଲ୍ ପୁରସ୍କାର ବିଜେତା ପଲ୍ କ୍ରୁଟ୍‌ଜେନ୍ ଏହାକୁ ୨୦୦୦ ମସିହାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଉପସ୍ଥାପନ କରି ଏବଂ ସେହିବର୍ଷ ଏକ ବିଜ୍ଞାନ ସମ୍ବାଦପତ୍ର ମାଧ୍ୟମରେ ବୈଜ୍ଞାନିକ ସମୂହଙ୍କ ଏଥିପ୍ରତି ଧ୍ୟାନ ଆକର୍ଷଣ କରିଥିଲେ। ତତ୍ପରେ ୨୦୦୮ ମସିହାରେ ବ୍ରିଟିଶ ଭୂ-ବିଜ୍ଞାନୀ ଜାନ୍ ଜାଲାସିଇୱିକ୍ ଏବଂ ତାଙ୍କ ସହକର୍ମୀଗଣ 'ଆନ୍ଥ୍ରୋପୋସିନ୍'କୁ ଏକ ବିଧିବଦ୍ଧ ଭୂ-ତାତ୍ତ୍ୱିକ କାଳ ରୂପେ ଗଣନା କରିବାକୁ ପ୍ରସ୍ତାବ ରଖିଲେ। ତାଙ୍କୁ ଅନୁସରଣ କଲେ 'ଇଣ୍ଟରନ୍ୟାସନାଲ୍ ୟୁନିୟନ୍ ଅଫ୍ ଜିଓଲୋଜିକ୍ ସାଇନ୍‌ସେସ୍' (ଆଇୟୁଜିଏସ୍)ର 'ଆନ୍ଥ୍ରୋପୋସିନ୍ ୱାର୍କିଂ ଗ୍ରୁପ୍'। ସେମାନେ ଏଥିପାଇଁ ୨୦୧୬ ମସିହାରେ 'ଇଣ୍ଟର ନ୍ୟାସନାଲ୍ ଜିଓଲୋଜିକାଲ କଂଗ୍ରେସ୍'ର ୩୫ ତମ ଅଧିବେଶନରେ ଏ ପ୍ରସ୍ତାବ ଆଗତ କଲେ।

ଅଧିକାଂଶ ବୈଜ୍ଞାନିକ ଏଥିରେ ଏକମତ ଯେ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗକୁ ଶିଳ୍ପ ବିପ୍ଳବର ଆରମ୍ଭ କାଳରେ, ପ୍ରକୃତି ଓ ପରିବେଶ ଏବଂ ସାମଗ୍ରିକ ଭାବେ ବିଶ୍ୱ ବ୍ୟବସ୍ଥା ଉପରେ ମଣିଷର ପ୍ରଭାବ ଖୁବ୍ କମ୍ ଥିଲା। ସେହିକାଳରୁ ପ୍ରଯୁକ୍ତି ବିଦ୍ୟାର ବିକାଶ ସହିତ ଏଥିରେ ସେ ବ୍ୟାପକ



ପରିବର୍ତ୍ତନମାନ ଆଣିଲା, ଯାହାକି ଏହାକୁ ବହୁ ଢଙ୍ଗରେ ପ୍ରଭାବିତ କଲା। ବର୍ତ୍ତମାନ ଏହାର ପ୍ରଭାବ ମାତ୍ରାଧିକ ହୋଇସାରିଛି ସମଗ୍ର ପୃଥିବୀ ପୃଷ୍ଠର ଭୂ-ମଣ୍ଡଳ, ଜଳ-ମଣ୍ଡଳ, ବାୟୁମଣ୍ଡଳ ଏବଂ ଜୈବ-ଭୂ ରାସାୟନିକ ପୌଷ୍ଟିକଚକ୍ର ଉପରେ। ଅନ୍ୟପକ୍ଷରେ ୧୯୦୦ ମସିହା ବେଳକୁ ୧.୭ ହଜାର ନିୟୁତ ହୋଇଥିବା ପୃଥିବୀର ଜନସଂଖ୍ୟା ୨୦୧୬ ମସିହାରେ ପହଞ୍ଚିଛି ୭.୪ ହଜାର ନିୟୁତରେ (ଏବେ ୮.୨)। ଅତଏବ ୨୦୦୫ ମସିହା ସୁଦ୍ଧା ପୃଥିବୀର ଦୁଇ-ପଞ୍ଚମାଂଶ କୃଷି କିମ୍ବା ଚାରଣ ଭୂମିରେ ଏବଂ ଏକ-ଦଶମାଂଶ ସହରାଞ୍ଚଳରେ ରୂପାନ୍ତରିତ ହୋଇସାରିଛି। ପୁନଶ୍ଚ ବୃଦ୍ଧି ପାଇଛି ତଦନୁଯାୟୀ ଗୃହ, ଶିଳ୍ପ, ଯାନବାହନ ଇତ୍ୟାଦିରେ ଶକ୍ତିର ବିନିଯୋଗ, ଯାହାର ମୁଖ୍ୟ ଉତ୍ସ ହେଉଛି ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନକାରୀ ଜୀବାଶ୍ମ ଇନ୍ଧନ। ଫଳରେ ବାୟୁରେ ଏହି ଜାଗତିକ ଉଷ୍ଣତା ବୃଦ୍ଧିକାରୀ ସବୁଜ ଗୃହ ବାଷ୍ପର ଘନତ୍ୱ ୧୯୫୭ ମସିହା ବେଳକୁ ନିୟୁତ ଭାଗ ପ୍ରତି ୩୧୬ ଭାଗ (ପିପିଏମ୍) ଥିଲାବେଳେ ପ୍ରାୟ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ତାହା ୩୯୦ ପିପିଏମ୍‌କୁ ଏବଂ ବର୍ତ୍ତମାନ ସର୍ବୋଚ୍ଚ ନିରାପଦସ୍ତର ୪୦୦ ପିପିଏମ୍ ଅତିକ୍ରମ କରିଯାଇଛି (୪୧୦ ପିପିଏମ୍ ପାଖାପାଖି ହେଲାଣି)। ପରିଣାମସ୍ୱରୂପ, ୧୯୦୬ ଏବଂ ୨୦୦୫ ମସିହା ମଧ୍ୟରେ ବୈଶ୍ୱିକ ତାପମାତ୍ରା ୦.୭୪ ଡିଗ୍ରୀ ସେଲସିୟସ୍ (ବର୍ତ୍ତମାନ ୧ ଡିଗ୍ରୀ ପାଖାପାଖି) ବୃଦ୍ଧିପାଇ ଜଳବାୟୁ ପରିବର୍ତ୍ତନ ସମେତ ବିଭିନ୍ନ ପରିବେଶୀୟ ଏବଂ ପରିସଂସ୍ଥୀୟ ସମସ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇଛି। ଏହାରି ହେତୁ ପୃଥିବୀ ପୃଷ୍ଠରେ ପ୍ରାକ୍ ଶିଳ୍ପ ବିପ୍ଳବ କାଳ ତୁଳନାରେ ବିବିଧ ପ୍ରଜାତିର ବିଲୁପ୍ତିହାର ୧୦୦୦ ଗୁଣରୁ ଅଧିକ ହୋଇଗଲାଣି।

ଯଦିଓ ଆଧୁନିକ ସମୟରେ ପୃଥିବୀର ପ୍ରାକୃତିକ ବ୍ୟବସ୍ଥା ଉପରେ ମଣିଷର ଆଧିପତ୍ୟ ଅତ୍ୟଧିକ ସୀମାରେ ପହଞ୍ଚିଛି, ତେବେ ତା'ର ଏହି କାର୍ଯ୍ୟକଳାପ ନିର୍ଦ୍ଦିଷ୍ଟ ଭାବେ କେବେଠାରୁ ପ୍ରଭାବଶାଳୀ ହେବାକୁ ଲାଗିଲା, ତାହାକୁ ନେଇ ବୈଜ୍ଞାନିକମାନଙ୍କ ମଧ୍ୟରେ ତର୍କ ଚାଲିଛି। ତେବେ ଶିଳ୍ପ ବିପ୍ଳବଠାରୁ ଅର୍ଥାତ୍ ୧୮୦୦ ମସିହା ବେଳକୁ ଜେମ୍ସ ୱାଟ୍ ଷ୍ଟିମ୍ ଇଞ୍ଜିନ୍ ଉଦ୍‌ଭାବନ ସମୟରୁ ଏହାର ଅୟମାରମ୍ଭ ଘଟିଲା ବୋଲି ପଲ୍ କ୍ରୁଟଜେନ୍‌ଙ୍କ ସମେତ ଅନେକଙ୍କର ମତ। ଅନ୍ୟପକ୍ଷରେ ଜାନ୍ ଜାଲାସିଇୱିକ୍ ଏବଂ ତାଙ୍କ ସହଯୋଗୀମାନେ ୧୯୪୫ ମସିହାରୁ 'ଆନ୍ଥ୍ରୋପୋସିନ୍' ଆରମ୍ଭ ହେଲା ବୋଲି କହନ୍ତି, ଯେଉଁ ସମୟରେ କି ପ୍ରଥମ ପରମାଣୁ ବୋମା ନିଉ ମେକ୍‌ସିକୋର ଆଲାମୋଗୋରଡ଼ୋଠାରେ ପରୀକ୍ଷା କରାଗଲା ଏବଂ ଜାପାନର ହିରୋସୀମା ଓ ନାଗାସାକିରେ ତାହା ପ୍ରୟୋଗ କରାଗଲା। ସେହି ବର୍ଷଠାରୁ ମଧ୍ୟ ଆରମ୍ଭ ହେଲା ତଥାକଥିତ 'ମହାତ୍ୱରଣ' (ବା ଗ୍ରେଟ୍ ଆକସ୍‌ଲେରେସନ୍)। ଏହି ସମୟରୁ ହଠାତ୍ ବୃଦ୍ଧି ପାଇଲା ଜନସଂଖ୍ୟା, ଜୀବାଶ୍ମ ଇନ୍ଧନର ବ୍ୟବହାର, ଜଳର ବିନିଯୋଗ, ଖାଦ୍ୟ ଉତ୍ପାଦନ, ଆନ୍ତର୍ଜାତିକ ଯୋଗାଯୋଗ ଏବଂ ଭୂମିର ବ୍ୟବହାରରେ ପରିବର୍ତ୍ତନ। ତେବେ ୨୦୧୬ ମସିହାରେ 'ଆନ୍ଥ୍ରୋପୋସିନ୍ ୱାର୍କିଂ ଗ୍ରୁପ୍' ୧୯୫୦ ମସିହାକୁ ଏହାର ପ୍ରାରମ୍ଭ କାଳ ବୋଲି ଗ୍ରହଣ କରିବାକୁ ସୁପାରିସ କରିଛି।

'ଆନ୍ଥ୍ରୋପୋସିନ୍'ର ସମର୍ଥକମାନେ ଯୁକ୍ତି ବାଢ଼ନ୍ତି ଯେ ମଣିଷ ଏବେ ପୃଥିବୀ ଓ ଏହାର ପରିବେଶକୁ ଅତି ଅସାଧାରଣ ଭାବେ ବଦଳାଇ ଦେଇଛି। ଏଣୁ ଏହା ଫଳରେ ଏକ ନୂତନ ଭୂତାତ୍ତ୍ୱିକ କାଳର ଅୟମାରମ୍ଭ ଘଟିଛି ବୋଲି ଧରିବାକୁ ହେବ। ଦୀର୍ଘଦିନ ଧରି (୨୦୦୯ ମସିହାରୁ) ବିଚାର ଆଲୋଚନା କଲାପରେ 'ଆନ୍ଥ୍ରୋପୋସିନ୍ ୱାର୍କିଂ ଗ୍ରୁପ୍' ଏହା ୧୯୫୦ ରୁ ୧୯୫୨ ମଧ୍ୟରେ ଘଟିବାର ସ୍ଥିର କରିଛି। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଘଟିଥିବା 'ମହାତ୍ୱରଣ'କୁ ଏହାର କାରଣ ରୂପେ ଦର୍ଶାଉଛି। ଏଣୁ ଏହା ୧୨୦ଟି ଦେଶର ପ୍ରାୟ ୧ ନିୟୁତରୁ ଅଧିକ ଭୂ-ବିଜ୍ଞାନୀମାନଙ୍କୁ ନେଇ ଗଠିତ 'ଇଣ୍ଟରନ୍ୟାସନାଲ ୟୁନିୟନ ଅଫ୍ ଜିଓସାଇନ୍‌ସେସ୍ କଂଗ୍ରେସ'ରେ ଉପସ୍ଥାପିତ କରିଥିଲା ଏବଂ ଚଳିତ ବର୍ଷ (୨୦୨୪) ଫେବ୍ରୁଆରୀ ମାସରେ ଏହାକୁ ଭୋଟ୍ ପାଇଁ ଗ୍ରହଣ କରାଗଲା। ଏଥିରେ ୪ଜଣ ସପକ୍ଷରେ ଏବଂ ୧୨ ଜଣ ବିପକ୍ଷରେ ଭୋଟ୍ ଦେଲା ବେଳେ ୨ଜଣ ଅନୁପସ୍ଥିତ ରହିଲେ। ଏଣୁ ଏହା ସ୍ୱୀକୃତି ଲାଭ କରିପାରିଲା ନାହିଁ। ବିପକ୍ଷବାଦୀମାନେ ଏହାର କାରଣ ରୂପେ ଦର୍ଶାଇଲେ ଯେ ବର୍ତ୍ତମାନର 'ହୋଲୋସିନ୍' କାଳ ଆରମ୍ଭ ହୋଇଛି ମାତ୍ର ୧୧.୧୨ ହଜାର ବର୍ଷ ପୂର୍ବେ। ଏକ ଭୂ-ତାତ୍ତ୍ୱିକ କାଳକୁ ଏତେ ସ୍ୱଳ୍ପ ସମୟ ମଧ୍ୟରେ ସୀମିତ ରଖିବା ଠିକ୍ ନୁହେଁ। ତେବେ, 'ଆନ୍ଥ୍ରୋପୋସିନ୍'କୁ ତାହାର ଏକ ବିଶେଷ ଅଂଶ ଅଥବା ତା' ମଧ୍ୟରେ ଏକ ବିଶେଷ ଘଟଣା ରୂପେ ଗ୍ରହଣ କରାଯାଇପାରିବ। ଏହାପରେ ବି କିଛି ବୈଜ୍ଞାନିକ ଏହାକୁ ମାନବୀୟ କାର୍ଯ୍ୟକଳାପର ଭୂ-ତାତ୍ତ୍ୱିକ କାଳ ରୂପେ ଦାବି କରିବା ପାଇଁ ଆଲୋଚନା ଜାରି ରଖିଛନ୍ତି। ●

# ଅବଶିଷ୍ଟାଂଶ...

## ସିଂହଦ୍ୱାରରେ ତିନି...

ପୋଡ଼ପିଠା ଖାଇଛନ୍ତି ମହାପ୍ରଭୁ। ତେବେ ବାହୁଡ଼ା ଯାତ୍ରାର ନୀତିକାନ୍ତି ବେଶ୍ ସଅଳ ରହିଥିଲା। ଧାର୍ଯ୍ୟ ସମୟର ୧ଘଣ୍ଟା ୧୫ମିନିଟ୍ ପୂର୍ବରୁ ଆରମ୍ଭ ହୋଇଥିଲା ପହଣ୍ଡି। ଅଟେଟ ନ ହୋଇ ବେଗି ବେଗି ରଥାରୂଢ଼ ହୋଇଥିଲେ ଚତୁର୍ଦ୍ଧାବିଗ୍ରହ। ସେହିପରି ନିର୍ଘଣ୍ଟ ସମୟର ୩୫ମିନିଟ୍ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ସିଂହଦ୍ୱାରରେ ପହଞ୍ଚି ଯାଇଛନ୍ତି ତିନିରଥ। ବାହୁଡ଼ା ଯାତ୍ରାରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମାଗମ ହୋଇଥିବା ପ୍ରଶାସନ ପ୍ରାକ୍ ଆକଳନ କରିଛି।

ମହାପ୍ରଭୁଙ୍କୁ ରତ୍ନସିଂହାସନକୁ ଫେରାଇନେବା ଲାଗି ବଡ଼ଦାଣ୍ଡରେ ଅପେକ୍ଷା କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ। ସେପଟେ ଶ୍ରୀମନ୍ଦିରରେ ନୀତିକାନ୍ତି ବି ସଅଳ ଚାଲିଥିଲା। କୁସୁମୀ ଲାଗି ସାରି ଦଇତାପତିମାନେ ସୋମବାର ସକାଳ ୭ଟା ୪୫ରେ ବାହାରିଥିଲେ। ଏହାପରେ ୭ଟା ୫୫ରେ ମଙ୍ଗଳ ଆଳତି ହୋଇ ସକାଳ ୯ଟା ୫୫ ସୁଦ୍ଧା ଠାକୁରଙ୍କ ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଏବଂ ସକାଳ ଧୂପ ସରିଥିଲା। ସକାଳ ଧୂପରେ ମହାପ୍ରଭୁ ଖେଚୁଡ଼ି ଖାଇଥିଲେ। ପୂର୍ବାହ୍ନ ୧୦ଟା ୩୫ରେ ମଙ୍ଗଳାର୍ପଣ ହୋଇଥିଲା। ଆଉ ନିର୍ଦ୍ଧାରିତ ସମୟ (ମଧ୍ୟାହ୍ନ ୧୨ଟା)ର ୧ଘଣ୍ଟା ୪୫ ମିନିଟ୍ ପୂର୍ବରୁ ଅର୍ଥାତ୍ ୧୦ଟା ୪୫ରେ ବାଜିଥିଲା ବିଜେ କାହାଳୀ। ଆରମ୍ଭ ହୋଇଥିଲା ଦାରୁବିଗ୍ରହଙ୍କ ପହଣ୍ଡି। ଧାଡ଼ି ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ ରଥାରୂଢ଼ ହୋଇଥିଲେ। ପରେ ପରେ ବଡ଼ଠାକୁର ବଳଭଦ୍ର, ହଳଦୀମୁଖୀ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇଥିଲେ। ମଧ୍ୟାହ୍ନ ୧୨ଟା ୫୫ ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା। ଅଟେଟ ନ ହୋଇ ସଅଳ ସଅଳ ରଥକୁ ବିଜେ କରିଥିଲେ ଠାକୁର। ଅପରାହ୍ଣ ୧ଟା ୨୫ ସୁଦ୍ଧା ଠାକୁରଙ୍କ ରୁନ୍ଧା ସରିଥିଲା। ଅପରାହ୍ଣ ୧ଟା ୫୦ ସୁଦ୍ଧା ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ କରିବା ପରେ ରଥାରୂଢ଼ ଠାକୁରଙ୍କୁ ପୁଷ୍ପାଳକ ସେବକମାନେ ବେଶରେ ସୁସଜ୍ଜିତ କରାଇଥିଲେ। ବେଶ ବଢ଼ିବା ପରେ ଛେରାପହଁରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗଜପତି ମହାରାଜା ଦିବ୍ୟସିଂହଦେବ ଅପରାହ୍ଣ ୨ଟା ୧୦ରେ ତାମଯାନରେ ଆସି ଶରଧାବାଲିସ୍ଥିତ ରଥ ନିକଟରେ ପହଞ୍ଚିଥିଲେ। ଆରମ୍ଭ ହୋଇଥିଲା ଛେରାପହଁରା। ତିନିରଥରେ ଗଜପତି ସୁନାବେଣ୍ଟ ଲଗା ଖଡ଼ିକାରେ ଛେରାପହଁରା କରିଥିଲେ। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥରେ ଛେରାପହଁରା କରିଥିଲେ ଗଜପତି। ଅପରାହ୍ଣ ୨ଟା ୩୦ରୁ ୩ଟା ୩୦ ମଧ୍ୟରେ ଛେରାପହଁରା ପାଇଁ ସମୟ ନିର୍ଘଣ୍ଟ ଥିବା ବେଳେ ୨୦ ମିନିଟ୍ ପୂର୍ବରୁ ଅର୍ଥାତ୍ ଅପରାହ୍ଣ ୨ଟା ୧୦ରୁ ୩ଟା ୧୦ ମଧ୍ୟରେ ଶେଷ ହୋଇଥିଲା। ତାଳଧ୍ୱଜ ରଥରେ ଛେରାପହଁରା ସରିବା ପରେ ଅପରାହ୍ଣ ୨ଟା ୩୦ରେ ଏହି ରଥରୁ ଚାରମାଳ ଫିଟା ହୋଇ ଘୋଡ଼ା ଲାଗିଥିଲେ। ପରେ ପରେ ନନ୍ଦିଘୋଷ ଏବଂ ଦେବଦଳନ ରଥରୁ ଚାରମାଳ ଫିଟା ଯିବା ସହ ଘୋଡ଼ା ଲାଗି ହୋଇଥିଲେ। ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ କରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ୩୫ମିନିଟ୍ ପୂର୍ବରୁ ଅର୍ଥାତ୍ ଅପରାହ୍ନ ୩ଟା ୨୫ରେ ଆରମ୍ଭ ହୋଇଥିଲା ରଥଟଣା।

ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଯାଇଥିଲା। ଅପରାହ୍ଣ ୪ଟାରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ଏବଂ ଶେଷରେ ଅପରାହ୍ନ ୪ଟା ୧୫ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା। ଖରା ସତ୍ତ୍ୱେ ବେଶ୍ ଆତ୍ମବିଭୋର ହୋଇ ଲକ୍ଷଲକ୍ଷ ଭକ୍ତ ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ। ମାଉସୀ ମା' ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ସେଠାରେ ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା। ମାଉସୀ ମା'ର ପୋଡ଼ପିଠା ଖାଇ ଠାକୁରମାନେ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲେ। ସନ୍ଧ୍ୟା ୭ଟା ୧୦ରେ ତାଳଧ୍ୱଜ ରଥ ଏବଂ ୭ଟା ୪୦ରେ ଦର୍ପଦଳନ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପୁଣି ନନ୍ଦିଘୋଷ ରଥ ଟଣାଯାଇ ସିଂହଦ୍ୱାରକୁ ନିଆଯାଇଥିଲା। ରାତି ୯ଟା ୧୫ରେ କାଳିଆ ଠାକୁରଙ୍କ ରଥ ସିଂହଦ୍ୱାରରେ ଲାଗିଥିଲା। ଏହାପରେ ତିନିରଥକୁ ଧାଡ଼ି କରି ରଖାଯିବା ସହ ପ୍ରଶାସନ ପକ୍ଷରୁ ରଥ ଚତୁଃପାର୍ଶ୍ୱକୁ ବ୍ୟାରିକେଡିଂ କରାଯାଇଛି। ଗୋଟିଏ ଦିନ ଏବଂ ଦୁଇରାତି ରଥ ଉପରେ ଠାକୁର ଅବସ୍ଥାନ କରିବା ପରେ ବୁଧବାର ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ।

## ଦେବଦଳନରେ...

ଚଢ଼ିଥିଲେ। ତେବେ ଏହା ଜଣାପଡ଼ିବା ପରେ ଖୋଦ୍ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ତାଙ୍କୁ ଦେବଦଳନ ରଥରୁ ଭିଡ଼ି ଆଣିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍ତି, ରଥ ଉପରେ ଅଣସେବାୟତ ଦେଖି ତୁରନ୍ତ ତଳକୁ ଓହ୍ଲାଇ ଦେଇଥିଲି। ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ସୋମବାର ରଥ ଉପରେ ଚଢ଼ିଥିବା ବ୍ୟକ୍ତିଙ୍କ ବିଷୟରେ ସ୍ପଷ୍ଟ ଜଣାପଡ଼ିବା ପରେ ତାଙ୍କ ବିରୋଧରେ ଏତଲା ଦିଆଯିବ ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ଚଳିତ ରଥଯାତ୍ରାରେ ଆଡ଼ପମଣ୍ଡପକୁ ଠାକୁରଙ୍କ ପହଣ୍ଡି ବେଳେ ବଡ଼ ଅଘଟଣ ଘଟିଥିଲା। ତାଳଧ୍ୱଜ ରଥର ଚାରମାଳ ଉପରେ ବଡ଼ଠାକୁର ଶ୍ରୀବଳଭଦ୍ର ପଡ଼ିଯାଇଥିଲେ। ଏହି ଅଘଟଣ ପାଇଁ ବିଭିନ୍ନ କାରଣକୁ ଦାୟୀ କରାଯାଇଥିଲା। ପରେ ନୂତନ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ରଥ ଉପରକୁ କୌଣସି ଅଣସେବାୟତ ଚଢ଼ିପାରିବେ ନାହିଁ, ମୋବାଇଲ ଫୋନ କେହି ନେଇ ଯାଇପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଜାରି କରାଯାଇଥିଲା। ଯିଏ ଏଥିରେ ବ୍ୟତିକ୍ରମ କରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଥିଲେ। ସୋମବାର ବାହୁଡ଼ା ପହଣ୍ଡି ଆରମ୍ଭରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କଟକଣାର ପ୍ରଭାବ ଦେଖିବାକୁ ମିଳିଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ସମୟରେ ଅଧିକୃତ ସେବାୟତ ନଜର ଆସିଥିଲେ। ନିଜେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର ପ୍ରମୁଖ ପହଣ୍ଡି ବେଳେ କର୍ଡନ ଭିତରେ ଚକ୍କର କାଟିଥିଲେ। ଯେପରି କୌଣସି ପ୍ରକାର ବିଶୃଙ୍ଖଳା ନ ହେବ, ସେଥିପ୍ରତି କଡ଼ା ନଜର ରଖିଥିଲେ। ଏହି ସମୟରେ ରଥରେ ଅଣ ସେବାୟତ ଚଢ଼ିଥିବା ନଜର ଆସିବା ପରେ ତୁରନ୍ତ ପଦକ୍ଷେପ ନେଇଥିଲେ ମୁଖ୍ୟ ପ୍ରଶାସକ। ସୁଭଦ୍ରାଙ୍କ ଦେବଦଳନ ରଥ ଉପରେ ଚଢ଼ିଥିବା ଜଣେ ଅଣସେବାୟତଙ୍କୁ ତଳକୁ ଓହ୍ଲାଇ ଆସିବାକୁ କହିଥିଲେ। ସେ ଚାରମାଳରେ ଓହ୍ଲାଉଥିବା ବେଳେ ମୁଖ୍ୟ ପ୍ରଶାସକ ପୁଲିସ ସହୟତାରେ ତାଙ୍କ ବେକରେ ପଡ଼ିଥିବା ପରିଚୟପତ୍ରକୁ ନିଜେ ଛଡ଼ାଇ ଆଣିଥିଲେ। ଏତଦ୍‌ବ୍ୟତୀତ ସମ୍ପୃକ୍ତ ଅଣସେବାୟତଙ୍କ ହାତ ଧରି ତଳକୁ ଭିଡ଼ି ନେଉଥିବା ବେଳେ କିଛି ସେବାୟତ ପହଞ୍ଚିଥିଲେ। ସମ୍ପୃକ୍ତ ଅଣସେବାୟତଙ୍କୁ ଅନ୍ୟ ଜଣେ ସେବାୟତ ସାଥୀରେ ନେଇ ଆସିବା ସମୟରେ ଆଉ କିଛି ସେବକ ପହଞ୍ଚିଥିଲେ। ସେମାନେ ମୁଖ୍ୟ ପ୍ରଶାସକଙ୍କ ସହ ଯୁକ୍ତିତର୍କ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ପରେ ତାଙ୍କୁ ବାହାରକୁ ବାହାର କରିଦିଆଯାଇଥିଲା।

ପ୍ରାରମ୍ଭିକ ଅନୁସନ୍ଧାନ ପରେ ଶ୍ରୀମନ୍ଦିର ପ୍ରଶାସନ ୨ଜଣଙ୍କ ନାଁରେ ସିଂହଦ୍ୱାର ଥାନାରେ ଏତଲା ଦେଇଛି। ଏହି ଦୁଇଜଣ ବ୍ୟକ୍ତି ରଥଯାତ୍ରା ଦିନ ରଥ ଉପରେ ଚଢ଼ିଥିଲେ। ଜଣେ ତାଳଧ୍ୱଜ ଓ ଅନ୍ୟଜଣେ ନନ୍ଦିଘୋଷ ରଥରେ ଚଢ଼ିଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେଣୁ ସମ୍ପୃକ୍ତ ବ୍ୟକ୍ତି ଦୁଇଜଣ କାହା ଛତ୍ରଛାୟାରେ ଏଭଳି କାମ କରିଥିଲେ, ତାହାକୁ ନେଇ ପ୍ରଶ୍ନ ଉଠିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ତାଳଧ୍ୱଜ ରଥରେ ଇଫ୍‌କୋର ଜଣେ ଅଧିକାରୀ ଏବଂ ନନ୍ଦିଘୋଷ ରଥରେ ଦିଲ୍ଲୀସ୍ଥିତ ଏକ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଚଢିଥିବା ନେଇ ଚର୍ଚ୍ଚା ହୋଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଜଣେ କେନ୍ଦ୍ର ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀ ଏବଂ ଆଉ ଜଣେ ବେସରକାରୀ ସମବାୟ ଅନୁଷ୍ଠାନର ଅଧିକାରୀ। ଉଭୟଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

## ବୁଧବାର...

ପ୍ରଶାସନର ଆଲୋଚନା ବେଳେ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଚଳିତବର୍ଷ ସୁନାବେଶରେ ୧୦ରୁ ୧୫ଲକ୍ଷ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ସଅଳ ନୀତିକାନ୍ତି କରାଯାଇ ନିର୍ଘଣ୍ଟ ସମୟ ପୂର୍ବରୁ ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ କରାଯିବ। ଏହାଦ୍ୱାରା ଭକ୍ତମାନେ ଅଧିକ ସମୟ ମହାପ୍ରଭୁଙ୍କ ଏହି ଦୁର୍ଲଭ ସୁନାବେଶ ଦର୍ଶନ ସୁଯୋଗ ପାଇବେ। ସେହିପରି ସୁନାବେଶ ସମୟରେ ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ କୌଣସି ସେବାୟତ ରହିବେ ନାହିଁ। ଫଳରେ ଶ୍ରଦ୍ଧାଳୁମାନେ ସୁନ୍ଦର ଭାବେ ସୁନାବେଶ ଦର୍ଶନ କରିପାରିବେ। ରଥ ଉପରକୁ ଅଣସେବାୟତ ଚଢ଼ିବେ ନାହିଁ। ସେହିପରି କୌଣସି ସେବାୟତ ମୋବାଇଲ ଫୋନ ନେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି।

ଅନ୍ୟପକ୍ଷରେ ସୁନାବେଶ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ରଥଯାତ୍ରାରେ ଯେଉଁଭଳି ସୁରକ୍ଷା ଏବଂ ଟ୍ରାଫିକ କଟକଣା ଥିଲା, ସେହିଭଳି କଟକଣା ମଧ୍ୟ ରହିବ। ରଥଯାତ୍ରା, ବାହୁଡ଼ା ପରି ସୁନାବେଶ ମଧ୍ୟ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ବୋଲି କହିଛନ୍ତି ଏସ୍‌ପି ପିନାକ ମିଶ୍ର।

## ରାଜ୍ୟସଭାରେ ସଂଖ୍ୟା...

ସମୟରେ କେନ୍ଦ୍ର ସରକାର ଯଦି କୌଣସି ବିଲ ପାସ୍ କରାଇବାକୁ ଚାହିଁବେ ତେବେ ଦୁଇ ସ୍ୱାଧୀନ ସାଂସଦଙ୍କ ସମେତ ଏଆଇଏଡିଏମ୍‌କେ ଏବଂ ୱାଇଏସ୍‌ଆର କଂଗ୍ରେସର ସାଂସଦମାନଙ୍କ ସମର୍ଥନ ଲୋଡି ପାରିବେ। ୪ ମନୋନୀତ ସଦସ୍ୟଙ୍କ ଆସନ ପୂରଣ ହୋଇଗଲେ ଏନଡିଏକୁ ବିଲ୍ ପାସ୍ ପାଇଁ ଆଉ କୌଣସି ଦଳ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଗତ ଶନିବାର ରାକେଶ ସିହ୍ନା, ରାମ ସକଲ, ସୋନାଲ ମାନସିଂହ ଓ ମହେଶ ଜେଠମଲାନି ରାଜ୍ୟସଭାରୁ ଅବସର ନେଇଥିଲେ। ସେମାନଙ୍କୁ ମନୋନୀତ ସଦସ୍ୟ ଭାବେ ରାଜ୍ୟସଭାକୁ ପଠାଯାଇଥିଲା।

## ଆଗାମୀ ସପ୍ତାହରେ...

ଦ୍ୱିତୀୟ ଲଘୁଚାପ ସୃଷ୍ଟି ହେବ ଓ ଏହା ଦ୍ୱାରା ରାଜ୍ୟରେ ୨୧ ତାରିଖ ପର୍ଯ୍ୟନ୍ତ ବର୍ଷା ଅନୁଭୂତ ହେବ। ଏହି ଦୁଇଟି ଯାକ ଲଘୁଚାପ ଯୋଗୁଁ ଖୋର୍ଦ୍ଧା, ପୁରୀ. କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ସମ୍ଭବତଃ ଉତ୍ତର ଆଭ୍ୟନ୍ତରୀଣରେ ଅପେକ୍ଷାକୃତ କମ୍ ବର୍ଷା ହେବ। ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ଏହି ଲଘୁଚାପର ପ୍ରଭାବ ଭଲ ରହିବା ଯୋଗୁଁ ଏଠାରେ ଭାରି ବର୍ଷାର ସମ୍ଭାବନା ରହିଛି। ସେହିପରି ୨୩ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବା ବେଳେ ଏହା ପ୍ରଭାବରେ ୨୪ କିମ୍ବା ୨୫ରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ସମ୍ଭାବ୍ୟ ଲଘୁଚାପଟି ଉତ୍ତର ବଙ୍ଗୋପସାଗରରେ ସଂଲଗ୍ନ ପଶ୍ଚିମବଙ୍ଗରେ ସୃଷ୍ଟି ହେବ। ପ୍ରାଥମିକ ଆକଳନ ଅନୁଯାୟୀ ଏହି ଲଘୁଚାପ ଯୋଗୁଁ ଉତ୍ତର ଓଡ଼ିଶାରେ ଭାରି ବର୍ଷା ହେବ। ଏହା ଦ୍ୱାରା ରାଜ୍ୟରେ ନିଅଣ୍ଟିଆ ବର୍ଷା ଭରଣା ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ସୂଚନା ଥାଉ କି ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟରେ ସର୍ବାଧିକ ୪୫ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୧୮, ନୟାଗଡ଼ରେ ୧୭, ତାଳଚେର ୧୫, ଭବାନୀପାଟଣା ୧୩ ମିମି ବର୍ଷା ରେକର୍ଡ କରାଯାଇଛି। ମଙ୍ଗଳବାର ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସହ ବୁଧବାରଠାରୁ ପୁଣି ବର୍ଷାର ପ୍ରକୋପ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଓଡ଼ିଶା ବିରୋଧୀ...

କହିଛନ୍ତି। କେନ୍ଦ୍ର ଓ ରାଜ୍ୟରେ 'ଟ୍ରିପୁଲ୍ ଇଞ୍ଜିନ' ସରକାର ଥିବାରୁ ମୁଖ୍ୟମନ୍ତ୍ରୀଙ୍କର ଏହି ବକ୍ତବ୍ୟ ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ ନେଇ ଗୁରୁତ୍ୱ ବହନ କରୁଛି।

ଆଜି ଲୋକସେବା ଭବନରେ ଓଡ଼ିଶା ସହିତ ଜଡିତ ଥିବା ବିଭିନ୍ନ ଆନ୍ତଃରାଜ୍ୟ ନଦୀ ଜଳ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି ଯେ ଓଡ଼ିଶାର ସ୍ୱାର୍ଥ ବିରୋଧୀ, ଓଡ଼ିଶାବାସୀଙ୍କ ଜୀବନ ଜୀବିକା ତଥା ପରିବେଶକୁ ପ୍ରଭାବିତ କରୁଥିବା ପ୍ରତ୍ୟେକ ପ୍ରକଳ୍ପକୁ ବିରୋଧ କରାଯିବ। ସେ ଯେକୌଣସି ରାଜ୍ୟ ହେଉ ନା କାହିଁକି ଓଡ଼ିଶାର ଅଧିକାର ପାଇଁ ଲଢ଼େଇ କରାଯିବ।

ଏହି ବୈଠକରେ ମହାନଦୀ, ବଂଶଧାରା, ପୋଲାଭରମ୍ ଆଦି ଆନ୍ତଃରାଜ୍ୟ ନଦୀ ଜଳ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଓଡ଼ିଶା ସହ ସମ୍ପୃକ୍ତ ବିଭିନ୍ନ ଆନ୍ତଃରାଜ୍ୟ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ପ୍ରକଳ୍ପ ଗୁଡିକର ତର୍ଜମା କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଆମ ପାଇଁ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏସବୁ ପ୍ରକଳ୍ପକୁ ନେଇ ଓଡ଼ିଶାର ସ୍ୱାର୍ଥ ପ୍ରତି ଆଞ୍ଚ ଆସିଲେ ରାଜ୍ୟ ସରକାର ଚୁପ୍ ବସିବେ ନାହିଁ। ଓଡ଼ିଶା ବିରୋଧୀ ପ୍ରତ୍ୟେକ ପ୍ରକଳ୍ପର ବିରୋଧ କରାଯିବ। ସେହି ଅନୁସାରେ ବିହିତ ପଦକ୍ଷେପ ନେବା ଲାଗି ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ବଂଶଧାରା, ପୋଲାଭରମ୍ ଏବଂ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ବାରମ୍ବାର ପ୍ରୟାସ କରୁଥିବାବେଳେ ଦୀର୍ଘ ବର୍ଷ ହେଲା ସମାଧାନର ବାଟ ଫିଟିପାରୁ ନାହିଁ। ଏହି ପ୍ରସଙ୍ଗରେ ଓଡ଼ିଶା ବାରମ୍ବାର କେନ୍ଦ୍ରରେ ଲଢ଼େଇ କରି ଆସୁଥିଲା। ଏବେ କିନ୍ତୁ ଟ୍ରିପଲ୍ ଇଞ୍ଜିନ୍ ସରକାର କ୍ଷମତାରେ ଥିବାବେଳେ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଏହାକୁ ନେଇ କଡ଼ା ଆଭିମୁଖ୍ୟ ଦୀର୍ଘ ଦିନର ଏହି ଜଳ ବିବାଦର ସମାଧାନ ଦିଗରେ ନୂଆ ଆଶା ସଞ୍ଚାର କରିଛି।

## ପ୍ରେମିକା ଓ ସହପାଠୀଙ୍କୁ...

ଗଢ଼ି ଉଠିଥିଲା। ଲିପ୍ସା ଏମ୍‌ବିଏ କରୁଥିଲେ। ଗତ ଶୁକ୍ରବାର ସେ କଲେଜରୁ ସହପାଠୀ ରାଜଗାଙ୍ଗପୁର ଥାନା ରୁମାବାହାଲ ଗ୍ରାମର ପ୍ରତାପ ଲାକ୍ରାଙ୍କ ସାଙ୍ଗରେ ଘରକୁ ଫେରିଥିଲେ। ତେବେ ରବିବାର ରାତି ପ୍ରାୟ ୧୦ଟାରେ ରାଜୁ ତାଙ୍କ ଘରକୁ ଆସିଥିଲେ। ଦୁହେଁ ଗୋଟିଏ ରୁମ୍‌ରେ କଥା ହେଉଥିବା ବେଳେ ହଠାତ୍ ଲିପ୍ସାଙ୍କୁ ମୁଥ ପରେ ମୁଥ ମାରି ଚାଲିଥିଲେ ରାଜୁ। ଲିପ୍ସାଙ୍କ ମା' ସେଠାରେ ପହଞ୍ଚି ବିରୋଧ କରିବାରୁ ରାଜୁ ଲୁଚାଇ ରଖିଥିବା ଏକ ଛୁରିରେ ଲିପ୍ସାଙ୍କ ପେଟକୁ ବାରମ୍ବାର ଭୁସି ଚାଲିଥିଲେ। ଚିତ୍କାର ଶୁଣି ଲିପ୍ସାଙ୍କ ବାପା ଘଟଣାସ୍ଥଳକୁ ଚାଲି ଆସିବାରୁ ରାଜୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲା। ଲିପ୍ସା କୌଣସି ପ୍ରକାରେ ରୁମରୁ ବାହାରି ହଲ୍‌କୁ ଚାଲି ଆସିବାରୁ ରାଜୁ ମଧ୍ୟ ତାଙ୍କୁ ଗୋଡ଼େଇ ଗୋଡ଼େଇ ଛୁରି ଭୁସି ଚାଲିଥିଲା। ଏହି ସମୟରେ ଘରେ ଥିବା ଲିପ୍ସାଙ୍କ ସହପାଠୀ ପ୍ରତାପ ଲାକ୍ରା ତାଙ୍କୁ ବଞ୍ଚାଇବା ପାଇଁ ରାଜୁଙ୍କୁ ଟଣାଓଟରା କରିବାରୁ ଲିପ୍ସାକୁ ଛାଡ଼ି ପ୍ରତାପଙ୍କୁ ଛୁରି ଭୁସିଥିଲା ରାଜୁ। ପରେ ରାଜୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଲିପ୍ସା ଓ ପ୍ରତାପଙ୍କୁ କୁତ୍ରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଲିପ୍ସାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତାପଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

OFFICE OF THE DIVISIONAL FOREST OFFICER, KEONJHAR DIVISION
At/Po/Dist.- Keonjhar, Phone No- 06766-254315, email ID- dfo.keonjhar@odisha.gov.in
Letter No. 5493/1F (Acct.) Dated 14.07.2024

TENDER CALL NOTICE FOR HIRING VEHICLE

MM-88

Sealed tenders are invited from interested Reputed Travel Agencies/ Tour Operators or private individuals to provide approximately **22 (Twenty-four)** Nos. of Vehicle (BS VI compliant Diesel driven AC/ Non-AC) vehicles, which shall conform to the Terms and Conditions (Annexure-III) for official use at different Ranges (Details of the vehicles to be engaged is in - Annexure-V) and Division Office under Keonjhar Forest Division on monthly rent basis to reach in the O/o the Divisional Forest Officer, Keonjhar Forest Division, on or before **23.07.2024** up to **5.00 P.M**. through Registered/Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Keonjhar Forest Division. The tenders will be opened in the same office on **24.07.2024 at 11.30 A.M.** The Standard Bidding Document and Terms and Conditions can be downloaded from https://kendujhar.odisha.gov.in/ . https://odishaforest.in and also can be obtained from the Office of the Divisional Forest Officer, Keonjhar Forest Division, Keonjhar from **11.07.2024** to **23.07.2024** during office hours.

Divisional Forest Officer
Keonjhar Forest Division
OIPR-08042/11/0005/2425

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
ANGUL IRRIGATION DIVISION, ANGUL
e-Mail Id – eeangulirrigation@gmail.com
A-148

'e'-Procurement Notice No. SE-AID-4/2024-25

The Superintending Engineer, Angul Irrigation Division, Angul on behalf of the Governor of Odisha invites **bid in single cover** system in **ONLINE MODE** from eligible manpower service provider as detailed below:

| | | | |
|---|---|---|---|
| 1 | Name of work | : | Operation & Maintenance of Derjang & Aunli Irrigation Project under Angul Irrigation Division, Angul for the year 2024-25 (for the period of 250 days). |
| 2 | Total No. of Work | : | **02 (Two) Nos.** |
| 3 | Estimated Cost put to tender | : | Approximately **Rs. 6.76 Lakh & 2.70 Lakh** |
| 4 | Tender Paper Cost | : | **Rs.4,000/- & Rs.2,000/-** (Non Refundable) |
| 5 | Class of Contractor | : | Manpower Service Provider/ Human Resources Supply |
| 6 | Period | : | 250 days |
| 7 | Availability of Bid Documents and receipt of bid through online | : | From **10.00 A.M of 16.07.2024 to 5.00 P.M of 25.07.2024** in the website (www.tendersodisha.gov.in) |
| 8 | Date, time & place for opening of online tenders | : | **26.07.2024 at 11.00 A.M** and onwards in the o/o the SE, Angul Irrigation Division, Angul. |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender (OIT) | : | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- eeangulirrigation@gmail.com |

Further details can be seen from the e-procurement portal of Government Odisha at www.tendersodisha.gov.in). Any addendum/corrigendum/cancellation of tender can also be seen in the said site.

OIPR-32049/11/0009/2425
Superintending Engineer
Angul Irrigation Division, Angul

■ ୨୦୨୩-୨୪ବର୍ଷ ପାଇଁ ନୀତି ଆୟୋଗର ଏସ୍‌ଡିଜି ଇଣ୍ଡିଆ ଇଣ୍ଡେକ୍ସ ରିପୋର୍ଟ

# ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶା ଆଗୁଆ

**ଭୁବନେଶ୍ୱର, ୧୫।୭(ସମିସ):** ବିଗତ କିଛି ବର୍ଷ ଧରି ଓଡ଼ିଶା ସାମଗ୍ରିକ ବିକାଶ ଆଗେଇ ଚାଲିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଆଖିଦୃଶିଆ ସଫଳତା ହାସଲ କରିଛି। ଓଡ଼ିଶାର ଏହି ରୂପାନ୍ତରଣକୁ ବିଭିନ୍ନ ସମୟରେ ଦେଶ ତଥା ଦେଶ ବାହାରର ବିଭିନ୍ନ ସଂସ୍ଥା ମଧ୍ୟ ସ୍ୱୀକୃତି ପ୍ରଦାନ କରି ଆସୁଛନ୍ତି। ଏହିକ୍ରମରେ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଇଣ୍ଡିଆ ଇଣ୍ଡେକ୍ସର ଏକ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଆଖିଦୃଶିଆ ସଫଳତା ପାଇଛି। ୨୦୨୩-୨୪ ବର୍ଷ ପାଇଁ ଏହି ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏସ୍‌ଡିଜିର ପ୍ରଥମ ଲକ୍ଷ୍ୟ ଦାରିଦ୍ର୍ୟ ଦୂରୀକରଣ (ନୋ ପଭର୍ଟି) କ୍ଷେତ୍ରରେ ଓଡ଼ିଶା ଫ୍ରଣ୍ଟ ରନର ଶ୍ରେଣୀରେ ରହିଛି। ଏହି କ୍ଷେତ୍ରରେ ଓଡ଼ିଶାକୁ ୭୩ ଅଙ୍କ ମିଳିଥିବା ବେଳେ ଦେଶର ସାମଗ୍ରିକ ଅଙ୍କ ୭୨ ରହିଛି। ବିଦାୟୀ ସରକାର ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନେଇଥିବା ବେଳେ ଏହା ରିପୋର୍ଟରେ ପ୍ରତିଫଳିତ ହୋଇଥିବା ନେଇ କୁହାଯାଇଛି। ଏହି ରିପୋର୍ଟ ପ୍ରକାଶ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବର ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଆନନ୍ଦ ବ୍ୟକ୍ତ କରିଛନ୍ତି।

**୯ ବର୍ଷରେ ୧.୦୨ କୋଟି ଲୋକ ଦାରିଦ୍ର୍ୟ ମୁକ୍ତ**

**ଦେଶର ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ଓଡ଼ିଶା ସାମିଲ**

**ବିଭିନ୍ନ କ୍ଷେତ୍ରରେ ସାମଗ୍ରିକ ପ୍ରଦର୍ଶନ ଉତ୍ସାହଜନକ**

**ଟ୍ୱିଟ୍ କରି ଆନନ୍ଦ ବ୍ୟକ୍ତ କଲେ ନବୀନ ପଟ୍ଟନାୟକ**

ଏସ୍‌ଡିଜିର ପ୍ରଥମ ଲକ୍ଷ୍ୟ ତଥା ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ୨୦୨୦-୨୧ରେ ସମଗ୍ର ଦେଶ ୬୦ ଅଙ୍କ ରଖିଥିଲା। ଯାହା ୨୦୨୩-୨୪କୁ ୭୨ ଅଙ୍କକୁ ବୃଦ୍ଧି ପାଇଛି। ସମାନ ଭାବେ ୨୦୨୦-୨୧ରେ ଓଡ଼ିଶା ଆକାଂକ୍ଷୀ (ରେଡ ଜୋନ)ରେ ଥିବା ବେଳେ ୨୦୨୩-୨୪କୁ ଫ୍ରଣ୍ଟ ରନର୍ (ଗ୍ରୀନ୍ ଜୋନ)କୁ ରୂପାନ୍ତରିତ ହୋଇଛି। ଯାହା ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଓଡ଼ିଶାର ସଫଳତାକୁ ଦର୍ଶାଉଛି। ଅପରପକ୍ଷେ ସାମଗ୍ରିକ ଏସ୍‌ଡିଜି ଇଣ୍ଡିଆ ଇଣ୍ଡେକ୍ସ କ୍ଷେତ୍ରରେ ୨୦୨୩-୨୪ରେ ଓଡ଼ିଶା ଆଖି ଦୃଶିଆ ପ୍ରଦର୍ଶନ କରିପାରିଛି। ସବୁ କ୍ଷେତ୍ରରେ ଓଡ଼ିଶା ଭଲ ପ୍ରଦର୍ଶନ କରିଥିବା ବେଳେ ରାଜସ୍ଥାନ, ଉତ୍ତରପ୍ରଦେଶ ଓ ଅନ୍ୟ ରାଜ୍ୟଗୁଡ଼ିକ ସହ ଏହା ଫ୍ରଣ୍ଟ ରନର୍ ରାଜ୍ୟ ସୂଚୀରେ ସାମିଲ ହୋଇଛି। ଅପରପକ୍ଷେ ୨୦୧୮ ମସିହା ପରଠାରୁ ସବୁଠାରୁ ଅଧିକ ଅଭିବୃଦ୍ଧି କରିଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଜାନୁଆରୀ ମାସରେ ନୀତି ଆୟୋଗ ଏବଂ ୟୁଏନ୍‌ଡିପି ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଓଡ଼ିଶାର ପ୍ରଗତି ଉପରେ ମୋହର ବାଜିଥିଲା। ୨୦୧୩-୧୪ରୁ ୨୦୨୨-୨୩ ଅର୍ଥାତ୍ ବିଗତ ୯ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରାୟ ୧ କୋଟି ୨ ଲକ୍ଷ ଲୋକ ବହୁମୁଖୀ ଦାରିଦ୍ର୍ୟ କବଳରୁ ମୁକ୍ତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଥିଲା।

## ମୁଖ୍ୟ ସଚିବଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର, ୧୫।୭(ସମିସ):** ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ୧୯୯୦ ବ୍ୟାଚର ବରିଷ୍ଠ ଆଇଏଏସ୍ ଶ୍ରୀ ଆହୁଜାଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ସୋମବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ଆହୁଜା ବର୍ତ୍ତମାନ ରାଜ୍ୟ ମୁଖ୍ୟ ଶାସନ ସଚିବ ପଦ ସହିତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

Rural Women's Higher Secondary School
Banpur, Khordha-752031, Mob.: 9937164604/7008791601
Walk-In-Interview

An interview for the appointment of guest faculty in History subject on contractual basis will be conducted in the RWHS School Office at 11Am on 30th July 2024. Candidates having at least 55% in post graduation along with their curriculum vitae are requested to submit all the necessary documents & their photocopies on the spot.

Principal
Rural Women's Higher Secondary School
Banpur, Khordha

PROCLAMATION REQUIRING THE APPEARANCE OF ACCUSED PERSON
See Section 82 Cr.P.C.

Whereas complaint has been made before me that accused Mr. Ramakanta Jena (Director), M/S NMM Producer Company Ltd., Apandhara Balikuda, Jagatsinghpur, Odisha - 754119 has committed (or is suspected to have committed) the offence under Section 138 of NIA in CC No. 360/2020 Gopi Chand Gupta Vs M/s NMM Producer Company Ltd And ors, PS Mandawali, New Delhi and it has been returned to a warrant of arrest thereupon issued that the said Ramakanta Jena cannot be found and whereas it has been shown to my satisfaction that the said Ramakanta Jena has absconded (or is concealing themselves to avoid the service of the said warrant).

Proclamation is hereby made that the said Ramakanta Jena accused in CC No. 360/2020 Gopi Chand Gupta Vs M/s NMM Producer Company Ltd And ors , PS Mandawali, New Delhi is required to appear before this Court to answer the said complaint on or before 1.8.2024.

By Order
Ms. Himanshi Tyagi
Metropolitan Magistrate-03/East Room No. 16, Karkardooma Courts, Delhi

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

PROCLAMATION REQUIRING THE APPEARANCE OF ACCUSED PERSON
See Section 82 Cr.P.C.

Whereas complaint has been made before me that accused Mr. Bikash Kumar Jena (Director), M/S NMM Producer Company Ltd., Rajiv Basti, Sti Chowk, Rourkela, Raghunathapalli, Sundargarh, Odisha - 769004 has committed (or is suspected to have committed) the offence under Section 138 of NIA in CC No. 360/2020 Gopi Chand Gupta Vs M/s NMM Producer Company Ltd And ors, PS Mandawali, New Delhi and it has been returned to a warrant of arrest thereupon issued that the said Bikash Kumar Jena cannot be found and whereas it has been shown to my satisfaction that the said Bikash Kumar Jena has absconded (or is concealing themselves to avoid the service of the said warrant).

Proclamation is hereby made that the said Bikash Kumar Jena in CC No. 360/2020 Gopi Chand Gupta Vs M/s NMM Producer Company Ltd And ors , PS Mandawali, New Delhi is required to appear before this Court to answer the said complaint on or before 1.8.2024.

By Order
Ms. Himanshi Tyagi
Metropolitan Magistrate-03/East Room No. 16, Karkardooma Courts, Delhi

AFFIDAVIT
I MANMATHA OJHA, S/O- BUDHIRAM OJHA OF VILLAGE KANTIA, PO- SANDADO, P.S. - KHAIRA, DIST.- BALASORE, ODISHA. That my correct name is MANMATHA OJHA but bearing the LIC Policy No. 585921853 in Bhadrak Branch where my name has been inadvertently mentioned as MANOJ KUMAR OJHA instead of MANMATH OJHA. That both MANMATH OJHA AND MANOJ KUMAR OJHA is one and same person.

GOVERNMENT OF ODISHA
WATER RESOURCES DEPARTMENT
OFFICE OF THE SUPERINTENDING ENGINEER
UPPER INDRAVATI RIGHT CANAL DIVISION NO. I,
MUKHIGUDA, KALAHANDI : ODISHA:766026
A-152
Lr. No.: 1343 e-mail ID-eeuircd1@gmail.com Date:12.07.2024

1st Corrigendum to e-procurement notice No. SE, RCD-I-02 (01-15) / 24-25, Dt. 21.06.2024

The tender for the work (serial no.14) "Improvement of canal at RD 1880M to RD 2000 M & RD 270 M to RD 300 M & Construction of VRB at RD 1990 M of Temra S/M-I" invited vide **Bid Identification No- SE, RCD-I-02(14-15)/ 24-25 of e-procurement No. SE, RCD-I-02(01-15)/24-25, Dt. 21.06.2024** is here by cancelled due to technical error and will be retender further. All other terms and conditions will remain unaltered.

Superintending Engineer
OIPR-32193/11/0004/2425 U.I Right Canal Division No.I, Mukhiguda

AFFIDAVIT
I, Sanjaya Kumar Sah, Resident of Plot No.110/342, Mahavir Nagar, Samantrapur, Bhubaneswar, Dist- Khorda, PS-Lingaraj, PIN-751002, Odisha declare by this affidavit No.69AA 558266 Dtd.- 05/07/2024 that now onwards I shall be known as **Sanjay Kumar Sah** for all future purposes.

ODISHA HYDRO POWER CORPORATION LTD
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E.PROJECT: AT/PO: BARINIPUT
DISTRICT: KORAPUT, PIN- 764 006.
PHONE: 06854 242001 FAX: 06854 242038
REGD OFFICE: ODISHA HYDRO POWER CORPORATION LTD
JANPATH, BHOINAGAR, BHUBANESWAR- 751022
TELEPHONE: 0674 – 2542802, 3542826, 2545536, FAX: 0674 2542102
CIN: U40101OR1995SGC003963
CAD-563

NOTICE INVITING TENDER NO. 12/24-25 DATE 12.07.2024

Sealed Tenders in duplicate are invited from the Govt registered "C & D" class contractor for the following work of Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Non Refundable) in Rs. | EMD (Refundable) |
|---|---|---|---|
| 1 | Construction of masonry catch water drain in front of training Hostel at Power House Colony, UKHEP, Bariniput. | 2360/- inclusive of GST | Rs.3,500/- (Rupees Three Thousand Five Hundred )only |

Sale of tender paper : From 22/07/2024 of 11:00Hrs to 12:00 Hrs. of 31/07/24
Last date of submission of tender : Up to 12:00 Hrs. of 31.07.2024.
Date & Time of opening of tender : At 12:30 Hrs. of 31.07.2024

For details of the tender documents, terms and conditions please visit our website www.ohpcltd.com

OIPR-04002/11/0016/2425
Unit Head
UKHEP, Bariniput.

।। ତୁରନ୍ତ ଆବଶ୍ୟକ ।।

ଭଦ୍ରକ ଇଛାପୁର(କାର୍ମେଲ ସ୍କୁଲ ସାମ୍ନା)ରେ ଥିବା ମହାବୀର ଫ୍ଲାଏ ଆସ୍ ବ୍ରିକ୍ସ(ଇଟା କାରଖାନା)ରେ ଲେବର କାମ କରିବାକୁ ଲେବର ଠିକାଦାର ଆବଶ୍ୟକ । ଏହି ଠିକାକାମ ଲାଗି ଅନ୍ୟୁନ୍ୟ ୧୨ଜଣ ଲେବର ଆବଶ୍ୟକ । 'କୋଇମ୍ବାଟୋର' ରୋଟରି ମେସିନ୍‌ରେ ଘଣ୍ଟାକୁ ୧୪ଶହ ଇଟା ବାହାରୁଛି । ପ୍ରତି ୧ହଜାର ଇଟା ତିଆରି ତଥା ରଖିବା ପାଇଁ ୬ଶହ ଟଙ୍କା ପ୍ରଦାନ କରାଯିବ । ବିଦ୍ୟୁତ୍ କାଟ୍ ହେଲେ ଡି.ଜି ବ୍ୟବହାର କରିପାରିବେ । ରହିବାକୁ କୋଠାଘର, ରୋଷେଇ ପାଇଁ ଜାଳେଣି ଗ୍ୟାସ ଓ ଫଞ୍ଚା, ଲାଇଟ, ପାଣି, ପାଇଖାନା ସୁବିଧା ମାଗଣାରେ ଉପଲବ୍ଧ । ଇଚ୍ଛୁକ ଲେବର ଠିକାଦାର ନିମ୍ନ ଠିକଣା ଓ ମୋବାଇଲ ନମ୍ବରରେ ଯୋଗାଯୋଗ କରିବେ ।

ପ୍ରଫୁଲ୍ଲ କୁମାର ରାଉତ, ପ୍ରୋପାଇଟର

ମହାବୀର ଫ୍ଲାଏ ଆସ୍ ବ୍ରିକ୍ସ (ଇଟା କାରଖାନା)
ଇଛାପୁର, ଭଦ୍ରକ-ଚାନ୍ଦବାଲି ରାଜପଥର କାର୍ମେଲ ସ୍କୁଲ ସାମ୍ନା, ଭଦ୍ରକ
ମୋ:୯୪୩୭୯୧୯୬୭୦ ଓ ୯୯୩୮୩୭୧୬୩୫

ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ବଢ଼ୁଛି ବାଘ ଶିକାର

# ବର୍ଷକରେ ୬ ବାଘ ଛାଲ ଜବତ, ୨୩ ଶିକାରୀ ଗିରଫ

**ସିନାପାଲି, ୧୫।୭ (ସମିସ)**

ଓଡ଼ିଶା-ଛତିଶଗଡ଼ ରାଜ୍ୟ ସୀମାନ୍ତରେ ଦିନକୁ ଦିନ ବାଘ ଶୀକାର ବଢ଼ିବାରେ ଲାଗିଛି। ବର୍ଷକରେ ଏକ ମହାବଳ ସମେତ ୬ ଟି ବାଘଛାଲକୁ ବନ ବିଭାଗ ଜବତ କରି ୨୩ ଜଣ ଶୀକାରୀଙ୍କୁ ଗିରଫ କରିଛି। ସୀମାନ୍ତରେ ଶିକାରୀ କାୟାବିସ୍ତାର କରୁଥିବାବେଳେ ବାଘ ବଂଶ ଅବଲୁପ୍ତ ହେବ କି ବୋଲି ପ୍ରଶ୍ନ ଉଠୁଛି। ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ସୀମାନ୍ତରେ ସୁନାବେଡା ଓ ଉଦନ୍ତୀ ସୀତାନଦୀ ଅଭୟାରଣ୍ୟ ସଂଲଗ୍ନ ରହିଛି। ଉଦନ୍ତୀ ସୀତାନଦୀ ଅଭୟାରଣ୍ୟକୁ ସରକାର ବ୍ୟାଘ୍ର ପ୍ରକଳ୍ପ ଘୋଷଣା କରିଥିବାବେଳେ ୨୮ ବର୍ଷ ହେବ ସୁନାବେଡା ପ୍ରସ୍ତାବିତ ବ୍ୟାଘ୍ର ପ୍ରକଳ୍ପ ଝୁଲି ରହିଛି। ଏବେ ସୀମାନ୍ତ ଅଞ୍ଚଳରେ ବାଘ ଶିକାର ଦିନକୁ ଦିନ ବୃଦ୍ଧି ପାଉଛି। ୨୦୨୩ ମଇରେ ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ଜିଲ୍ଲା ଉଦନ୍ତୀ ଅଭୟାରଣ୍ୟରେ ମହାବଳ ବାଘକୁ ଶିକାରୀ ବିଷ ଦେଇ ଶିକାର କରି ଦେହାବଶେଷକୁ ନେଇଯାଇଥିଲେ। ଜୁନ ୩ରେ ଓଡ଼ିଶା ଓ ଛତିଶଗଡ଼ର ୨୦ ଜଣିଆ ବନ ବିଭାଗ ଟିମ ବୋଡେନ ଥାନା ଖଡୁପାଣି ଗାଁରେ ଚଢାଉ କରି ବାଘଛାଲ, ନଖ, ଦାନ୍ତ, ଫାସ ଜବତ କରିଥିଲା। ଏହି ଘଟଣାରେ ଖଡୁପାଣି ଗାଁର ବଦନ ମାଝି, ଚିକଲଚୁଆଁ ଗାଁର ଖଗେଶ୍ୱର ମାଝି, ପାଟଦର୍ହାର ସଚିନ୍ଦ୍ର ମାଝି ଓ ବଡ ମାଝି, ଭାଲୁଡୁଙ୍ଗୁରୀର ଅଚ୍ୟୁତାନନ୍ଦ ମାଝିଙ୍କୁ ବନ ବିଭାଗ ଗିରଫ କରିଥିଲା। ନଭେମ୍ବର ୩୦ରେ ଗରିଆବନ୍ଦ ଜିଲ୍ଲା ଇନ୍ଦାଗାଁ ଥାନା ବିରିଘାଟ ଗାଁ ଓଡ଼ିଶା ସୀମାନ୍ତରେ ଛତିଶଗଡ଼ ବନ ବିଭାଗ ଚଢାଉ କରି କଲରାପତରିଆ ବାଘଛାଲ ଜବତ କରି ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଚକ୍କାମାଲ ଗାଁର କାର୍ତ୍ତିକ ଗୌଡ, ଗୌରଙ୍ଗି ଗୌଡ



ଓ ଉପେନ୍ଦ୍ର ରାଉତଙ୍କୁ ଗିରଫ କରିଥିଲା। ଗତ ଜାନୁୟାରୀ ୮ରେ ଖଡ଼ିଆଳ ସହର ଏକ ହୋଟେଲରେ ଡିଲ ବେଳେ ବନ ବିଭାଗ ଚଢାଉ କରି ବାଘ ଛାଲ ଜବତ କରିଥିଲା। ଏଥିରେ ଖଡ଼ିଆଳ ଥାନା ଖଇରପଦର ଗାଁର ଲିଙ୍ଗରାଜ ମାଝି, ତୁମ୍ବକଲାଲ ପଟେଲ ଓ ବିରିଘାଟ ମହୁଲଝରନ ଗାଁର ନିରନ ମାଝିଙ୍କୁ ଗିରଫ କରିଥିଲା। ତାପରଦିନ ବଡପୋଲ ଛକରେ ଚଢାଉ କରି ପୁଣି ଏକ ବାଘଛାଲକୁ ଜବତ କରିଥିଲା। ଏଥିରେ ଖଡ଼ିଆଳ ଥାନା ବରକୁହୁଟି ଗାଁର ଯୁଗେଶ୍ୱର ପଟେଲ ଓ ସୁଶିଲ କୁମାର ପଟେଲ, ପୋଡାପାଲି ଗାଁର ଜଗଦୀଶ ମାଝି ଓ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ବୋରୋବାହାଲ ଗାଁର ଚୈତରାମ ପଟେଲଙ୍କୁ ଗିରଫ କରିଥିଲା। ଏଭଳି ଦୁଇ ଦିନରେ ବନବିଭାଗ ଦୁଇଟି ବାଘଛାଲକୁ ଜବତ କରି ୭ ଜଣ ଶିକାରୀଙ୍କୁ ଗିରଫ କରିଥିଲା। ଗତ ମଇ ୨୨ରେ ହରିପୁର ଗାଁରେ ଚଢାଉ କରି ଏକ ବାଘଛାଲକୁ ଜବତ କରିଥିଲା। କୋମନା ଥାନା ହରିପୁର ଗାଁର ଛିନୁ ପରାଭୂଏ, ଚାନ୍ଦୋପଲା ଗାଁର ଯଦୁ ପହରିଆ, ଖଡ଼ିଆଳ ଥାନା ଜୁନାନୀ ଗାଁର ରମେଶ ମାଝି, ଭୋଜପୁର ଗାଁର ତୁଲସୀରାମ ପରାଭୁଏ ଓ ବଲାଙ୍ଗୀର ଜିଲ୍ଲା ସିନ୍ଦ୍ରେକେଲା ଥାନା ମାଲପଡ଼ାର ପବିତ୍ର ମାଝିଙ୍କୁ ଗିରଫ କରିଥିଲା। ସେପରି ଚଳିତ ମାସ ୭ ତାରିଖ ଦିନ ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା ପଞ୍ଚାୟତ କୁରୁଲୁଭଟା କଲରାପତରିଆ ବାଘ ଛାଲ ଡିଲ ଚାଲିଥିଲା ସିନାପାଲି ବନବିଭାଗ ଓ ଛତିଶଗଡ଼ ଏସଟିଏଫ ଟିମ ମିଳିତ ଆନୁକୂଲ୍ୟରେ ଚଢାଉ କରି କଲରାପତରିଆ ବାଘ ଛାଲ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ବର୍ଷକରେ ଏକ ମହାବଳ ଓ ୪ଟି କଲରାପତରିଆ ବାଘଛାଲ ଜବତ କରି ୨୩ଜଣ ଶିକାରୀ ଓ ଚାଲାଣକାରୀ ଗିରଫ ହୋଇଛନ୍ତି। ଏବେ ସୀମାନ୍ତ ଅଭୟାରଣ୍ୟରେ ଶିକାରୀଙ୍କ ଲୋଲୁପଦୃଷ୍ଟି ପଡ଼ିଥିବାରୁ କାୟାବିସ୍ତାର କରୁଛନ୍ତି। ଏଠି ଜାତୀୟ ପଶୁ ବାଘଙ୍କ ବଂଶ ବିପଦରେ ରହିଛି। ଏଭଳି ବାଘ ଶିକାର ବଢ଼ିଲେ ଆଗକୁ ବଂଶ ଅବଲୁପ୍ତ ହେବକି ବୋଲି ପ୍ରଶ୍ନ ଉଠୁଛି। ବାଘବଂଶକୁ ସୁରକ୍ଷା ଦେବା ପାଇଁ ଉଭୟ ରାଜ୍ୟର ବନ ବିଭାଗ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହେଉଛି ବୋଲି ପରିବେଶବିତ ମହଲରେ ମତ ପ୍ରକାଶ ପାଇଛି। ଏନେଇ ଖଡ଼ିଆଳ ଡିଏଫଓ ଅଜିଜ୍ ଖାନଙ୍କୁ ପଚାରିବାରୁ ବାଘ ଶୀକାର ରୋକିବା ପାଇଁ ସୀମାନ୍ତ ଅଞ୍ଚଳରେ ଗୁଇନ୍ଦାକୁ ଦୃଢ କରିବା ସହ ସଚେତନ କରୁଛୁ। ସୀମାନ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ଚାଲିଛି। ଛତିଶଗଡ଼ ବନ ବିଭାଗ ସହ ସୁସମ୍ପର୍କ ରଖି ସୂଚନା ଆଦାନପ୍ରଦାନ କରୁଛୁ। ଯେଉଁଠି ଖବର ମିଳୁଛି ସେଠି ଚଢାଉ କରୁଛୁ ବୋଲି ସେ କହିଛନ୍ତି।

ସରିଲା ଜନ୍ମବେଦୀରେ ଲୀଳାଖେଳା

# ନବଦିନାତ୍ମକ ଯାତ୍ରାରୁ ଫେରିଲେ ବଡ଼ ଠାକୁର



**କୋକସରା, ୧୫।୭ (ସମିସ):** ସରିଲା ଜନ୍ମବେଦୀରେ ଲୀଳାଖେଳା। ନଅ ଦିନପରେ ଭାଇ ଭଉଣୀଙ୍କୁ ଘେନି ଜନ୍ମବେଦୀରୁ ରତ୍ନବେଦୀଙ୍କୁ ଯାତ୍ରା କରିଛନ୍ତି ବଡ଼ ଠାକୁର। ସୋମବାର ବାହୁଡା ଯାତ୍ରା ପାଇଁ ବଡ଼ ଦାଣ୍ଡରୁ ପୁରପଲ୍ଲୀ ହୋଇ ଉଠିଛି ଉତ୍ସବ ମୁଖର। ଘଣ୍ଟ ଘଣ୍ଟା, ମୃଦଙ୍ଗ, ସଂକୀର୍ତ୍ତନ, ଭକ୍ତଙ୍କ ଭଜନ ଦ୍ୱାରା ଗହଳି ଲଗାଇ ରତ୍ନବେଦୀକୁ ଆସିଛନ୍ତି କଳା ଠାକୁର। କୋକସରା ବ୍ଲକର ବିଭିନ୍ନ ଗ୍ରାମରେ ଶାନ୍ତି ଶୃଙ୍ଖଳା ସହିତ ମହାବାହୁଙ୍କ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ବ୍ଲକର ଗୋତମୁଣ୍ଡାଠାରେ ଦେବାଦେବୀଙ୍କ ଲାଠୀ, କୁର୍ସୀ ଓ କାଳିଶୀ ଗହଣରେ ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରିଥିବାବେଳେ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ବଡ଼ପୋଡ଼ାଗୁଡ଼ା, ଆମପାଣି, କାଉଡୋଲା, ସିଉନୀ, କେନ୍ଦୁଡଙ୍ଗରୀ, ଲଡୁଗାଁ, କୋକସରା, କାଶୀବାହାଲ, ମୋଟେର, ଛିଲିପାମାଲ, ଡଙ୍ଗରୀଗୁଡା, ତୁନଗାଁ, ଟେମରା ଆଦି ସ୍ଥାନରେ ମଧ ଶାନ୍ତି ଶୃଙ୍ଖଳା ସହିତ ବାହୁଡ଼ାଯାତ୍ରା ସମାପନ ହୋଇଛି। ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ପାଳିତ ବାହୁଡା ଯାତ୍ରାରେ ପୂଜା କମିଟି ଓ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ସାଂସଦ ଓ ବିଧାୟକଙ୍କ ଦ୍ୱାରା ନବନିର୍ମିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



**କେସିଙ୍ଗା, ୧୫।୭ (ସମିସ):** କଳାହାଣ୍ଡି ଜିଲା କେସିଙ୍ଗା ତହସିଲ ଅଧିନସ୍ଥ ଶିରୋଲ ଓ କିକିଆ ଗ୍ରାମସ୍ଥିତ ନବ ନିର୍ମିତ ଦୁଇଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ କଳାହାଣ୍ଡି ସାଂସଦ ମାଳବିକା ଦେଓ ସୋମବାର ଫିତା କାଟି ଉଦ୍‌ଘାଟନ କରିଛନ୍ତି। ଏହି ଉଦଘାଟନୀ ଅବସରରେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଡିଓ ପଦ୍ମନାଭ ପୁରୋହିତ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ଅତିରିକ୍ତ ତହସିଲଦାର ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା। ନୂତନ ୮ଜଣଙ୍କୁ ହିତାଧିକାରୀଙ୍କୁ ପଟ୍ଟା ଓ ୮ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ସାର୍ଟିଫିକେଟ ସାଂସଦ ଓ ବିଧାୟକ ବଣ୍ଟନ କରିଥିଲେ। ପରିଶେଷରେ ରାଜସ୍ୱ କାର୍ଯ୍ୟାଳୟ ପରିସର ମଧ୍ୟରେ ଅତିଥିମାନେ ବୃକ୍ଷରୋପଣ କରିଥିଲେ। ଶିରୋଲ ରାଜସ୍ୱ ନିରୀକ୍ଷକ ଡିଙ୍ଗର ପୁଟେଲ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନୂଆ ଜୀବନ ପାଇଲା କୁନି ଝିଅ

**ବୌଦ୍ଧ, ୧୫।୭ (ସମିସ):** ନୂଆ ଜୀବନ ପାଇଛି କୁନି ଝିଅ। ଝିଅ ଟିକୁ ନାଗ ସାପ ଚୋଟ ମାରିଥିଲା। ତାଙ୍କ ପିତାଙ୍କ ତ୍ୱରିତ ପଦକ୍ଷେପ ଏବଂ ଡାକ୍ତରଙ୍କ ଚିକିତ୍ସା ଯୋଗୁଁ ଝିଅଟିର ଜୀବନ ବଞ୍ଚି ଯାଇଛି। ସୂଚନା ଅନୁସାରେ ବୌଦ୍ଧ ୯ ନଂ ୱାର୍ଡ ନୁଆସାହିର ଦିଲ୍ଲୀପ କୁମାର ଶତପଥୀଙ୍କ ୪ ବର୍ଷର ଝିଅ ଶାଳିନୀ ଘରେ ଥିବାବେଳେ ସନ୍ଧ୍ୟା ପ୍ରାୟ ୮ ଟା ବେଳେ ଏକ ନାଗ ସାପ ଝିଅର ପାଦରେ ଚୋଟ ମାରିଥିଲା। ବାପା ଦିଲ୍ଲୀପ ସାପଟିକୁ ଚିହ୍ନଟ କରିବା ସହ ସଙ୍ଗେସଙ୍ଗେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଝିଅକୁ ଭର୍ତ୍ତି କରିଥିଲେ। ଡାକ୍ତର ତତ୍‌କ୍ଷଣାତ ଚିକିତ୍ସା ଆରମ୍ଭ କରିବା ସହ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ଉପଯୁକ୍ତ ସମୟରେ ସଠିକ ଚିକିତ୍ସା ପାଇ ବଞ୍ଚି ଯାଇଛି କୁନି ଝିଅର ଜୀବନ। ସର୍ପାଘାତ ହେଲେ କୌଣସି ଝଡାଫୁଙ୍କା ବା ଗୁଣିଆ ପାଖକୁ ନଯାଇ ଯଥାଶୀଘ୍ର ଡାକ୍ତରଖାନାକୁ ନେଇ ଚିକିତ୍ସା କଲେ ସର୍ପାଘାତ ରୋଗୀ ନିଶ୍ଚିତ ଭଲ ହୋଇଯିବ ବୋଲି ପିତା ଦିଲ୍ଲୀପ ବାର୍ତ୍ତା ଦେଇଛନ୍ତି। ସର୍ପାଘାତ ହେବାର ୨ ଘଣ୍ଟା ମଧ୍ୟରେ ଡାକ୍ତରଖାନାରେ ପହଞ୍ଚି ପାରିଲେ ଆକ୍ରାନ୍ତ ବ୍ୟକ୍ତି ନିଶ୍ଚିତ ବଞ୍ଚି ପାରିବ ବୋଲି ଡାକ୍ତର ସାହୁ କହିଛନ୍ତି।



# ବାହୁଡ଼ିଲେ କଳାଠାକୁର

**କର୍ଲାମୁଣ୍ଡା, ୧୫।୭ (ସମିସ):** ଆଜି ହର୍ଷଉଲ୍ଲାସ ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରିଷିଡାଠାରେ ଅପରାହ୍ନ ସାଢେ ୪ଟାରେ ପହଣ୍ଡି ବିଜେ ହେବା ପରେ ରଥଟଣା ଆରମ୍ଭ ହୋଇଥିଲା। ଗୌନ୍ତିଆ କ୍ଷୀରସାଗର ରଣା ପାଟ ଦଉଡି ଧରିଥିବା ବେଳେ ପ୍ରଜାପତି ଭୋଇ ଓ ଖଲ୍ୟକାର ରଣା ଛେରା ପହଁରା କରିଥିଲେ। ମୁଖ୍ୟପୂଜକ ମଧୁସୂଦନ ଦାସଙ୍କୁ ବିଭୂତି ଦାସ, ସନକ ଦାସ, ଦେବୁ ତ୍ରିପାଠୀ, ଜିତୁ ତ୍ରିପାଠୀ ପହଣ୍ଡିରେ ସହଯୋଗ କରିଥିଲେ। ଦିଲୀପ ରଣା, ଶତ୍ରୁଘନ ରଣା, ଦେବେନ୍ଦ୍ର ରଣା, ଦୀନବନ୍ଧୁ ଗୌଡ଼, ମହେନ୍ଦ୍ର ପ୍ରଧାନୀ ପ୍ରମୁଖ ବିଭିନ୍ନ ସେବାରେ ଲାଗିଥିଲେ। ଅଶୋକ ତ୍ରିପାଠୀ କର୍ତ୍ତା ଦାୟିତ୍ୱରେ ଥିବା ବେଳେ ସଭାପତି ଶିବଲାଲ କେଡ଼ିଆ, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ କମିଟି ସଭ୍ୟ ସହଯୋଗ କରିଥିଲେ। ନରୋତ୍ତମ ସେଲମା ଧାରବିବାରଣୀ ଦେଇଥିଲେ।



ତରଭା ଶ୍ରୀଦଧିବାମନଙ୍କ ବାହୁଡାଯାତ୍ରା

# ବୁଦ୍ଧ ଅବତାରରେ ଦର୍ଶନ ଦେଲେ

**ତରଭା, ୧୫।୭ (ସମିସ):** ତରଭା ଶ୍ରୀ ଦଧିବାମନଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଝିପିଝିପି ବର୍ଷା ସତ୍ତ୍ୱେ ଭକ୍ତମାନଙ୍କ ପ୍ରବଳ ଭିଡ ହୋଇଥିଲା। ଓସନ୍ଧ୍ୟା ୫ଟାରେ ସେବକ ସତ୍ୟନାରାୟଣ ପୂଜାରୀ, ପରେଶ ପୂଝାରୀ, ଜୟନ୍ତ ପୂଝାରୀ, ସୁରେନ୍ଦ୍ର ବେଜ, ସୌମ୍ୟରଞ୍ଜନ ପାଣିଗ୍ରାହୀ, ସୁଧୀର ପୁଝାରୀ, ଶାନ୍ତନୁ ପଣ୍ଡା, ଦେବବ୍ରତ ପଣ୍ଡା, ଦେବାଶିଷ ମିଶ୍ର, ମହେନ୍ଦ୍ର ତ୍ରିପାଠୀ, ବିଜୟ ମିଶ୍ର, ଆଶିଷ ମିଶ୍ର, ବିକ୍ରମ ମିଶ୍ର ଓ ଅନ୍ୟମାନେ ଦଧିବାବନଙ୍କୁ ପହଣ୍ଡି ବିଜେ କରାଇ ରଥାରୂଢ କରିଥିଲେ। ରଥଯାତ୍ରା କମିଟିର ସଭାପତି ରତନଲାଲ ଅଗ୍ରୱାଲ ଠାକୁରଙ୍କ ଛେରାପହଁରା କରିଥିଲେ। ରଥ ଡାକ୍ତରଖାନା ସମ୍ମୁଖରେ ପହଁଞ୍ଚିବା ପରେ ରଥଟଣା ବନ୍ଦ ହୋଇଥିଲା। ରାତ୍ରି ୭ ଘଣ୍ଟା ସମୟରେ ରଥଟଣା ବନ୍ଦ ହେବାପରେ ଶତାଧିକ ଶିଶୁଙ୍କୁ ରଥ ଛୁଆଁ ଯାଇଥିଲା। ଅଞ୍ଚଳର ନବଜାତକ ମାନଙ୍କ ଅନ୍ନପ୍ରାସନ୍ନ ପରେ ରଥ ଛୁଆଁଇବା ପରମ୍ପରା ରହିଛି। ଏହି ରଥଛୁଆଁ କାର୍ଯ୍ୟ ଦଶମୀରୁ ଆରମ୍ଭ କରି ଠାକୁରଙ୍କ ମନ୍ଦିର ପ୍ରବେଶ ପର୍ଯ୍ୟନ୍ତ ଚାଲିଥାଏ। ଆଜି ରଥ ଉପରେ ଶ୍ରୀଦଧିବାମନ ବୁଦ୍ଧ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।



# ଜାତୀୟ ରାଜପଥରେ ଜମୁଛି ପାଣି

**ଭବାନୀପାଟଣା, ୧୫।୭ (ସମିସ):** ଜାତୀୟ ରାଜପଥ ୨୬ ଭବାନୀପାଟଣା ଇରିଗେସନ କଲୋନୀ ଛକ ଠାରୁ ବିମଳା କନଭେଣ୍ଟ ପର୍ଯ୍ୟନ୍ତ ପ୍ରାୟ ୧୦୦ ମିଟର ରାଜରାସ୍ତା ଉପରେ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମିରହୁଛି।ଏ ଦିଗରେ ନା ରାଜରାସ୍ତା କର୍ତ୍ତୃପକ୍ଷ ଦୃଷ୍ଟି ଦେଉଛନ୍ତି ନା ଭବାନୀପାଟଣା ପୌର ପରିଷଦ ଦୃଷ୍ଟି ଦେଉଛି। ଫଳରେ ଯାତାୟତରେ ବହୁତ ଅସୁବିଧା ସୃଷ୍ଟି ହେଉଛି। ବିଶେଷ କରି ସ୍କୁଲକୁ ଯିବା ଆସିବା ଛାତ୍ର ଛାତ୍ରୀମାନଙ୍କୁ ଅସୁବିଧା ହେଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି



# ବାହୁଡ଼ିଲେ ମହାବାହୁ

**ମନମୁଣ୍ଡା, ୧୫।୭ (ସମିସ):** ମନମୁଣ୍ଡାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ମହାବାହୁ ଜନ୍ମବେଦୀରୁ ରତ୍ନବେଦୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସ୍ଥାନୀୟ ଶ୍ରୀ ଦଧିଠବାମନ ମନ୍ଦିରର ମୁଖ୍ୟ ପୂଜକ ଆଶୁତୋଷ ହୋତା ଚକାଡୋଲାଙ୍କ ନୀତିକାନ୍ତି କରିଥିଲେ। ପହଣ୍ଡିର ପୂର୍ବ ପ୍ରସ୍ତୁତି ସହ ଶିବ କୁମାର ରଥ ଏବଂ ନିରଞ୍ଜନ ହୋତା ପ୍ରଭୁଙ୍କ ବେଶଭୂଷା କରିଥିଲେ। ସନ୍ଧ୍ୟାରେ ସ୍ୱାଧିନ ହୋତା, ଶିବ ରଥ ଏବଂ ନିରଞ୍ଜନ ହୋତା ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ଜନ୍ମବେଦୀରୁ ମାଉସୀ ମନ୍ଦିର ମୁଖ୍ୟ ଦ୍ୱାରକୁ ଆଣିଥିଲେ। ପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପ୍ରବଳ ଭିଡ ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ ଓ ହୁଳହୁଳି ସହ ଶ୍ରୀଜଗନ୍ନାଥଙ୍କ ପହଣ୍ଡି କରାଯାଇଥିଲା। ପହଣ୍ଡି ସମୟରେ ଜଗଦୀଶ ମେହେର, ନିରଞ୍ଜନ ମେହେର, ଓ ସାଥୀମାନେ ପହଣ୍ଡି ଭଜନ ପରିବେଷଣ କରିଥିଲେ। ସ୍ୱାଧିନ ହୋତା, ନିରଞ୍ଜନ ହୋତା ଏବଂ ଶିବ ରଥ ପହଣ୍ଡି କରି ମହାପ୍ରଭୁଙ୍କୁ ରଥାରୂଢ଼ କରିଥିଲେ। ଜାତି, ବର୍ଣ୍ଣ ନିର୍ବିଶେଷରେ ମହିଳା, ପୁରୁଷ ଆବାଳ ବୃଦ୍ଧ, ବୃଦ୍ଧା ରଥ ଟାଣିଥିଲେ। ଆଇଆଇସି ରାମ କୁମାର ମୁର୍ମୁ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଶ୍ରୀଦଧିବାମନ ମନ୍ଦିରରେ ରଥ ଲାଗିଲା ପରେ ଆଞ୍ଚଳିକ ପରମ୍ପରା ପ୍ରକାରେ ଛୋଟ ଛୋଟ ଛୁଆ ମାନଙ୍କ ରଥ ଛୁଆଁ କରାଯାଇଥିଲା। ଗଣେଶ ତ୍ରିପାଠୀ, ମନୋଜ ମେହେର, ଚନ୍ଦ୍ରଶେଖର ମେହେର, ପ୍ରକାଶ ମିଶ୍ର, ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ। ସେହିପରି ଗମ୍ଭାରିଗୋରା (ପଦରପଡ଼ା) ର ଶତାବ୍ଦୀ ପୁରାତନ ଶ୍ରୀ ଜଗନ୍ନାଥ ମନ୍ଦିରର ରଥଯାତ୍ରା ପରି ବାହୁଡା ଯାତ୍ରାରେ ମଧ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଧୁଙ୍ଗିଆପଦର ଗ୍ରାମ ସ୍ଥିତ ମାଉସୀ ମା ମନ୍ଦିରରୁ ମହାପ୍ରଭୁ ମନ୍ଦିରକୁ ବାହୁଡ଼ିଛନ୍ତି। ମନ୍ଦିର ପୂଜକ ବାସୁଦେବ ହୋତା, ରମେଶ ହୋତା, ପ୍ରେମାନନ୍ଦ ମିଶ୍ର, ଓ ଚମରା ପ୍ରସାଦ ଦାସ ପ୍ରମୁଖ ପହଣ୍ଡି କରିଥିଲେ। ଗାଁ ଗୌନ୍ତିଆ ଗୋବିନ୍ଦ କର୍ଣ୍ଣ, ଯାତ୍ରା କମିଟି ସଦସ୍ୟ ପୂର୍ଣ୍ଣ ରଣା, ଶରତ ଖଣ୍ଡଗିରି, ଚନ୍ଦନ ମିଶ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏତଦବ୍ୟତତ ତାଳପଦର, ଦହିଯା, କସୁରବନ୍ଧ, ଶଗଡ଼ା, ବରଗୋଛା, ଗୁଡଭେଲିପଦର, ଯୋଗିନ୍ଦ୍ରପୁର, ଖଟଖଟିଆ, ପଲସାଗୋରା ଇତ୍ୟାଦି ସ୍ଥାନରେ ମଧ ବାହୁଡା ଯାତ୍ରା ହର୍ଷ ଉଲ୍ଲାସ ସହ କରାଯାଇଛି।

# ଆଚାର୍ଯ୍ୟ ସୁଶ୍ରୁତଙ୍କ ଜୟନ୍ତୀ ପାଳନ



**କେସିଙ୍ଗା, ୧୫।୭ (ସମିସ):** କେସିଙ୍ଗା ବ୍ଲକ ଅନ୍ତର୍ଗତ କିକିଆ ଠାରେ ମୃତ୍ୟୁଞ୍ଜୟ ବୈଦ୍ୟ ସଂଘ ପକ୍ଷରୁ ଚିକିତ୍ସା ଜଗତର ଆଚାର୍ଯ୍ୟ ସୁଶ୍ରୁତଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସଂଘର ସଭାପତି ଦ୍ୱାରିକା ରଣାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆୟୁର୍ବେଦିକ ଭିର୍ଗୋ କମ୍ପାନୀର ଓଡ଼ିଶା ମୁଖ୍ୟ ସୁବ୍ରତ ମିଶ୍ର, ଆଲୋକମଣି ତିୱାରୀ, ବାବୁଲା ମୁଣ୍ଡ, ବୈଦ୍ୟ ଧର୍ମାନନ୍ଦ ପଧାନ, ବୈଦ୍ୟ ଧର୍ମୁ ନାଏକ, ସଂଘ ସମ୍ପାଦକ ତ୍ରୈଲୋକ୍ୟ ପଧାନ, ଶରତ ପ୍ରଧାନ, ମୋହନ ନାଏକ, ସରୋଜ ପ୍ରଧାନ, କେଶବ ମାଝୀ ସହ ଅନେକ ବୈଦ୍ୟଗଣ ଉପସ୍ଥିତ ରହି ସୁଶ୍ରୁତଙ୍କ ଚିକିତ୍ସା ପ୍ରଣାଳୀ ଉପରେ ବିଶଦ ଆଲୋଚନା କରି ଆୟୁର୍ବେଦରେ ରସାୟନ ପାରଦ ଉପରେ ବିତର୍କ ହୋଇଥିଲା। ଏହି କାର୍ଯ୍ୟକ୍ରମ ଶେଷରେ ବୈଦ୍ୟ ତଥା ଶିକ୍ଷାବିତ୍ ଶରତ ପ୍ରଧାନ ଧନ୍ୟବାଦ ଅର୍ପଣ ପରେ ଜୟନ୍ତି ଉତ୍ସବ ଓ ସଭା ସାଙ୍ଗ ହୋଇଥିଲା।

କାଣ୍ଡେତରା ମିଳୁନି ବିଶୁଦ୍ଧ ପାନୀୟ ଜଳ

# ପଇସା ଦେଇ କିଣୁଛନ୍ତି ପାଣି; ବିଜୁଳି ଗଲେ ପାଣି ବନ୍ଦ



**ନୂଆପଡ଼ା, ୧୫।୭ (ସମିସ)**

ଲୋକଙ୍କୁ ବିଷୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତି ବଦ୍ଧ ଥିବାବେଳେ ବର୍ଷାଦିନେ ମଧ ପାଣି ଟିକକ ପାଇଁ ହଇରାଣ ହେବାକୁ ପଡୁଛି। ଜିଲ୍ଲାର କୋମନା ବ୍ଲକ ଅଧୀନ କାଣ୍ଡେତରା ଗାଁର ପାଣି ସମସ୍ୟା ଏହାର ଉଦାହରଣ ହାଇଛି। ଗ୍ରାମବାସୀଙ୍କୁ ପଇସା ଦେଲେ ଯାଇ ବିଷୁଦ୍ଧ ପାଣି ଟିକକ ମିଳୁଛି। ତାହା ବି ପୁଣି ବିଜୁଳି ଗଲେ ବନ୍ଦ। ଏଠାରେ ଲକ୍ଷାଧିକ ଟଙ୍କାରେ ଅବସ୍ଥାପିତ ମେଗା ପ୍ରକଳ୍ପ ହେଉକି ବସୁଧା ଯୋଜନାରେ ମଧ ଲୋକଙ୍କୁ ସୁଫଳ ମିଳିପାରୁ ନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି। କାଣ୍ଡେତରା ପନଞ୍ଚାୟତ ସଦର ଗାଁରେ ମୋଟ ୯ ଟି ୱାର୍ଡ ରହିଥିବାବେଳେ ଜନସଂଖ୍ୟା ପ୍ରାୟ ପାଞ୍ଚ ହଜାର ଡେଇଁଯିବ। ଏଠିକାର ଲୋକଙ୍କୁ ପାଣି ଯୋଗାଇଦେବାକୁ ମେଗା ପ୍ରକଳ୍ପ ଜରିଆରେ ସୁନ୍ଦରଡ୍ୟାମରୁ ଜଳ ପାଇପ ସଂଯୋଗ ହୋଇଛି। ଅନ୍ୟପଟେ ବସୁଧା ଯୋଜନାରେ ମଧ ଲକ୍ଷାଧିକ ଟଙ୍କାରେ ପ୍ରକଳ୍ପ ନିର୍ମାଣ ହୋଇଛି। ହେଲେ ଏହି ଦୁଇଗୋଟି ପ୍ରକଳ୍ପ ଫେଲ ମାରିଛି। ମେଗା ପ୍ରକଳ୍ପ ଆରମ୍ଭ ହେବାର ମାତ୍ର ୩/୪ମାସ ପରେ ଅଚଳ ହୋଇପଡ଼ିଥିଲା। ଏହିଭଳି ବସୁଧା ଯୋଜନାରୁ ମଧ ବସ୍ତିର ଅଧାଲୋକଙ୍କୁ ପାଣି ମିଳେନି। ଅନ୍ୟପକ୍ଷେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଫିଲ୍‌ଟରିଂ ୟୁନିଟ୍ ସ୍ଥାପନା କରାଯାଇଛି। ଏଥିରେ ୫ଟଙ୍କିଆ କଏନ ଜମାକଲେ ଜଣଙ୍କୁ ୨୦ଲିଟର ପାଣି ମିଳିଥାଏ। ଏଥିରେ ବର୍ଷାଦିନ ହେତୁ ବିଜୁଳି ଚାଲିଗଲେ ଲୋକଙ୍କୁ ପାଣି ମିଳେନି। ଲୋକେ ବାଧ ହୋଇ ବର୍ଷା ଜଳକୁ ଆଣି ବ୍ୟବହାର କରୁଛନ୍ତି।

**ମେଗା ପ୍ରକଳ୍ପ ଓ ବସୁଧା ଯୋଜନା ଫେଲ**

## ସେମାନେ ଯାହା କହୁନ୍ତି....



ପାଣି ଟିକକ ପାଇଁ ସବୁବେଳେ ହଇରାଣ ହେଉଛୁ। ବିଷୁଦ୍ଧ ପାଣି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଯୋଜନା ସବୁ ଫେଲ ମାରୁଛି।
**ସୁରେଶ ଦଣ୍ଡସେନା, ପୂର୍ବତନ ସମିତି ସଭ୍ୟ**



ପାଣି ପାଇଁ ସବୁବେଳେ ଗୁଲୁଗୁଲା ହେଉଛୁ। ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଥିବା ଫିଲଟରିଂ ପ୍ଲାଣ୍ଟରୁ ପଇସା ଦେଇ ପାଣି କିଣିବାକୁ ପଡ଼ିଥାଏ। ଆଜିର ସମୟରେ ମଧ ପାଣି ଭଳି ମୌଳିକ ସୁବିଧା ମିଳିବାରୁ ଆମେ ବଞ୍ଚିତ ରହୁଛୁ।
**ରୁବିନା, ଗ୍ରାମବାସୀ**



ଜିଲ୍ଲାର ଏକ ସର୍ବବୃହତ ଗାଁ। ଏଠାରେ ପାଣି, ବିଜୁଳି ଭଳି ସମସ୍ୟା ସବୁବେଳେ ରହିଥାଏ। ଏହାକୁ ନେଇ ବାରମ୍ବାର ପ୍ରଶାସନକୁ ଜଣାଇଆସୁଥିଲେ ମଧ କୌଣସି ସୁଫଳ ମିଳି ନ ଥାଏ। ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଲୋକଙ୍କ ସୁବିଧା କରିବା ଜରୁରୀ। ପ୍ରଶାସନର ଦୃଷ୍ଟି ଆଢୁଆଳରେ ଆମେ ରହିଯାଉଛୁ।
**ପୁରେନ୍ଦ୍ର ସତନାମୀ, ସ୍ୱେଚ୍ଛାସେବୀ**



ଗାଁର ଅର୍ଦ୍ଧାଧିକ ନଳକୂଅ ଅଚଳ ରହିଛି। ମେଗା ପ୍ରକଳ୍ପ କାମକୁ ଆସୁନାହିଁ। ବସୁଧା ଯୋଜନାରୁ ବି ସୁଫଳ ମିଳୁନି। ଏଭଳି ସ୍ଥିତିରେ କୌଣସି ବିଭାଗୀୟ ଅଧିକାରୀ ଗାଁକୁ ଆସିବା ମୁଁ ଜଣେ ସଚେତନ ନାଗରିକ ଭାବେ ଦେଖିନାହିଁ। କାହିଁକି ହେଳା କରାଯାଉଛି ତାହା ମଧ ଆମେ ଜାଣିପାରୁନାହୁଁ। ଏଭଳି ଅଣଦେଖାକୁ ଆଗାମୀ ଦିନରେ ବରଦାସ୍ତ କରାଯିବନାହିଁ।
**ମୁକେଶ ସାହୁ**

## ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତ



**କେନ୍ଦ୍ରାପଡ଼ା, ୧୫ ।୭ (ସମିସ):** କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲଙ୍କୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ କରାଯାଇଛି । ଏହା ପୂର୍ବରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲଙ୍କୁ ପଦୋନ୍ନତି ମିଳିଛି । ଓଡ଼ିଶା ଲୋକସେବା ଆୟୋଗର ସୁପାରିଶକ୍ରମେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଚିଠି ନମ୍ବର ୧୬୨୯୧/ ଏସ୍‌ସିଏସ୍ ଯୋଗେ ମୋଟ୍ ୫ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି । ସେମାନେ ଓଏଏସ୍ ସୁପର ଟାଇମ୍ ସ୍କେଲ୍‌ରୁ ସୁପରିୟର ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍‌କୁ ପଦୋନ୍ନତି ପାଇଛନ୍ତି । ୨୦୦୦ ବ୍ୟାଚ୍‌ର ଓଏଏସ୍ ଅଫିସର ଶ୍ରୀ ସାମଲ ଅନୁଗୁଳ ଜିଲ୍ଲାର ତାଳଚେରରେ ଅତିରିକ୍ତ ତହସିଲଦାର, କଣିହାଁ ଓ ପରଜଙ୍ଗରେ ତହସିଲଦାର, ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଓ କଙ୍କଡାହାଡ ଏବଂ କେନ୍ଦ୍ରାପଡ଼ାର ଡେରାବିଶ ବ୍ଲକରେ ବିଡିଓ, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାରେ ଉପ-ଜିଲ୍ଲାପାଳ ଓ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଭାବେ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ କରି ଲୋକପ୍ରିୟ ପ୍ରଶାସକ ହୋଇପାରିଛନ୍ତି ।

## ଓଡ଼ିଶା ଆଦର୍ଶ ଯୁବ ସଂଗଠନ ପକ୍ଷରୁ ଚାରାରୋପଣ

**କେନ୍ଦ୍ରାପଡ଼ା, ୧୫।୭ (ସମିସ):** ଓଡ଼ିଶା ଆଦର୍ଶ ଯୁବ ସଂଗଠନ ତରଫରୁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡ଼ା ପଞ୍ଚାୟତର ଗୁଣ୍ଡୁଚି ମଠ ନିକଟରେ ଆଜି ୨୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଗଣେଶ୍ୱର ବେହେରା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସେ କହିଥିଲେ ଯେ



ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନ ସମ୍ପ୍ରତି ପୃଥିବୀର ଅସ୍ତିତ୍ୱ ଓ ଭବିଷ୍ୟତକୁ ନେଇ ଏକ ସଙ୍କଟମୟ ଦୋଛକିରେ ଠିଆ କରାଇ ଦେଇଛି । ଏହାର ସୁରକ୍ଷା ପାଇଁ ସମସ୍ତେ ବୃକ୍ଷ ରୋପଣ କରିବା ନିହାତି ଆବଶ୍ୟକ । ଏଥିରେ ୬ନଂ ଜୋନର ଜିଲ୍ଲା ପରିଷଦ ପ୍ରତିନିଧି ପ୍ରଦୀପ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ଶାରଦା ରାଉତ, ପୂର୍ବତନ ସରପଞ୍ଚ ପିତବାସ ବେହେରା, ବିଜେଡି ନେତା କରୁଣାକର ଦାସ, ଅକ୍ଷୟ ପତି, ନିରୋଦ ଜେନା, ଜୁଲୁ, ସୁନିଲ ମହାପାତ୍ର, ସନନ୍ତ ନାୟକ ଉପସ୍ଥିତ ଥିଲେ । ସଂଗଠନର ସଭାପତି ପ୍ରକାଶ କର, ସମ୍ପାଦକ ଅନିଲ ହୋତା ଏହାକୁ ପରିଚାଳନା କରିଥିଲେ । ଏହାସହ ଦିପ୍ତୀରଞ୍ଜନ ଦାସ, ସଞ୍ଜୟ ମହାନ୍ତି, ଅଭିନାଶ ପଟ୍ଟନାୟକ, ମନୋଜ ଓଝା, ଭଗବାନ କର, ଆକାଶ କର, ସଞ୍ଜୀବ ଦାସ, ଟିକମ ପ୍ରମୁଖ ଏହାକୁ ତ୍ୱରାନ୍ୱିତ କରିଥିଲେ ।

## ଅସହାୟ ମହିଳାଙ୍କୁ ସହାୟତା

**ଜଗତସିଂହପୁର, ୧୫।୭ (ସମିସ):** ଜିଲ୍ଲାର ସଦର ବ୍ଲକ ସାଁପୁର ପଞ୍ଚାୟତ ଅନ୍ତର୍ଗତ ଦେଢ଼ଶ୍ୱର ଦେଉଳି ଗ୍ରାମର ଅସହାୟ ମହିଳା ଲକ୍ଷ୍ମୀପ୍ରିୟା ଭୋଇ (୪୨) ଙ୍କୁ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ଏହି ମହିଳା ନିଜ ୧୫ ବର୍ଷର ଝିଅ ସହିତ ଅତିଦୟନୀୟ ଅବସ୍ଥାରେ ଭଙ୍ଗା କୁଡ଼ିଆରେ ରହୁଥିବା ଖବର ପାଇ ସଂଗଠନର ସଦସ୍ୟ ତାଙ୍କ ନିକଟରେ ପହଞ୍ଚିଥିଲେ । ସ୍ୱାମୀ ପରିତ୍ୟକ୍ତା ଲକ୍ଷ୍ମୀପ୍ରିୟା ଶାଶୂଘର ଛାଡ଼ି ନିଜ ଝିଅ ସହିତ ବାପ ଘରେ ରହୁଛନ୍ତି । ବାପଘର ଅତି ଗରିବ ହୋଇଥିବାରୁ ସେମାନେ ଏଠାରେ ଚଳିବା ପାଇଁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଏପରିକି ଅଭାବ ଅନଟନରୁ ଝିଅକୁ ଦଶମ ପର୍ଯ୍ୟନ୍ତ ପଢ଼ାଇବା ପରେ ଆଗକୁ ପଢ଼ାଇବାକୁ ସମର୍ଥ ନ ହେବାରୁ ଝିଅର ପାଠପଢ଼ାରେ ଡୋରି ବନ୍ଧା ହୋଇଛି । ଏ ଖବର ପାଇବା ପରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରା, ବିଜେନ୍ଦ୍ର ଦାସ, ଦୀପ୍ତିରଞ୍ଜନ ବିଶ୍ୱାଳ, ଜୟରାମ ସ୍ୱାଇଁ, କୁନିଲତା ଦାଶ, ବାପି ଦାସ, ସନ୍ତୋଷ କରଣ, ରଶ୍ମୀରଞ୍ଜନ ମହାନ୍ତି ପ୍ରମୁଖ କିଛି ରାସନ୍ ସାମଗ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ପ୍ରଦାନ କରିବା ସହ ସରକାରୀ ସ୍ତରରେ ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସାହାଯ୍ୟ ସହଯୋଗ କରିବା ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି ।



### ବର୍ଷା ନାହିଁ, କେନାଲରେ ପାଣି ଆସୁନି

# ଧାନତଳି ମରିଗଲାଣି; ପଟ୍ଟାମୁଣ୍ଡାଇରେ ମରୁଡ଼ି ଆଶଙ୍କା

**ପଟ୍ଟାମୁଣ୍ଡାଇ, ୧୫।୭ (ସମିସ):** ଶ୍ରାବଣ ମାସ ଆରମ୍ଭ ହେଲା ହେଲେ ଧାନତଳି ପଡ଼ିପାରିଲା ନାହିଁ । ଯେଉଁ ଧାନତଳି ପଡ଼ିଥିଲା ତାହା ମରିବାକୁ ବସିଲାଣି । ଅସରାଏ ବର୍ଷା ହେଉ ନାହିଁ କି କେନାଲରେ ପାଣି ଆସୁନି । ଚାଷୀମାନେ ପାଣିପମ୍ପ ପକାଇ ତଳି ବଞ୍ଚାଇବାକୁ ଚେଷ୍ଟା ଚଳାଇଛନ୍ତି । ଅନ୍ୟପଟେ ବୁଲା ଷଣ୍ଢ, ଗାଈଗୋରୁ ଧାନ ତଳିକୁ ଖାଇ ନଷ୍ଟ କରୁଛନ୍ତି । ଫଳରେ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି । ଏହି ଘଟଣା କାହାରିକୁ କର୍ଣ୍ଣପାତ ହେଉ ନାହିଁ । ଶ୍ରାବଣ ମାସରେ ରୁଆପୋତା ହେବା କଥା । ତଳି ହୋଇପାରିଲା ନାହିଁ । ଏବର୍ଷ କିପରି ଚାଷକାମ ହେବ ସେଥିନେଇ ଅନିଶ୍ଚିତତା ଦେଖା ଦେଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡାରେ ମରୁଡ଼ିର ଆଶଙ୍କା ହୋଇଛି । ଯେତିକି ବର୍ଷା ଦରକାର ତାହା ହେଉନାହିଁ କି କେନାଲ ପାଣି ବି ଆସିଲା ନାହିଁ । ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସଙ୍ଗୀନ ହେବାରେ ଲାଗିଛି । ବର୍ଷା କିମ୍ବା କେନାଲ ପାଣିକୁ ଚାହିଁ ବସିଛି ଚାଷୀ । ତଳିକୁ ବଞ୍ଚାଇବା ପାଇଁ ଏବେ ଭରସା କରିଛି ପାଣିପମ୍ପକୁ । ତାହା ପର୍ଯ୍ୟାପ୍ତ ପରିମାଣର ହେଉ ନଥିବାରୁ ପରିସ୍ଥିତି ଉଦବେଗଜନକ ହୋଇ ପଡ଼ିଛି ।



ଯଦି କେନାଲ ପାଣି ନଆସେ ଚଳିତବର୍ଷ ଚାଷ କାମ ହୋଇ ପାରିବ ନାହିଁ । ବର୍ଷା ଅଭାବ ଯୋଗୁ ଚାଷକାମ ବନ୍ଦ ହେବା ଆଶଙ୍କା ଉପୁଜିଛି । ପଟ୍ଟାମୁଣ୍ଡାଇ ଅଞ୍ଚଳର ୧୬ଟି କେନାଲରେ ଜଳଯୋଗାଣ ହୋଇଥାଏ । ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ପାଣି ନଆସିବା ଯୋଗୁ ଏହାର ଶାଖା କେନାଲ ଗୁଡିକ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କ ମଧ୍ୟରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ଚାଷକାର୍ଯ୍ୟ କରିନପାରି ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବର୍ଷା ନାହିଁ କି କେନାଲରେ ପାଣି ନାହିଁ ଏଭଳି ଅଦ୍ଭୁତ ସ୍ଥିତିରେ ପଟ୍ଟାମୁଣ୍ଡାଇରେ ଗଜା ମରୁଡ଼ିର ପଦଧ୍ୱନି ଦେଖିବାକୁ ମିଳୁଛି । ଜମି ହଳ ହେବା ପରେ ବିହନ ବୁଣା ଓ ତଳି ପଡ଼ିପାରୁନାହିଁ । ବର୍ଷା ଓ କେନାଲ ପାଣି ଅଭାବରୁ କିଛି ଚାଷୀ ଗତ ଜୁନ ମାସରେ ପକାଇଥିବା ତଳି ପ୍ରଚଣ୍ଡ ଖରାରେ ଜଳି ନଷ୍ଟ ଯାଇଛି । କୃଷିକୁ ବେଉସା କରିଥିବା ଚାଷୀଙ୍କ ମୁଣ୍ଡରେ ଚଡକ ପଡ଼ିଛି । ଏଭଳି ଭୟଙ୍କର ପରିସ୍ଥିତିରେ ମରୁଡ଼ି ଆଶଙ୍କା ବୃଦ୍ଧି ପାଇବା ସାଙ୍ଗକୁ ପଟ୍ଟାମୁଣ୍ଡାଇର ଭାତହାଣ୍ଡି ଉଜୁଡି ଯିବାକୁ ବସିଛି । ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ହଜାର ହଜାର ଏକର ଚାଷଜମି ଜଳସେଚନ ପାଇଁ ମୁଖ୍ୟତଃ ବର୍ଷା ଜଳ ଉପରେ ନିର୍ଭର କରିଥାଏ । ଚଳିତବର୍ଷ ପରିସ୍ଥିତି ଅଧିକ ଜଟିଳହେଉଥିବାରୁ ପଟ୍ଟାମୁଣ୍ଡାଇର ଭାତ ହାଣ୍ଡି କୁହାଯାଉଥିବା ଉତିକଣ ଅଞ୍ଚଳରେ ଧାନ ଚାଷ ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି । କୃଷି ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ପଟ୍ଟାମୁଣ୍ଡାଇ ବ୍ଲକର ୧୧, ୦୪୯ ହେକ୍ଟର ଜମି ରେ ଧାନ ଚାଷ ପ୍ରଭାବିତ ହେବ । ଜଳସେଚନ ପାଇଁ କେନାଲ ଜଳ ଉପରେ ନିର୍ଭର କରେ । ପଟ୍ଟାମୁଣ୍ଡାଇ କେନାଲ ସହ ସଂଯୁକ୍ତ ହୋଇଥିବା ଗୋବରୀ ସମ୍ପ୍ରସାରିତ କେନାଲ ଓ ଏହାର ଶାଖା ୨ନମ୍ବର କେନାଲ, ୧୬ନଂ କେନାଲ, କୋରିଆପଲ୍ଲା ମାଇନର, ୧୪ନଂ କେନାଲ, ୧୫ନଂ କେନାଲ ଓ ତାତନା ମାଇନର କେନାଲ ପ୍ରଭୃତି ଚାଷୀଙ୍କ ଅବସ୍ଥା ଉଦବେଗ ଜନକ ହୋଇପଡ଼ିଛି ।

## ବାହୁଡ଼ାଯାତ୍ରାରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ



**ପାରାଦୀପ, ୧୫।୭ (ସମିସ):** ପବିତ୍ର ବାହୁଡ଼ାଯାତ୍ରା ଅବସରରେ ନୀଳଚକ୍ର ଯୁଥ କ୍ଲବ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବୃକ୍ଷ ଚାରା ବଣ୍ଟନ କରାଯାଇଛି । ବର୍ତ୍ତମାନ ସାରା ବିଶ୍ୱ ପରିବେଶ ସମ୍ବନ୍ଧୀୟ ସମସ୍ୟା ଦେଇ ଗତି କରୁଛି । ଏହାର ଏକମାତ୍ର କାରଣ ଆମେ ଅକ୍ସିଜେନ ଯୋଗାଉଥିବା ଗଛକୁ କାଟି କଂକ୍ରିଟ ଜଙ୍ଗଲ ସୃଷ୍ଟି କରୁଛେ । କେହି ସେହି ଅନୁପାତରେ ଗଛ ଲଗାଉନାହାନ୍ତି । ଏଥିପାଇଁ ଏବେ ୧୨ ମାସରେ ୬ ଋତୁର ଅନୁଭବ ହେଉନାହିଁ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି । ଏଥିରୁ ରକ୍ଷା ପାଇବା ପାଇଁ ପାରାଦୀପ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳଚକ୍ର ଯୁଥ କ୍ଲବ ଭିନ୍ନ ପ୍ରୟାସ ଆରମ୍ଭ କରିଛି । ନିଜ ମା' ପାଇଁ ଗୋଟିଏ ଗଛ ଲଗାଇବାକୁ ପାରାଦୀପ ରେ ଅନୁଷ୍ଠିତ ଜଗନ୍ନାଥଙ୍କ ବାହୁଡା ଯାତ୍ରାରେ ଲୋକଙ୍କୁ ସଚେତନ କରିବା ସହିତ, ସେମାନଙ୍କୁ ଆମ୍ବ, ପଣସ, ବେଲ, ପିଜୁଳି, ଡାଳିମ୍ବ ପ୍ରଭୃତି ଫଳ ବୃକ୍ଷ ଚାରା ବଣ୍ଟନ କରାଯିବା ସହିତ ଗଛକୁ ଲଗାଇ ଏହାର ଯତ୍ନ ନେବାକୁ ଅନୁରୋଧ କରାଯାଇଛି । ଯାହାକୁ ଲୋକମାନେ ଆଗ୍ରହ ସହକାରେ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି ।

ଚଳିତବର୍ଷ ସଂଗଠନ ପକ୍ଷରୁ ୨ ହଜାର ଫଳ ଚାରା ବଣ୍ଟନ କରାଯାଇଥିବା କ୍ଲବର ସଭାପତି ଦେବ ମଣ୍ଡଳ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ନୀଳଚକ୍ର ଯୁଥ୍ କ୍ଲବର ଉପଦେଷ୍ଟା ଅମରେଶ ନରେଶ ସାମନ୍ତ, ବିଶ୍ୱଭୂଷଣ ରାଉତରାୟ ଓ ଅରୁଣ କୁମାର ଓଝା ପରିଚାଳନା କରିଥିବାବେଳେ କ୍ଲବର ସଦସ୍ୟ ଓ କର୍ମକର୍ତ୍ତା ପ୍ରଶାନ୍ତ କୁମାର ପରିଡ଼ା, ଲୋକନାଥ ବେହେରା, ରାକେଶ କୁମାର ସାହୁ, ମୁନି ଛାଟୋଇ, ପରମ ବେହେରା, ରାଜେଶ କୁମାର ସାହୁ, ରାଜୁ ମାଝି, ଚତୁର୍ଭୁଜ ପ୍ରଧାନ, ସଲୀଳ ମହାନ୍ତି, ପବିତ୍ର ମଣ୍ଡଳ, ସତ୍ୟବ୍ରତ ଡାକୁଆ, ସଚିନ ଗୋଛାୟତ, ଅଭିଜିତ ମଣ୍ଡଳ ପ୍ରମୁଖ ବୃକ୍ଷ ବଣ୍ଟନରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାରାଦୀପ ଶାଖା ମୁଖ୍ୟ ସୁମନ ଭଉଣୀ ଯୋଗ ଦେଇଥିବାବେଳେ ସସ୍ମିତା ଭଉଣୀ, ଦୁର୍ଗା ଭଉଣୀ, ଅନାମିକା ଭଉଣୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପୂର୍ବତନ କାଉନସିଲରଙ୍କ ପରଲୋକ

**ଜଗତସିଂହପୁର, ୧୫।୭ (ସମିସ):** ଜଗତସିଂହପୁର ପୌରପରିଷଦ ଅଧୀନ ୭ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ତଥା ବର୍ତ୍ତମାନର ୬ ନମ୍ବର କାଉନସିଲର ଗୋଲାମ ଅଲ୍ଲୀ ଖାଁଙ୍କ ମାଆ ସାହାଜାଦି ବିବିଙ୍କ ଗତକାଲି ରାତିରେ ନିଜ ଓହଳ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ସାହାଜାଦି ବିବି ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ଜଗତସିଂହପୁର ପୌରାଞ୍ଚଳ ୭ ନମ୍ବର ୱାର୍ଡର କାଉନସିଲର ଥିଲେ । କାଉନସିଲର ଥିବା ସମୟରେ ୭ ନମ୍ବର ୱାର୍ଡର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତାଙ୍କ ଦ୍ୱାରା କରାଯାଇଥିଲା । ସେ ଜଣେ ନିର୍ଭୀକ ଓ ସଚ୍ଚୋଟ କାଉନସିଲର ଭାବେ ପରିଚିତ ଥିଲେ । ତାଙ୍କ ପରଲୋକରେ ବିଧାୟକ ଅମରେନ୍ଦ୍ର ଦାସ ଓ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଅନ୍ତିମ ସମୟରେ ତାଙ୍କ ନିକଟରେ ସ୍ୱାମୀ ମହମ୍ମଦ ମୁସରଫ ଖାଁ, ପୁଅଝିଅ ଉପସ୍ଥିତ ଥିଲେ ।



## ଏଏସ୍‌ଆଇ ରାଧାଗୋବିନ୍ଦଙ୍କ ବିୟୋଗରେ ଶୋକ

**ରାଜକନିକା, ୧୫ ।୭ (ସମିସ):** ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନାର କର୍ତ୍ତବ୍ୟରତ ପୋଲିସ ଏଏସ୍‌ଆଇ ରାଧାଗୋବିନ୍ଦ ମଦ୍ଦୁଆଳଙ୍କ ବିୟୋଗରେ ଜନ୍ମମାଟି ଜୟନଗର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ରାଜକନିକା ବ୍ଲକସ୍ଥ କୁସୁନପୁର ଗ୍ରାମରେ ଜନ୍ମିତ ରାଧାଗୋବିନ୍ଦ ପୂର୍ବ ଓଡ଼ିଶାର ବିଭିନ୍ନ ଥାନାରେ ନିଷ୍ଠାର ସହ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ । ଶୁକ୍ରବାରଦିନ ବିଭାଗୀୟ କାର୍ଯ୍ୟରେ ସେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରୁ ଫେରି ନିଜର ଜଣେ ସମ୍ପର୍କୀୟଙ୍କ ଦ୍ୱାରା ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ଥାନ୍ତେ । ମାତ୍ର ଆରକ୍ଷୀ ଅଧିକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ସେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ସଙ୍ଗେସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ପରେ ଭୁବନେଶ୍ୱରସ୍ଥ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା । ଡାକ୍ତରଙ୍କ ସତଚେଷ୍ଟା ସତ୍ତ୍ୱେ ତାଙ୍କର ଦେହାନ୍ତ ହୋଇ ଯାଇଥିଲା । ମୃତ୍ୟୁବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା । ଜଣେ ମ୍ରିଭାଷୀ, ଦାୟିତ୍ୱସମ୍ପନ୍ନ ପୁଲିସ ଅଧିକାରୀଭାବେ ଜଣାଶୁଣା ରାଧାଗୋବିନ୍ଦ ବ୍ୟକ୍ତଗତ ଜୀବନରେ ଜଣେ ଶାନ୍ତ, ସମ୍ପର୍କପ୍ରିୟ ଓ ଧର୍ମପରାୟଣ ବ୍ୟକ୍ତିଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ । ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଦେବେନ୍ଦ୍ରନାଥ ଶର୍ମା, ଅବସରପ୍ରାପ୍ତ ଶିକ୍ଷକ ବାଞ୍ଛାନିଧି ସୂତାର, ରାଜକିଶୋର ସ୍ୱାଇଁ, ଫକୀର ମୋହନ ନାୟକ, ବୀରକିଶୋର ପାତ୍ର, ବେଣୁଧର ସାହୁ, ପ୍ୟାରୀ ମୋହନ ସ୍ୱାଇଁ, ଅକ୍ଷୟ କୁମାର ମଲ୍ଲିକ, ସତ୍ୟାନନ୍ଦ ଦାସ, କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ସରପଞ୍ଚ ରବିନାରାୟଣ ବେହେରା, ସାମ୍ବାଦିକ ଶରତ ଜେନା, ନବୀନ ପାତ୍ର, ନିରୋଦ ରାଉତ, ଶେଷଦେବ ନାୟକ, ଚନ୍ଦ୍ରମଣି ମଲ୍ଲିକ, ହେମନ୍ତ ମଲ୍ଲିକ, ଦେବବ୍ରତ ରାଉତ, ପୁଲିସ ଅଧିକାରୀ ପ୍ରଦୀପ ରାଉତ, ରଞ୍ଜନ ମଲ୍ଲିକ, କମଳାକାନ୍ତ ବିଶ୍ୱାଳ, ବସନ୍ତ ଦାସ, କୁଳମଣି ଘଡାଇଙ୍କ ସମେତ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ, ମା'ବାସୁଳାଇ ପୂଜାକମିଟି ଏବଂ ଅଞ୍ଚଳବାସୀଙ୍କ ତରଫରୁ ଗଭୀର ଶୋକ ପ୍ରକାଶ ପାଇଛି । ଶନିବାରଦିନ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ସ୍ୱର୍ଗତ ମଦ୍ଦୁଆଳଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡପୁଅ ଅଭିଳାଷ ମୁଖାଗ୍ନି ଦେଇଥିଲେ ।



### ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ଦ୍ୱାରା ଉତ୍ସବ ନବରସ

# 'ଜଗତସିଂହପୁର ହେଉଛି କଳା ଓ ସଂସ୍କୃତିର ମାଟି'

**ଜଗତସିଂହପୁର, ୧୫।୭ (ସମିସ):** ଜଗତସିଂହପୁର ଜିଲ୍ଲାର ଅନନ୍ୟ ନାଟ୍ୟ ପ୍ରତିଭା ସ୍ୱର୍ଗତ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳନ କରାଯାଉଛି ଉତ୍ସବ ନବରସ । ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୬ତମ ଜନ୍ମ ଜୟନ୍ତୀ ଅବସରରେ ଉତ୍ସବ ନବରସ ବେଶ ଉତ୍ସାହ ଉଦ୍ଧିପନାର ସହିତ ପାଳନ କରାଯାଇଛି । ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତି ପରିଷଦ ଦ୍ୱାରା ଆୟୋଜିତ ଏହି ନବରସ ଉତ୍ସବରେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଲେ ଯେ ଜଗତସିଂହପୁର ହେଉଛି କଳା ଓ ସଂସ୍କୃତିର ମାଟି । ଏହି ମାଟିର ସ୍ୱତନ୍ତ୍ରତା ରହିଛି । ସାହିତ୍ୟ ଠାରୁ ଆରମ୍ଭ କରି ନାଟ୍ୟ ଜଗତରେ ଅନବଦ୍ୟ



ସୃଷ୍ଟି କରିବାରେ ଏହି ମାଟି ମହାନ । ବିଶେଷ ଭାବରେ ଯାତ୍ରା ଜଗତର ଏନ୍ତୁଡିଶାଳ ହେଉଛି ଜଗତସିଂହପୁର ମାଟି । ସ୍ମୃତି ପରିଷଦର ସଭାପତି ବଦ୍ରିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଯୋଗ ଦେଇ କହିଲେ ଜଗତସିଂହପୁର ଜିଲ୍ଲା ନାଟ୍ୟକୁ ଭଲ ପାଉଥିବା ଜିଲ୍ଲା । ଅନନ୍ୟ ପ୍ରତିଭା ଆର୍ତ୍ତବନ୍ଧୁ ରାଉତରାୟ ଯେଉଁ କଳା କୀର୍ତ୍ତିର ଛାପ ଆମ ପାଇଁ ଛାଡି ଯାଇଛନ୍ତି ତାହାକୁ ଆମେ ଉଜ୍ଜୀବିତ ରଖିବା ସହିତ ଉତ୍ତରପିଢିକୁ ତାହା କିଭଳି ପ୍ରେରଣା ଯୋଗାଇବ ସେଥିପାଇଁ ପ୍ରୟାସ ହେବା ଜରୁର । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ତଥା ନାଟ୍ୟ ଗବେଷକ ଡକ୍ଟର ଅଜୟ କୁମାର ମିଶ୍ର ଯୋଗଦେଇ କହିଲେ ଆର୍ତ୍ତବନ୍ଧୁ ରାଉତରାୟଙ୍କ ନାଟ୍ୟ କଳାରେ ରହିଥିଲ ଓଡିଆ ସାହିତ୍ୟର ସୃଜନଶୀଳ କଥା ଓ ଗାଥା । ଓଡିଆ ଘରର ରିତୀନିତୀ, ଚଳନୀକୁ ନେଇ ତାଙ୍କର ଅନବଦ୍ୟ ସୃଷ୍ଟି ଓ ନିର୍ଦ୍ଦେଶନାରେ ଜୀବନ୍ତ ହେଉଥିଲା ନାଟକ । ତାଙ୍କର ଅଭିନୀତ ଓ ନିର୍ଦ୍ଦେଶିତ ବେଗମ ଆସମାନ ତାରା, ଛାଇ ଆଲୁଅ, ପିତୃଭକ୍ତ କୁନାଳ, ସହିଦ ବୀର ଆଜି ବି ଦର୍ଶକଙ୍କ ମନରେ ଉଙ୍କି ମାରୁଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ କହିଲେ ଆର୍ତ୍ତବନ୍ଧୁ ରାଉତରାୟ ହେଉଛନ୍ତି ନାଟ୍ୟ ଜଗତର ଦୀପ୍ତିମନ୍ତ ପ୍ରତିଭା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ହରପ୍ରସାଦ ବାରିକ, ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ନାଟ୍ୟ ଜଗତକୁ ଜଗତସିଂହପୁର ଜିଲ୍ଲାର ଅବଦାନ ସମ୍ପର୍କରେ କହିଥିଲେ । ଏହି ଉତ୍ସବରେ ଶିକ୍ଷାବିତ୍ ଭଗବାନ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ମୃତି ପରିଷଦର ସମ୍ପାଦକ ତଥା ଆର୍ତ୍ତବନ୍ଧୁ ରାଉତରାୟଙ୍କ ସୁପୁତ୍ର ତପନ କୁମାର ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ ସ୍ମୃତି କମିଟିର ସଦସ୍ୟ ସରୋଜ କୁମାର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା ଓ ଜିଲ୍ଲା ବାହାରର ନାଟ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ ସାଂସ୍କୃତିକ ଅନୁଷ୍ଠାନ ସ୍ରଷ୍ଟା, ଦୁଃଖିରାମ ସ୍ୱାଇଁ ଆର୍ଟ ଆଣ୍ଡ କଲଚର, ବାଳକୃଷ୍ଣ ସ୍ମୃତି କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବାହୁଡ଼ାରେ ଏନସିସି କ୍ୟାଡେଟ୍‌ଙ୍କ ସେବା କାର୍ଯ୍ୟ




**ପାରାଦୀପ, ୧୫।୭ (ସମିସ):** ଆଜି ମହାପ୍ରଭୁଙ୍କ ବାହୁଡା ଯାତ୍ରା ଅବସରରେ ପାରାଦୀପ ମହାବିଦ୍ୟାଳୟ ନଭାଲ ଏନସିସି ଓ ଏନସିସି ଆଲୁମନି ଆସୋସିଏସନ ପକ୍ଷରୁ ଭକ୍ତଙ୍କ ପାଇଁ ଥଣ୍ଡା ପାନୀୟ ଓ ଦହି ସର୍ବତ ବଣ୍ଟନ କରାଯିବା ସହ ମାଉସୀ ମା' ଛକରୁ ମନ୍ଦିର ସଫେଇ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପାରାଦୀପ ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଶ୍ରୀ ଦାସ ଜଣେ ଏନସିସି କ୍ୟାଡେଟ ହୋଇଥିବାରୁ ମହାବିଦ୍ୟାଳୟର କ୍ୟାଡେଟ୍‌ଙ୍କୁ ଦେଶର ଗଠନମୂଳକ କାର୍ଯ୍ୟରେ ନିଜକୁ କିପରି ସମର୍ପଣ କରି ଦେଶ ମାତୃକାର ସେବା କରି ହେବ, ସେ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱ ଓ ଏନସିସି ଆଲୁମନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ଉପସଭାପତି ବିକ୍ରମ କେଶରୀ ମହାରଣା, ସମ୍ପାଦକ ଦେବୀପ୍ରସାଦ ମିଶ୍ର, ସହସମ୍ପାଦକ ଏନ. ସୀମାଞ୍ଚଳ, କୋଷାଧକ୍ଷ ଧର୍ମପଦ ବାଡୋଇ ଓ ଅନାନ୍ୟା କର୍ମକର୍ତ୍ତାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।





ରାଉରକେଲାର ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା

## ରାଉରକେଲାରେ ବାହୁଡ଼ାଯାତ୍ରା ସମ୍ପନ୍ନ

# ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିଲେ ମହାପ୍ରଭୁ



ରାଉରକେଲା, ୧୫।୭(ସମିସ): ସ୍ମାର୍ଟ ସିଟି ରାଉରକେଲାରେ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ତିନି ଦିଅଁ ରଥାରୂଢ଼ ହୋଇ ଭକ୍ତଙ୍କ ଗହଣରେ ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି। ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ଉତ୍ସାହ ସହକାରେ ଯୋଗଦେଇଥିଲେ। ଜନ୍ମବେଦିରୁ ରତ୍ନବେଦିକୁ ରଥରେ ବିଜେ କରିଛନ୍ତି ମହାପ୍ରଭୁ ବଳଭଦ୍ର, ଜଗନ୍ନାଥ ଓ ମା' ସୁଭଦ୍ରା। ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସହ ମହାପ୍ରଭୁଙ୍କ ମହାମିଳନ ହୋଇଛି।

ସହରର ସର୍ବପୁରାତନ ସେକ୍ଟର-୫ ଗୁଣ୍ଡିଚା ମନ୍ଦିରରେ ବାହୁଡ଼ାଯାତ୍ରା ପୂର୍ବରୁ ମନ୍ଦିରର ସମସ୍ତ ନୀତିକାନ୍ତି ସକାଳ ପ୍ରହରରୁ ଆରମ୍ଭ ହୋଇଥିଲା। ଭୋର ୪ଟାରେ ମଙ୍ଗଳ ଆଳତି, ୪ଟା ୧୫ରେ ମଇଲମ, ସାଢ଼େ ୪ଟାରେ ତଡ଼ପ ଲାଗି, ୫ଟାରେ ଅବକାଶ, ୫ଟା ୧୫ରେ ସୂର୍ଯ୍ୟପୂଜା, ସାଢ଼େ ୫ଟାରେ ଦ୍ୱାରପାଳ ପୂଜା ଓ ବେଶ ଶେଷ, ୫ଟା ୪୫ରୁ ୬ଟା ୪୫ ଗୋପାଳ ବଲ୍ଲଭ ଓ ସକାଳ ଧୂପ, ୭ଟାରୁ ସାଢ଼େ ୧୧ଟା ସେନାପଟା ଲାଗି, ୧୧ଟା ୪୫ରେ ମଙ୍ଗଳାର୍ପଣ, ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ୩୦ ପହଣ୍ଡିବିଜେ, ସାଢ଼େ ୨ଟାରୁ ସାଢ଼େ ୩ଟା ଛେରାପହଁରା, ସାଢ଼େ ୩ଟାରୁ ୪ଟା ଚାରମାଳ ଫିଟା ଓ ଘୋଡ଼ା, ସାରଥୀ ଲାଗି, ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ରିଂରୋଡ୍ ଦେଇ ତିନି ରଥ ଯାଇ ସେକ୍ଟର-୩ ମନ୍ଦିରରେ ପହଞ୍ଚିଥିଲା। ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ରଥଟଣା ସମୟରେ ଭାରୀଯାନ ଓ ଯାତ୍ରୀବାହୀ ଯାନଗୁଡ଼ିକର ରୁଟ୍ ପରିବର୍ତ୍ତନ କରାଯାଇଥିଲା। ସେହିପରି ରଥଟଣା ସମୟରେ ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ସାଦା ପୋଷାକରେ ପୁଲିସ୍ କର୍ମଚାରୀ ମୁତୟନ ହୋଇଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟ, ରାଉରକେଲା ଇସ୍ପାତ କାରଖାନା, ରାଉରକେଲା ମହାନଗର ନିଗମ ଏବଂ ପୁଲିସ୍ ପ୍ରଶାସନ ପକ୍ଷରୁ ମିଳିତ ଭାବେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ କରିବା ଲାଗି ପ୍ରସ୍ତୁତି ହୋଇଥିଲା।

ସେହିପରି ପ୍ଲାଣ୍ଟସାଇଟ ଗୁଣ୍ଡିଚା ମନ୍ଦିରରୁ ହନୁମାନ ବାଟିକା ପର୍ଯ୍ୟନ୍ତ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ଭକ୍ତମାନେ ରଥରେ ଟାଣି ନେଇଥିଲେ। ରିଂ ରୋଡ୍ ଦେଇ ହନୁମାନ ବାଟିକା ଜଗନ୍ନାଥ ମନ୍ଦିରରେ ରଥ ପହଞ୍ଚିଥିଲା। ପାୱାର ହାଉସ୍ ରୋଡ୍‌ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ନିକଟ ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ାଯାତ୍ରା ଆରମ୍ଭ ହୋଇ ପ୍ଲାଣ୍ଟସାଇଟରେ ଶେଷ ହୋଇଥିଲା। ରେଳ ଷ୍ଟେସନ୍ ନିକଟ ସଙ୍କଟମୋଚନ ମନ୍ଦିରରୁ ବାହୁଡ଼ାଯାତ୍ରା ଆରମ୍ଭ ହୋଇ ମୁଖ୍ୟ ରାସ୍ତା ଦେଇ ଉଦିତନଗରସ୍ଥିତ ଜଗନ୍ନାଥ ମନ୍ଦିରରେ ରଥ ପହଞ୍ଚିଥିଲା। ଛେଣ୍ଡ ଉମାଶଙ୍କର ପୀଠରୁ ରଥ ବାହାରି ଦେବବିହାର ମନ୍ଦିରରେ ପହଞ୍ଚିଥିଲା। ପାନପୋଷ କାଳୀମନ୍ଦିରରୁ ରଥ ବାହାରି ପାନପୋଷ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ଏସଟିଆଇ ଗୁଣ୍ଡିଚା ମନ୍ଦିରରୁ ରଥ ବାହାରି ତାରିଣୀ ମନ୍ଦିରରେ ପହଞ୍ଚିଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଅନେକ ସ୍ଥାନରେ ସର୍ବତ, ଖେଚୁଡ଼ି ଓ ଫଳ ବଣ୍ଟନ କରାଯାଇଥିଲା। ସେହିପରି ଅନ୍ୟ ଅଞ୍ଚଳରେ ମଧ୍ୟ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ପୁଲିସ ପ୍ରଶାସନ ପକ୍ଷରୁ ଫୋର୍ସ ମୁତୟନ କରାଯାଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୧୪ ପ୍ଲାଟୁନ୍ ଫୋର୍ସ ସମେତ ଇନ୍ସପେକ୍ଟର, ଏସ୍ଆଇ ଓ ଏଏସ୍ଆଇ ପାହ୍ୟାର ଅଫିସର ସୁରକ୍ଷା ଦାୟିତ୍ୱରେ ମୁତୟନ ହୋଇଥିଲେ। ଛିନ୍‌ତାଇ ଲୁଟେରା ଓ ପକେଟମାରଙ୍କ ଉପରେ ପୁଲିସ୍‌ର ଅଧିକ ଫୋକସ୍ ରହିଥିଲା।

## ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ବଣ୍ଟନ

ରାଉରକେଲା, ୧୫।୭(ସମିସ): ବାହୁଡ଼ାଯାତ୍ରା ଉପଲକ୍ଷେ ଜୟ ମା' କାଳରାତ୍ରି ସେବା ସମିତି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ବଣ୍ଟନ କରାଯାଇଛି। ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗଦେଇ ସେବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସଫେଇ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସମିତିର ଓପି ସିଂ, ଜିତୁ ରାୟ, ଗୋବିନ୍ଦା, ସୁନ୍ଦର, ପ୍ରକାଶ, ଦିଲୀପ, ମନୀଷ, ମଦନ, ଯୁଗଳ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ମେକାନିକାଲ୍ ସପ ବିଭାଗ

# ମୂଲ୍ୟ ନିପୁଣ କ୍ରିଟିକାଲ୍ ପିଞ୍ଚ ରୋଲ୍ ବିକଶିତ

ରାଉରକେଲା, ୧୫।୭(ସମିସ): ଆର୍‌ଏସ୍‌ପି ମେକାନିକାଲ୍ ସପ ବିଭାଗର ଉଦ୍ୟୋଗୀ କର୍ମଚାରୀମାନେ କାରଖାନାରେ ଉପଲବ୍ଧ ଉତ୍ସଗୁଡ଼ିକୁ ବ୍ୟବହାର କରି ହଟ୍ ଷ୍ଟ୍ରିପ୍ ମିଲ୍-୨ ପାଇଁ ମହତ୍ତ୍ୱପୂର୍ଣ୍ଣ ପିଞ୍ଚ ରୋଲ୍ ସଫଳତାର ସହ ବିକଶିତ କରି ଅଭିନବତା ଏବଂ ମୂଲ୍ୟ ନିପୁଣତାର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଏହା କମ୍ପାନୀ ପାଇଁ ଯଥେଷ୍ଟ ସଞ୍ଚୟ ଆଣିବା ସହ ଉପକରଣର ଉପଲବ୍ଧତାରେ ଉନ୍ନତି ଆଣି ସୁଚାରୁ ଯୋଗାଇ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ସ୍ପେୟାର ରୋଲଗୁଡ଼ିକ ମୂଳ ଯନ୍ତ୍ରପାତି ଉତ୍ପାଦକ (ଓଇଏମ)ରୁ କ୍ରୟ କରାଯାଇଥିଲା, ଯାହା ସମ୍ପୂର୍ଣ୍ଣ ସେଟ୍ ସହିତ ୯ କୋଟିରୁ ଅଧିକ ଖର୍ଚ୍ଚ ହୋଇଥିଲା। କ୍ରୟ ଜନିତ ବିପୁଳ ମୂଲ୍ୟ ଏବଂ ପିଞ୍ଚ ରୋଲ ପାଇଁ ଆବଶ୍ୟକ ଡ୍ରଇଂ ଅନୁପଲବ୍ଧତା କମ୍ପାନୀ ପାଇଁ ଏକ ଆହ୍ୱାନ ଥିଲା। ମେକାନିକାଲ୍ ସପ ବିଭାଗ ଏହି ଆହ୍ୱାନକୁ ଗ୍ରହଣ କରିଥିଲା। ପ୍ରଚଳିତ ନମୁନାରୁ ଡ୍ରଇଂଗୁଡ଼ିକର ବିକାଶ ପ୍ଲେଟ୍ ମିଲ୍‌ର ସ୍କ୍ରାପ୍ ହୋଇଥିବା ୟୁନିଭର୍ସାଲ୍ ସ୍ପିଣ୍ଡଲରୁ ତିଆରି ହୋଇଥିବା ଟପ୍ ପିଞ୍ଚ ରୋଲର ପାର୍ଶ୍ୱ ବ୍ୟରେଲ ସହିତ ଶ୍ରୀଙ୍କ ଫିଟ କରାଯାଇଥିଲା। ଏହାର ଫାଇନାଲ ମେସିନିଂ ଜାରି ରହିଛି ଏବଂ ପରେ ଏହାକୁ ଷ୍ଟ୍ରକଚରାଲ ଓ ଫେବ୍ରିକେସନ ସପକୁ ପରବର୍ତ୍ତୀ ମେସିନିଂ ପାଇଁ ପଠାଯିବ।

ସେହିଭଳି, ପ୍ଲେଟ୍ ମିଲ୍‌ର ଏକ ସ୍କ୍ରାପ୍ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ବ୍ୟବହାର କରି ନିମ୍ନ ପିଞ୍ଚ ରୋଲ୍ ବିକଶିତ କରାଯାଇଛି। ନିମ୍ନ ରୋଲ




ଉତ୍ପାଦନ ହାସଲରେ ସହାୟକ ହୋଇଛି।

ମିଲର ଅପରେସନ ପାଇଁ ଏହି ରୋଲଗୁଡ଼ିକ ଅତ୍ୟାବଶ୍ୟକ, ଯାହା ହଟ୍ ରୋଲ୍ ପ୍ଲେଟ୍‌ଗୁଡ଼ିକୁ ପିଞ୍ଚ ଏବଂ କଏଲର୍ ମାଣ୍ଡ୍ରେଲରେ ଫିଡ୍ ଦେବାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ପ୍ଲେଟଗୁଡ଼ିକୁ ଫିନିସ୍‌ଡ କଏଲରେ ପରିଣତ କରେ। ମିଲ୍ କମିଶନିଂ ହେବା ସମୟରେ ଟପ୍ ପିଞ୍ଚ ରୋଲ୍ ମୂଳତଃ ପାଇଁ ଡିଜାଇନ୍ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ୯ ଟନ୍ ବିଶିଷ୍ଟ କାଷ୍ଟ ଷ୍ଟିଲ ବ୍ୟବହାର କରି ଫାଉଣ୍ଡ୍ରିରେ ଟପ୍ ରୋଲ୍ ବ୍ୟାରେଲ୍ କାଷ୍ଟ କରାଯାଇଥିଲା ଏବଂ ପରେ ମେକାନିକାଲ୍ ସପ ବିଭାଗକୁ ଯୋଗାଇ ଦିଆଯାଇଥିଲା। ହୋମା ଭର୍ଟିକାଲ୍ ବୋର୍‌ର ବ୍ୟବହାର କରି ବ୍ୟାରେଲ୍ ନିର୍ଦ୍ଦିଷ୍ଟତା ଅନୁଯାୟୀ ଏହାର ମେସିନିଂ କରାଯାଇଥିଲା। ପାଇଁ କ୍ଲାଡିଂ ପ୍ରକ୍ରିୟା ଏସ ଆଣ୍ଡ ଏଫ ସପ ବିଭାଗରେ ଜାରି ରହିଛି। ଉଭୟ ରୋଲର ଚୂଡ଼ାନ୍ତ ମେସିନିଂ ପରେ ବିତରଣ ପୂର୍ବରୁ ଆବଶ୍ୟକ ପରିମାପକତା ଅନୁଯାୟୀ ଏହାର ପୃଷ୍ଠଅଂଶକୁ ଗ୍ରାଇଣ୍ଡିଂ କରାଯିବ। ଆଭ୍ୟନ୍ତରୀଣ ଭାବରେ ପିଞ୍ଚ ରୋଲ୍ ସେଟ୍ ବିକାଶ ପାଇଁ ମାତ୍ର ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି, ଯାହା ଦ୍ୱାରା ବିପୁଳ ସଞ୍ଚୟ ସାଧିତ ହୋଇଛି।

# ଚିକିତ୍ସା ବାହାନାରେ ଚିକିତ୍ସକଙ୍କ ଘରୁ ଲୁଟ୍

ମନମୁଣ୍ଡା, ୧୫।୭: ଚିକିତ୍ସା ହେବାକୁ ଆସି ଚିକିତ୍ସକଙ୍କ ଘରୁ ଡକାୟତି କରିବା ଘଟଣା ମନମୁଣ୍ଡା ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଓ ଆତଙ୍କ ଖେଳିଯାଇଛି। ସୂଚନା ଅନୁଯାୟୀ, ଜାତୀୟ ରାଜପଥ ୫୭ କଡ଼ ମନମୁଣ୍ଡା ଥାନା କିରାସିରା (ଦହୟା)ଠାରେ ଦୀର୍ଘ ବର୍ଷ ହେବ ଏକ 'ହାଡ଼ଭଙ୍ଗା ଚିକିତ୍ସାଳୟ' ରହିଛି। ଯାହାର ହାଡ଼ ଭାଙ୍ଗି ଯାଇଥିବ ତାକୁ ଗରମ ଶେକ ଓ ଦେଶୀ ଯୁଗାଡ଼ରେ ହାଡ଼ ଯୋଡ଼ିବା ଚିକିତ୍ସା ଏଠାରେ କରାଯାଏ। ଚିକିତ୍ସକ ସୁରେନ୍ଦ୍ର ମହାନ୍ତି ତାଙ୍କ ବାପାଙ୍କ ଅମଳରୁ ଚିକିତ୍ସା କରିଆସୁଛନ୍ତି। ଅନେକ ରୋଗୀ ସେଥିରେ ଆରୋଗ୍ୟ ହେଉଥିବାରୁ ବହୁ ଦୂର ଦୁରାନ୍ତରୁ ରୋଗୀ ଏଠାକୁ ଆସିଥାନ୍ତି। ଏ କ୍ଷେତ୍ରରେ ଚିକିତ୍ସକ ଓ ଚିକିତ୍ସାଳୟର ବେଶ୍ ସୁନାମ ରହିଛି। ରବିବାର ରାତ୍ର ପ୍ରାୟ ୧୨.୩୦ ସମୟରେ ଏକ ଆକାଶି ରଙ୍ଗର ବାଇକରେ ଦୁଇଜଣ ଯୁବକ ଆସି କ୍ଲିନିକ୍‌ର କବାଟ ବାଡେଇଲେ। ହାଡ ଚିକିତ୍ସା ପାଇଁ ସେମାନେ କହିଲେ। ଗ୍ରିଲ୍ ଫାଙ୍କରେ ଥାଇ ଚିକିତ୍ସକ ମହାନ୍ତି ରାତିରେ କରିବାକୁ ମନା କଲେ। କିଛି ସମୟ ପୂର୍ବରୁ ଦୁର୍ଘଟଣାରେ ସେମାନଙ୍କ ହାଡ଼ ଭାଙ୍ଗି ଯାଇଥିବା କହି ଚିକିତ୍ସା ପାଇଁ ବାରମ୍ବାର କବାଟ ବାଡ଼େଇ ଅନୁରୋଧ କଲେ। ସେମାନଙ୍କ ଅନୁରୋଧ ରକ୍ଷା କରି ଚିକିତ୍ସକ କବାଟ ଖୋଲି ବାହାରକୁ ଆସନ୍ତେ ସେ ଦୁଇ ଜଣ ଚିକିତ୍ସକଙ୍କ ହାତ ଓ ମୁହଁକୁ ବାନ୍ଧି ଦେଲେ, ତାଙ୍କ ହାତରୁ ସୁନା ମୁଦି ନେଇଗଲେ ଏବଂ ଘରଠାରୁ ଅନତି ଦୂରକୁ ନେଇ ବସାଇ ଦେଲେ। ତାପରେ ଅନ୍ୟ ୬ ଜଣ ଦୁର୍ବୃତ୍ତ ମୁହଁ ଘୋଡ଼ାଇ ହୋଇ ଘର ଭିତରକୁ ଯାଇ ଚିକିତ୍ସକଙ୍କ ପତ୍ନୀ ଝୁନାଙ୍କୁ ଭୁଜାଲି ଦେଖାଇ ଜୀବନରୁ ମାରିଦେବାର ଧମକ ଦେଇ ତାଙ୍କ ହାତ ଓ ମୁହଁକୁ ମଧ୍ୟ ବାନ୍ଧିଦେଲେ, ତାଙ୍କ ବେକରୁ ସୁନା ଚେନ, କାନରୁ ସୁନା ଫୁଲ ୧ ହଳ ଏବଂ ହାତରୁ ସୁନା ଶଙ୍ଖା ୧ ହଳ ନେଇଗଲେ। ଡକାୟତମାନେ କାନ୍ଥ ଆଲମିରାରୁ ହାତ ଘଣ୍ଟା ୧ଟି, ସୁନା ମୁଦି ୩ଟି, ନଗଦ ୧୫ ହଜାର ଟଙ୍କା, ୨ଟି ମୋବାଇଲ, ସୁନା ମଙ୍ଗଳ ସୂତ୍ର, ହାର ଇତ୍ୟାଦି ପ୍ରାୟ ୬.୫ ଭରି ଓଜନରର ସୁନାଗହଣା ସମେତ ରୂପା ଅଳଙ୍କାର ନେଇଗଲେ। ସେହିପରି ଲୁହା ଗଡ଼ରେଜ୍ ଆଲମିରାରୁ ମଧ୍ୟ ଅନେକ ମୂଲ୍ୟବାନ ଜିନିଷପତ୍ର ଡକାୟତମାନେ ନେଇଯାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଡକାୟତି ହୋଇଥିବା ଟଙ୍କା ଓ ଗହଣାର ମୂଲ୍ୟ ପ୍ରାୟ ୮ ଲକ୍ଷ ଟଙ୍କା ହେବ ବୋଲି ଜାଣିବାକୁ ମିଳିଛି। ସମସ୍ତ ଡକାୟତ ୩ ଟି ବାଇକରେ ଫେରାର ହୋଇଯାଇଥିଲେ। ଏତଲା ଦେବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ପ୍ଲୁଟୋନ ମଲ୍ ଏଲଇଡିରେ ଲାଗିଲା ନିଆଁ




ରାଉରକେଲା, ୧୫।୭(ସମିସ): ଛେଣ୍ଡ ଗୋପବନ୍ଧୁ ନଗରରେ ଥିବା ପ୍ଲୁଟୋନ ମଲ୍ ଏଲଇଡିରେ ସୋମବାର ନିଆଁ ଲାଗିଯାଇଛି। ତେବେ ଏଥିରେ ବିଶେଷ କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ମଲ୍‌ର ଭିତରେ ଥିବା ଏଲଇଡିରୁ ହଠାତ୍ ଧୂଆଁ ବାହାରୁଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଘଟଣା ବେଳେ ଲୋକେ ମଲ୍‌ରେ ଉପସ୍ଥିତ ଥିଲେ। ଯଦି ନିଆଁ ବ୍ୟାପିଥାନ୍ତା ତେବେ ବଡ଼ ଅଘଟଣ ଘଟିଥାଆନ୍ତା ବୋଲି କୁହାଯାଉଛି।

# ସାରନଗରୀରେ ବାହୁଡ଼ାଯାତ୍ରା ସମ୍ପନ୍ନ



ରାଉରକେଲା, ୧୫।୭ (ସମିସ): ରାଉରକେଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ପବିତ୍ର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ସହରର ଅନ୍ୟତମ ପୁରୁଣା ସାରନଗରୀସ୍ଥିତ ଇ ବ୍ଲକ ଗୁଣ୍ଡିଚା ମନ୍ଦିରରେ ପବିତ୍ର ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ସକାଳ ୬ଟାରେ ମଙ୍ଗଳ ଆଳତି ହେବା ପରେ ମଇଲମ, ତଡ଼ପଲାଗି, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ସମ୍ପନ୍ନ ହୋଇଥିଲା। ପରେ ସକାଳ ଧୂପ ଓ ଅନ୍ୟ ନିତୀକାନ୍ତି ହୋଇଥିଲା। ଆକର୍ଷଣୀୟ ଟାହିଆ ଲଗାଇ ଅପରାହ୍ନ ସାଢ଼େ ୫ଟାରେ ୨୨ ପାହାଚରେ ପହଣ୍ଡିବିଜେ କରିଥିଲେ ତିନି ଠାକୁର। ପୂଜକ, ସେବାୟତଙ୍କ ସମେତ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଗହଣରେ ଘଣ୍ଟଘଣ୍ଟା, ହରିବୋଲ ଧ୍ୱନି ମଧ୍ୟରେ ତିନି ଠାକୁର ଓ ସୁଦର୍ଶନ ଧାଡ଼ି ପହଣ୍ଡିରେ ଆସିଥିଲେ ରଥ ଉପରକୁ। ଦକ୍ଷିଣ ରାଉରକେଲା ସାରନଗରୀସ୍ଥିତ ଇ ବ୍ଲକ ମାଉସୀମା' ମନ୍ଦିରରୁ ସୁସଜ୍ଜିତ ରଥରେ ନିର୍ଦ୍ଧାରିତ ସମୟରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥ ବାହାରିଥିଲେ। ଶତାଧିକ ଶ୍ରଦ୍ଧାଳୁ ରଥକୁ ଟାଣି ନେଇଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଏହି ସୁସଜ୍ଜିତ ରଥ ଗଞ୍ଜୁ ମାର୍କେଟ, ମାଆ ମଙ୍ଗଳା ଛକ, ହସ୍ପିଟାଲ ଛକ, ଷ୍ଟେଟ ବ୍ୟାଙ୍କ ଛକ, ମିନି ଷ୍ଟାଡିୟମ ଛକ, ପୁଷ୍ପା ପାର୍କ ଛକ, ଶନି ମନ୍ଦିର, ଆନନ୍ଦ ବଜାର ମାର୍କେଟ ହୋଇ ସାରନଗରୀ ଜଗନ୍ନାଥ ମନ୍ଦିରକୁ ଯାଇଥିଲା। ଠାକୁରଙ୍କ ନିକଟରେ ଭକ୍ତଙ୍କ ଭୋଗ ଲାଗି ନିମନ୍ତେ ପ୍ରତ୍ୟେକ ଛକରେ ରଥ ଅଟକିଥିଲା। ସନ୍ଧ୍ୟା ହୋଇଯିବାରୁ ରଥ ଉପରେ ଦିଅଁଙ୍କ ସନ୍ଧ୍ୟା ଆଳତି କରାଯାଇଥିଲା। ଶେଷରେ ସାରନଗରୀ ଶ୍ରୀଜଗନ୍ନାଥ ମନ୍ଦିରରେ ରଥ ପହଞ୍ଚିଥିଲା। ବାହୁଡ଼ାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ ନିମନ୍ତେ ଟାଙ୍ଗରପାଲ୍ଲୀ ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଥାନା ଅଧିକାରୀ ରାମେଶ୍ୱର ସିଂହ, ଏସ୍ଆଇ ସିନ୍ମୟ ବଳଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ • ପାଉଣ୍ଡ ୧୦୮.୭୪
- ୟୁରୋ ୯୧.୧୨ • ୟେନ୍ ୦.୫୨

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୫୯୦ (ଭୁବନେଶ୍ୱର)
- ରୁପା : ୯୫,୪୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୬୬୪.୦୦
- ନିଫ୍ଟି ୨୪,୫୮୬.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଜୋମାଟୋ ପ୍ରତିଷ୍ଠାତା ଦୀପିନ୍ଦର ଗୋୟଲ ଅରବପତି ତାଲିକାରେ ସାମିଲ




**ନୂଆଦିଲ୍ଲୀ,୧୫।୭ (ଏଜେନ୍ସି):** ଫୁଡ୍ ଡେଲିଭରୀ କମ୍ପାନୀ ଜୋମାଟୋର ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପିନ୍ଦର ଗୋୟଲ ଏବେ ଦେଶର ଅରବପତି କ୍ଲବରେ ସାମିଲ ହୋଇଛନ୍ତି। ସୋମବାର ଜୋମାଟୋର ସେୟାର ମୂଲ୍ୟରେ ୩% ରୁ ଅଧିକ ବୃଦ୍ଧି ଘଟିଛି। ଏହା ସହିତ ଜୋମାଟୋ ପ୍ରତିଷ୍ଠାତା ଙ୍କ କମ୍ପାନୀରେ ରହିଥିବା ଅଂଶଧନ ମୂଲ୍ୟ ବର୍ତ୍ତମାନ ୧ ବିଲିୟନ ଡଲାରରୁ ଅଧିକରେ ପହଞ୍ଚିଛି। ପୁଞ୍ଜି ବଜାରରେ ଆଜି କାରବାର ଶେଷ ବେଳକୁ ଜୋମାଟୋ ସେୟାର ମୂଲ୍ୟରେ ୩.୦୫ ପ୍ରତିଶତ ବୃଦ୍ଧି ସହିତ ୨୨୯.୨୫ ଟଙ୍କାରେ ବନ୍ଦ ହୋଇଥିଲା। ଏହା ସହିତ ଜୋମାଟୋ ଷ୍ଟକ୍ ବିଗତ ୫୨ ସପ୍ତାହର ସର୍ବୋଚ୍ଚ ସ୍ତରରେ ମଧ୍ୟ ରହିଛି। ଜୋମାଟୋ ଦିଲ୍ଲୀ ଓ ବେଙ୍ଗାଲୁରୁର ଗ୍ରାହକଙ୍କ ପାଇଁ ନିଜ ପ୍ଲାଟଫର୍ମ ଫି'ରେ ୧ ଟଙ୍କାର ବୃଦ୍ଧି କରିଛି। ପୂର୍ବରୁ ଜୋମାଟୋ ନିଜ ପ୍ଲାର୍ଟଫର୍ମରେ ଅର୍ଡର କରୁଥିବା ଗ୍ରାହକଙ୍କଠୁ ୫ ଟଙ୍କା ପ୍ରତି ଅର୍ଡରରେ ଶୁଳ୍କ ଆଦାୟ କରୁଥିଲା, ଯାହାକୁ ୨୦ ପ୍ରତିଶତ ବଢାଇ ଦିଆଯାଇଛି। ଏହାର ପ୍ରଭାବ କମ୍ପାନୀର ସେୟାର ଉପରେ ଦେଖିବାକୁ ମିଳିଛି। ସେୟାରର ମୂଲ୍ୟରେ ବୃଦ୍ଧି ଯୋଗୁ ଜୋମାଟୋର ବଜାର ପୁଞ୍ଜିରେ ଢ଼େର ବୃଦ୍ଧି ଘଟିଛି। ଏହା ଏବେ ୧.୯୮ ଲକ୍ଷ କୋଟି ଟଙ୍କା ହୋଇଯାଇଛି।

■ ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ଉପରମୁହାଁ

# ଦରଦାମ୍ ତାତି: ଖାଉଟିଙ୍କ ତ୍ରାହି ତ୍ରାହି

**ଭୁବନେଶ୍ୱର,୧୫।୭ (ସମିସ)**



ଜୁନ୍‌ରେ ନିର୍ବାଚନ ଫଳାଫଳ ପ୍ରକାଶ ପରଠାରୁ ଦେଶରେ ବଢ଼ିବାରେ ଲାଗିଛି ବଜାର ଦର। ଏହି ଦେଢ଼ ମାସ ମଧ୍ୟରେ ଖାଉଟିଙ୍କ ଅବସ୍ଥା ବେହାଲ ହୋଇପଡିଛି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିରେ ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ମେରୁଦଣ୍ଡ ଭାଙ୍ଗିପଡିଛି। ତେଜରାତି ସାମଗ୍ରୀଠାରୁ ଆରମ୍ଭ କରି ପନିପରିବା ଯାଏ ସବୁ ର ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ନିର୍ବାଚନ ପୂର୍ବରୁ ଆଶଙ୍କା କରାଯାଉଥିଲା ତାହା ସତରେ ପରିଣତ ହୋଇଛି। ଖାଉଟିଙ୍କ ଉପରେ ହେବାରେ ଲାଗିଛି ମହଙ୍ଗା ମାଡ଼। ହୁ ହୁ ହୋଇ ବଢୁଛି ଅତ୍ୟାବଶ୍ୟକ ସାମଗ୍ରୀ ଦର। ଖୁଚୁରା ବଜାରରେ ହୁ ହୁ ହୋଇ ବଢ଼ିଚାଲିଛି ଡାଲି, ଚାଉଳ, ଅଟା, ଖାଇବା ତେଲ ଭଳି ତେଜରାତି ସାମଗ୍ରୀ ସହ ପନିପରିବା ଦର। ହେଲେ ଆଗାମୀ ଦିନରେ ଖାଉଟିଙ୍କୁ ଦର ବୃଦ୍ଧି ତାଡ଼ନାରୁ ଆଶ୍ୱସ୍ତି ମିଳିବା ସମ୍ଭାବନା କମ୍। କାରଣ ମେ' ମାସ ତୁଳନାରେ ଜୁନ୍ ମାସରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ଢ଼େର ଉପରମୁହାଁ ହୋଇଛି।

- ୧୬ ମାସର ସର୍ବୋଚ୍ଚ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି
- ଖାଦ୍ୟ ସାମଗ୍ରୀଠାରୁ ପନିପରିବା ଦର ଅଧିକ ମହଙ୍ଗା
- ଆଳୁ, ପିଆଜରେ ମୁଦ୍ରାସ୍ଫୀତି ହାର ସର୍ବାଧିକ
- ନିର୍ବାଚନ ଫଳାଫଳ ଆସିବା ପରଠାରୁ ବଜାର ମହଙ୍ଗା




ମେ'ରେ ପାଇକାରୀ ଭିତ୍ତିକ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ) ୨.୬୧ ପ୍ରତିଶତ ରହିଥିବାବେଳେ ଜୁନ୍ ମାସରେ ଏହା ହଠାତ୍ ୪.୧୮ ପ୍ରତିଶତକୁ ବୃଦ୍ଧି ଘଟିଛି। ପ୍ରାକୃତିକ ଗ୍ୟାସ୍, ଖଣିଜ ତେଲ ଏବଂ ଖାଦ୍ୟ ସାମଗ୍ରୀର ବିନିର୍ମାଣ ଖର୍ଚ୍ଚରେ ବୃଦ୍ଧି ପାଇକାରୀ ଭିତ୍ତିକ ମୁଦ୍ରାସ୍ଫୀତିରେ ଏଭଳି ବୃଦ୍ଧି ମୁଖ୍ୟ କାରଣ। ଅପରପକ୍ଷେ ପନିପରିବା ଦର ମୁଦ୍ରାସ୍ଫୀତିକୁ ବୃଦ୍ଧି କରିବାରେ ମୁଖ୍ୟ ଆସାମୀ ସାଜିଛି। ଏଭଳି ସ୍ଥିତିରେ ଆଗାମୀ ଦିନରେ ଖୁଚୁରା ମୁଦ୍ରାସ୍ଫୀତି ଆହୁରି ମହଙ୍ଗା ହେବ। ଯାହାର ଫଳସ୍ୱରୂପ ଅତ୍ୟାବଶ୍ୟକ ସାମଗ୍ରୀର ବଜାର ଦର ଅତ୍ୟଧିକ ବଢ଼ିଯିବ।

ରିପୋର୍ଟ ଅନୁଯାୟୀ, ମେ' ମାସରେ ଦେଶରେ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ୯.୮୨ ପ୍ରତିଶତ ରହିଥିବାବେଳେ ଜୁନ୍‌ରେ ଏହା ୧୦.୮୭ ପ୍ରତିଶତକୁ ବୃଦ୍ଧି ହୋଇଛି। ଏହାର ଅର୍ଥ ହେଉଛି ମେ' ମାସରେ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତିରେ ୧.୦୫ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ମେ' ମାସରେ ଦେଶରେ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ୩୨.୪୨ ପ୍ରତିଶତ ରହିଥିବାବେଳେ ଜୁନ୍‌ରେ ଏହା ୩୮.୭୬ ପ୍ରତିଶତକୁ ବୃଦ୍ଧି ହୋଇଛି। ଏହାର ଅର୍ଥ ହେଉଛି ମେ' ମାସରେ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତିରେ ୬.୩୪ ପ୍ରତିଶତ ବୃଦ୍ଧି ଘଟିଛି। ତେଣୁ ଖାଦ୍ୟ ସାମଗ୍ରୀଠାରୁ ପନିପରିବାର ବଜାର ଦର ଅଧିକ ବୃଦ୍ଧି ଘଟିଛି, ଯାହାକୁ ଗତ ତିନି ମାସ ହେବ ଖାଉଟି ବଜାର ଦର ବୃଦ୍ଧି ପାଇଁ ମୁଖ୍ୟ ଦାୟୀ। ଆହୁରିମଧ୍ୟ ଅନ୍ୟ ଖାଦ୍ୟ ସାମଗ୍ରୀ ତୁଳନାରେ ଆଳୁ ଏବଂ ପିଆଜରେ ମୁଦ୍ରାସ୍ଫୀତି ହାର ସର୍ବାଧିକ ରହିଛି। ଆଳୁରେ ମୁଦ୍ରାସ୍ଫୀତି ହାର ୬୬.୩୭ ପ୍ରତିଶତ ରହିଥିବାବେଳେ ପିଆଜରେ ସବୁଠୁ ଅଧିକ ୯୩.୩୫ ପ୍ରତିଶତରେ ପହଞ୍ଚିଛି। ଏହା ପଛକୁ ଡାଲିରେ ମୁଦ୍ରାସ୍ଫୀତି ହାର ୨୧.୬୪ ପ୍ରତିଶତ ରହିଛି। ଖୁଚୁରା ବଜାରରେ ଆଳୁ କିଲୋ ପିଛା ୩ ଟଙ୍କା ରହିଥିବାବେଳେ ପିଆଜ କିଲୋ ପିଛା ୪୫-୫୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟ ପନିପରିବା ଯେପରିକି ଝୁଡଙ୍ଗ, କଲରା, ବିନ୍ସ, ଜହ୍ନି, ଗାଜର ଏବଂ ପୋଟଳ ଦର ଏବେ ବି ଖୁବ୍ ଉଚ୍ଚରେ ରହିଛି। ସବୁ ପନିପରିବା ଦର କିଲୋ ପିଛା ହାରାହାରି ୮୦ ଟଙ୍କା ଟପିଯାଇଛି।

# ଡାଲମିଆ ଭାରତ ଫାଉଣ୍ଡେସନ୍ ପକ୍ଷରୁ ବିଶ୍ୱ ଯୁବ କୌଶଳ ଦିବସ

**ଭୁବନେଶ୍ୱର, ୧୫।୭ (ସମିସ):** ବିଶ୍ୱ ଯୁବ କୌଶଳ ଦିବସ (ୱର୍ଲଡ ୟୁଥ୍ ସ୍କିଲ ଡେ)ରେ ଭାରତର ଅଗ୍ରଣୀ ସିମେଣ୍ଟ; ଉତ୍ପାଦନକାରୀ କମ୍ପାନୀ ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍ଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) ତାହାର ରାଜଗାଙ୍ଗପୁରସ୍ଥିତ ଦୀକ୍ଷା (ଡାଲମିଆ ଇନଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ ହାର୍‌ନେସିଂ) ସେଣ୍ଟରଠାରେ ଶିକ୍ଷାନବୀଶମାନଙ୍କୁ ବୈଦ୍ୟୁତିକ ଟୁଲ୍ କିଟ୍ ବଣ୍ଟନ କରିଛି। ସ୍ନାଇଡର ଇଲେକ୍ଟ୍ରିକ ଇଣ୍ଡିଆ ଫାଉଣ୍ଡେସନ୍‌ର ସଦୟ



ସମର୍ଥନରେ ଡିବିଏଫ୍ ତାହାର ଇଲେକ୍ଟ୍ରିକାଲ ଆସିଷ୍ଟାଣ୍ଟ; ପାଠ୍ୟକ୍ରମର ଆମ୍‌ନିଯୁକ୍ତ ଶିକ୍ଷାନବୀଶଙ୍କୁ ଇଲେକ୍ଟ୍ରିକାଲ କ୍ଷେତ୍ରରେ ସେମାନଙ୍କର କ୍ୟାରିୟର ଆଗେଇନେବା ଦିଗରେ ସମର୍ଥକରିବାକୁ ୨୫ଟି ବୈଦ୍ୟୁତିକ ଟୁଲ୍ କିଟ୍ ବଣ୍ଟ;ନ କରିଥିଲା। ଭାରତର ଦ୍ରୁତ ସହରୀକରଣ ଏବଂ ସ୍ମାର୍ଟ ହୋମ୍ ଭଳି ପ୍ରଯୁକ୍ତିଗତ ବିକାଶ ସହିତ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କର ବର୍ଦ୍ଧିତ ଚାହିଦା ଏହି କ୍ଷେତ୍ରରେ ନିଯୁକ୍ତି ଏବଂ ଔଦ୍ୟୋଗିକତା ନିମନ୍ତେ ଏକ ଉଲ୍ଲେଖନୀୟ ସୁଯୋଗ ସୃଷ୍ଟି କରୁଛି। ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ଅଶୋକ କୁମାର ଗୁପ୍ତା, ସିଇଓ, ଡାଲମିଆ ଭାରତ ଫାଉଣ୍ଡେସନ କହିଥିଲେ,"ଡାଲମିଆ ଭାରତରେ ଆମେ କୁଶଳତାର ବିକାଶ ଜରିଆରେ ଆମ ଯୁବବର୍ଗଙ୍କର ପରିପୋଷଣ ନିମନ୍ତେ ପ୍ରତିବଦ୍ଧ ରହିଛୁ, ସେମାନଙ୍କୁ ସ୍ୱାବଲମ୍ବୀ ହେବା ଯାତ୍ରାରେ ସମର୍ଥ କରାଉଛୁ।

ଆଦାନୀ-ହିଣ୍ଡେନ୍‌ବର୍ଗ ମାମଲା

# ସମୀକ୍ଷା ଆବେଦନକୁ ସୁପ୍ରିମକୋର୍ଟଙ୍କ ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୧୫।୭ (ଏଜେନ୍ସି)**




ଆଦାନୀ-ହିଣ୍ଡେନ୍‌ବର୍ଗ ମାମଲା ମାମଲାରେ ଚଳିତବର୍ଷ ଜାନୁଆରୀ ୨ ରେ ସର୍ବୋଚ୍ଚ ଅଦାଲତ ନେଇଥିବା ନିଷ୍ପତ୍ତିର ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ରୋକ୍‌ଠୋକ୍ ମନା କରିଦେଇଛନ୍ତି। ଏ ସମ୍ପର୍କରେ ପୁନଃ ସମୀକ୍ଷା ପାଇଁ କରାଯାଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟପ୍ର ତ୍ୟାଖ୍ୟାନ କରିଛନ୍ତି। ଏହି ମାମଲାରେ ପୂର୍ବରୁ ହୋଇଥିବା ନିଷ୍ପତ୍ତିରେ ଆଦାନୀ ଗ୍ରୁପ୍ ଦ୍ୱାରା ଏହାର ଗ୍ରୁପର ଷ୍ଟକ୍ ମୂଲ୍ୟରେ ହେରଫେର ଅଭିଯୋଗର ତଦନ୍ତକୁ ଏସ୍ଆଇଟି କିମ୍ବା ସିବିଆଇକୁ ହସ୍ତାନ୍ତର କରିବାକୁ କୋର୍ଟ ମନା କରିଦେଇଛନ୍ତି।

ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି ପାରଦିୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମାଲାର ପୁନଃ ସମୀକ୍ଷା ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ଆବେଦନ ଅନାମିକା ଜୟସ୍ୱାଲଙ୍କ ଦ୍ୱାରା ଦାଖଲ କରାଯାଇଥିଲା। ସମୀକ୍ଷା ଆବେଦନରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ତ୍ରୁଟି ଥିବା ଦାବି କରାଯାଇଛି। ମେ' ୮ ରେ ସମୀକ୍ଷା ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, କିନ୍ତୁ ସୋମବାର ଏହି ନିର୍ଦ୍ଦେଶ ସାର୍ବଜନୀନ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ ଜାନୁଆରୀ ୨୪ରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ମନି ଲଣ୍ଡରିଂଠାରୁ ଆରମ୍ଭ କରି ଅର୍ଥ ହେରଫେର ପର୍ଯ୍ୟନ୍ତ ଅଭିଯୋଗ ଆଣିଥିଲା। ଏହି ମାମଲାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ୬ ଜଣିଆ କମିଟି ଗଠନ କରିଥିଲେ। ଏହା ବ୍ୟତୀତ ବଜାର ନିୟାମକ ସେବିକୁ ମଧ୍ୟ ଅନୁସନ୍ଧାନ କରିବାକୁ କୁହାଯାଇଥିଲା।

କୋର୍ଟ କହିଛନ୍ତି ଯେ ସେବିର ନିୟାମକ ଢ଼ାଞ୍ଚାରେ ହସ୍ତକ୍ଷେପ କରିବାରେ ଏହି କୋର୍ଟର କ୍ଷମତା ସୀମିତ। ୨୪ଟି ମାମଲା ମଧ୍ୟରୁ ୨୨ ଟିରେ ସେବି ତଦନ୍ତ ଶେଷ କରିଛି।

- ଗ୍ରୁପ୍‌ର ଷ୍ଟକ୍ ମୂଲ୍ୟରେ ହେରଫେର ନେଇ ଅଭିଯୋଗ ହୋଇଥିଲା
- ମାମଲାର ଯାଞ୍ଚ ଏସ୍ଆଇଟି-ସିବିଆଇକୁ ହସ୍ତାନ୍ତର କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଥିଲେ

ସଲିସିଟର ଜେନେରାଲଙ୍କ ଆଶ୍ୱାସନାକୁ ଦୃଷ୍ଟିରେ ରଖି ଆମେ ସେବିକୁ ଅନ୍ୟ ଦୁଇଟି ମାମଲାର ତଦନ୍ତ ୩ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଉଛୁ। ସୁପ୍ରିମକୋର୍ଟ କହିଛନ୍ତି ଯେ ଓସିସିପିଆର୍ ରିପୋର୍ଟକୁ ସେବିର ତଦନ୍ତରେ ସନ୍ଦେହ ରୂପେ ଦେଖାଯାଇପାରିବ ନାହିଁ।

# ଭୁବନେଶ୍ୱରରେ ବିର୍ଲା ଓପସ୍ ଇଣ୍ଟରାକ୍ଟିଭ ଏକ୍ସପୋ

**ଭୁବନେଶ୍ୱର,୧୫।୭ (ସମିସ):** ଫେବୃଆରୀ ୨୦୨୪ରେ ଆଦିତ୍ୟ ବିର୍ଲା ଗ୍ରୁପ୍ "ବିର୍ଲା ଓପସ୍'ର ବଜାର ପ୍ରବେଶ ସହିତ ପେଣ୍ଟ ଶିଳ୍ପରେ ପ୍ରବେଶ କରିଥିଲା। ବିର୍ଲା ଓପସ୍ ଭାରତର ଅନ୍ୟତମ ପ୍ରମୁଖ ପେଣ୍ଟ ବ୍ରାଣ୍ଡରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି ଯାହା ଜଳ-ଆଧାରିତ ପେଣ୍ଟ, ଏନାମଲ୍, ଉଡ୍ ଫିନିଶ ଓ ୱାଲ୍ପେପର ସମେତ ୧୪୫ରୁ ଅଧିକ ଉତ୍ପାଦ ଓ ୧୨୦୦ ଏସ୍କେୟୁ ସହ ୨୩୦୦+ ଟିଣ୍ଟେବୁଲ କଲର୍ ବିକଳ୍ପ ପ୍ରଦାନ କରୁଛି। ଦେଶବ୍ୟାପୀ ପ୍ରମୁଖ ବଜାରଗୁଡିକରେ ସଫଳ ଏକ୍ସପୋଗୁଡିକ ପରେ ବିର୍ଲା ଓପସ୍ ଏହାର ପ୍ରତିଷ୍ଠିତ ବ୍ରାଣ୍ଡ ଏକ୍ସପୋକୁ ଭୁବନେଶ୍ୱର ଆଣିଛି ଯାହା ଜୁଲାଇ ୧୬ ତାରିଖ, ୨୦୨୪, ଦିନ ୧୧ଟାରୁ ଆୟୋଜିତ ହେବାକୁ ଯାଉଛି। ନିର୍ଦ୍ଦିଷ୍ଟ ଭାବେ ଡିଲର, ପେଣ୍ଟର, କଣ୍ଟ୍ରାକ୍ଟର, ଆର୍କିଟେକ୍ଟ ଓ ଇଣ୍ଟେରିୟର ଡିଜାଇନରଙ୍କ ସମେତ ଟ୍ରେଡ୍ ପାର୍ଟନରମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ଓ ସୁଦୃଢ କରିବା ପାଇଁ ଲକ୍ଷ୍ୟ ରଖିଥିବା ଏହି ଏକ୍ସପୋଗୁଡିକୁ ବିର୍ଲା ଓପସ୍‌ର ପ୍ରଡକ୍ଟ ରେଞ୍ଜ, ପ୍ରଡକ୍ଟ ୟୁଏସ୍‌ପି ଆଦିକୁ ପ୍ରଦର୍ଶିତ କରିବା ପାଇଁ ଡିଜାଇନ କରାଯାଇଛି ଏବଂ ଏହା ଟ୍ରେଡ୍ ପାର୍ଟନରମାନଙ୍କୁ ଏହି ଏକ୍ସପୋକୁ ଆସି ଉତ୍କୃଷ୍ଟମାନର ଉତ୍ପାଦ ଗୁଣବତା ଓ ରେଞ୍ଜର ଅନୁଭୂତି ପାଇବା ପାଇଁ ଏକ ମଞ୍ଚ ପ୍ରଦାନ କରୁଛି।

# ନୂଆ ରିଅଲ୍‌ମି ୧୩ ପ୍ରୋ ସିରିଜରେ ଏଆଇ ସହ ଅଲ୍ଟ୍ରା କ୍ଲିୟର କ୍ୟାମେରା

**ନୂଆଦିଲ୍ଲୀ,୧୫।୭ (ଏଜେନ୍ସି):** ଭାରତୀୟ ଯୁବପିଢିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଚଳିତ ମାସରେ ଭାରତରେ ଏହାର ପ୍ରଥମ ଏଆଇ ପ୍ରଫେସ୍ନାଲ କ୍ୟାମେରା ସ୍ମାର୍ଟଫୋନ୍, ରିଅଲ୍‌ମି ୧୩ ପ୍ରୋ ସିରିଜ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି। ୨୦୨୪ର ୨ୟ ନମ୍ବର ସିରିଜ ଲଞ୍ଚ୍ ଭାବେ ରିଅଲ୍‌ମି ୧୩ ପ୍ରୋ ସିରିଜ ପ୍ରଥମ ଏଆଇ ପ୍ରଫେସନାଲ କ୍ୟାମେରା ଫୋନ୍ ହେବାର ପ୍ରତିଶ୍ରୁତି ଆଣିଛି ଯାହା ଡିଏସ୍ଏଲ୍ଆର- ଲେଭେଲ ଫିଚରଗୁଡିକରେ ସୁସଜ୍ଜିତ ରହିଛି। ଏହି ଇମେଜିଂ ପାୱାରହାଉସ୍ର କେନ୍ଦ୍ରରେ ରହିଛି ଡୁଆଲ ସୋନି ସେନ୍ସର ଯାହା ମୋବାଇଲ ଫଟୋଗ୍ରାଫିକୁ ନୂଆ ଉଚ୍ଚତାକୁ ନେଉଛି। ଏହି ଅତ୍ୟାଧୁନିକ ଡିଭାଇସ୍ ହେଉଛି ସୋନି ଓ ରିଅଲ୍ମି ମଧ୍ୟରେ ଏକ ନୂତନ ସହଭାଗିତାର ଫଳ, ଯାହା ରିଅଲ୍ମି ୧୩ ପ୍ରୋ ସିରିଜ୍‌ରେ ଆଧୁନିକ ସେନ୍ସର ଟେକ୍ନୋଲୋଜି ଆଣିଛି। ଏହାର ମୁଖ୍ୟ କ୍ୟାମେରା ଫିଚର ସୋନି ଲାଇଟ୍-୭୦୧ ଏହି ସେନ୍ସର ପାଇଁ ଗ୍ଲୋବାଲ ଡେବ୍ୟୁ କରିଛି। ଏହି ଡୁଆଲ କ୍ୟାମେରାଗୁଡିକ ୩ଗୁଣ ଅପ୍ଟିକାଲ ଜୁମ୍, ୬ଗୁଣ ଇନ୍-ସେନ୍ସର ଜୁମ୍ ପ୍ରଦାନ କରୁଛି ଏବଂ ୧୨୦ଗୁଣ ପର୍ଯ୍ୟନ୍ତ ଡିଜିଟାଲ ସୁପରଜୁମ୍କୁ ସପୋର୍ଟ କରୁଛି। ୪-ଇନ୍-୧ ପିକ୍ସେଲ ଫ୍ୟୁଜନ ଟେକ୍ନୋଲୋଜି, ହାଇ-ଟ୍ରାନ୍ସପରେନ୍ସି ଗ୍ଲାସ୍ ଲେନ୍ସ ଓ ଏକ ହାଲୁକା ପେରିସ୍କୋପ ଡିଜାଇନ ଭଳି ଫିଚରଗୁଡିକ ସହିତ ଏହାର କ୍ୟାମେରା ବିଭିନ୍ନ ସୁଟିଂ ପରିଦୃଶ୍ୟରେ ୱାଇଡ-ଆଙ୍ଗେଲ ଲ୍ୟାଣ୍ଡସ୍କେପଠାରୁ ଆରମ୍ଭ କରି ଲଙ୍ଗ୍-ଡିଷ୍ଟାନ୍ସ କ୍ୟାପଚର ସୁବିଧା ରହିଛି।

ଜାତିସଂଘ ରିପୋର୍ଟ

# ଇ-ବର୍ଜ୍ୟ ସୃଷ୍ଟିରେ ଭାରତ ବିଶ୍ୱରେ ୫ମ

**ନୂଆଦିଲ୍ଲୀ,୧୫।୭ (ଏଜେନ୍ସି)**

ଆମେ ବ୍ୟବହାର କରୁଥିବା ଇଲେକଟ୍ରୋନିକ୍ସ ସାମଗ୍ରୀରୁ ପ୍ରଚୁର ପରିମାଣରେ ବର୍ଜ୍ୟ ସାମଗ୍ରୀ ବାହାରିଥାଏ। ଏହି ଇ-ବର୍ଜ୍ୟ ମନୁଷ୍ୟ ଶରୀର ପାଇଁ ବେଶ ହାନୀକାରକ। ଇ-ବର୍ଜ୍ୟ ବୃଦ୍ଧି କ୍ଷେତ୍ରରେ ଭାରତ ସାରା ବିଶ୍ୱରେ ୫ମ ସ୍ତାନରେ ରହିଛି। କମ୍ପ୍ୟୁଟର ସ୍କ୍ରିନ, ଅନ୍ୟ ଇଲେକ୍ଟ୍ରୋନିକ୍ସ ଡିଭାଇସ୍, କ୍ଷୁଦ୍ର ଆଇଟି ଏବଂ ଟେଲିକମ୍ୟୁନିକେଶନ କ୍ଷେତ୍ରରୁ ସୃଷ୍ଟି ହେଉଥିବା ଇ-ବର୍ଜ୍ୟ ୧୦ ବର୍ଷରେ ୧୬୩% ବୃଦ୍ଧି ହୋଇଛି। ୨୦୧୦ରୁ ୨୦୨୨ ମସିହା ମଧ୍ୟରେ ଇ-ବର୍ଜ୍ୟ ପିମାଣରେ ବେଶ ବୃଦ୍ଧି ହୋଇଥିବା ଜାତିସଂଘର ଟ୍ରେଡ ଆଣ୍ଡ ଡେଭଲପମେଣ୍ଟ (ୟୁଏନ୍‌ସିଟିଏଡି) ଡିଜିଟାଲ ଇକୋନୋମି ରିପୋର୍ଟ ୨୦୨୪ରେ କୁହାଯାଇଛି।

ଇ-ବର୍ଜ୍ୟ ସୃଷ୍ଟି କ୍ଷେତ୍ରରେ ସାରା ବିଶ୍ୱରେ ଭାରତର ଅଂଶ ୨ ଗୁଣ ବୃଦ୍ଧି ହୋଇଛି। ଅର୍ଥାତ ଭାରତ ପୂର୍ବ ଅପେକ୍ଷା ଅଧିକ ଇ-ବର୍ଜ୍ୟ ନିର୍ଗତ କରୁଛି। ୨୦୧୦ରେ ଏହାର ପରିମାଣ ୩.୧% ସ୍ତରରେ ଥିରହିବାବେଳେ ୨୦୨୨ରେ ଏହା ୬.୪%କୁ ବୃଦ୍ଧି ହୋଇଛି। ରିପୋର୍ଟ ଅନୁଯାୟୀ, ୨୦୨୨ରେ ଏସିଆର ଅଭିବୃଦ୍ଧିକାରୀ ଅର୍ଥନୀତିଥିବା ରାଷ୍ଟ୍ରଗୁଡିକ ଅଧିକ ମାତ୍ରାରେ ଇ-ବର୍ଜ୍ୟ ନିର୍ଗତ କରିଛନ୍ତି। ଏସୀୟ କ୍ଷେତ୍ରରୁ ନିର୍ଗତ ଇ-ବର୍ଜ୍ୟ କ୍ଷେତ୍ରରେ ଚୀନର ଅଂଶ ପ୍ରାୟ ଅଧା ରହିଛି। ଏହି



ରିପୋର୍ଟରେ ଇ-ବର୍ଜ୍ୟ ଯୋଗୁ ବିଶ୍ୱ ସାମ୍ନା କରୁଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଉଛି। ଡିଜିଟାଲିକରଣ କ୍ଷେତ୍ରରେ ବ୍ୟବହୃତ ସାମଗ୍ରୀ ଗୁଡିକର ଠିକ୍ ପରିଚାଳନା ନ ହେଲେ ଏହା ପରିବେଶ ଏବଂ ମାନବ ସମାଜ ଲାଗି ସ୍ୱାସ୍ଥ୍ୟ ସଙ୍କଟ ଡାକି ଆଣିବ ବୋଲି ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି। ଏଭଳି ସାମଗ୍ରୀରୁ ବାହାରୁଥିବା ହାନିକାରକ ଆର୍ସେନିକ, କାଡ୍ମିୟମ, ଲିଡ୍ ଏବଂ ମରକ୍ୟୁରୀ ସମେତ ଅନ୍ୟ ବିଷାକ୍ତ ପଦାର୍ଥ ସମସ୍ୟା ସୃଷ୍ଟି କରୁଥିବା ଏଥିରେ କୁହାଯାଇଛି। ତେବେ ପରିବେଶକୁ କ୍ଷତି ପହଞ୍ଚାଉଥିବା ପ୍ରଡକ୍ଟ ପ୍ୟାକେଜିଂ ଏବଂ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଭାରତର ଉଦ୍ୟମକୁ ୟୁଏନ୍‌ସିଟିଏଡି ବେଶ ପ୍ରଶଂସା କରିଛି। ଭାରତ ଏ କ୍ଷେତ୍ରରେ ପରିବେଶ ଉପଯୋଗୀ

**୧୦ ବର୍ଷରେ ୧୬୩ ପ୍ରତିଶତ ବର୍ଜ୍ୟ ବସ୍ତୁ ବାହାରିଛି**

ପରିବହନ ଏବଂ ଡେଲିଭରି ବ୍ୟବସ୍ଥା ହାତକୁ ନେଉଛି ବୋଲି କହିଛି ଜାତିସଂଘ। ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିଛି ଆମାଜନ। ବବଲ ରାପ୍,ଏୟାର ପିଲୋ, ପେପର କୁସନ ବ୍ୟବହାର ଦ୍ୱାରା ଏହା ପ୍ଲାଷ୍ଟିକ ପ୍ୟାକେଜିଂ ମ୍ୟାଟେରିଆଲ ବ୍ୟବହାର ବନ୍ଦ କରିଛି। ସେହିଭଳି ଜ୍ୟାପ୍ ଇଲେକ୍ଟ୍ରିକ ଭଳି ଲାଷ୍ଟ ମାଇଲ ଡେଲିଭରି କମ୍ପାନି ଘରୋଇ ବଜାରରେ ଇସ୍କୁଟର ଦ୍ୱାରା ସାମଗ୍ରୀ ଲୋକଙ୍କ ନିକଟରେ ପହଞ୍ଚାଉଛି। ରିପୋର୍ଟ ମୁତାବକ, ୨୦୨୩ରେ ସାରା ବିଶ୍ୱର ମୋବାଇଲ ଟ୍ରାଫିକ କ୍ଷେତ୍ରରେ ଉତ୍ତର ପୂର୍ବ ଏସିଆର ଅଂଶ ଏକ ତୃତୀୟାଂଶ ରହିଛି। ଭୁଟାନ,ଭାରତ ଏବଂ ନେପାଳ ଭଳି ଦେଶ ଗୁଡିକ ଏହି ତାଲିକାରେ ରହିଛନ୍ତି। ୨୦୨୯ ବେଳକୁ ବିଶ୍ୱର ୫ଜି ସବସ୍କ୍ରିପଶନ ୫୦୦ କୋଟି ଟପିବ ବୋଲି ଆକଳନ କରାଯାଇଛି। ଯାହା ମୋଟ ମୋବାଇଲର ୬୦% ଅଂଶ ହାସଲ କରିବ। ବିଶେଷ କରି ଦକ୍ଷିଣ ପୂର୍ବ ଏସିଆରେ ଅଭିବୃଦ୍ଧି ଏ କ୍ଷେତ୍ରକୁ ଯୋଗଦାନ ଦେବ। ଚାଇନା ଆଗର ରହିବ। କୁଥିବାବେଳେ ଭାରତ ଏହା ପଛରେ ରହିବ।

# ଟିପିସିଓଡିଏଲ୍ ପକ୍ଷରୁ ଟାଟା ସ୍ଥାୟିତ୍ୱ ମାସ ପାଳିତ



**ଭୁବନେଶ୍ୱର, ୧୫।୭ (ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ସଫଳତାର ସହ ଟାଟା ସ୍ଥାୟିତ୍ୱ ମାସ ୨୦୨୪ ପାଳନ କରାଯାଇଛି। ଏହି ଅଭିଯାନ ସବୁଜ ଭବିଷ୍ୟତ ଗଠନ ଦିଗରେ ଟିପିସିଓଡିଏଲ୍‌ର ଅତୁଟ ପ୍ରତିବଦ୍ଧତାର ପ୍ରମାଣ ଦେଉଛି। ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ, ବରିଷ୍ଠ ନେତୃତ୍ୱ ମଣ୍ଡଳୀ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଟାଟା ସ୍ଥାୟିତ୍ୱ ମାସର ଉଦଯାପନୀ ସମାରୋହ ୨୦୨୪ ଜୁଲାଇ ୪ ତାରିଖରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ସିଂହ କହିଛନ୍ତି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ପରିବେଶ ଅଭିଯାନରେ ଆମ କର୍ମଚାରୀ ଓ ଜନସମୂହକୁ ଯୋଡ଼ିବା ଲାଗି ଟାଟା ସ୍ଥାୟିତ୍ୱ ମାସ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଛି। ୮୦୦ ପାଖାପାଖି ବୃକ୍ଷରୋପଣ ଓ ୨୦୦୦ରୁ ଅଧିକ ଅଂଶୀଦାରଙ୍କୁ ବିଭିନ୍ନ କାର୍ଯ୍ୟରେ ଯୋଡ଼ିବା ସହିତ ଆମେ ହାସଲ କରିଥିବା ପ୍ରଗତିକୁ ନେଇ ବେଶ ଗର୍ବିତ। ଏହି ସମାରୋହ ପାଳନ ଅବସରରେ ନୟାଗଡ଼ର ଶରଣକୂଳ ଟିମ୍ ତରଫରୁ "ରୁଖ ବଦ୍ଲୋ, କଲ୍ ସୱାରୋଁ' ନାମକ ଚିନ୍ତାଉଦ୍ରେକକାରୀ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଥିଲା ଯେଉଁଥିରେ ଦୀର୍ଘସ୍ଥାୟିତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ପୁନଶ୍ଚ, ସାଂସ୍କୃତିକ ସଂରକ୍ଷଣ ଓ ପରିବେଶ ଦାୟିତ୍ୱ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଇ ଟିପିସିଓଡିଏଲ୍ର ଏନ୍‌ଜିଓ ସହଯୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିଭାଙ୍କ ଦ୍ୱାରା ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଟାଟା ସ୍ଥାୟିତ୍ୱ ମାସ ୨୦୨୪ ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରିଥିବା ଏବଂ ଅଂଶଗ୍ରହଣକାରୀ କର୍ମଚାରୀମାନଙ୍କୁ ସ୍ୱୀକୃତି ପ୍ରଦାନ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ଆଜିର ଇତିହାସ

- ୧୬୬୧- ସ୍ୱିଡିଶ୍ ବ୍ୟାଙ୍କ ୟୁରୋପରେ ପ୍ରଥମ ନୋଟ୍ ଜାରି କଲା।
- ୧୮୫୬- ହିନ୍ଦୁ ବିଧବାମାନଙ୍କ ପୁନଃବିବାହ ପାଇଁ ଆଇନ ପ୍ରଣୟନ କରାଗଲା।
- ୧୯୨୫-ନେସନ୍ୟାଲ୍ ଜିଓଗ୍ରାଫିକ୍ ଚ୍ୟାନେଲ୍ ପ୍ରଥମ ଥର ସମୁଦ୍ର ଭିତର ଦୃଶ୍ୟର ରଙ୍ଗିନ୍ ଫଟୋ ପ୍ରକାଶ କଲା।
- ୧୯୫୧-ନେପାଳ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୬୮ - ହକି ଖେଳାଳି ଧନରାଜ ପିଲେଙ୍କ ଜନ୍ମ।
- ୧୯୭୦- ଇରାକ୍‌ରେ ସମ୍ବିଧାନ ଲାଗୁ କରାଗଲା।
- ୨୦୦୬-ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ କୋରିଆ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ।
- ୨୦୧୫- ବୈଜ୍ଞାନିକମାନେ ପ୍ଲୁଟୋ ଗ୍ରହର କ୍ଲୋଜଅପ୍ ଫଟୋ ଜାରି କଲେ।



# 'ୱାର୍-୨'ରେ ଅନୀଲ



ବଲିଉଡ୍ ସୁପରଷ୍ଟାର୍ ହ୍ରିତିକ୍ ରୋଶନ ଓ ଟାଇଗର୍ ସ୍ରଫ୍‌ଙ୍କ ଫିଲ୍ମ 'ୱାର୍' ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା। ଦର୍ଶକେ ଏବେ ଏହାର ସିକ୍ୱେଲକୁ ଅପେକ୍ଷା କରିଛନ୍ତି। 'ୱାର୍-୨'ରେ ଲିଡ୍ ରୋଲରେ ହ୍ରିତିକ୍‌ଙ୍କ ସହ ଜୁନିୟର୍ ଏନ୍‌ଟିଆର୍ ଓ କିଆରା ଆଡଭାନୀ ଦେଖାଯିବେ। ଏବେ ହ୍ରିତିକ୍ ଏହାର ଦ୍ୱିତୀୟ ସିଡ୍ୟୁଲର ସୁଟିଂ କରୁଛନ୍ତି। ଆଦିତ୍ୟ ଚୋପ୍ରାଙ୍କ ସ୍ପାଏ ୟୁନିଭର୍ସ ଏହାର ନିର୍ମାଣ କରୁଛି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ଅୟାନ୍ ମୁଖାର୍ଜୀ। ବହୁତ ଜଲ୍‌ଦି ଜୁନିୟର ଏନ୍‌ଟିଆର୍ ହ୍ରିତିକ୍‌ଙ୍କ ସହ ସୁଟିଂରେ ଯୋଗ ଦେବେ। ଦୁଇ ଜଣ ଲଗାତାର ଆକ୍ସନ୍ ସିନ୍‌ଗୁଡ଼ିକର ସୁଟ୍ କରିବେ। ତେବେ ଉଭୟ ଏଥିରେ ର' ଏଜେଣ୍ଟ ଭୂମିକାରେ ଦେଖାଯିବେ। ଏହାସହ ଅନୀଲ କପୁର ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ। ଏଥିରେ ର'ର ମୁଖ୍ୟ ଭାବେ ଅନୀଲ ଦେଖାଯିବେ। ଏହାବାଦ୍ ଅନୀଲ ସ୍ପାଏ ୟୁନିଭର୍ସର ଅନ୍ୟ ଦୁଇଟି ଫିଲ୍ମ'ଆଲ୍‌ଫା' ଓ 'ପଠାନ୍-୨'ରେ ମଧ୍ୟ ଦେଖାଯିବେ।

# ଏକାକୀତ୍ୱର କାରଣ ଖୋଜିବାକୁ ହାପିନେସ୍ ଫ୍ୟାକ୍ଟ୍ରିରେ ଅଭିଭାବକ



ବ୍ୟସ୍ତ ଦିନଚର୍ଯ୍ୟା ଯୋଗୁଁ କେବଳ ବୟସ୍କ ଯେ ଚିନ୍ତାଗ୍ରସ୍ତ ରହୁଛନ୍ତି ତାହା ନୁହେଁ, ବରଂ ଯୁବପିଢ଼ି ବି ଅବସାଦ ଓ ଚିନ୍ତାରେ ରହୁଛନ୍ତି। ଅନେକ କ୍ଷେତ୍ରରେ ଯୁବକଯୁବତୀମାନେ ସମୟ ସହ ତାଳ ଦେଇ ନ ପାରି ଅନ୍ୟମାନଙ୍କ ସହ ମିଳାମିଶା ନ କରି ଏକୁଟିଆ ରହିବାକୁ ପସନ୍ଦ କରନ୍ତି। ତେବେ ଦକ୍ଷିଣ କୋରିଆର ଅଭିଭାବକମାନେ ସମାଜରୁ ଦୂରେଇ ଯାଉଥିବା ସେମାନଙ୍କ ସନ୍ତାନମାନେ ଏକାନ୍ତ ସମୟରେ କିପରି ଅନୁଭବ କରନ୍ତି, ସେସମ୍ପର୍କରେ ଜାଣିବା ପାଇଁ ହ୍ୟାପିନେସ୍ ଫ୍ୟାକ୍ଟ୍ରିରେ ରହୁଛନ୍ତି। ୧୩ ସପ୍ତାହର ଏହି କାର୍ଯ୍ୟକ୍ରମକୁ 'ବ୍ଲୁ ହ୍ୱେଲ ରିକଭରି ସେଣ୍ଟର' ନାମକ ଏକ ଏନ୍‌ଜିଓ ଓ ଦକ୍ଷିଣ କୋରିଆ ଯୁବ ଫାଉଣ୍ଡେସନ୍ ମିଳିତ ଭାବେ ପରିଚାଳନା କରୁଛି। ପିତାମାତା ଓ ଏକୁଟିଆ ରହୁଥିବା ପିଲାଙ୍କ ମଧ୍ୟରେ ଏକ ଭଲ ବାତାବରଣ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ଏହା ଏକପ୍ରକାର ଏକାନ୍ତବାସ କୋଠରି। ଏଥିରେ ଅଭିଭାବକଙ୍କୁ ଏକ ବନ୍ଦ କୋଠରି ମଧ୍ୟରେ ରହିବାକୁ ହୋଇଥାଏ। ଏହି ସମୟରେ ସେମାନଙ୍କୁ କୌଣସି ପ୍ରକାର ବୈଦ୍ୟୁତିକ ଉପକରଣ ଏପରିକି ଫୋନ୍ ରଖିବା ବି ମନା। କୋଠରି ମଧ୍ୟରେ ଏକ 'ଫିଡିଂ ହୋଲ୍' ଥାଏ। ଏହାରି ମାଧ୍ୟମରେ ସେମାନଙ୍କୁ ଖାଦ୍ୟପାନୀୟ ଦିଆଯାଏ। ତେବେ ଏଠାରେ ରହୁଥିବା ଅଭିଭାବକ ଏକାନ୍ତ ଜୀବନ ବିତାଉଥିବା ପିଲାମାନଙ୍କର ମନକଥାକୁ ବୁଝିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଦକ୍ଷିଣ କୋରିଆରେ ହୋଇଥିବା ଏକ ସର୍ଭେରୁ ୧୯ ରୁ ୩୪ ବର୍ଷ ବୟସ୍କ ୧୫ହଜାର ଯୁବକଯୁବତୀଙ୍କ ମଧ୍ୟରୁ ପାଞ୍ଚ ପ୍ରତିଶତ ଏକୁଟିଆ ରହିବାକୁ ପସନ୍ଦ କରୁଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ କିଛି ଆତ୍ମହତ୍ୟା କରୁଥିବାର ନଜିର ରହିଛି। ଏସବୁ ଦୃଷ୍ଟିରୁ ଏବେ ଦକ୍ଷିଣ କୋରିଆରେ ଏକୁଟିଆ ରହୁଥିବା ପିଲାଙ୍କ ମନୋଭାବ ବୁଝିବା ପାଇଁ 'ହ୍ୟାପିନେସ୍ ଫ୍ୟାକ୍ଟ୍ରି' ଟ୍ରେଣ୍ଡ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି।

# ବାଲ୍‌ଟି ୱାଶିଂ ମେସିନ୍

ଦୈନନ୍ଦିନ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ୱାଶିଂ ମେସିନ୍। ସହଜରେ ଓ ସୁବିଧାରେ ଏଥିରେ କପଡ଼ା ସଫା ହୋଇଥାଏ। ସେହିପରି ଏବେ ବି ଅନେକ ଲୋକ ୱାଶିଂ ମେସିନ୍ ବଦଳରେ ହାତରେ ପୋଷାକ ସଫା କରିବାକୁ ଭଲପାଆନ୍ତି। ତେବେ ହଷ୍ଟେଲ ତଥା ବାହାରେ ଏକାକୀ ରହୁଥିବା ଲୋକଙ୍କ ପାଇଁ ଯଦିଓ ୱାଶିଂ ମେସିନ୍ ରଖିବା ସହଜ ନୁହେଁ, ତଥାପି ବି ପୋର୍ଟେବଲ ୱାଶିଂ ମେସିନ୍ ଉପକାରୀ ସାବ୍ୟସ୍ତ ହୋଇପାରିବ। ସେମାନେ ପୋର୍ଟେବଲ ୱାଶିଂ ମେସିନ୍ ମାଧ୍ୟମରେ ଏହି କାମକୁ ସହଜ କରିପାରିବେ। ସେମିତି ଏକ ପୋର୍ଟେବଲ ୱାଶିଂ ମେସିନ୍ ବାଲ୍‌ଟି ଆକୃତିର ଅଛି। ଯେଉଁଥିରେ କପଡ଼ା ସଫା କରିବା ବେଶ୍ ସୁବିଧାଜନକ। ଅଧିକାଂଶ ପୋର୍ଟେବଲ ୱାଶିଂ ମେସିନ୍ ୩ କେଜିର ଆସିଥାଏ। ଏଥିରେ ୫-୬ଟି ପୋଷାକ ସଫା କରିବା ସମ୍ଭବ। ସେହିପରି ଏହି ମେସିନ୍ ସହିତ ସ୍ପିନର ଆସିଥାଏ। ଫଳରେ ଏହା ଦ୍ୱାରା କପଡ଼ା ସଫା କରିବା ସହ ଶୁଖାଇବା ମଧ୍ୟ ସହଜ। ଏହାକୁ ପ୍ଲଗ୍ ମାଧ୍ୟମରେ ସଂଯୋଗ କରି ବ୍ୟବହାର କରାଯାଏ। ସେହିପରି ବାଲଟି ଭଳି ଏହାର ଓଜନ ହାଲୁକା। ଅନ୍ୟପଟେ ଏହାକୁ କେବଳ ଘର ନୁହେଁ, ବରଂ ଯାତ୍ରା ସମୟରେ ନିଜ ସାଙ୍ଗରେ କେଉଁଠିକୁ ନେଇ ଯାଇପାରିବେ। ଅବଶ୍ୟ ଏପ୍ରକାର ୱାଶିଂ ମେସିନ୍ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଉପଲବ୍ଧ। ଏହାର ଦାମ୍ ୫ ହଜାରରୁ ୮ ହଜାର ଟଙ୍କା ମଧ୍ୟରେ ହୋଇଥାଏ।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଧନ ଆସିବାକୁ ବାଟ ଫିଟିବ। କ୍ୟାରିୟରରେ ବଡ଼ ଧରଣର ପରିବର୍ତ୍ତନ ହେବ। ସାମାଜିକ ପଦପ୍ରତିଷ୍ଠା ବୃଦ୍ଧି ପାଇବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଚାକିରିଆଙ୍କର ପଦୋନ୍ନତି ହୋଇପାରେ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ଦେଖାଦେବ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ।

**କର୍କଟ:** ପରିଶ୍ରମର ଫଳ ମିଳିବ। ନୂତନ ସମ୍ପର୍କ ସ୍ଥାପନ ହେବ। ସନ୍ତାନ ସୁଖ ପ୍ରାପ୍ତ ହେବ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ନୂଆ ଚାକିରିର ସୁଯୋଗ ଜୁଟିବ।

**ସିଂହ:** ଦିନଟି ଭଲରେ କଟିବ। ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ। ଅଟକି ରହିଥିବା ଧନ ଆଗମନ ହେବ। କୌଣସି ନୂଆ ଲୋକଙ୍କ ସହ ସାକ୍ଷାତ କରିପାରନ୍ତି। ବ୍ୟବସାୟରୁ କ୍ଷତି ସହିପାରନ୍ତି। ଆର୍ଥିକ ସ୍ଥିତି ମଧ୍ୟମ ଧରଣର ରହିବ।

**ତୁଳା:** ବନ୍ଧୁଙ୍କ ସହ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ। ଉଧାର ଟଙ୍କା ଫେରିପାଇବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ବଡ଼ ଭାଇଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିପାରନ୍ତି। ପୂଜାପାଠରେ ସାମିଲ ହେବେ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।

**ମୀନ:** ରାଜନୀତିରେ ସଫଳତା ମିଳିବ। ମନକୁ ଶାନ୍ତି ମିଳିବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପଡୋଶୀଙ୍କ ସହ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ଗୁପ୍ତ କଥା ଅନ୍ୟଙ୍କ ସହ ସେୟାର କରନ୍ତୁନି।



# ସୁ ବର୍ଣ୍ଣା



# କପାଗଛରୁ ପୋକ ଧରିବ ଏଆଇ ଫେରୋମୋନ୍ ଟ୍ରାପ୍

କପା ଏକ ଅର୍ଥକରୀ ଫସଲ। ହେଲେ ଏହି ଚାଷକୁ ସମସ୍ୟା କରେ ବକରା ପୋକ। ଉନ୍ନତ କିସମ କପା ବିହନ ବ୍ୟବହାର ନ କରିବା ଦ୍ୱାରା କପା ଗଛ ରୋଗାକ୍ରାନ୍ତ ହୁଏ। ବକରା ପୋକ ଦ୍ୱାରା ସୂତା ଗୋଲାକାର ହୋଇପାରେନାହିଁ। ତେଣୁ ବକରାପୋକ ନିୟନ୍ତ୍ରଣ ପାଇଁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) କୃତ୍ରିମ ବୁଦ୍ଧିମତ୍ତା ଫେରୋମୋନ୍ ଟ୍ରାପ୍ ଉପଲବ୍ଧ କରାଉଛନ୍ତି। ଏହି ଏଆଇ ଦ୍ୱାରା ପରିଚାଳିତ ସ୍ମାର୍ଟ ମେସିନ୍‌ଟିରେ ସେନ୍‌ସର ଖଞ୍ଜା ଯାଇଛି। ଚାଷୀଙ୍କ ଫୋନ୍ ସହ ଏହାକୁ ସଂଯୋଗ କରାଯାଇଥାଏ। ଏଥିରେ ଲାଗିଥିବା କ୍ୟାମେରା ବକରାପୋକକୁ ଚିହ୍ନଟ କରିବା ମାତ୍ରେ ଏହି ସ୍ମାର୍ଟଯନ୍ତ୍ରର ଏକ ଅଂଶ ଉତ୍ତପ୍ତ ହୋଇ ସେଥିରୁ ଗୋଲାପି ସୁଗନ୍ଧ ନିର୍ଗତ ହୁଏ। ପୋକ ଆକର୍ଷିତ ହୋଇ ଯନ୍ତା ମଧ୍ୟରେ ରହିଯାଆନ୍ତି। ଫଳରେ ଏକ ଶବ୍ଦ ଆସିଥାଏ। ତେବେ ଏହି ଯନ୍ତ୍ରରେ ପୋକଥିବା ସମ୍ପର୍କରେ ଚାଷୀଙ୍କ ଫୋନ୍‌କୁ ମେସେଜ୍ ଆଲର୍ଟ ହୋଇଥାଏ। ପୋକର ଗତିବିଧିକୁ ଲକ୍ଷ୍ୟ କରି ଏହାର ସମସ୍ତ ତଥ୍ୟକୁ ଚାଷୀ ଘରେ ବସି ପାଇପାରନ୍ତି। ଆଗୁଆ କୀଟ ପରିଚାଳନା ପାଇଁ ବନ୍ଦୋବସ୍ତ ଯୋଗୁଁ ଚାଷୀଙ୍କୁ କମ୍ ପରିଶ୍ରମରେ ଅଧିକ ଅମଳ ମିଳେ। ତେବେ ଗୋଲାପି ବକରା ପୋକର ପ୍ରକୋପ ଥିବା ସ୍ଥାନ ପାଇଁ ଫେରୋମୋନ୍ ଟ୍ରାପ୍ ମେସିନ୍ ଅଧିକ ସାହାଯ୍ୟକାରୀ। ୨୪ଘଣ୍ଟିଆ କାମ କରିବାରେ ସକ୍ଷମଥିବାରୁ ଏହା ଚାଷୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇପାରିବ।

# ଭେଣ୍ଡିଫୁଲ ଝଡୁଥିଲେ ...

**ଭେଣ୍ଡି ଏକ ଲାଭଜନକ ଚାଷ। ଉତ୍ତମମାନର ମୃତ୍ତିକା, ପାଣିପାଗ, ଜଳସିଞ୍ଚନ ଉପରେ ଭେଣ୍ଡି ଚାଷ ନିର୍ଭରଶୀଳ। ହେଲେ ମୃତ୍ତିକାରେ ଜଳାଭାବ ତଥା ପୋକ ଲାଗିବା ଦ୍ୱାରା ଫୁଲ ପରିପକ୍ୱ ହୋଇ ନ ପାରି ଝଡ଼ିପଡ଼େ। ଏଣୁ ଚାଷୀଭାଇ ଫୁଲ ଝଡ଼ିବାର ସଠିକ୍ କାରଣ ଜାଣି ଏହାର ପ୍ରତିକାର କରିବା ଉଚିତ।**



ବର୍ଷାଦିନେ ଧଳାମାଛିଆ ପୋକ, ଅନ୍ୟାନ୍ୟ ରୋଗ, ପୋଷଣ ବା ଅଣୁସାର ଅଭାବରୁ ଭେଣ୍ଡି ଗଛରେ ଫୁଲ ଆସି ଝଡ଼ିପଡ଼ିଥାଏ। ଧଳାମାଛି ସୂକ୍ଷ୍ମ ଆକାରର କୀଟ ଏହା ଗଛର ରସକୁ ଶୋଷିଥାଏ। ଫଳରେ ଗଛର ବିକାଶ ହୁଏନି, ଫୁଲ ଓ ଫଳ ମଧ୍ୟ କମ୍ ଧରେ। ତେଣୁ ୫ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ପ୍ରତି କିଗ୍ରା ବିହନକୁ ଉପଚାର କରିବା ଜରୁରି। ଗଛକୁ ନିରୀକ୍ଷଣ କରି ୧୫ ଦିନରେ ବୋରନକୁ ଏକର ପିଛା ଦୁଇ କେଜି ପତ୍ରସିଞ୍ଚନ କରିପାରିବେ। ଯେଉଁ ସ୍ଥାନରେ ବର୍ଷା ହେଉନାହିଁ, ସେଠାରେ ଜଳସିଞ୍ଚନର ଆବଶ୍ୟକତା ରହିଛି। ମୃତ୍ତିକାର ଉର୍ବରଶକ୍ତି ବୃଦ୍ଧି କରିବାକୁ ଜୈବିକ ଉପାୟ ଆପଣାନ୍ତୁ। ଏହାବାଦ୍ କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ବଜାରରୁ ମିଳୁଥିବା ବିଭିନ୍ନ ପ୍ରକାରର ରାସାୟନିକ ଔଷଧ ବ୍ୟବହାର କରିପାରିବେ। ସାଢ଼େ ଚାରି ଲିଟର ପାଣିରେ ଏକ ମିଲି ନାପ୍‌ଥାଇଲ୍ ଏସିଟିକ୍ ଏସିଡ୍ ତଥା ପ୍ଲାନୋଫିକ୍ସ, ଏକର ପ୍ରତି ୫୦ ଗ୍ରାମ୍ ଏସିଡାମିପ୍ରିଡ୍ ୨୦୦ ଲିଟର ପାଣିରେ ସିଞ୍ଚନ କରିପାରିବେ। ପ୍ରାୟତଃ ଭେଣ୍ଡି ଗଛ ପତ୍ର ଶିରାରେ ହଳଦିଆ କିମ୍ବା ଚିତ୍ରା ହୋଇଯାଏ, ରୋଗାକ୍ରାନ୍ତ ଗଛକୁ ତୁରନ୍ତ ଉପାଡ଼ି କ୍ଷେତଠାରୁ ଦୂରରେ ଫିଙ୍ଗିବା ଜରୁରି। ଅନ୍ୟପଟେ ଗଛର ରସ ଶୋଷୁଥିବା ପୋକ ନିୟନ୍ତ୍ରଣ ପାଇଁ ଜମିରେ ହଳଦିଆ ଷ୍ଟିକି ଟ୍ରାପ୍ ପ୍ରୟୋଗ କରିପାରିବେ।

## ଏ ସପ୍ତାହ ପାଇଁ ପରାମର୍ଶ...

### ଫୁଟି ପାରିବାର



- ଧାନ ଜମିରେ କାଦୁଅ ସହ ତଳିରୋପଣ ପାଇଁ ହିଡ଼ କରି ବର୍ଷା ପାଣି ବାନ୍ଧି ରଖନ୍ତୁ।
- ଅଧିକ ବର୍ଷାରୁ ପନିପରିବା ତଳିକୁ ରକ୍ଷା କରିବାକୁ ଜଳନିଷ୍କାସନ ବ୍ୟବସ୍ଥା ସହ ତଳିଘରା ଉପରେ ଛାମୁଣ୍ଡିଆ କରନ୍ତୁ।
- ବର୍ତ୍ତମାନ ଅମୃତଭଣ୍ଡା, ଆମ୍ବ ଚାରା ସହ ସେବତୀଫୁଲ ଲଗାଇବାର ପ୍ରକୃଷ୍ଟ ସମୟ।
- ପ୍ରାଣୀମାନଙ୍କର ଟିକାକରଣ ନିଶ୍ଚିତ କରାନ୍ତୁ। କୃମି ନ ହେବା ପାଇଁ ଔଷଧ ଖୁଆଇବାର ବ୍ୟବସ୍ଥା କରନ୍ତୁ।

## ସଫଳ ଚାଷୀ

# ଅବସର ପରେ ଗୁଆ ଚାଷ



**ଆମ ରାଜ୍ୟ ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। କୃଷି କହିଲେ ଏଠାରେ ମୁଖ୍ୟତଃ ଧାନ ଚାଷକୁ ବୁଝାଏ। ହେଲେ ଅଧିକାଂଶ ଚାଷୀ ସବୁଜ ପନିପରିବା ଚାଷ ସହ ନଡ଼ିଆ ଓ ଗୁଆ ଚାଷ କରି ନିଜର ରୋଜଗାର ବଢ଼ାଇଛନ୍ତି। ଏମିତି ଜଣେ ଚାଷୀ ହେଉଛନ୍ତି ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ନାସିକେଶ୍ୱର ପଞ୍ଚାୟତ, ଅଶ୍ରୁଖୋଳା ଗ୍ରାମର ୭୦ ବର୍ଷୀୟ କେଦାର ମହାନ୍ତି। କ୍ରୀଡ଼ା ଶିକ୍ଷକ ଭାବେ ଅବସର ନେବା ପରେ ସେ ନିଜ ଜମିରେ ବିଭିନ୍ନ କିସମର ଗୁଆ ଚାଷ କରିଛନ୍ତି। ଏହି ଚାଷରୁ ସେ ବାର୍ଷିକ ୫ରୁ ୬ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି।**





କୋଣାର୍କ ସରକାରୀ ବିଦ୍ୟାଳୟରୁ ପିଇଟି ଶିକ୍ଷକରୁ ଅବସର ନେଇ କେଦାର ମହାନ୍ତି ଗାଁ'ର ଏକର ଜମିରେ ଗୁଆ ଚାଷ ଆରମ୍ଭ କରିଥିଲେ। ସାହା, ମଙ୍ଗଳା, ସୁମଙ୍ଗଳା, ଦାର୍ଜିଲିଂ, ଛିଟା, ଜାହାଜି, ମାଣିକଚାନ୍ଦ ଆଦି କିସମର ସେ ଗୁଆ ଚାଷ କରୁଛନ୍ତି। ଏହି ଚାଷ ସହ ସେ ଗୁଆ ଚାରା ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସେ ଦୈନିକ ୪ ଘଣ୍ଟା ପରିଶ୍ରମ କରନ୍ତି। ଗୁଆ ବଗିଚାରେ ଘାସ ବାଛିବା, ଗୋବର ଖତ ଦେବା, ପାଣି ମଡ଼ାଇବା ଆଦି କାମକୁ ସେ ନିଜେ କରନ୍ତି। ଚାଷକାମରେ ନିଷ୍ଠା ଯୋଗୁଁ ସେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଜଣେ ସଫଳ ଗୁଆ ଚାଷୀ ଭାବେ ପ୍ରଶଂସିତ ହୋଇଛନ୍ତି। ଅନେକ ପ୍ରଜାତିର ଗୁଆ ଅମଳ ହେବା ପରେ ସେ ଏହାକୁ ବିଭିନ୍ନ ବ୍ୟବସାୟ କେନ୍ଦ୍ରରେ ବିକ୍ରି କରିଦିଅନ୍ତି। ଏଥିରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀ ମଧ୍ୟ ତାଙ୍କଠାରୁ ବିଭିନ୍ନ କିସମର ଗୁଆ ଚାରା କିଣି ନିଅନ୍ତି। କେଦାରଙ୍କ ପରିଶ୍ରମ ଦେଖି ତାଙ୍କ ପୁଅ ପଶ୍ଚିମବଙ୍ଗ ଦୁର୍ଗାପୁରରେ ଚାକିରି ଛାଡ଼ି ଗୁଆ ବଗିଚାରେ ନିଜର ଶ୍ରମଦାନ କରୁଛନ୍ତି। ଗୁଆ ବଗିଚାର ସୁରକ୍ଷା ପାଇଁ ସିସିଟିଭିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯିଏ କେହି ବି ଏହି ଗୁଆ ବଗିଚାକୁ ଆସନ୍ତି, ସେମାନଙ୍କୁ ଏହି ପରିବେଶ ଶାନ୍ତି ଓ ଆରାମ ପ୍ରଦାନ କରେ। ପରିବେଶକୁ ଥଣ୍ଡା ରଖିବାରେ ଗୁଆ ଗଛର ଭୂମିକା ରହିଛି। ତେଣୁ ଏହି ଗୁଆ ବଗିଚାଟି ସମସ୍ତଙ୍କୁ ଆକର୍ଷିତ କରୁଛି। ଏହି ଚାଷରେ ସେ ଖୁସି ବୋଲି କେଦାର ପ୍ରକାଶ କରିଛନ୍ତି। ଏହା ସହ ସେ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା ସାଜିଛନ୍ତି। ସେ କୁହନ୍ତି, ଯେକୌଣସି କାମ ସହିତ ଗୁଆଚାଷ କରି ଏଥିରୁ ଲାଭ ମିଳିପାରିବ।

ରିପୋର୍ଟ: ସମୀର କୁମାର କର, ଅସ୍ତରଙ୍ଗ

ୟୁରୋକପ୍ ଫୁଟବଲ

# ସଫଳତମ ଦଳ ସ୍ପେନ୍



ଟପ୍ ସ୍କୋରର୍ ଡାନିଏଲ ଓଲ୍‌ମୋ

**ଜର୍ମାନୀ,୧୫।୭ (ଏଜେନ୍ସି):** ୟୁରୋପ ମହାଦେଶର ସର୍ବବୃହତ୍ ତଥା ଫିଫା ବିଶ୍ୱକପ୍ ପରେ ଦ୍ୱିତୀୟ ମର୍ଯ୍ୟାଦାସମ୍ପର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ୟୁରୋକପ୍‌ର ୧୭ତମ ସଂସ୍କରଣ ସଫଳତାର ସହ ଶେଷ ହୋଇଛି। ଜର୍ମାନୀରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସ୍ପେନ୍ ସଫଳତମ ଦଳ ଭାବେ ଉଭା ହୋଇଛି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ସ୍ପେନ୍ ୨-୧ ଗୋଲରେ ଗତ ସଂସ୍କରଣର ଉପ-ବିଜେତା ଇଂଲଣ୍ଡକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ସ୍ପେନ୍ ତରଫରୁ ନିକୋ ୱିଲିୟମ୍ସ ୪୭ ଓ ମାଇକେଲ ଓୟାରଜାବାଲ ୮୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିବା ବେଳେ କୋଲ୍ ପାଲମେର ୭୩ତମ ମିନିଟ୍‌ରେ ଇଂଲଣ୍ଡ ତରଫରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଜୁନ୍ ୧୪ରୁ ଆରମ୍ଭ ହୋଇ ଏହି ଟୁର୍ଣ୍ଣାମେଣ୍ଟ ମାସେ ବ୍ୟାପୀ ଚାଲିବା ପରେ ଜୁଲାଇ ୧୪ରେ ସମ୍ପର୍ଣ୍ଣ ହୋଇଥିଲା।

ଏଥିସହ ଆୟୋଜକ ଜର୍ମାନୀକୁ ପଛରେ ପକାଇ ସ୍ପେନ୍ ୪ଥର ଟାଇଟଲ ହାସଲ କରି ୟୁରୋକପ୍ ଫୁଟବଲ ଇତିହାସରେ ସବୁଠାରୁ ସଫଳତ ଦଳ ବିବେଚିତ ହେଉଛି। ସ୍ପେନ୍ ପୂର୍ବରୁ ଆୟୋଜକ ଭାବେ ୧୯୬୪ରେ, ୨୦୦୮ ଓ ୨୦୧୨ରେ ଟାଇଟଲ ଜିତିଥିଲା। ସେହିପରି ସ୍ପେନ୍ ୧୯୮୪ ସଂସ୍କରଣରେ ଫାଇନାଲରେ ପରାସ୍ତ



ହୋଇ ଥରେ ରନର୍ସଅପ୍ ହୋଇଥିଲା। ଅପରପକ୍ଷରେ ଜର୍ମାନୀ ୧୯୭୨, ୧୯୮୦ ଓ ୧୯୯୬ରେ ୩ଥର ପାଇଁ ଟାଇଟଲ ଜିତିଥିଲା। ସେହିପରି ଜର୍ମାନୀ ୧୯୭୬, ୧୯୯୨ ଓ ୨୦୦୮ ସଂସ୍କରଣରେ ଫାଇନାଲରେ ପରାସ୍ତ ହୋଇ ୩ଥର ପାଇଁ ରନର୍ସଅପ୍ ହୋଇଥିଲା। ଅନ୍ୟପଟେ ଇଂଲଣ୍ଡ କ୍ରମାଗତ ୨୦୨୦ ଓ ୨୦୨୪ ସଂସ୍କରଣ ଫାଇନାଲରେ ପରାସ୍ତ ହୋଇ କ୍ରମାଗତ ଦୁଇଥର ପାଇଁ ରନର୍ସଅପ୍ ବିବେଚିତ ହୋଇଛି।

### ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ସ୍ପେନ୍

ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ସ୍ପେନ ତା'ର ସବୁ ୭ଟି ମ୍ୟାଚ୍ ଜିତି ଅପରାଜେୟ ରହିଛି। ଗ୍ରୁପ୍ ବି'ରେ ସ୍ପେନ୍ କ୍ରୋଏସିଆକୁ ୩-୦, ଇଟାଲୀକୁ ୧-୦, ଅଲବାନିଆକୁ ୧-୦ ଗୋଲରେ ହରାଇବା ପରେ ରାଉଣ୍ଡ ଅଫ୍ ୧୬ରେ ଜର୍ଜିଆକୁ ୪-୧, କ୍ୱାର୍ଟରରେ ଜର୍ମାନୀକୁ ୨-୧, ସେମିରେ ଫ୍ରାନ୍ସକୁ ୨-୧ ଓ ଶେଷରେ ଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଥିଲା।

### ୬ ଖେଳାଳି ମିଳିତ ଭାବେ ସର୍ବାଧିକ ଗୋଲ ସ୍କୋରର

ଏଥର ଟୁର୍ଣ୍ଣାମେଣ୍ଟରେ ଏକ ବିରଳ ସଂଯୋଗ ଦେଖିବାକୁ ମିଳିଛି। ବିଭିନ୍ନ ଦେଶର ମୋଟ ୬ଜଣ ଖେଳାଳି ୩ଟି ଲେଖାଏ ଗୋଲ ସ୍କୋର କରି ମିଳିତ ଭାବେ ଟପ୍ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ସେମାନେ ହେଲ ଇଂଲଣ୍ଡ ତାରକା ହ୍ୟାରୀ କେନ୍, ଜର୍ଜିଆର ଜିଓରଗେସ ମିକାଉଟାଜ, ଜର୍ମାନୀ ଜମାଲ ମୁସିଆଲା, ନେଦରଲାଣ୍ଡସର କୋଡି ଗାକ୍‌ପୋ, ସ୍ଲୋଭାକିଆର ଇଭାନ ସରାଞ୍ଜ ଓ ସ୍ପେନ୍‌ର ଡାନିଏଲ ଓଲ୍‌ମୋ। ସେହିପରି ଟୁର୍ଣ୍ଣାମେଣ୍ଟରେ ୧୦ ଖେଳାଳି ୨ଟି ଲେଖାଏ, ସେହିପରି ୬୯ ଖେଳାଳି ଗୋଟିଏ ଲେଖାଏ ଏବଂ ୧୦ ଜଣ ଖେଳାଳି ଗୋଟିଏ ଲେଖାଏ ଆତ୍ମଘାତୀ ଗୋଲ ସ୍କୋର କରିଛନ୍ତି।

### ସ୍ପେନ୍‌ର ରୋଡ୍ରି ଶ୍ରେଷ୍ଠ ଫୁଟବଲର

ଚାମ୍ପିଅନ ସ୍ପେନ୍‌ର ୨୮ ବର୍ଷୀୟ ମିଡ୍‌ଫିଲ୍ଡର ରୋଡ୍ରି ନାମରେ ଜଣାଶୁଣା ଥିବା ରୋଡ୍ରିଗୋ ହର୍ଣ୍ଣାଣ୍ଡିଜ କାସକାଣ୍ଟେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ସେ ଗୋଟିଏ ଗୋଲ ଜର୍ଜିଆ ବିପକ୍ଷରେ ସ୍କୋର କରିଥିଲେ ମଧ୍ୟ ସାରା ଟୁର୍ଣ୍ଣାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ରୋଡ୍ରି ପୂର୍ବରୁ ୪ଟି ପ୍ରିମିୟର ଲିଗ୍ ଟାଇଟଲ, ଗୋଟିଏ ଲେଖାଏ ଫା କପ୍, ୟୁଇଏଫ୍‌ଏ ସୁପର କପ୍ ଓ କ୍ଲବ ୱାର୍ଲ୍ଡକପ୍ ଜିତିଛନ୍ତି। ସେ ସ୍ପେନ୍ ପାଇଁ ୫୬ଟି ମ୍ୟାଚ୍ ଖେଳି ୪ଟି ଗୋଲ ସ୍କୋର କରିଛନ୍ତି।

### ୟମଲ ଶ୍ରେଷ୍ଠ ଯୁବ ଖେଳାଳି

ସ୍ପେନ୍‌ର ୧୭ ବର୍ଷୀୟ ଯୁବ ରାଇଟ୍ ୱିଙ୍ଗର ଲାମାଇନ୍ ୟମଲ ୟୁରୋକପ୍‌ର ଶ୍ରେଷ୍ଠ ଯୁବ ଖେଳାଳି ବିବେଚିତ ହୋଇଛନ୍ତି। ସେ ଟୁର୍ଣ୍ଣାମେଣ୍ଟରେ ଫ୍ରାନ୍ସ ବିପକ୍ଷ ସେମିଫାଇନାଲରେ ଗୋଟିଏ ଗୋଲ ସ୍କୋର କରିଥିଲେ ମଧ୍ୟ ସର୍ବାଧିକ ୪ଟି ଆସିଷ୍ଟ କରିଛନ୍ତି। କୌଣସି ମେଜର ଟୁର୍ଣ୍ଣାମେଣ୍ଟ ସେମିରେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଗୋଲ ଦେଇ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସେ ସ୍ପେନ ପାଇଁ ଏପର୍ଯ୍ୟନ୍ତ ୧୪ଟି ମ୍ୟାଚ୍ ଖେଳି ୩ଟି ଗୋଲ ସ୍କୋର କରିଛନ୍ତି। ସେ ସର୍ବକନିଷ୍ଠ ଖେଳାଳି ଭାବେ ଫିଫା ବିଶ୍ୱକପ୍, ୟୁରୋକପ୍ କିମ୍ବା କୋପା ଆମେରିକା ଖେଳିଛନ୍ତି।

### ଅଂଶଗ୍ରହଣ କରିଥିଲେ ୨୪ ଦଳ

ପ୍ରତ୍ୟେକ ୪ ବର୍ଷରେ ଥରେ ଆୟୋଜନ ହେଉଥିବା ୟୁରୋକପ୍‌ରେ ଏଥର ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ୪ଟି ଲେଖାଏ ଦଳକୁ ନେଇ ୬ଟି ଗ୍ରୁପ୍ ଗଠନ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ରାଉଣ୍ଡ- ଅଫ୍ ୧୬କୁ ଉଠିଥିଲେ। ୧୯୬୦ରେ ପ୍ରଥମଥର ପାଇଁ ୟୁରୋକପ୍ ଖେଳାଯାଇଥିଲା।

# ଜର୍ମାନୀ ଫୁଟବଲର ମୁଲେରଙ୍କ ଅବସର



**ବର୍ଲିନ,୧୫।୭ (ଏଜେନ୍ସି):** ୟୁରୋକପ୍ ଶେଷ ହେବା ପରେ ଆୟୋଜକ ଜର୍ମାନୀର ଅଭିଜ୍ଞ ଫରୱାର୍ଡ ଥୋମାସ ମୁଲେର ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ୩୪ ବର୍ଷୀୟ ମୁଲେର ୨୦୧୦ରେ ପଦାର୍ପଣ କରିବା ପରେ ଜର୍ମାନର ଗୁରୁତ୍ୱପୂର୍ଣ୍ଣ ଖେଳାଳି ବିବେଚିତ ହୋଇ ଆସୁଥିଲେ। ଦୀର୍ଘ ୧୪ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ସେ ଜର୍ମାନ ପାଇଁ ୧୩୧ଟି ମ୍ୟାଚ୍ ଖେଳି ୪୫ଟି ଗୋଲ ସ୍କୋର କରିଥିଲେ। ୨୦୧୪ ଫିଫା ବିଶ୍ୱକପ୍‌ରେ ସ୍ପେନ୍ ଟାଇଟଲ ଜିତିଥିଲା ଓ ଦଳର ଏହି ସଫଳତାରେ ସେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ସଦ୍ୟ ସମାପ୍ତ ୟୁରୋକପ୍‌ରେ ଜର୍ମାନୀ କ୍ୱାର୍ଟର ଫାଇନାଲରେ ୧-୨ ଗୋଲରେ ଚାମ୍ପିଅନ ସ୍ପେନ୍‌ଠାରୁ ପରାସ୍ତ ହୋଇଥିଲା ଓ ଏହା ଥିଲା ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍। କ୍ଲବ ଫୁଟବଲରେ ସେ ବେୟର୍ଣ୍ଣ ମ୍ୟୁନିକ ତରଫରୁ ପ୍ରତିନିଧିତ୍ୱ କରି ଆଶାତୀତ ସଫଳତା ଅର୍ଜନ କରିଥିଲେ। ୬ ଫୁଟ ୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ମୁଲେର ୧୯୮୯ ସେପ୍ଟେମ୍ବର ୧୩ରେ ଜର୍ମାନୀର ୱେଇଲହେଇମ୍‌ରେ ଜନ୍ମଗ୍ରହଣ କରିଥିଲେ। ଜୁନିୟର ଫୁଟବଲରେ ସେ ଜର୍ମାନୀ ତରଫରୁ ୧୬, ୧୯, ୨୦ ଓ ୨୧ ବର୍ଷରୁ କମ୍ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ।

# ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଆନ୍ତଃଜିଲ୍ଲା ବିଦ୍ୟାଳୟ ଜିମ୍ନାଷ୍ଟିକ୍

**ଭୁବନେଶ୍ୱର,୧୫।୭ (ସମିସ):** ଅଗଷ୍ଟ ୧୫ରେ ସ୍ଥାନୀୟ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ତୃତୀୟ ଆନ୍ତଃଜିଲ୍ଲା ଆମନ୍ତ୍ରଣୀୟ ବିଦ୍ୟାଳୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ଆୟୋଜନ ହେବ। ଏଥିରେ ୪ଟି ବର୍ଗର ପିଲା ଅଂଶଗ୍ରହଣ କରିବେ। ଉଭୟ ଛାତ୍ର ଓ ଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ଓ ଦକ୍ଷତା ପ୍ରମାଣିତ କରିବାର ସୁଯୋଗ ପାଇବେ। ରାଜ୍ୟର ସବୁ ଜିଲ୍ଲାର ବିଦ୍ୟାଳୟରୁ ପିଲାମାନେ ଅଂଶଗ୍ରହଣ କରିବାକୁ ଏକାଡେମୀ ଅଧ୍ୟକ୍ଷା ମୀରରାଣୀ ଦାସ ଆହ୍ୱାନ ଦେଇଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ଏହି ଏକାଡେମୀରେ ଏକାଧିକ ରାଜ୍ୟ ଓ ଜାତୀୟସ୍ତରୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଛି। ଅଧିକ ବିବରଣୀ ପାଇଁ ୯୪୩୮ ୫୦୪୯୧୫ କିମ୍ବା ୯୪୩୭ ୯୩୪୦୨୪ ନଂରେ ଯୋଗାଯୋଗ କରିବାକୁ କୁହାଯାଇଛି।

# ସହଜ ଡ୍ର'ରେ ସାତ୍ୱିକ-ଚିରାଗ



ପ୍ୟାରିସ ଅଲିମ୍ପିକ୍ସ
ଆଉ ୯ ଦିନ

**ନୂଆଦିଲ୍ଲୀ,୧୫।୭ (ଏଜେନ୍ସି):** ଆଉ ମାତ୍ର ୯ ଦିନପରେ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଆୟୋଜନ ହେବ ଅଲିମ୍ପିକ୍‌ର ୩୩ତମ ସଂସ୍କରଣ। ଭାରତୀୟ ପୁରୁଷ ବ୍ୟାଡମିଣ୍ଟନ ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ଆୟୋଜନ ହେବାକୁ ଥିବା ପୁରୁଷ ଯୁଗଳ ପ୍ରତିଯୋଗିତା ପାଇଁ ସହଜ ଡ୍ର'ରେ ସାମିଲ ହୋଇଛନ୍ତି। ୨୩ ବର୍ଷୀୟ ସାତ୍ୱିକ ଓ ୨୭ ବର୍ଷୀୟ ଚିରାଗଙ୍କୁ ବ୍ୟାଡମିଣ୍ଟନ ଇଭେଣ୍ଟରେ ତୃତୀୟ ସିଡ୍ ମାନ୍ୟତା ମିଳିଛି। ୨୦୨୨ରେ ଥୋମାସ କପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଏହି ଯୋଡି ଏଥର ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଏପରିକି ଏହି ଯୋଡି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବେ ବୋଲି ଆକଳନ କରାଯାଉଛି। ଏହି ଯୋଡି ଗ୍ରୁପ୍ ସି'ରେ ସାମିଲ ହୋଇଛନ୍ତି। ସାତ୍ୱିକ-ଚିରାଗଙ୍କୁ ଏହି ଗ୍ରୁପ୍‌ରେ ବିଶ୍ୱ ମାନ୍ୟତାର ୬ ନଂ ଯୋଡି ଇଣ୍ଡୋନେସିଆର ଫଜର ଆଲଫିଆନ ଓ ମୁହାମ୍ମଦ ରିଆନ ଆର୍ଡିଆଣ୍ଟୋ ଚ୍ୟାଲେଞ୍ଜ ଦେବେ। ସେହିପରି ବିଶ୍ୱ ମାନ୍ୟତାର ୩୧ତମ ସ୍ଥାନରେ ରହିଥିବା ଜର୍ମାନୀ ଯୋଡି ମାର୍କ ଲାମ୍ସଫୁସ୍ ଓ ମାର୍ଭିନ ସେଇଡେଲ ଏବଂ ୪୩ ନଂ ଫ୍ରାନ୍ସ ଯୋଡି ଲୁକାସ କୋର୍ଭି ଓ ରୋନାନ ଲାବରଙ୍କୁ ଭେଟିବେ।

ସାତ୍ୱିକ- ଚିରାଗ ୨୦୨୩ ଏସିଆନ ଚାମ୍ପିଅନସିପ୍, ଫ୍ରେଞ୍ଚ ଓପନ୍ ୭୫୦, ଥାଇଲାଣ୍ଡ ଓପନ୍ ୫୦୦ ଟାଇଟଲ ହାସଲ କରିବା ସହ ୨୦୨୪ରେ ଦୁଇଟି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରି ଜବରଦସ୍ତ ଫର୍ମରେ ରହିଛନ୍ତି। ଉଲ୍ଲେଖଥାଉ କି, ପୁରୁଷ ଯୁଗଳ ଡ୍ର ଘୋଷଣାରେ ବିଳମ୍ବ ହୋଇଥିଲା। କୋର୍ଟ ଅଫ୍ ଅର୍ବିଟ୍ରେସନ ଅଫ୍ ସ୍ପୋର୍ଟ୍ସ (କାସ)ରେ ଏକ ମାମଲାର ଶୁଣାଣି ପାଇଁ ଏଭଳି ବିଳମ୍ବ ହୋଇଥିଲା। ଇଭେଣ୍ଟରୁ ବାଦ ପଡିବା କାରଣରୁ ଫ୍ରେଞ୍ଚ ଯୋଡି ଲୁକାସ କୋର୍ଭି ଓ ରୋନାନ ଲାବରି କାସର ଦ୍ୱାରସ୍ଥ ହୋଇଥିଲେ। କାସ ଇତିମଧ୍ୟରେ ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେସନ (ବିଏଆଇ)କୁ ଏହି ଫ୍ରେଞ୍ଚ ଯୋଡିଙ୍କୁ ଇଭେଣ୍ଟରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ବିପକ୍ଷ ଟି-୨୦

# ଅଷ୍ଟ୍ରେଲିଆ ଦଳରେ ମ୍ୟାକଗର୍କ, କୋନ୍ନୋଲୀ

**ସିଡ୍‌ନୀ, ୧୫।୭ (ଏଜେନ୍ସି):** ଆଗାମୀ ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ବିପକ୍ଷ ସୀମିତ ଓଭର ସିରିଜ ଲାଗି ସୋମବାର ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଅବସର ନେଇଥିବା ଅଭିଜ୍ଞ ବାମହାତୀ ଓପନର୍ ଡେଭିଡ୍ ୱାର୍ଣ୍ଣରଙ୍କ ସ୍ଥାନରେ ଯୁବ ଡାହାଣହାତୀ ବ୍ୟାଟର୍ ଜ୍ୟାକ୍-ଫ୍ରେଜର ମ୍ୟାକ୍‌ଗର୍କଙ୍କୁ ପାଳି ଆରମ୍ଭ ଲାଗି ସୁଯୋଗ ମିଳିଛି।

ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳୁଥିବା ୨୨ ବର୍ଷୀୟ ଫ୍ରେଜର ଗତ ଟି-୨୦ ବିଶ୍ୱକପ୍‌ରେ ରିଜର୍ଭ ଖେଳାଳି ଭାବେ ଦଳ ସହ ଯାତ୍ରା କରିଥିଲେ। ତାଙ୍କୁ କୌଣସି ମ୍ୟାଚରେ କିନ୍ତୁ ଖେଳିବାର ସୁଯୋଗ ମିଳି ନ ଥିଲା। ସେହିଭଳି ଏହି ଦୁଇ ସୀମିତ ଓଭର ସିରିଜ ଲାଗି ଅନ୍ୟତମ ନୂଆ ଚେହେରା ଭାବେ ୨୦ ବର୍ଷୀୟ ଅଲ୍‌ରାଉଣ୍ଡର କୁପର୍ କୋନ୍ନୋଲୀଙ୍କୁ ଅଷ୍ଟ୍ରେଲିଆ ଦଳରେ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ପ୍ରାରମ୍ଭରେ ଅଷ୍ଟ୍ରେଲିଆ ବ୍ରିଟେନ ଗସ୍ତରେ ଯାଇ ପ୍ରଥମେ ସ୍କଟ୍‌ଲାଣ୍ଡ ବିପକ୍ଷରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ ସେପ୍ଟେମ୍ବର ୪, ୬ ଓ ୭ରେ ଖେଳାଯିବ। ଏହାପରେ ଇଂଲଣ୍ଡ ବିପକ୍ଷରେ ୩ଟି ଟି-୨୦ ଓ ୫ଟି ଏକଦିବସୀୟ ମ୍ୟାଚ୍ ଅଷ୍ଟ୍ରେଲିଆ ଖେଳିବାର କାର୍ଯ୍ୟସୂଚୀ ରହିଛି। ଟି-୨୦ ସିରିଜର ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୧୧, ୧୩ ଓ ୧୫ରେ ଅନୁଷ୍ଠିତ ହେବ। ଏହାପରେ ସେପ୍ଟେମ୍ବର ୧୯ରୁ ୨୯ ମଧ୍ୟରେ ଏକଦିବସୀୟ ମ୍ୟାଚ୍‌ଗୁଡ଼ିକ ଖେଳାଯିବ।

**ସ୍କଟ୍‌ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ଲାଗି ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶର୍ (ଅଧିନାୟକ), ଜାଭିଅର ବାର୍ଟଲେଟ୍, କୁପର୍ କୋନ୍ନୋଲୀ, ଟିମ୍ ଡେଭିଡ୍, ନାଥନ ଏଲିସ୍, ଜ୍ୟାକ୍ ଫ୍ରେଜର-ମ୍ୟାକଗର୍କ, କାମେରନ ଗ୍ରୀନ, ଆରୋନ ହାର୍ଡି, ଜୋଶ୍ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ଜୋଶ୍ ଇଂଲିଶ (ୱିକେଟ୍‌ରକ୍ଷକ), ସ୍ପେନସର ଜନସନ, ମାର୍କସ ଷ୍ଟୋଇନିସ ଓ ଆଦାମ ଜାମ୍ପା।

**ଇଂଲଣ୍ଡ ବିପକ୍ଷ ଏକଦିବସୀୟ ଲାଗି ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ସିନ୍ ଆବଟ୍, ଆଲେକ୍ସ କାରୀ, ଜୋଶ୍ ଇଂଲିଶ (ଉଭୟ ୱିକେଟ୍‌ରକ୍ଷକ), କାମେରନ ଗ୍ରୀନ, ନାଥନ ଏଲିସ୍, ଜ୍ୟାକ୍ ଫ୍ରେଜର-ମ୍ୟାକ୍‌ଗର୍କ, ଆରୋନ ହାର୍ଡି, ଜୋଶ୍ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ମାର୍ନସ ଲାବୁସ୍ଚେନ, ଗ୍ଲେନ ମ୍ୟାକ୍ସୱେଲ, ମାଥ୍ୟୁ ଶର୍ଟ, ଷ୍ଟିଭେନ ସ୍ମିଥ୍, ମିଚେଲ ଷ୍ଟାର୍କ ଓ ଆଦାମ ଜାମ୍ପା।

# ୱାର୍ଣ୍ଣରର ନିରାଶ; ଚାମ୍ପିଅନ୍ସ ଟ୍ରଫି ଲାଗି ମିଳିବନି ସୁଯୋଗ

**ସିଡ୍‌ନୀ, ୧୫।୭ (ଏଜେନ୍ସି)**



'ଅଭିଜ୍ଞ ଓପନର୍ ଡେଭିଡ୍ ୱାର୍ଣ୍ଣର କ୍ରିକେଟ୍‌ରୁ ସ୍ଥାୟୀ ଭାବେ ଅବସର ନେଇସାରିଛନ୍ତି। ଯେଉଁଥି ପାଇଁ ଆସନ୍ତାବର୍ଷ ପାକିସ୍ତାନରେ ଖେଳାଯିବାକୁ ଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫି ଲାଗି ତାଙ୍କ ନାମ ବିଚାରକୁ ନିଆଯିବ ନାହିଁ ବୋଲି ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲୀ ସୋମବାର ସ୍ପଷ୍ଟ କରିଛନ୍ତି। ଫଳରେ ୩୭ ବର୍ଷୀୟ ୱାର୍ଣ୍ଣର ୨୦୨୫ ଆଇସିସି ଚାମ୍ପିଅନ୍ସ ଟ୍ରଫି ଖେଳିବା ନେଇ ଯେଉଁ ଆଶା ରଖିଥିଲେ ଏବେ ତାହା ମଉଳିଯାଇଛି।

ୱାର୍ଣ୍ଣର ଗତ ବର୍ଷ ସ୍ପଷ୍ଟ କରିଥିଲେ ଯେ, ୨୦୨୪ ଟି-୨୦ ବିଶ୍ୱକପ୍ ତାଙ୍କର ଶେଷ ଟୁର୍ଣ୍ଣାମେଣ୍ଟ ହେବ। ଏଥିପୂର୍ବରୁ ସେ ୨୦୨୪ ଜାନୁଆରୀରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ। ସେହିଭଳି ଗତବର୍ଷ ଭାରତ ବିପକ୍ଷରେ ଖେଳିଥିବା ଏକଦିବସୀୟ ବିଶ୍ୱକପ୍ ଫାଇନାଲ ୫୦ ଓଭର ଫର୍ମାଟ୍‌ରେ ତାଙ୍କର ଶେଷ ମ୍ୟାଚ୍ ଥିଲା। ଏହାସତ୍ତ୍ୱେ ସେ ଅନେକବାର ସୂଚନା ଦେଇଥିଲେ ଯେ, ଯଦି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ଚାହିଁବ ତେବେ ସେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ପ୍ରସ୍ତୁତ ରହିଛନ୍ତି। କିନ୍ତୁ ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲୀ ସୋମବାର ଏଥିରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। 'ଅଷ୍ଟ୍ରେଲିଆ କ୍ରିକେଟ୍ ପାଇଁ ୱାର୍ଣ୍ଣରଙ୍କ ଅବଦାନ ଅତୁଳନୀୟ। ଆମେ ବିଶ୍ୱାସ କରୁଛୁ ସେ ୩ଟି ଯାକ ଫର୍ମାଟ୍‌ରୁ ଅବସର ନେଇସାରିଛନ୍ତି। ଅଷ୍ଟ୍ରେଲିଆ ପାଇଁ ସେ ଯାହା କରିଛନ୍ତି ତାହାର ପ୍ରଶଂସାଯୋଗ୍ୟ। ଏବେ କିଛି ନୂଆ ଚେହେରା ସାମ୍ନାକୁ ଆସିବେ। ପରିବର୍ତ୍ତନର ଏହି ସମସ୍ତ ୩ଟି ଯାକ ଫର୍ମାଟ୍‌ରେ ରୋମାଞ୍ଚକ ହେବ' ବୋଲି ବେଲୀ ସୋମବାର ସ୍କଟ୍‌ଲାଣ୍ଡ ଓ ଇଂଲଣ୍ଡ ସିରିଜ ଲାଗି ଦଳ ଘୋଷଣା ଅବସରରେ ଏହା କହିଛନ୍ତି।

## ଜାତୀୟ କନିଷ୍ଠ ପୂର୍ବାଞ୍ଚଳ ହକି

# ଓଡ଼ିଶା ପୁରୁଷ ଓ ମହିଳା ଦଳର କ୍ରମାଗତ ବିଜୟ



ବିଜୟୀ ଓଡ଼ିଶା ମହିଳା ଦଳ



ବିଜୟୀ ଓଡ଼ିଶା ପୁରୁଷ ଦଳର ଆଦ୍ରୋହିତ ଏକ୍କା

**ଭୁବନେଶ୍ୱର, ୧୫।୭ (ସମିସ):** ହକି ଇଣ୍ଡିଆ ଆନୁକୂଲ୍ୟରେ କୋଲକାତାରେ ଚାଲିଥିବା ପୂର୍ବାଞ୍ଚଳ କନିଷ୍ଠ (୧୯ ବର୍ଷରୁ କମ୍) ହକିରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛନ୍ତି। ସୋମବାର ଓଡ଼ିଶା କନିଷ୍ଠ ପୁରୁଷ ଦଳ ୭-୨ ଗୋଲରେ ଘରୋଇ ବେଙ୍ଗଲକୁ ଏବଂ ମହିଳା ଦଳ ୫-୦ ଗୋଲରେ ମଣିପୁରକୁ ପରାସ୍ତ କରିଛି। ଏଥିସହ ୬ ପଏଣ୍ଟ ଲେଖାଏ ପାଇ ଉଭୟ ପୁରୁଷ ଓ ମହିଳା ଦଳ ଟେବଲ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଏଥିପୂର୍ବରୁ ଉଦ୍‌ଘାଟନୀ ଦିବସରେ ରବିବାର ଓଡ଼ିଶା ପୁରୁଷ ଦଳ ୧୩-୦ ଗୋଲରେ ଆସାମକୁ ଏବଂ ଓଡ଼ିଶା ମହିଳା ଦଳ ୧୭-୦ ଗୋଲରେ ସମାନ ଆସାମ ଟିମ୍‌କୁ ହରାଇ ଅଭିଯାନ ଆରମ୍ଭ କରିଥିଲା।

ସଲ୍ଟଲେକ୍‌ସ୍ଥିତ ନେତାଜୀ ସୁବାଷ ଇଷ୍ଟର୍ନ ସେଣ୍ଟରରେ ସୋମବାର ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ଓଡ଼ିଶାର ମୁକାବିଲା ମଣିପୁର ସହ ହୋଇଥିଲା। ଏଥିରେ ଅମିଶା ଏକ୍କାଙ୍କ ଡବଲ୍ ଗୋଲ୍ ବଳରେ ଓଡ଼ିଶା ୫-୦ ଗୋଲରେ ସହଜ ବିଜୟ ଲାଭ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କା କୁଜୁର, ଅନୁଷ୍କା ଭୱରେ ଓ ଦ୍ରୁପତୀ ନାୟକ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମହିଳା ବିଭାଗରେ ଅନ୍ୟ ମ୍ୟାଚରେ ଆସାମ ୪-୦ ଗୋଲରେ ବିହାରକୁ, ଝାଡ଼ଖଣ୍ଡ ୪-୧ ଗୋଲରେ ବେଙ୍ଗଲକୁ ମାତ୍ ଦେଇଥିଲା। ଅପରପକ୍ଷରେ ପୁରୁଷ ବିଭାଗରେ ଦୀପକ ପ୍ରଧାନଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ଓଡ଼ିଶା ୭-୨ ଗୋଲରେ ଆୟୋଜକ ବେଙ୍ଗଲ ଦଳକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ କରଣ ଲାକ୍ରା ୨ଟି ଏବଂ ଅଭିଷେକ ଟପ୍ପୋ ଓ ଦେଓନାଥ ନାନୱର ଗୋଟିଏ ଲେଖାଏ ସ୍କୋର କରିଥିଲେ।

# ଗ୍ରୀସ୍‌ରେ ଲିଗ୍ ଫୁଟ୍‌ବଲ ଖେଳିବେ ମନୀଷା

**ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି):** ଭାରତୀୟ ମହିଳା ଫୁଟ୍‌ବଲ ଦଳର ତାରକା ଖେଳାଳି ମନୀଷା କଲ୍ୟାଣ ଗ୍ରୀସ୍‌ର ଟପ୍ ଡିଭିଜନ ଫୁଟ୍‌ବଲ କ୍ଲବ ପାଓକ ଥିସାଲୋକିନି ଏଫ୍‌ସି ସହ ଖେଳିବାକୁ ଚୁକ୍ତି କରିଛନ୍ତି। ଗ୍ରୀକ୍‌ର ଘରୋଇ ଫୁଟ୍‌ବଲ ଲିଗ୍‌ରେ ପାଓକ ଥିସାଲୋକିନ ଏଫ୍‌ସି ସର୍ବାଧିକ ୧୯ ଥର ଚାମ୍ପିଅନ ରହିଛି। ୨୨ ବର୍ଷୀୟା ମନୀଷା ପ୍ରଥମ ଭାରତୀୟ ଫୁଟ୍‌ବଲ ଖେଳାଳି ଭାବେ ୟୁଫା ଚାମ୍ପିଅନ୍ସ ଲିଗ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ଏହି ଲିଗ୍‌ରେ ସେ ସାଇପ୍ରସର ଆପୋଲୋନ ଲେଡିଜ୍ ଏଫ୍‌ସି ପକ୍ଷରୁ ଖେଳିଥିଲେ। ଭାରତୀୟ ଘରୋଇ ଫୁଟ୍‌ବଲରେ ମନୀଷା ସେଥୁ ଏଫ୍‌ସି ଓ ଗୋକୁଲମ କେରଳ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଭାରତୀୟ ବରିଷ୍ଠ ଦଳ ପକ୍ଷରୁ ସେ ୩୬ ମ୍ୟାଚ୍ ଖେଳି ୯ଟି ଗୋଲ୍ ଦେଇଛନ୍ତି।

କୋପା ଆମେରିକା ଫୁଟବଲ: ଫାଇନାଲରେ କଲମ୍ବିଆ ପରାସ୍ତ

# ଆର୍ଜେଣ୍ଟିନାକୁ ରେକର୍ଡ ୧୬ତମ ଟାଇଟଲ

**ମିଆମି ଗାର୍ଡେନ୍ସ,୧୫।୭(ଏଜେନ୍ସି):** ସୁପରଷ୍ଟାର ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ହାସଲ କରିଛି। ଫ୍ଲୋରିଡାର ମିଆମି ଗାର୍ଡେନ୍ସ ସ୍ଥିତ ହାର୍ଡ ରକ୍ ଷ୍ଟାଡିୟମରେ ଭାରତୀୟ ସମୟ ସୋମବାର ସକାଳେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଆର୍ଜେଣ୍ଟିନା ୧-୦ ଗୋଲରେ କଲିମ୍ବିଆକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଏଥିସହ ଆର୍ଜେଣ୍ଟିନା ରେକର୍ଡ ୧୬ଥର ପାଇଁ ଟାଇଟଲ ହାସଲ କରିଛି ଓ ଟୁର୍ଣ୍ଣାମେଣ୍ଟର ସଫଳତମ ବିବେଚିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ନିର୍ଦ୍ଧାରିତ ୯୦ ମିନିଟ୍ ପର୍ଯ୍ୟନ୍ତ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା। ଫଳରେ ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ ସ୍କୋର କରିପାରି ନଥିଲେ। ଶେଷରେ ୧୧୨ତମ ମିନିଟ୍‌ରେ ଲୋଟାରେ ମାର୍ଟିନେଜ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ଶେଷ ପର୍ଯ୍ୟନ୍ତ ଏହି ଅଗ୍ରଣୀ ଜାରି ରହିଥିଲା। ଫଳରେ ଆର୍ଜେଣ୍ଟିନା ବିଜୟୀ ହେବା ସହ କ୍ରମାଗତ ଦ୍ୱିତୀୟଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା।




### ଦୁଇଥର ଆହତ ହୋଇ କାନ୍ଦିଲେ ମେସି

ପୂର୍ବରୁ ଆର୍ଜେଣ୍ଟିନା ଗତ ୨୦୨୧ ସଂସ୍କରଣରେ ବ୍ରାଜିଲକୁ ଫାଇନାଲରେ ହରାଇ ଟାଇଟଲ ଜିତିଥିଲା। ସେହିପରି କଲମ୍ବିଆ ୨୩ ବର୍ଷ ତଳେ ୨୦୦୧ରେ ପ୍ରଥମ ଓ ଶେଷଥର ପାଇଁ ଘରୋଇ ପରିବେଶରେ କୋପା ଆମେରିକା ଟାଇଟଲ ଜିତିଥିଲା। ମ୍ୟାଚ୍‌ର ୩୬ତମ ମିନିଟ୍‌ରେ ମେସି ଆହତ ହୋଇଥିଲେ ଓ ଦୁଇ ମିନିଟ୍ ପାଇଁ ମ୍ୟାଚ୍ ସ୍ଥଗିତ ଥିଲା। ଦ୍ୱିତୀୟାର୍ଦ୍ଧର ୬୪ତମ ମିନିଟ୍‌ରେ ମେସି ପୁଣିଥରେ ଆହତ ହୋଇଥିଲେ। ଫଳରେ ତାଙ୍କୁ ପଡ଼ିଆ ବାହାରକୁ ଯିବାକୁ ପଡିଥିଲା। ତାଙ୍କ ସ୍ଥାନରେ ନିକୋଲାସ ଗୋଞ୍ଜାଲେଜଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ପଡିଆ ବାହାରକୁ ଯିବା ବେଳେ ମେସି ନିରାଶ ଥିଲେ ଓ କାନ୍ଦୁଥିବାର ଲକ୍ଷ୍ୟ କରାଯାଇଥିଲା। କିନ୍ତୁ ଟାଇଟଲ ଜିତିବା ପରେ ତାଙ୍କର ଏହି ନୈରାଶ୍ୟ ଖୁସିରେ ପରିଣତ ହୋଇଥିଲା।

### ଭିଡ଼ ପାଇଁ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ଫାଇନାଲ

ଫାଇନାଲ ମ୍ୟାଚ୍ ଦେଖିବାକୁ ମିଆମି ଗାର୍ଡେନ୍ସରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଷ୍ଟାଡିୟମରେ ବିନା ଟିକଟଧାରୀ ପ୍ରଶଂସକ ମଧ୍ୟ ପହଞ୍ଚିଥିଲେ। ଫଳରେ ଷ୍ଟାଡିୟମରେ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ବିନା ଟିକଟଧାରୀ ପ୍ରଶଂସକଙ୍କୁ ପୁଲିସ ଗିରଫ କରିଥିଲା। ପରିସ୍ଥିତି ଅଣାୟତ ହେବା କାରଣରୁ ମ୍ୟାଚ୍ ଗୋଟିଏ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ସେମିରେ ଆର୍ଜେଣ୍ଟିନା ୨-୦ ଗୋଲରେ ପଦାର୍ପଣ କରିଥିବା କାନାଡାକୁ ଓ କଲମ୍ବିଆ ୧-୦ ଗୋଲରେ ଉରୁଗୁଏକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

### ସଫଳତମ ଦଳ ଆର୍ଜେଣ୍ଟିନା

ଏହି ବିଜୟ ସହ କୋପା ଆମେରିକାର ଆର୍ଜେଣ୍ଟିନା ସଫଳତମ ଦଳ ଭାବେ ଉଭା ହୋଇଛି। ମୋଟ୍ ୧୬ଥର ଟାଇଟଲ ହାସଲ କରି ଆର୍ଜେଣ୍ଟିନା ୧୫ଥର ଚାମ୍ପିଅନ ହୋଇଥିବା ଉରୁଗୁଏକୁ ପଛରେ ପକାଇଛି। ସେହିପରି ଆର୍ଜେଣ୍ଟିନା ୧୪ଥର ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିବା ବେଳେ ୫ଥର ତୃତୀୟ ଓ ୨ଥର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଅନ୍ୟପଟେ ଉରୁଗୁଏ ୧୫ଥର ଚାମ୍ପିଅନ ହୋଇଥିବା ବେଳେ ୬ଥର ରନର୍ସଅପ୍ ହୋଇଛି ଓ ୯ଥର ତୃତୀୟ ଓ ୫ଥର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଅନ୍ୟପଟେ କଲମ୍ବିଆ ୨୦୦୧ରେ ଟାଇଟଲ ଜିତିଥିବା ବେଳେ ୨ଥର ରନର୍ସଅପ୍ ହୋଇଛି ଓ ୫ଥର ତୃତୀୟ ସ୍ଥାନ ଓ ୨ଥର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

## ୪୫ ଟ୍ରଫି ଜିତି ସଫଳତମ ଫୁଟବଲର | ମେସି

ମେସି ଏଥିସହ କ୍ୟାରିୟରରେ ମୋଟ୍ ଉପରେ ଉଭୟ କ୍ଲବ ଓ ଆର୍ଜେଣ୍ଟିନା ପାଇଁ ସର୍ବାଧିକ ୪୫ ଟ୍ରଫି ଜିତି ରେକର୍ଡ କରି ବିଶ୍ୱର ସଫଳତମ ଫୁଟବଲର ବିବେଚିତ ହୋଇଛନ୍ତି। ସେ ଏହି କ୍ରମରେ ବ୍ରାଜିଲର ଡାନି ଆଲଭାସଙ୍କୁ ପଛରେ ପକାଇଛନ୍ତି। ନିଜ ଦେଶ ଆର୍ଜେଣ୍ଟିନା ପାଇଁ ମେସି ୩ ବର୍ଷ ମଧ୍ୟରେ ୪ଟି ଟାଇଟଲ ହାସଲ କରିଛନ୍ତି। ମେସି ୨୦୨୨ ଫିଫା ବିଶ୍ୱକପ୍, ଦୁଇଥର କୋପା ଆମେରିକା ଟ୍ରଫି ଓ ୨୦୨୧ରୁ ୨୦୨୪ ମଧ୍ୟରେ ଥରେ ଫିନାଲିଜିମା ଟ୍ରଫି ଜିତିଛନ୍ତି। ସେହିପରି ସେ କ୍ଲବ କ୍ୟାରିୟରରେ ୩୯ଟି ଟ୍ରଫି ଜିତିଛନ୍ତି। ସେ ଅଧିକାଂଶ ବାର୍ସିଲୋନ ପାଇଁ ଟ୍ରଫି ଜିତିଛନ୍ତି। ସେ ୧୨ଟି ଲିଗ୍ ଟାଇଟଲ (ବାର୍ସିଲୋନ ପାଇଁ ୧୦, ପ୍ୟାରିସ ସେଣ୍ଟ ଜର୍ମେନ ପାଇଁ ୨), ୪ଟି ୟୁଇଏଫ୍ଏ ଚାମ୍ପିଅନ୍ସ ଲିଗ୍ ଟ୍ରଫି (ସବୁ ବାର୍ସିଲୋନ ତରଫରୁ) ଓ ୧୭ ଡୋମୋଷ୍ଟିକ କପ୍ (୧୫ ବାର୍ସିଲୋନା ପାଇଁ, ଗୋଟିଏ ପିଏସ୍‌ଜି ଓ ଇଣ୍ଟର ମିଆମି ପାଇଁ) ହାସଲ କରିଛନ୍ତି।



### ମାର୍ଟିନେଜ ସର୍ବାଧିକ ଗୋଲ ସ୍କୋରର୍

ଫାଇନାଲର ଏକମାତ୍ର ଗୋଲ ସ୍କୋରର ଲୋଟାରେ ମାର୍ଟିନେଜ ୫ଟି ଗୋଲ ସ୍କୋର କରି ସର୍ବାଧିକ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। କଲମ୍ବିଆ ମିଡ୍‌ଫିଲ୍ଡର ଜେମ୍ସ ରୋଡ୍ରିଗ୍ୱେଜ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି, ଆର୍ଜେଣ୍ଟିନାର ଏମିଲିଆନୋ ମାର୍ଟିନେଜ ଶ୍ରେଷ୍ଠ ଗୋଲରକ୍ଷକ ବିବେଚିତ ହୋଇଥିବା ବେଳେ ଉପବିଜେତା କଲମ୍ବିଆଙ୍କୁ ଫେୟାର ପ୍ଲେ ପୁରସ୍କାର ମିଳିଛି।

# ବରୋଦାରେ ‘ହାର୍ଦ୍ଦିକ’ ସ୍ୱାଗତ

**ବରୋଦା, ୧୫।୭ (ଏଜେନ୍ସି):** ସଦ୍ୟ ଟି-୨୦ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଉପ-ଅଧିନାୟକ ରହିଥିବା ହାର୍ଦ୍ଦିକ ପାଣ୍ଡ୍ୟା ସୋମବାର ଘରୋଇ ସହର ବରୋଦାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ହାର୍ଦ୍ଦିକଙ୍କୁ ବରୋଦାରେ ଜୋର୍‌ଦାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଯେଉଁଭଳି ଭାବେ ଭାରତୀୟ ଦଳକୁ ସମ୍ବର୍ଦ୍ଧନା ସମୟରେ ମୁମ୍ବଇର ମେରାଇନ ଡ୍ରାଇଭ ଅଞ୍ଚଳରେ ଲକ୍ଷାଧିକ ପ୍ରଶଂସକ ଏକାଠି ହୋଇଥିଲେ, ଠିକ୍ ସେହିଭଳି ବରୋଦାର ପ୍ରମୁଖ ରାସ୍ତାରେ ଲୋକଙ୍କ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ହାର୍ଦ୍ଦିକ ଏକ ଖୋଲା ବସ୍‌ରେ ଠିଆ ହୋଇ ଜାତୀୟ ପତାକା ଧରି ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ସମୟରେ ହାର୍ଦ୍ଦିକଙ୍କ ଭାଇ କ୍ରୁନାଲ ପାଣ୍ଡ୍ୟା ମଧ୍ୟ ବସ୍ ଉପରେ ଉପସ୍ଥିତ ରହିଥିଲେ।

ପ୍ରକାଶଯୋଗ୍ୟ, ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତୀୟ ଦଳ ଜୁଲାଇ ୪ରେ ଦିଲ୍ଲୀରେ ପହଞ୍ଚିଥିଲା। ସେହିଦିନ ବିସିସିଆଇ ପକ୍ଷରୁ ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମରେ ଭାରତୀୟ ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ସମସ୍ତ ଖେଳାଳି ନିଜ ନିଜ ଘରକୁ ଯାଇଥିବାବେଳେ ପାଣ୍ଡ୍ୟା କିଛି ବ୍ୟକ୍ତିଗତ କାର୍ଯ୍ୟକ୍ରମ ଲାଗି ମୁମ୍ବଇରେ ରହିଯାଇଥିଲେ। ଏହାବାଦ୍ ସେ ମୁକେଶ ଅମ୍ବାନୀଙ୍କ ପୁଅର ବିବାହରେ ମଧ୍ୟ ଯୋଗଦେଇଥିଲେ।




## କୋହଲିଙ୍କ ସମକକ୍ଷ ହେଲେ ଶୁବମାନ ଗିଲ୍

**ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି):** ଶୁବମାନ ଗିଲ୍‌ଙ୍କ ନେତୃତ୍ୱାଧୀନ ଯୁବ ଭାରତୀୟ କ୍ରିକେଟ୍ ଦଳ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜକୁ ୪-୧ରେ ଜିତିନେଇଛି। ଏଥିସହ ଗିଲ୍ ଭାରତୀୟ ଦଳର ଅଧିନାୟକ ଭାବେ ପ୍ରଥମ ସିରିଜ ବିଜୟ ସ୍ୱାଦ ଚାଖିଛନ୍ତି। ଜିମ୍ବାୱେ ଗସ୍ତରେ ଭାରତୀୟ ଦଳ ପ୍ରଥମ ମ୍ୟାଚକୁ ପରାସ୍ତ ହୋଇଥିଲେ ମଧ୍ୟ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୪ଟି ମ୍ୟାଚରେ ବିଜୟୀ ହୋଇ ସିରିଜ ହାତେଇନେଇଥିଲା। ବିଦେଶରେ ଏକ ଦ୍ୱିପାକ୍ଷିକ ସିରିଜରେ କ୍ରମାଗତ ୪ଟି ଟି-୨୦ ମ୍ୟାଚ୍ ଜିତିବାରେ ଗିଲ୍ ୨ୟ ଭାରତୀୟ ଅଧିନାୟକ ହୋଇଛନ୍ତି। ପୂର୍ବରୁ ଅଧିନାୟକ ଭାବେ ଏହି ସଫଳତା ବିରାଟ କୋହଲି ହାସଲ କରିଥିଲେ। ୨୦୧୯-୨୦ ସିଜନରେ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଭାରତ ସେଠାରେ କୋହଲିଙ୍କ ନେତୃତ୍ୱରେ ୫-୦ରେ ଟି-୨୦ ସିରିଜ ବିଜୟୀ ହୋଇଥିଲା। ଏହି ସିରିଜରେ କୋହଲି ପ୍ରଥମ ୪ଟି ମ୍ୟାଚରେ ଦଳର ନେତୃତ୍ୱ ନେଇଥିଲେ।

ମହଙ୍ଗା ପଡ଼ିପାରେ ଦିବ୍ୟାଙ୍ଗଙ୍କୁ ପରିହାସ

## କ୍ଷମା ମାଗିଲେ ହରଭଜନ ସିଂ

**ନୂଆଦିଲ୍ଲୀ,୧୫।୭(ଏଜେନ୍ସି):** ଦିବ୍ୟାଙ୍ଗଙ୍କୁ ପରିହାସ କରିବା ସହ ନକଲ କରି ବିବାଦକୁ ଟାଣି ହୋଇଯାଇଥିବା ପୂର୍ବତନ ଭାରତୀୟ କ୍ରିକେଟର ତଥା ସ୍ପିନର ହରଭଜନ ସିଂ ଶେଷରେ କ୍ଷମା ମାଗିଛନ୍ତି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଆନୁକୂଲ୍ୟରେ ଅନୁଷ୍ଠିତ ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା। ଭାରତୀୟ ଦଳର ହରଭଜନ, ଅଧିନାୟକ ଯୁବରାଜ ସିଂ ଓ ସୁରେଶ ରାଇନା ଏହି ବିଜୟର ଖୁସି ମନାଇବାକୁ ଯାଇ ଦିବ୍ୟାଙ୍ଗଙ୍କ ଶୈଳୀରେ ଚାଲିବାର ନକଲ କରିଥିଲେ ଓ ଏହା ପରିହାସ କଲା ଭଳି ସ୍ପଷ୍ଟ ଭାବେ ଲାଗୁଥିଲା। ଏହି ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବିଜୁଳି ବେଗରେ ଭାଇରାଲ ହୋଇଥିଲା। ପ୍ରବଳ ବିରୋଧ ହେବା ପରେ ଇଣ୍ଟରନେଟ୍‌ରୁ ଏହି ଭିଡିଓ କାଢି ଦିଆଯାଇଛି। ଏହି ଭିଡିଓକୁ ବିରୋଧ କରି ଦିଲ୍ଲୀ ପୁଲିସ ନିକଟରେ ଅଭିଯୋଗ ମଧ୍ୟ ହୋଇଥିଲା। ସ୍ଥିତିର ଗୁରୁତ୍ୱକୁ ହୃଦୟଙ୍ଗମ କରି ହରଭଜନ ଏବେ କ୍ଷମା ମାଗିଛନ୍ତି। କାହାକୁ ପରିହାସ କରିବା ଉଦ୍ଦେଶ୍ୟରେ ଏପରି କରିନାହୁଁ ବୋଲି ସେ କହିଛନ୍ତି। ଯଦି ଏହା କୌଣସି ବ୍ୟକ୍ତି କିମ୍ବା ସମାଜକୁ ଆଘାତ ପହଞ୍ଚାଇଥିବ ତା’ହେଲେ ଆମେ ଦୁଃଖିତ ବୋଲି ହରଭଜନ ଟୁଇଟ୍ କରି କ୍ଷମା ମାଗିଛନ୍ତି। କିନ୍ତୁ ଏହି ମାମଲାରେ ଯୁବରାଜ ଓ ରାଇନା ଏପର୍ଯ୍ୟନ୍ତ କ୍ଷମା ମାଗିନାହାନ୍ତି।



## ଖେଳାଳିଙ୍କ ଅପେକ୍ଷା ସପୋର୍ଟ ଷ୍ଟାଫ୍ ଅଧିକ

ପ୍ୟାରିସ୍ ଅଲିମ୍ପିକ୍ସ ଟେବଲ ଟେନିସ୍

**ନୂଆଦିଲ୍ଲୀ,୧୫।୭(ଏଜେନ୍ସି):** ଆଉ ୯ ଦିନ ପରେ ଆରମ୍ଭ ହେବ ପ୍ୟାରିସ ଅଲିମ୍ପିକ୍ସ। ଟେବଲ ଟେନିସ୍ (ଟିଟି) ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତୀୟ ଦଳ ଏବେ ଜର୍ମାନୀର ସାରଲାଣ୍ଡ ରାଜ୍ୟର ସାରବ୍ରୁକେନ ସହରରେ ପ୍ରଶିକ୍ଷଣ ନେଉଛନ୍ତି। ତେବେ ଭାରତୀୟ ଟିଟି ଦଳ ବିଷୟରେ ଏକ ମଜାଦାର କଥା ପ୍ରଶଂସକଙ୍କୁ ଜଣା ନଥିବ। ଭାରତୀୟ ଦଳରେ ଖେଳାଳିଙ୍କ ଅପେକ୍ଷା ସପୋର୍ଟ ଷ୍ଟାଫ୍‌ଙ୍କ ସଂଖ୍ୟା ଅଧିକ ରହିଛି। ଭାରତୀୟ ଦଳରେ ୩ଜଣ ଲେଖାଏ ପୁରୁଷ ଓ ମହିଳା ଖେଳାଳି ରହିଛନ୍ତି। ଅର୍ଥାତ ମୋଟ୍ ଉପରେ ୬ଜଣ ଭାରତୀୟ ଖେଳାଳି ଅଲିମ୍ପିକ୍ସରେ ଭାଗ ନେବେ। କିନ୍ତୁ ଦଳର ସପୋର୍ଟ ଷ୍ଟାଫ୍‌ଙ୍କ ସଂଖ୍ୟା ୩ ଅଧିକ ଅର୍ଥାତ ୯ ରହିଛି। ମହିଳା ଦଳରେ ମନିକା ବାତ୍ରା, ଶ୍ରୀଜା ଅକୁଲା ଓ ଅର୍ଚ୍ଚନା କାମାଥ ସାମିଲ ରହିଛନ୍ତି। ସେହିପରି ପୁରୁଷ ଦଳରେ ପତାକା ବାହକ ଶରତ କମଲ, ହରମିତ ଦେଶାଇ ଓ ମାନବ ଠାକର ସାମିଲ ରହିଛନ୍ତି। ସବୁ ଖେଳାଳି ସେମାନଙ୍କ ବ୍ୟକ୍ତିଗତ ପ୍ରଶିକ୍ଷକ ଓ ଫିଜିଓଙ୍କୁ ନେଇ ଗସ୍ତ କରିଥିବାରୁ ଏପରି ସ୍ଥିତି ଉପୁଜିଛି। ପ୍ୟାରସ୍ ଯିବା ପୂର୍ବରୁ ଭରାତୀୟ ଦଳ ଜୁଲାଇ ୨୧ରେ ପର୍ଯ୍ୟନ୍ତ ପ୍ରଶିକ୍ଷଣ ନେବ।

ବିସିସିଆଇକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ

## ଷ୍ଟାଡିୟମରେ ତମାଖୁ ବିଜ୍ଞାପନକୁ ନା




**ନୂଆଦିଲ୍ଲୀ,୧୫।୭(ଏଜେନ୍ସି):** କ୍ରିକେଟ ଷ୍ଟାଡିୟମରେ ଆଉ ତମାଖୁ ବିଜ୍ଞାପନ ଦେଖିବାକୁ ମିଳିବ ନାହିଁ। ଏ ସଂକ୍ରାନ୍ତରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଛି। କେତେଜଣ ପୂର୍ବତନ କ୍ରିକେଟର ଓ ବଲିଉଡ ଅଭିନେତା ତମାଖୁର ବିଭିନ୍ନ କମ୍ପାନୀ ପାଇଁ ବିଜ୍ଞାପନ କରୁଛନ୍ତି ଓ ଷ୍ଟାଡିୟମରେ ଏମାନଙ୍କର ହୋର୍ଡିଂ ବହୁଳ ଭାବେ ଦେଖାଯାଉଛି। ଭାରତରେ କ୍ରିକେଟ ଓ ବଲିଉଡ୍ ଯଥେଷ୍ଟ ପ୍ରଭାବ ରହିଛି। ତେଣୁ ଯୁବ ସମାଜ ଏହା ଦ୍ୱାରା ପ୍ରଭାବିତ ହୋଇ ତମାଖୁ ସେବନ କରୁଛନ୍ତି। ଏବେ ତମାଖୁ ସେବନ ବିରୋଧରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଭାରତର ବିଭିନ୍ନ ଅନ୍ତର୍ଜାତୀୟ ମ୍ୟାଚ୍ ଓ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅବସରରେ ଏହି ହୋର୍ଡିଂଗୁଡିକ ବହୁତ ଦେଖିବାକୁ ମିଳିଥାଏ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ଏବେ ବିସିସିଆଇ ବହୁଳ ଭାବେ କ୍ଷତି ସହିବ ବୋଲି ଚର୍ଚ୍ଚା ହେଉଛି।

# ଓସିଏଲ୍: ଫାଇନାଲରେ ଓଡ଼ିଶା ଲାୟନ୍ସ

**କଟକ,୧୫।୭(ସମିସ):** ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ଚଳିତ ସଂସ୍କରଣରେ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା ଲାୟନ୍ସ। ବାରବାଟୀ ଷ୍ଟାଡିୟମରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ଲାୟନ୍ସ ୧୪ ରନରେ ଓଡ଼ିଶା ଚିତାସ୍‌କୁ ହରାଇଥିଲା। ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ଗୋଟିଏ ୱିକେଟ ଦଖଲ କରିଥିବା ଲାୟନ୍ସ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚନା କରାଯାଇଥିଲା। ଓସିଏ ସଦସ୍ୟ ବିଜୟ କୁମାର ଦାସ ଅତିଥି ଭାବେ ଯୋଗ ଦେଇ ସୂର୍ଯ୍ୟକାନ୍ତଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟପକ୍ଷରେ ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିରେ ଶୁଭମ ଶତ୍ରୁଜିତଙ୍କ ନେତୃତ୍ୱାଧୀନ ଓଡ଼ିଶା ପାନ୍ଥର୍ସ ଏବଂ ରାକେଶ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡ଼ିଶା ଟାଇଗର୍ସ ଦଳ ମୁହାଁମୁହିଁ ହେବେ।

ଲିଗ୍ ପର୍ଯ୍ୟାୟର ଗ୍ରୁପ ଶୀର୍ଷରେ ରହି ସେମିଫାଇନାଲରେ ପ୍ରବେଶ କରିଥିବା ଚିତାସ୍ ଦଳ ପରାଜୟର ସମ୍ମୁଖୀନ ହୋଇଛି। ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲ ମ୍ୟାଚ୍‌ରେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଦଳ ପାଇଁ ମହଙ୍ଗା ପଡ଼ିଛି। ଚିତାସ୍ ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ଲାୟନ୍ସକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଓପନିଂ ଭାଗୀଦାରିରେ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ଏବଂ ଆକାଶ ମହାପାତ୍ର ୩୭ ରନ ଯୋଡ଼ି ଥିଲେ। ପରେ ଲଗାତର ୱିକେଟପତନ ଲାୟନ୍ସକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲା। ଦିବ୍ୟଶକ୍ତି ୩୦ ରନରେ ତାପସ ଦାସଙ୍କ ବଲରେ କ୍ଲିନ ବୋଲ୍ଡ ହେବାପରେ ବିପ୍ଳବ ଲଗାତର ୩ଟି ୱିକେଟ ଦଖଲ କରିଥିଲେ। ଆକାଶ ମହାପାତ୍ରଙ୍କୁ ୨୧ରନରେ, ଅନୁରାଗ ଷଡ଼ଙ୍ଗୀଙ୍କୁ ୨ରନରେ ଏବଂ ସୁଜଳ ସିଂହଙ୍କୁ ଶୂନରେ ଆଉଟ କରିଥିଲେ ଡାହାଣହାତୀ ମିଡିୟମ ପେସ୍ ବୋଲର ବିପ୍ଳବ। ରାମଚନ୍ଦ୍ର ବେହେରା ୧୯ ରନରେ ସର୍ବେଶ୍ୱର ମହାନ୍ତିଙ୍କ ଶିକାର ହୋଇଥିଲେ। ୧୬ ଓଭର ଖେଳ ଶେଷ ସୁଦ୍ଧା ଲାୟନ୍ସ ୮୮ ରନରେ ଲାୟନ୍ସ ୫ଟି ୱିକେଟ ହରାଇ ସାରିଥିଲା। ମାତ୍ର ବ୍ୟାଟିଂକ୍ରମ ୭ନଂରେ କ୍ରିଜକୁ ଆସିଥିବା ଅଧିନାୟକ ସୂର୍ଯ୍ୟକାନ୍ତ ଆକ୍ରମଣାତ୍ମକ ଶୈଳୀରେ ଖେଳି ମ୍ୟାଚ୍‌ର ଦୃଶ୍ୟପଟ ବଦଳାଇ ଦେଇଥିଲେ। ୧୬ଟି ବଲରୁ ସୂର୍ଯ୍ୟକାନ୍ତ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହା ଭିତରେ ୩ଟି ଚୌକା ଏବଂ ୬ଟି ଛକା ରହିଥିଲା। ଏହାଛଡ଼ା ୱିକେଟକିପର ପ୍ରବୀଣ ଲୁହା ୨୪ବଲରୁ ୨୦ରନ କରିଥିଲେ। ଫଳରେ ନିର୍ଦ୍ଧାରିତ ୨୦ ଓଭରରେ ଲାୟନ୍ସ ୬ ୱିକେଟ ବିନିମୟରେ ୧୫୨ ରନ କରିଥିଲା। ଚିତାସ୍ ପକ୍ଷରୁ ବିପ୍ଳବ ୩ଟି, ତାପସ ଏବଂ ସର୍ବେଶ୍ୱର ଗୋଟିଏ ଲେଖାଏ ୱିକେଟ ଦଖଲ କରିଥିଲେ।




ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଡିଏଲଏସ୍ ପଦ୍ଧତିରେ ଓଡ଼ିଶା ଚିତାସ୍ ସମ୍ମୁଖରେ ୧୮ ଓଭରରେ ୧୩୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଚିତାସ୍ ୫ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିପାରିଥିଲା। ଅଧିନାୟକ ବିପ୍ଳବ ୪୦ ବଲରୁ ଅପରାଜିତ ୫୦ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ଏହାଛଡ଼ା ଆଶୀର୍ବାଦ ସ୍ୱାଇଁ ୨୪, ଶ୍ରେୟାଂଶ ଭରଦ୍ୱାଜ ୧୮ ଓ ସାଇ ଶୁଭମ ୧୫ ରନ କରିଥିଲେ। ବିଜୟୀ ଲାୟନ୍ସ ପକ୍ଷରୁ ସୁମିତ ମହାରଣା ସର୍ବାଧିକ ୨ଟି ୱିକେଟ ଦଖଲ କରିଥିଲେ। ସୂର୍ଯ୍ୟକାନ୍ତ, ପ୍ରଦୀପ ପ୍ରଧାନ ଏବଂ ପପୁ ରାୟଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS